# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୮/୨୦୨୨ (୧୪ ପୃଷ୍ଠା) | Bhubaneswar, Tuesday, February 8/2022 | ★★★★★★

୪୮ଶ ଭାଗ ୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**ବଲିଉଡ୍‌ରେ ଏଣ୍ଟ୍ରି କରିବେ ସୁହାନା**

ଶାହରୁଖ ଖାନ୍‌ଙ୍କ ଝିଅ ସୁହାନାଙ୍କୁ ନିର୍ଦ୍ଦେଶିକା ଜୋୟା ଅଖ୍‌ତର୍ ଫିଲ୍ମରେ ବ୍ରେକ୍ ଦେବା ନେଇ ଚର୍ଚ୍ଚା ହେଉଛି। **୧୨**

**୧୪** **ରାମକୁମାରଙ୍କୁ ଶ୍ରେଷ୍ଠ ର୍‍ୟାଙ୍କିଂ**

ଭାରତୀୟ ଟେନିସ ଖେଳାଳି ରାମକୁମାର ରମାନାଥନ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ର୍‍ୟାଙ୍କିଂ ହାସଲ କରିଛନ୍ତି।






ସୋମବାର ସ୍କୁଲ ଖୋଲିବା ପରେ କଟକ ରେଭେନ୍‌ଶା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପିଲାମାନେ ପାଠ ପଢୁଛନ୍ତି।

# ଖୋଲିଲା ସ୍କୁଲ, କଲେଜ

## ପ୍ରଥମ ଦିନ ଆସିଲେ ୧୪ ଲକ୍ଷ ପିଲା

ଭୁବନେଶ୍ୱର, ୭।୨(ବ୍ୟୁରୋ)

ରାଜ୍ୟରେ ସୋମବାର ସବୁ ସରକାରୀ ଓ ଘରୋଇ ସ୍କୁଲ, କଲେଜ ଖୋଲିଛି। କରୋନା କଟକଣା ଭିତରେ ଅଷ୍ଟମରୁ ଦ୍ୱାଦଶ ପିଲାଙ୍କ କ୍ଲାସ୍‌ରୁମ୍ ପାଠପଢ଼ା ଆରମ୍ଭ ହୋଇଛି। ଅଷ୍ଟମ ଶ୍ରେଣୀ ପିଲାଙ୍କ କ୍ଲାସ୍ ସକାଳ ୯ଟାରୁ ଅପରାହ୍ନ ୧ଟା ଏବଂ ନବମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ କ୍ଲାସ୍ ସକାଳ ୧୦ଟାରୁ ଅପରାହ୍ନ ୪ଟା ଯାଏ ଚାଲିଥିଲା। କୋଭିଡ୍ ଗାଇଡ୍‌ଲାଇନ୍ ଅନୁସାରେ ସବୁ ସ୍କୁଲରେ ସିଟିଂ ଆରେଞ୍ଜମେଣ୍ଟଠାରୁ ଆରମ୍ଭ କରି ସାନିଟାଇଜେଶନ ବ୍ୟବସ୍ଥା ସ୍କୁଲ କର୍ତ୍ତୃପକ୍ଷ କରିଥିଲେ। ସଂକ୍ରମଣ ଯେପରି ନ ବ୍ୟାପିବ, ସେଥିପାଇଁ ସ୍କୁଲଗୁଡ଼ିକରେ ସ୍ୱତନ୍ତ୍ର ଆଇସୋଲେସନ ରୁମ୍ ବ୍ୟବସ୍ଥା କରାଯାଇଛି। ତେବେ ପ୍ରଥମ ଦିନରେ ସ୍କୁଲକୁ ପ୍ରବେଶ ପରେ ଛାତ୍ରୀଛାତ୍ରଙ୍କ ଥର୍ମାଲ ସ୍କ୍ରିନିଂ ଓ ହାତ ସାନିଟାଇଜ୍ କରାଯାଇ କ୍ଲାସ୍‌ରୁମ୍‌କୁ ପଠାଯାଇଥିଲା। ସେହିପରି ଉଚ୍ଚ ଶିକ୍ଷାନୁଷ୍ଠାନ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ମଧ୍ୟ ସୋମବାରଠାରୁ କ୍ଲାସ୍‌ରୁମ୍ ପାଠପଢ଼ା ଆରମ୍ଭ ହୋଇଛି।ବିଦ୍ୟାଳୟ ଓ ଗଣଶିକ୍ଷା ☞ପୃଷ୍ଠା-୪

## ପିଲାଙ୍କୁ ସାହସ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୨(ବ୍ୟୁରୋ)



ରାଜ୍ୟରେ କରୋନା ସଂକଟ ଭିତରେ ସୋମବାରଠାରୁ ଶିକ୍ଷାନୁଷ୍ଠାନ ଖୋଲିଛି। ତେବେ ପିଲାମାନେ ଯେପରି ସୁରକ୍ଷିତ ତଥା ନିର୍ଭୟରେ ପାଠ ପଢ଼ିବେ ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାହସ ଦେବା ସହ ଉତ୍ସାହିତ କରିଛନ୍ତି। ଏଥିସହ ଶିକ୍ଷକ ଓ ଅଭିଭାବକଙ୍କୁ ମଧ୍ୟ କେତେକ ପରାମର୍ଶ ଦେଇଛନ୍ତି। ସ୍ୱତନ୍ତ୍ର ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମେ ସମସ୍ତେ ତୁମ ସାଥିରେ ଅଛୁ। କିନ୍ତୁ ତୁମକୁ ସତର୍କ ରହିବାକୁ ହେବ। ତୁମେମାନେ କୋଭିଡ୍ ଗାଇଡ୍‌ଲାଇନ ଠିକ୍ ଭାବେ ପାଳନ କରିବ। ସ୍କୁଲ ସମୟରେ ଓ ବାହାରେ ମାସ୍କ ଠିକ୍ ଭାବେ ପିନ୍ଧିବ। ବାରମ୍ବାର ସାବୁନରେ ହାତ ଧୋଇବ। କୋଭିଡ୍ ନିୟମ ପାଳନରେ କେବେ ବି ହେଳା କରିବ ନାହିଁ। ପାଠପଢ଼ାରେ ଯାହା କିଛି କ୍ଷତି ହୋଇଛି, ତାହାକୁ ପୂରଣ କରିବା ପାଇଁ ଆମେ ଦିନରାତି ପରିଶ୍ରମ କରିବା। ପିଲାମାନଙ୍କର କିଛି ଅସୁବିଧା ହେବ ନାହିଁ। ତୁମମାନଙ୍କ ପିଢ଼ି ମାନବ ଇତିହାସର ସବୁଠାରୁ କଠିନ ପରିସ୍ଥିତିକୁ ସାମ୍ନା କରିଛି ଏବଂ ଭବିଷ୍ୟତ ଆହ୍ୱାନର ମୁକାବିଲା ପାଇଁ ଏ ଅଭିଜ୍ଞତା ତୁମକୁ ସାହସ ଓ ଶକ୍ତି ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶିକ୍ଷକଙ୍କ ଉଦ୍ଦେଶ୍ୟରେ ସେ କହିଛନ୍ତି, କୋଭିଡ୍ ଯୋଗୁ ପିଲାମାନଙ୍କର ଓ ସେମାନଙ୍କ ପାଠପଢ଼ାର ସବୁଠାରୁ ଅଧିକ କ୍ଷତି ହୋଇଛି। ତେଣୁ ଆମେ ସମସ୍ତେ ମିଶି ସେହି କ୍ଷତି ଭରଣା କରିବା। ଆପଣମାନଙ୍କ ଉପରେ ମୋର ଭରସା ରହିଛି। ଆପଣମାନେ ହିଁ ତାହାକୁ ପୂରଣ କରିପାରିବେ। କୋଭିଡ୍ ନିୟମ ପାଳନ ପାଇଁ ମଧ୍ୟ ବିଶେଷ ଦୃଷ୍ଟି ଦିଅନ୍ତୁ। ଶିକ୍ଷକଙ୍କ ଦାୟିତ୍ୱରେ ଏବେ ପିଲାମାନେ ରହିଲେ ବୋଲି ☞ପୃଷ୍ଠା-୪

# ପ୍ରଚାର କଟକଣା କୋହଳ

**ପଞ୍ଚାୟତ ନିର୍ବାଚନ**

## ଘରକୁ ଘର ପ୍ରଚାର ନିମନ୍ତେ ୨୦, ସଭା ପାଇଁ ୩୦୦ଙ୍କୁ ଅନୁମତି

ଭୁବନେଶ୍ୱର, ୭।୨(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ନିର୍ବାଚନ କମିଶନ ପଞ୍ଚାୟତ ନିର୍ବାଚନ ନିମନ୍ତେ ଲାଗୁ ହୋଇଥିବା କଟକଣାକୁ କୋହଳ କରିଛନ୍ତି। ଏଣିକି ପ୍ରାର୍ଥୀମାନେ ନିଜ ସହ ୨୦ ଜଣଙ୍କୁ ସାଙ୍ଗରେ ନେଇ ଘରକୁ ଘର ବୁଲି ପ୍ରଚାର କରିପାରିବେ। ସେହିପରି ୩ ଶହ ଲୋକଙ୍କୁ ନେଇ ନିର୍ବାଚନୀ ସଭା ଆୟୋଜନ କରାଯାଇ ପାରିବ ବୋଲି ସୋମବାର କମିଶନଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ପଞ୍ଚାୟତ ନିର୍ବାଚନ ନିମନ୍ତେ ପୂର୍ବରୁ ଲାଗୁ ହୋଇଥିବା କଟକଣାକୁ କୋହଳ କରାଯାଇଛି। ପୂର୍ବରୁ ୫ ଜଣଙ୍କୁ ସାଙ୍ଗରେ ନେଇ ପ୍ରଚାର ପାଇଁ ଅନୁମତି ମିଳିଥିଲା। କରୋନା ସଂକ୍ରମଣ ହ୍ରାସ ପାଉଥିବାରୁ ଏହି କଟକଣାରେ କୋହଳ କରାଯାଇଛି। ତେବେ ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ଅନୁମତି ନେଇ ୩ ଶହ ଲୋକରେ ନିର୍ବାଚନୀ ସଭା କରିପାରିବେ। ଏଥିପାଇଁ କୋଭିଡ୍ ନିୟମକୁ କଡ଼ାକଡ଼ି ପାଳନ କରିବାକୁ ହେବ। ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତାକୁ ବାଧ୍ୟତାମୂଳକ କରାଯାଇଛି। ତେବେ ରାଲି, ପଦଯାତ୍ରା ଓ ବାଇକ ରାଲି ଉପରେ ଲାଗୁ ହୋଇଥିବା କଟକଣା ପୂର୍ବଭଳି ବଳବତ୍ତର ରହିବ।

ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ସମସ୍ତ ଜିଲାପାଳଙ୍କ ସହ ଆଲୋଚନା ଶେଷ ହୋଇଛି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ୮୦ରୁ ୯୦ ପ୍ରତିଶତ ପୋଲିଂ ଷ୍ଟାଫ୍‌ଙ୍କୁ ବୁଷ୍ଟର ଡୋଜ୍ ଦିଆଯାଇଛି। ଅନ୍ୟମାନଙ୍କୁ ଆସନ୍ତା ୨ ଦିନ ମଧ୍ୟରେ ଦିଆଯିବ। ଏହାଛଡ଼ା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ୍ୟ ଅଧିକାଂଶ ଜିଲାରେ ଶେଷ ହୋଇଯାଇଛି। ଅନ୍ୟ ଜିଲାରେ ଆସନ୍ତା ୨ ଦିନ ମଧ୍ୟରେ ତାଲିମ କାର୍ଯ୍ୟ ଶେଷ ହେବ ବୋଲି ନିର୍ବାଚନ କମିଶନର କହିଛନ୍ତି। ଏଠାରେ ସୂଚନାଯୋଗ୍ୟ, କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରାଯାଇ ଫେବୃୟାରୀ ୧୬ରୁ ସମଗ୍ର ରାଜ୍ୟରେ ୫ଟି ପର୍ଯ୍ୟାୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ଫେବୃୟାରୀ ୧୬, ୧୮, ୨୦, ୨୨ ଓ ୨୪ ତାରିଖରେ ଭୋଟ ଗ୍ରହଣ ହେବ। ଚଳିତ ନିର୍ବାଚନରେ ମୋଟ ୯୧,୯୧୩ ୱାର୍ଡମେମ୍ବର, ୬,୭୯୩ ସରପଞ୍ଚ, ୬,୭୯୩ ସମିତି ସଭ୍ୟ ଓ ୮୫୩ ଜିଲା ପରିଷଦ ସଭ୍ୟ ପଦ ପାଇଁ ଭୋଟଗ୍ରହଣ ହେବ। ରାଜ୍ୟର ମୋଟ ୨କୋଟି ୭୯ଲକ୍ଷ ୩୫ହଜାର ୫୨୦ଜଣ ଭୋଟର ନିଜର ମତଦାନ କରିବେ।

# ବରଫ ତଳେ ୭ ସେନା ଅଧିକାରୀ



**ଅରୁଣାଚଳରେ ହିମସ୍ଖଳନ**

ନୂଆଦିଲ୍ଲୀ,୭।୨

ଅରୁଣାଚଳପ୍ରଦେଶର କାମେଙ୍ଗ୍ ସେକ୍ଟରରେ ରବିବାର ହିମସ୍ଖଳନ ଯୋଗୁ ଭାରତୀୟ ସେନାର ୭ ଜଣ ଅଫିସର ନିଖୋଜ ହୋଇଯାଇଛନ୍ତି। ସେମାନେ ଏକ ପାଟ୍ରୋଲିଂ ଟିମ୍‌ରେ ସାମିଲ ଥିଲେ। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଘଟଣାସ୍ଥଳକୁ ବିମାନ ଯୋଗେ ବିଶେଷଜ୍ଞ ଟିମ୍‌କୁ ପଠାଯାଇଛି। ଉକ୍ତ ଅଞ୍ଚଳରେ ପାଗ ଅତ୍ୟନ୍ତ ଖରାପ ରହିବା ସହ କିଛିଦିନ ହେଲା ତୁଷାରପାତ ଜାରି ରହିଛି।

ଶୀତଦିନେ ଉଚ୍ଚତର ପାର୍ବତ୍ୟାଞ୍ଚଳରେ ପାଟ୍ରୋଲିଂ କରିବା ବହୁତ ମୁସ୍କିଲ୍ କାମ। ପୂର୍ବରୁ ପାଟ୍ରୋଲିଂ ବେଳେ ଅନେକ ଯବାନ ପ୍ରାଣ ହରାଇଛନ୍ତି। ୨୦୨୦ ମେ'ରେ ସିକିମ୍‌ରେ ପାଟ୍ରୋଲିଂ ଏବଂ ରାସ୍ତାରୁ ବରଫ ସଫା କରିବା କାର୍ଯ୍ୟରେ ନିୟୋଜିତ ଟିମ୍‌ର ୨ ଜଣ ଯବାନ ହିମସ୍ଖଳନରେ ପ୍ରାଣ ହରାଇଥିଲେ। ଗତବର୍ଷ ଅକ୍ଟୋବରରେ ଉତ୍ତରାଖଣ୍ଡର ☞ପୃଷ୍ଠା-୪

# ଟିକା ପାଇଁ ଆଧାର ବାଧ୍ୟତାମୂଳକ ନୁହେଁ

**ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର**

ନୂଆଦିଲ୍ଲୀ,୭।୨(ପି.ଟି.)

କୋଭିଡ୍-୧୯ ଟିକାକରଣ ଲାଗି କୋୱିନ୍ ପୋର୍ଟାଲରେ ନାମ ପଞ୍ଜୀକରଣ ବେଳେ ଆଧାର କାର୍ଡ ବାଧ୍ୟତାମୂଳକ ନୁହେଁ। କେନ୍ଦ୍ର ସରକାର ସୋମବାର ସୁପ୍ରିମକୋର୍ଟଙ୍କୁ ଏହା ଜଣାଇଛନ୍ତି। ପାସ୍‌ପୋର୍ଟ, ଡ୍ରାଇଭିଂ ଲାଇସେନ୍ସ, ପାନ୍ କାର୍ଡ, ଭୋଟର ପରିଚୟପତ୍ର, ରାଶନ କାର୍ଡ ଆଦି ୯ଟି ପରିଚୟ ପ୍ରମାଣପତ୍ରରୁ ଯେକୌଣସି ଗୋଟିଏ ଦେଖାଇ ଟିକା ପାଇଁ ପଞ୍ଜୀକରଣ କରାଯାଇପାରିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠକୁ ଜଣାଇ ଦିଆଯାଇଛି। ଟିକାକରଣ ପାଇଁ କୋୱିନ୍ ଆପ୍‌ରେ ନାମ ପଞ୍ଜୀକରଣ ଲାଗି ଆଧାର କାର୍ଡ ଲାଗି ବାଧ୍ୟ କରାଯାଉଥିବାରୁ ☞ପୃଷ୍ଠା-୪



**ଆଜିର ସମ୍ପାଦକୀୟ**

**ପକ୍ଷପାତିତା ଓ ଅସମାନତା**


# ଇସ୍ରାଏଲରେ ପେଗାସସ୍ ଝଡ଼


**ପୋଲିସ ଟାର୍ଗେଟ୍‌ରେ ପ୍ରମୁଖ ବ୍ୟକ୍ତି**

- ଅଭିଯୋଗ ଅତି ଗମ୍ଭୀର: ପ୍ରଧାନମନ୍ତ୍ରୀ ନାଫ୍‌ତାଲି ବେନେଟ୍
- ପେଗାସସ୍ ସପକ୍ଷରେ ଯୁକ୍ତି ବାଢ଼ିଲେ




ଜେରୁଜେଲମ,୭।୨

ବିବାଦୀୟ ସ୍ପାଏୱେର ପେଗାସସ୍‌କୁ ନେଇ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ବିରୋଧୀ ଦଳଗୁଡ଼ିକ ଘେରି ଆସୁଥିବାବେଳେ ଏବେ ଏହାକୁ ନେଇ ଇସ୍ରାଏଲରେ ମଧ୍ୟ ଝଡ଼ ସୃଷ୍ଟି ହୋଇଛି। କାରଣ ଇସ୍ରାଏଲ୍ ପୋଲିସ ପେଗାସସ୍‌କୁ ବ୍ୟବହାର କରି ଦେଶର ଏକ ଡଜନରୁ ଅଧିକ ପ୍ରମୁଖ ବ୍ୟକ୍ତିଙ୍କ ଫୋନ ହ୍ୟାକ୍ କରିଛି। ସେଠାକାର ଏକ ବିଜନେସ୍ ଦୈନିକ ଖବରକାଗଜ 'କାଲ୍‌କାଲିଷ୍ଟ' ସୋମବାର ଏକଥା ପ୍ରକାଶ କରିଛି। ପେଗାସସ୍ ମାଧ୍ୟମରେ ଗୁପ୍ତଚରଗିରିର ଶିକାର ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ରହିଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ପୁଅ ଅଭନେର ନେତନ୍ୟାହୁ, ନେତନ୍ୟା ସହରର ମେୟର, ବିରୋଧୀ ନେତା ଏବଂ ଅର୍ଥ, ନ୍ୟାୟ, ଯୋଗାଯୋଗ ଆଦି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ। ଏପରି କି ବେଞ୍ଜାମିନ ନେତନ୍ୟାହୁଙ୍କ ଦୁର୍ନୀତି ମାମଲାର ପ୍ରମୁଖ ସାକ୍ଷୀ ତଥା ୱାଲା ନ୍ୟୁଜ୍ ସାଇଟ୍‌ର ପୂର୍ବତନ ସିଇଓ ଇଲାନ ୟିଶୁଙ୍କୁ ମଧ୍ୟ ଟାର୍ଗେଟ କରାଯାଇଛି। ବିନା କୋର୍ଟ ଅନୁମତିରେ ଇସ୍ରାଏଲ ପୋଲିସ ପୂର୍ବରୁ ନେତନ୍ୟାହୁ ବିରୋଧୀ ଆନ୍ଦୋଳନର ନେତାଙ୍କ ବିରୋଧରେ ପେଗାସସ୍‌କୁ ବ୍ୟବହାର କରିଥିବା ଉକ୍ତ ଖବରକାଗଜ ଉଲ୍ଲେଖ କରିଛି। ତେବେ ପ୍ରକାଶିତ ରିପୋର୍ଟର ଅଭିଯୋଗ ସମ୍ପର୍କରେ ତଦନ୍ତ ପାଇଁ ଜଣେ ଜଜ୍‌ଙ୍କ ନେତୃତ୍ୱାଧୀନ ନିରପେକ୍ଷ କମିଶନ ଗଠନ କରିବାକୁ ପବ୍ଲିକ୍ ସିକ୍ୟୁରିଟି ମନ୍ତ୍ରୀ ଓମର ବାର୍ଲେଭଙ୍କୁ କୁହାଯାଇଥିବା ଇସ୍ରାଏଲର ପୋଲିସ କମିଶନର କୋବି ଶବତାଇ କହିଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ନାଫ୍‌ତାଲି ବେନେଟ୍ ପ୍ରକାଶିତ ରିପୋର୍ଟକୁ ☞ପୃଷ୍ଠା-୪

**ଲକ୍ଷେ ତଳକୁ ଖସିଲା ଦୈନିକ ସଂକ୍ରମଣ**

ଭାରତରେ ୩୨ ଦିନ ପରେ ଦୈନିକ କୋଭିଡ୍ ସଂକ୍ରମଣ ଲକ୍ଷେ ତଳକୁ ଖସିଛି। ସୋମବାର ସକାଳ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ୮୩,୮୭୬ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪,୨୨,୭୨,୦୧୪ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ସେହିପରି ୨୪ ଘଣ୍ଟା ମଧ୍ୟରେ ୮୯୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ କୋଭିଡ୍ ଜନିତ ମୋଟ ମୃତ୍ୟୁସଂଖ୍ୟା ୫,୦୨,୮୭୪ ହୋଇଛି। ସକ୍ରିୟ ମାମଲା ସଂଖ୍ୟା ୧୧,୦୮,୯୩୮କୁ ଖସିଆସିଛି।



## ସଂକ୍ଷେପରେ

### ଲତାଙ୍କ ଜନ୍ମସ୍ଥାନରେ ହେବ ସଙ୍ଗୀତ ଏକାଡେମୀ

**ଭୋପାଳ, ୭।୨:** ଭାରତର କୋକିଳା ଲତା ମଙ୍ଗେସକରଙ୍କ ଜନ୍ମସ୍ଥାନ ଇନ୍ଦୋରରେ ତାଙ୍କ ସ୍ମୃତିରେ ଏକ ସଙ୍ଗୀତ ଏକାଡେମୀ ଏବଂ ମ୍ୟୁଜିୟମ ସ୍ଥାପନ କରାଯିବ ବୋଲି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ସୋମବାର ଘୋଷଣା କରିଛନ୍ତି। ଏକାଡେମୀରେ ପିଲାଙ୍କୁ ସଙ୍ଗୀତ ଶିକ୍ଷା ଦିଆଯିବ। ସେହିପରି ମ୍ୟୁଜିୟମରେ ଲତା ମଙ୍ଗେସକରଙ୍କ ସମସ୍ତ ଗୀତ ରଖାଯିବ। ଇନ୍ଦୋରରେ ତାଙ୍କର ଏକ ପ୍ରତିମୂର୍ତ୍ତି ମଧ୍ୟ ନିର୍ମାଣ କରାଯିବ ଏବଂ ପ୍ରତି ବର୍ଷ ତାଙ୍କ ଜନ୍ମଦିନରେ ଲତା ମଙ୍ଗେସକର ପୁରସ୍କାର ପ୍ରଦାନ କରାଯିବ ବୋଲି ଶିବରାଜ ସିଂ କହିଛନ୍ତି। ସେ କେବଳ ସଙ୍ଗୀତ ପ୍ରେମୀଙ୍କ ପ୍ରେରଣା ନୁହଁନ୍ତି ତାଙ୍କଠାରେ ଗଭୀର ଦେଶପ୍ରେମ ଥିଲା। ପୁରା ଦେଶ ଏପରି କି ବଡ଼ ରାଜନେତାମାନେ ମଧ୍ୟ ତାଙ୍କଠାରୁ ପ୍ରେରିତ ହୋଇଥିଲେ ବୋଲି ଶିବରାଜ ସିଂ ପ୍ରକାଶ କରିଛନ୍ତି। ମୁମ୍ବାଇର ଶିବାଜୀ ପାର୍କରେ ଲତା ମଙ୍ଗେସକରଙ୍କ ଏକ ସ୍ମାରକୀ ନିର୍ମାଣ କରିବା ନିମନ୍ତେ ଭାଜପା ବିଧାୟକ ରାମ କାଦମ ଦାବି କରିଛନ୍ତି। ସେଠାରେ ଶିବସେନା ପ୍ରତିଷ୍ଠାତା ବାଲ ଠାକ୍‌ରେଙ୍କ ସ୍ମାରକୀ କରାଯାଇଥିବାବେଳେ ମହାରାଷ୍ଟ୍ର ସରକାର ଲତା ମଙ୍ଗେସକରଙ୍କ ପାଇଁ ମଧ୍ୟ ତାହା କରନ୍ତୁ ବୋଲି ସେ କହିଛନ୍ତି।

### ହିଜାବ ବିବାଦ: ଶାନ୍ତିରକ୍ଷା ଲାଗି ବୋମାଇଙ୍କ ନିବେଦନ

**ବେଙ୍ଗାଲୁରୁ,୭।୨:** କର୍ଣ୍ଣାଟକର କଲେଜ କ୍ୟାମ୍ପସ୍‌ରେ ହିଜାବ ଓ ଗୈରିକ ଉତ୍ତରୀୟକୁ ନେଇ ବିବାଦ ସାମ୍ପ୍ରଦାୟିକ ସମସ୍ୟାରୁ ଦୂରେଇ ରହିବା ଲାଗି ଦୁଇଟି କଲେଜ ସୋମବାରକୁ ଛୁଟି ଘୋଷଣା କରିଥିଲେ। ସେହିପରି ଅନ୍ୟ ଏକ କଲେଜ ହିଜାବ ପିନ୍ଧିଥିବା ଛାତ୍ରୀମାନଙ୍କୁ ଅଲଗା ଶ୍ରେଣୀଗୃହରେ ବସିବା ଲାଗି ଅନୁମତି ଦେଇଛି। ଚିକ୍‌ମାଗାଲୁରୁର ଆଇଡିଏସ୍‌ଜି କଲେଜରେ ହିଜାବ ଏବଂ ଗୈରିକ ଉତ୍ତରୀୟରେ ଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବଚସା ହୋଇଛି। ହିଜାବ ବିବାଦ ଉପରେ ମଙ୍ଗଳବାର ହାଇକୋର୍ଟରେ ଶୁଣାଣି ଥିବାବେଳେ ଶାନ୍ତିରକ୍ଷା ଲାଗି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ସୋମବାର ସମସ୍ତଙ୍କୁ ଅପିଲ୍ କରିଛନ୍ତି। ଅଦାଲତଙ୍କ ରାୟ ପରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ଡ୍ରେସ୍‌କୋଡ୍ ମାନିବାକୁ ସେ ପରାମର୍ଶ ଦେଇଛନ୍ତି।

### 'କଶ୍ମୀର ଆଉ ଏକ ପାଲେଷ୍ଟାଇନ୍' ରିପୋର୍ଟକୁ ରୁଷିଆର ପ୍ରତ୍ୟାଖ୍ୟାନ

**ନୂଆଦିଲ୍ଲୀ,୭।୨(ପି.ଟି.):** କଶ୍ମୀର ଆଉ ଏକ ପାଲେଷ୍ଟାଇନରେ ପରିଣତ ହେବ ବୋଲି ରୁଷିଆ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟକୁ ମସ୍କୋ ପକ୍ଷରୁ ଖଣ୍ଡନ କରାଯାଇଛି। ଏଭଳି ରିପୋର୍ଟକୁ ରୁଷିଆ କର୍ତ୍ତୃପକ୍ଷ ବକ୍‌ବାସ କହିବା ସହ କଶ୍ମୀର ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗ ବୋଲି ସ୍ପଷ୍ଟ କରିଛନ୍ତି। ରେଡ୍‌ଫିସ୍ ଡିଜିଟାଲ ମିଡିଆ ପକ୍ଷରୁ ନିକଟରେ କଶ୍ମୀର ଉପରେ ନୂଆ ଡକ୍ୟୁମେଣ୍ଟାରୀର ଟ୍ରେଲର ଟୁଇଟ୍ କରାଯାଇ ଏହା ଆଉ ଏକ ପାଲେଷ୍ଟାଇନ୍‌ରେ ପରିଣତ ହେଉଥିବା ଲେଖାଯାଇଥିଲା। ତେବେ କଶ୍ମୀର ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ ଏବଂ ଏଭଳି ଦ୍ୱିପାକ୍ଷିକ ବିବାଦରେ ହସ୍ତକ୍ଷେପ କରିବା ରୁଷିଆର ନୀତି ନୁହେଁ ବୋଲି ଏହାର ଦୂତାବାସ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।



ମୁମ୍ବାଇର ଶିବାଜୀ ପାର୍କରେ ଲତା ମଙ୍ଗେସ୍‌କରଙ୍କ ପୁତୁରା ଆଦିନାଥ ମଙ୍ଗେସ୍‌କର ସୋମବାର ତାଙ୍କ ଚିତା ଭସ୍ମ ସଂଗ୍ରହ କରୁଛନ୍ତି।

# ପାର୍ଲାମେଣ୍ଟରେ ଲତାଙ୍କୁ ଶ୍ରଦ୍ଧାଞ୍ଜଳି

ନୂଆଦିଲ୍ଲୀ, ୭।୨


- ଜାରି ହେବ ଡାକ ଟିକଟ
- ଚିତାଭସ୍ମ ସଂଗ୍ରହ କଲେ ପୁତୁରା

ସ୍ୱର ସମ୍ରାଜ୍ଞୀ ଲତା ମଙ୍ଗେସକରଙ୍କ ପରଲୋକରେ ସୋମବାର ପାର୍ଲାମେଣ୍ଟରେ ଶୋକ ପାଳନ କରାଯାଇଛି। ଭାରତ ରତ୍ନ ଲତାଙ୍କ ସମ୍ମାନରେ ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କୟା ନାଇଡୁ ଶୋକବାର୍ତ୍ତା ପଢ଼ିବା ସହ ଗୃହକୁ ଏକ ଘଣ୍ଟା ପାଇଁ ମୁଲତବୀ ରଖିଥିଲେ। ସେହିପରି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଶୋକ ସନ୍ଦେଶ ପଢ଼ିବା ସହ ଗୃହକୁ ଘଣ୍ଟାଏ ପାଇଁ ମୁଲତବୀ ରଖିଥିଲେ। ଏହି ସମୟରେ ସମସ୍ତ ସଦସ୍ୟ ନୀରବ ରହି ଲତା ମଙ୍ଗେସକରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଙ୍ଗୀତ ସହ ଅତ୍ୟନ୍ତ ଗଭୀର ସ୍ତରରେ ଲତାଜୀ ନିଜକୁ ଯୋଡ଼ିପାରିଥିଲେ ଯାହା ତାଙ୍କ ଗୀତକୁ ମାଷ୍ଟରପିସ୍ କରିବା ସହ ସାରା ବିଶ୍ୱକୁ ରୋମାଞ୍ଚିତ କରିପାରିଛି ବୋଲି ନାଇଡୁ କହିଥିଲେ। ସେ ଲତା ମଙ୍ଗେସକର ମେଡିକାଲ ଫାଉଣ୍ଡେଶନ ଟ୍ରଷ୍ଟ ଗଢ଼ିଥିଲେ, ଯାହା ଜାତି, ଧର୍ମ ଏବଂ ବର୍ଣ୍ଣ ନିର୍ବିଶେଷରେ ଅଭାବୀ ତଥା ଗରିବ ଲୋକଙ୍କ ଚିକିତ୍ସା ଖର୍ଚ୍ଚ ପରିବହନ କରିଥାଏ। ବାପା ଦୀନାନାଥଙ୍କ ନାମରେ ମାଷ୍ଟର ଦୀନାନାଥ ମଙ୍ଗେସକର ସ୍ମୃତି ପ୍ରତିଷ୍ଠାନ ଆରମ୍ଭ କରି ଏହା ଦ୍ୱାରା ଛାତ୍ରୀଛାତ୍ର ଓ ବରିଷ୍ଠ ନାଗରିକଙ୍କ ସହାୟତା ନିମନ୍ତେ କାମ କରିଥିବା ନାଇଡୁ ଗୃହରେ କହିଥିଲେ। ଲତା ମଙ୍ଗେସ୍‌କରଙ୍କ ପରଲୋକ ଅପୂରଣୀୟ କ୍ଷତି ବୋଲି ବିର୍ଲା କହିଥିଲେ। ରବିବାର ସକାଳେ ଲତା ମଙ୍ଗେସ୍‌କରଙ୍କ ପରଲୋକ ପରେ କେନ୍ଦ୍ର ସରକାର ଦୁଇ ଦିନିଆ ରାଷ୍ଟ୍ରୀୟ ଶୋକ ପାଳନ ପାଇଁ ଘୋଷଣା କରିଥିଲେ। ଲତାଙ୍କ ସମ୍ମାନରେ କେନ୍ଦ୍ର ସରକାର ଏକ ସ୍ମାରକୀ ଡାକ ଟିକଟ ଜାରି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୋମବାର ସୂଚନା ଦେଇଛନ୍ତି। ଲତା ମଙ୍ଗେସ୍‌କରଙ୍କ ଭାଇ ହୃଦୟନାଥଙ୍କ ପୁଅ ଆଦିନାଥ ସୋମବାର ମୁମ୍ବାଇର ଶିବାଜୀ ପାର୍କରୁ ଲତାଙ୍କ ଅସ୍ଥି ସଂଗ୍ରହ କରିଛନ୍ତି। ସେଠାରେ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସ୍ୱର ସମ୍ରାଜ୍ଞୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# 'ଟୁକ୍‌ଡେ-ଟୁକ୍‌ଡେ ଗ୍ୟାଙ୍ଗ୍ ଲିଡର କଂଗ୍ରେସ'

ନୂଆଦିଲ୍ଲୀ,୭।୨(ପି.ଟି.)

- ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା
- ଲକ୍‌ଡାଉନ ବେଳେ ପ୍ରବାସୀ ଶ୍ରମିକମାନଙ୍କୁ ଫେରାଇ କଂଗ୍ରେସ ପାପ କରିଛି: ମୋଦି
- ଅନେକ ରାଜ୍ୟ ଏହି ଦଳକୁ ପ୍ରତ୍ୟାଖ୍ୟାନ କରିଛନ୍ତି




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ପାର୍ଲାମେଣ୍ଟରେ କଂଗ୍ରେସ ଦଳକୁ କଡ଼ା ସମାଲୋଚନା କରିଛନ୍ତି। ବ୍ରିଟିଶ ଶାସକ ଚାଲିଯାଇଛନ୍ତି ହେଲେ ସେମାନଙ୍କ 'ବିଭାଜନ ଓ ଶାସନ' ନୀତି ଏହି ଦଳର ଚରିତ୍ରରେ ପରିଣତ ହୋଇଛି। କଂଗ୍ରେସ 'ଟୁକ୍‌ଡେ-ଟୁକ୍‌ଡେ ଗ୍ୟାଙ୍ଗ'ର ନେତା ପାଲଟିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଭିଭାଷଣ ଉପରେ ଲୋକ ସଭାରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗନେଇ ପ୍ରଧାନମନ୍ତ୍ରୀ କହିଥିଲେ, ବାରମ୍ବାର ହାରିବା ସତ୍ତ୍ୱେ ଏହି ସର୍ବପୁରାତନ ଦଳ ନିଜର ଅହଂକାର ଛାଡ଼ିପାରି ନାହିଁ। ଏହି ଦଳ କରିଥିବା କୁକର୍ମ ଲାଗି ଆଗାମୀ ୧୦୦ ବର୍ଷ ଯାଏ କ୍ଷମତାକୁ ଆସିବ ନାହିଁ, ତାହା ଏହାର ନେତାମାନେ ଧରିନେଇଥିବା ଜଣାପଡୁଛି ବୋଲି ମୋଦି କହିଥିଲେ।

କୋଭିଡ୍ ମହାମାରୀ ବେଳେ କଂଗ୍ରେସ ସବୁ ସୀମା ଟପିଯାଇଥିଲା। ପ୍ରଥମ ଲହର ବେଳେ ଦେଶବ୍ୟାପୀ ଲକ୍‌ଡାଉନ୍‌କୁ ଲୋକେ ମାନୁଥିବାବେଳେ ମୁମ୍ବାଇ ଷ୍ଟେଶନରେ କଂଗ୍ରେସ ନେତା ଛିଡ଼ାହୋଇ ନିରୀହ ଶ୍ରମିକମାନଙ୍କୁ ଭୟଭୀତ କରାଇଥିଲେ ଓ ସେମାନଙ୍କୁ ନିଜ ରାଜ୍ୟକୁ ଚାଲିଯିବା ପାଇଁ ବାଧ୍ୟ କରିଥିଲେ। ଫଳରେ ହଜାର ହଜାର ଲୋକ ଚାଲି ଚାଲି ଓ ଟ୍ରକ୍ ଯୋଗେ ନିଜ ରାଜ୍ୟକୁ ଫେରିଯାଇଥିଲେ, ଯେଉଁଥିପାଇଁ ସାରା ଦେଶକୁ ସଂକ୍ରମଣ ବ୍ୟାପିଗଲା। ଏପରି କରି କଂଗ୍ରେସ ବଡ଼ ପାପ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରାୟ ୧୦୦ ମିନିଟର ଭାଷଣରେ ମୋଦି ବିରୋଧୀ ଦଳକୁ ସମାଲୋଚନା କରି ଏହି ଦଳ ଅନ୍ଧ ଭାବେ ବିରୋଧ କରୁଥିବା ଏବଂ ବିଚ୍ଛିନ୍ନତାବାଦକୁ ସୁଦୃଢ଼ କରୁଥିବା କହିଥିଲେ। ସମାଲୋଚନା ଗଣତନ୍ତ୍ର ପାଇଁ ଅଳଙ୍କାର ହୋଇଥିବାବେଳେ ଅନ୍ଧ ବିରୋଧ ଗଣତନ୍ତ୍ର ପାଇଁ ଅପମାନ ବୋଲି ପ୍ରଧାନମନ୍ତ୍ରୀ ମତ ଦେଇଥିଲେ।

କେନ୍ଦ୍ର ସରକାର ଭୋକାଲ ଫର୍ ଲୋକାଲ କଥା କହୁଛନ୍ତି, ଯାହା ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ ଥିଲା। ହେଲେ ବିରୋଧୀ ଏହାକୁ ତାଚ୍ଛଲ୍ୟ କରୁଛନ୍ତି। ସେହିପରି ଆମେ ଯୋଗ ଓ ଫିଟ୍ ଇଣ୍ଡିଆ କଥା କହୁଥିବାବେଳେ ସେମାନେ ଏହାକୁ ଉପହାସ କରୁଛନ୍ତି। ବିଭାଜନକାରୀ ମାନସିକତା କଂଗ୍ରେସର ଡିଏନ୍‌ଏରେ ରହିଯାଇଛି ବୋଲି ମୋଦି କହିଛନ୍ତି। ୧୯୭୧ରେ ନିର୍ବାଚନ ଜିତିବା ବେଳେ କଂଗ୍ରେସର ସ୍ଲୋଗାନ ଥିଲା 'ଦାରିଦ୍ର୍ୟ ଦୂରୀକରଣ'। ଦାରିଦ୍ର୍ୟ ଦୂର ହେଲା ନାହିଁ। ଲୋକେ ଏହି ଦଳକୁ କ୍ଷମତାରୁ ଦୂରେଇ ଦେଲେ। ଅନେକ ରାଜ୍ୟ ବହୁ ଦଶନ୍ଧି ହେଲା କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏବେ ଦେଶ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଛି। ଆଗାମୀ ଦିନରେ ଭାରତ କିପରି ବିଶ୍ୱରେ ନେତୃତ୍ୱ ଭୂମିକା ତୁଲାଇ ପାରିବ ତାହା ଚିନ୍ତା କରିବାର ଏହା ପ୍ରକୃଷ୍ଟ ସମୟ। ମହାମାରୀ ପରେ ବିଶ୍ୱ ଏବେ ଏକ ନୂଆ ବିଶ୍ୱ ଗଠନ ଦିଗରେ ଦ୍ରୁତ ବେଗରେ ଆଗେଇ ଚାଲିଛି। ଭାରତ ଏହି ସୁଯୋଗକୁ ହାତଛଡ଼ା କରିବା ଉଚିତ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଲୋକ ସଭାରେ ଗୃହୀତ ହୋଇଛି।

### ବାଲି ଉତ୍ତୋଳନ, ବଦଳି ପାଇଁ ୧୦ କୋଟି ନେଇଥିଲେ ଚନ୍ନିଙ୍କ ପୁତୁରା: ଇଡି

ନୂଆଦିଲ୍ଲୀ,୭।୨(ପି.ଟି.)

ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନିଙ୍କ ପୁତୁରା ଭୂପିନ୍ଦର ସିଂ ବେଆଇନ ବାଲି ଉତ୍ତୋଳନ ଲାଗି ସହଯୋଗ କରିବା ଏବଂ କେତେକ ଅଫିସରଙ୍କ ବଦଳି କରାଇଦେବାକୁ ୧୦ କୋଟି ଟଙ୍କା ଲାଞ୍ଚ ନେଇଥିଲେ ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ କୁହାଯାଇଛି। ଗତ ୪ ତାରିଖରେ ଇଡି ଭୂପିନ୍ଦରଙ୍କୁ ଗିରଫ କରିଥିଲା। ଏହା ପୂର୍ବରୁ ତାଙ୍କର ବିଭିନ୍ନ ସ୍ଥାନରେ ଥିବା ଘର ଉପରେ ଚଢ଼ାଉ ବେଳେ ନଗଦ ୧୦ କୋଟି ଟଙ୍କା ଜବତ ହୋଇଥିଲା ବୋଲି ଇଡି ଅଧିକାରୀ କହିଛନ୍ତି। ଚଢ଼ାଉ ବେଳେ କୁଦ୍ରତଦୀପ ସିଂ, ଭୂପିନ୍ଦର, ତାଙ୍କ ବାପା ସନ୍ତୋଖ ସିଂ ଏବଂ ସନ୍ଦୀପ କୁମାରଙ୍କ ବୟାନ ରେକର୍ଡ କରାଯାଇଥିଲା, ଯେଉଁଥିରୁ ଜବତ ୧୦ କୋଟି ଟଙ୍କା ଭୂପିନ୍ଦରଙ୍କର ବୋଲି ସ୍ପଷ୍ଟ ହୋଇଥିଲା।

### ର୍‍ୟାଗିଂ କରି ୧୮ ଛାତ୍ରୀଛାତ୍ର ନିଲମ୍ବିତ

ଅମରାବତୀ, ୭।୨

ଜୁନିୟର ପିଲାଙ୍କୁ ର୍‍ୟାଗିଂ ଅଭିଯୋଗରେ ଆନ୍ଧ୍ରପ୍ରଦେଶ ସ୍ଥିତ ଜବାହରଲାଲ ନେହେରୁ ଟେକ୍ନୋଲୋଜି ୟୁନିଭର୍ସିଟି (ଜେଏନ୍‌ଟିୟୁ) ଅନନ୍ତପୁର କଲେଜରେ ୧୮ ଛାତ୍ରୀଛାତ୍ର ନିଲମ୍ବିତ ହୋଇଛନ୍ତି। ସିନିୟର ଛାତ୍ରୀଛାତ୍ରମାନେ ଶୁକ୍ରବାର ରାତିରେ ଜୁନିୟର ପିଲାଙ୍କୁ ଜବରଦସ୍ତି ସେମାନଙ୍କ ହଷ୍ଟେଲକୁ ନେଇ ଅର୍ଦ୍ଧନଗ୍ନ କରାଇବା ସହ ଅଜବ ଆଦେଶ ପାଳନ କରିବା ପାଇଁ ବାଧ୍ୟ କରିଥିଲେ। ଏ ନେଇ ଅଭିଭାବକ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଜେଏନ୍‌ଟିୟୁର କଲେଜ ଏକାଡେମିକ କାଉନ୍‌ସିଲ ୧୮ ପିଲାଙ୍କୁ ନିଲମ୍ବନ କରିଛି।

# କେନ୍ଦ୍ର କହିଲା ତଥ୍ୟ ନାହିଁ

ନୂଆଦିଲ୍ଲୀ,୭।୨(ପି.ଟି.)

**ଗଙ୍ଗାରେ ଶବ ଭାସିବା ଘଟଣା**

କରୋନା ମହାମାରୀର ଦ୍ୱିତୀୟ ଲହର ଶୀର୍ଷ ଛୁଇଁଥିବାବେଳେ ଗଙ୍ଗା ନଦୀରେ ବହୁସଂଖ୍ୟାରେ ଶବ ଭାସୁଥିବାର ଖବର ପ୍ରକାଶ ପାଇଥିଲା। ତେବେ କେତେ ସଂଖ୍ୟାରେ ମୃତଦେହ ଭାସୁଥିଲା ସେନେଇ କେନ୍ଦ୍ର ସରକାରଙ୍କ ପାଖରେ ତଥ୍ୟ ନ ଥିବା ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ସୋମବାର ରାଜ୍ୟ ସଭାରେ କହିଛନ୍ତି। ତୃଣମୂଳ କଂଗ୍ରେସ ଏମ୍‌ପି ଡେରେକ୍ ଓ'ବ୍ରିଏନ୍‌ଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଉପରୋକ୍ତ ଉତ୍ତର ରଖିଥିଲେ। ଭାସୁଥିବା ମୃତଦେହଗୁଡ଼ିକୁ କୋଭିଡ୍ ପ୍ରୋଟୋକଲ ସହ ସତ୍କାର କରାଯାଇଥିଲା କି ନାହିଁ ସେ ସମ୍ପର୍କରେ ଜାଣିବାକୁ ଡେରେକ୍ ଚାହିଁଥିଲେ। ମନ୍ତ୍ରୀ କହିଥିଲେ, କେତେକ ମୃତଦେହର କେହି ଦାବିଦାର ନ ଥିବାବେଳେ ଅନ୍ୟଗୁଡ଼ିକ ଚିହ୍ନଟ ହୋଇପାରି ନ ଥିଲା। କେତେଗୁଡ଼ିଏ ପୋଡ଼ିଯାଇଥିବା କିମ୍ବା ଦରପୋଡ଼ା ମୃତଦେହ ମଧ୍ୟ ଗଙ୍ଗା ନଦୀ ଓ ଏହାର କୂଳରୁ ମିଳିଥିଲା। ଉତ୍ତରପ୍ରଦେଶ ଓ ବିହାରର କେତେକ ଜିଲାରୁ ଏହି ରିପୋର୍ଟ ଆସିଥିଲା। ମନ୍ତ୍ରଣାଳୟ ମିଳିଥିବା ମୃତଦେହ ଓ ସେଗୁଡ଼ିକର ସତ୍କାର ସମ୍ପର୍କରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଥିଲେ। ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ସରକାରଙ୍କ ମୁଖ୍ୟ ସଚିବଙ୍କୁ ଆଡଭାଇଜରି ମଧ୍ୟ ଜାରି କରାଯାଇଥିଲା। ମନ୍ତ୍ରୀଙ୍କ ଉତ୍ତରକୁ ନେଇ କଂଗ୍ରେସ ନେତା କେ.ସି. ବେଣୁଗୋପାଳ ସମାଲୋଚନା କରିଥିଲେ। ଅକ୍ସିଜେନ୍ ଅଭାବ ଜନିତ ମୃତ୍ୟୁ ସମ୍ପର୍କରେ ପୂର୍ବରୁ ସରକାର ମଧ୍ୟ ଏହିଭଳି ଉତ୍ତର ରଖି ପାର୍ଲାମେଣ୍ଟକୁ ବିଭ୍ରାନ୍ତ କରିଥିଲେ ବୋଲି ବେଣୁଗୋପାଳ କହିଛନ୍ତି।

### ଶାନ୍ତିଶ୍ରୀ ଜେଏନ୍‌ୟୁର ପ୍ରଥମ ମହିଳା କୁଳପତି

ନୂଆଦିଲ୍ଲୀ,୭।୨(ପି.ଟି.)



ଶାନ୍ତିଶ୍ରୀ ଧୁଲିପୁଡ଼ି ପଣ୍ଡିତ୍‌ଙ୍କୁ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ର ପ୍ରଥମ ମହିଳା କୁଳପତି ଭାବେ ସୋମବାର ନିଯୁକ୍ତି ଦିଆଯାଇଛି। ୫୯ ବର୍ଷୀୟ ପଣ୍ଡିତ୍ ଏବେ ମହାରାଷ୍ଟ୍ରର ସାବିତ୍ରୀବାଈ ଫୁଲେ ୟୁନିଭର୍ସିଟିର ରାଜନୀତି ବିଜ୍ଞାନ ପ୍ରଫେସର ଅଛନ୍ତି। ସେ ଜେଏନ୍‌ୟୁର ପୂର୍ବତନ ଛାତ୍ରୀ। ସେଠାରେ ସେ ଅନ୍ତର୍ଜାତୀୟ ସମ୍ପର୍କ ଉପରେ ଏମ୍‌ଫିଲ୍ ଏବଂ ପିଏଚ୍‌ଡି କରିଥିଲେ। ଜେଏନ୍‌ୟୁର କୁଳପତି ଭାବେ ପଣ୍ଡିତ୍‌ଙ୍କ ନିଯୁକ୍ତିକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅନୁମୋଦନ କରିଛନ୍ତି। ସେ ୫ ବର୍ଷ ପାଇଁ ଉକ୍ତ ପଦବୀରେ ରହିବେ। ୧୯୮୮ରେ ପଣ୍ଡିତ୍ ଗୋଆ ବିଶ୍ୱବିଦ୍ୟାଳୟରେ ତାଙ୍କର ଶିକ୍ଷକତା କ୍ୟାରିୟର ଆରମ୍ଭ କରି ୧୯୯୩ରେ ପୁଣେ ୟୁନିଭର୍ସିଟିକୁ ବଦଳି ହୋଇଥିଲେ। ସେ ୟୁଜିସି, ଆଇସିଏସ୍‌ଏସ୍‌ଆର୍‌ର ସଦସ୍ୟ ଅଛନ୍ତି।

# ବାଜି ମାରିପାରନ୍ତି ମାର୍କୋସ୍ ଜୁନିୟର

ମାନିଲା, ୭।୨



**ଫିଲିପାଇନ୍ସ ରାଷ୍ଟ୍ରପତି ନିର୍ବାଚନ**

ଫିଲିପାଇନ୍ସ ରାଷ୍ଟ୍ରପତି ନିର୍ବାଚନ ଦୌଡ଼ରେ ମଇଦାନକୁ ଓହ୍ଲାଇଛନ୍ତି ପୂର୍ବତନ ରାଷ୍ଟ୍ରପତି ତଥା ଏକଛତ୍ରବାଦୀ ଶାସକ ସ୍ୱର୍ଗତ ଫର୍ଡିନାଣ୍ଡ୍ ମାର୍କୋସ୍‌ଙ୍କ ପୁଅ ଫର୍ଡିନାଣ୍ଡ ମାକ୍ରୋସ୍ ଜୁନିୟର। ଲୋକଙ୍କ ବିଦ୍ରୋହ ବାପା ମାର୍କୋସ୍‌ଙ୍କ ଶାସନକୁ ସମାପ୍ତ କରିବାର ୩୬ ବର୍ଷ ପରେ ସେ ପୁଣି ପରିବାରକୁ ରିବ୍ରାଣ୍ଡିଂ କରିବାକୁ ବାହାରିଛନ୍ତି। ମଙ୍ଗଳବାର ନିର୍ବାଚନ ପ୍ରଚାର ଆରମ୍ଭ ହେବାକୁ ଯାଉଥିବାବେଳେ ୬୪ ବର୍ଷୀୟ ମାର୍କୋସ୍ ଜୁନିୟର ଜନମତ ସର୍ଭେରେ ଆଗୁଆ ଅଛନ୍ତି। ଆସନ୍ତା ମେ' ୯ରେ ସେଠାରେ ନିର୍ବାଚନ ଅନୁଷ୍ଠିତ ହେବ। ମାର୍କୋସଙ୍କ ପ୍ରତି ବିଦାୟୀ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟଙ୍କ ସମର୍ଥନ ରହିଛି। ଅନେକେ ଡୁଟେର୍ଟଙ୍କୁ ମଧ୍ୟ ଏକଛତ୍ରବାଦୀ ଶାସକ ବୋଲି ଅଭିହିତ କରିଥାନ୍ତି। ତେବେ ମାର୍କୋସ ଜୁନିୟର ରାଷ୍ଟ୍ରପତି ହେଲେ ତାଙ୍କ ବାପାଙ୍କ ଭଳି ଦେଶରେ ଏକଛତ୍ରବାଦୀ ଶାସନ ଫେରିବ ବୋଲି ସମାଲୋଚକ ମତ ରଖିଛନ୍ତି।

ବୋଙ୍ଗବୋଙ୍ଗ ଭାବେ ଜଣା ମାର୍କୋସ୍ ଜୁନିୟର ୨ ଦଶନ୍ଧି ଧରି ଦେଶରେ ଶାସନ କରିଥିବା ଫର୍ଡିନାଣ୍ଡ୍ ମାର୍କୋସ୍‌ଙ୍କ ଏକମାତ୍ର ପୁଅ। ଜନ ବିପ୍ଳବ ମୁଣ୍ଡ ଟେକିବା ପରେ ୧୯୮୬ରେ ଫର୍ଡିନାଣ୍ଡଙ୍କୁ ଶାସନରୁ ହଟିବାକୁ ପଡ଼ିଥିଲା। ପରେ ସେମାନେ ସପରିବାର ହାୱାଇକୁ ପଳାୟନ କରିଥିଲେ। ସେଠାରେ ମାର୍କୋସ୍ ସିନିୟରଙ୍କ ମୃତ୍ୟୁ ଘଟିଥିଲା। ୯୦ ଦଶକରେ ପୁଣି ଦେଶକୁ ଫେରିବା ପରେ ମାର୍କୋସ ଜୁନିୟର ଇଲୋକସ୍ ନୋର୍ଟେର ଗଭର୍ନର ନିର୍ବାଚିତ ହୋଇଥିଲେ। ୨୦୧୬ରେ ସେ କମ୍ ବ୍ୟବଧାନରେ ଉପରାଷ୍ଟ୍ରପତି ପଦରେ ହାରି ଯାଇଥିଲେ।

**କାହିଁକି ଲଢୁଛନ୍ତି ମାର୍କୋସ୍**

ପିତା ଫର୍ଡିନାଣ୍ଡ୍ ମାର୍କୋସ୍ କ୍ଷମତାରେ ଥିବାବେଳେ ସେ ଦେଶର ସମ୍ପତ୍ତି ଲୁଟି ଥିବା ଅଭିଯୋଗ ହୋଇଥିଲା। ୧୯୮୭ରେ ତାହା ପ୍ରାୟ ୧୦ ବିଲିୟନ ଡଲାର ଥିଲା ବୋଲି କୁହାଯାଇଥିଲା। ଏହି ସମସ୍ତ ଅଭିଯୋଗକୁ ଖଣ୍ଡନ କରିବା ସହ ପରିବାରର ଭାବମୂର୍ତ୍ତି ବଞ୍ଚାଇବା ପାଇଁ ମାର୍କୋସ୍ ଜୁନିୟର ନିର୍ବାଚନକୁ ଓହ୍ଲାଇଛନ୍ତି। ଚଳିତ ନିର୍ବାଚନରେ ଶାସନକୁ ଫେରିବା ନିମନ୍ତେ ମାର୍କୋସ ପରିବାର ପାଇଁ ଏହା ଶେଷ ସୁଯୋଗ ବୋଲି ରାଜନୈତିକ ସମୀକ୍ଷକ କହିଛନ୍ତି। ନିର୍ବାଚନରେ ବିଜୟ ହାସଲ କରିବାରେ ଇତିହାସ ବାଧକ ସାଜିପାରେ ବୋଲି ମାର୍କୋସ ଜୁନିୟର ପ୍ରାର୍ଥୀପତ୍ର ଦାଖଲବେଳେ କହିଥିଲେ। ତେବେ ପୂର୍ବରୁ ମାର୍କୋସ ସିନିୟର କରିଥିବା କାମ ପାଇଁ ସେ କିମ୍ବା ତାଙ୍କ ପରିବାର କ୍ଷମା ମାଗି ନ ଥିବା ସମାଲୋଚକ କହିଛନ୍ତି। ତେଣୁ ଏହା ନିର୍ବାଚନ ଜିତିବା ପାଇଁ ବାଧକ ହୋଇପାରେ ବୋଲି କୁହାଯାଉଛି। ଏହାବାଦ ସାମରିକ ଆଇନ ଲାଗୁ ଯୋଗୁ ମାର୍କୋସ୍ ସିନିୟରଙ୍କ ବିରୋଧରେ ଅତ୍ୟାଚାର, ବେଆଇନ ବନ୍ଦୀ, ଲୋକଙ୍କ ନିଖୋଜ କରାଯିବା ଆଦି ବାବଦରେ ୭୫ ହଜାରରୁ ଊର୍ଦ୍ଧ୍ୱ ମାମଲା ରହିଛି।

ଜନମତ ସର୍ଭେରେ ସେ ଫେଭରାଇଟ୍ ଭାବେ ଉଭା ହୋଇଛନ୍ତି। ଡିସେମ୍ବରରେ ପ୍ରକାଶିତ ଏକ୍‌ଜିଟ୍ ପୋଲ୍ ରିପୋର୍ଟରେ ସେ ୨୦ ପଏଣ୍ଟରେ ଆଗୁଆ ଅଛନ୍ତି। ବିଦାୟୀ ରାଷ୍ଟ୍ରପତି ଡୁର୍ଟେଟଙ୍କ ଝିଅ ସାରା ଡୁଟେର୍ଟଙ୍କ ସମର୍ଥନ ତାଙ୍କ ବିଜୟକୁ ସହଜ କରିପାରେ। କାରଣ ଦକ୍ଷିଣ ଫିଲିପାଇନ୍ସରେ ମାର୍କୋସ୍‌ଙ୍କ ପ୍ରତି ଦୃଢ଼ ସମର୍ଥନ ନ ଥିବାବେଳେ ସାରାଙ୍କ ଲୋକପ୍ରିୟତା ଗେମ୍ ଚେଞ୍ଜର ବୋଲି କୁହାଯାଉଛି।

### ୨ ସପ୍ତାହରେ ସୁପରଟେକ୍ ଟାୱାର ଭାଙ୍ଗ

ନୂଆଦିଲ୍ଲୀ,୭।୨(ପି.ଟି.)




**ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ନୋଏଡ଼ାରେ ବେଆଇନ ଭାବେ ନିର୍ମାଣ ହୋଇଥିବା ସୁପରଟେକ୍ ଏମେରାଲ୍ଡ କୋର୍ଟର ୪୦ ମହଲା ବିଶିଷ୍ଟ ଟୁଇନ୍ ଟାୱାରକୁ ଭାଙ୍ଗିଦେବା ଲାଗି ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ରିଅଲ ଇଷ୍ଟେଟ୍ ଡେଭେଲପର ସୁପରଟେକ୍ ଦୁଇ ସପ୍ତାହ ମଧ୍ୟରେ ଏହାକୁ ଭାଙ୍ଗିବା କାର୍ଯ୍ୟ ଆରମ୍ଭ କରିବା ଲାଗି କୁହାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ତଦାରଖ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ନୋଏଡ଼ା ସିଇଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ୭୨ ଘଣ୍ଟା ମଧ୍ୟରେ ଏଜେନ୍ସିଗୁଡ଼ିକର ବୈଠକ ଡାକି ଏମେରାଲ୍ଡ କୋର୍ଟ ଭାଙ୍ଗିବା ସମୟସୀମା ସ୍ଥିର କରିବାକୁ ନୋଏଡ଼ା କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ଉକ୍ତ ଟୁଇନ୍ ଟାୱାର ଭାଙ୍ଗିବା ପ୍ରସ୍ତାବକୁ ନୋଏଡ଼ା କର୍ତ୍ତୃପକ୍ଷ ଚୂଡ଼ାନ୍ତ କରିଥିବାବେଳେ ଜାନୁୟାରୀ ୧୭ରେ ସୁପ୍ରିମକୋର୍ଟ ଏହାକୁ ଅନୁମୋଦନ କରିଥିଲେ। ସପ୍ତାହେ ମଧ୍ୟରେ ଏଡିଫାଇସ୍ ନାମକ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷର କରିବାକୁ ସୁପରଟେକ୍‌କୁ କୁହାଯାଇଥିଲା। ନୋଏଡ଼ାର ସେକ୍ଟର ୯୩ରେ ଥିବା ଉକ୍ତ ଟାୱାରକୁ ଭାଙ୍ଗିବା ଲାଗି ପୂର୍ବରୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇ ନ ଥିବାରୁ ଏହାର ନିର୍ଦ୍ଦେଶକଙ୍କୁ ଜେଲ୍ ପଠାଇ ଦିଆଯିବ ବୋଲି ଖଣ୍ଡପୀଠ ଚେତାବନୀ ଦେଇଥିଲେ। ତେବେ ନିରାପଦର ସହ ଟାୱାର ଭାଙ୍ଗିବା ଲାଗି ୩ ମାସ ସମୟ ଦେବାକୁ ରିଅଲ ଇଷ୍ଟେଟ୍ କମ୍ପାନୀ ପକ୍ଷରୁ ଅଦାଲତଙ୍କୁ ଅନୁରୋଧ କରାଯାଇଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୯,୬୯,୦୯,୩୦୭ | ୫୭,୬୧,୨୨୭ | ୩୧,୫୭,୦୯,୧୧୫ |
| ଭାରତ | ୪,୨୨,୭୨,୦୧୪ | ୫,୦୨,୯୦୫ | ୪,୦୬,୬୦,୨୦୨ |
| ଓଡ଼ିଶା | ୧୨,୬୮,୩୦୮ | ୮୭୫୪(+୫୩) | ୧୨,୩୭,୯୭୬ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଜମି ଅଧିଗ୍ରହଣରେ ପାଦେ ଆଗେଇଲା

## ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳ ପ୍ରକଳ୍ପ

## ୬୨ ଏକର ପାଇଁ ୧୦.୯୮ କୋଟି ମଞ୍ଜୁର



ଯାଜପୁର ଅଫିସ,୭।୨

ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳପ୍ରକଳ୍ପ କାର୍ଯ୍ୟ ଆଉ ଏକ ପାଦେ ଆଗେଇଛି। ନୟାଗଡ଼ ଓ ବୌଦ୍ଧ ଜିଲାର ପ୍ରାୟ ୬୨ ଏକର ବେସରକାରୀ ଜମି ଅଧିଗ୍ରହଣ ପାଇଁ ୧୦ କୋଟି ୯୮ ଲକ୍ଷ ୬୬ ହଜାର ୮୫୭ ଟଙ୍କା ମଞ୍ଜୁର ହୋଇଛି। ଏହିମର୍ମରେ ବୌଦ୍ଧ ଓ ନୟାଗଡ଼ ଜିଲାପାଳଙ୍କୁ ସୋମବାର ବାଣିଜ୍ୟ ଓ ପରିବହନ ବିଭାଗର ଉପସଚିବ କଳ୍ପତରୁ ସାମନ୍ତରାୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ୨୦୨୧ ନଭେମ୍ବର ୭ରେ ଧରିତ୍ରୀର ପ୍ରଥମ ପୃଷ୍ଠାରେ 'ଭାଗବଣ୍ଟା ଛିଣ୍ଡୁନି, ପ୍ରକଳ୍ପ ବିଳମ୍ବିତ' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏଭଳି ତତ୍ପରତା ପ୍ରକାଶ ପାଇଛି। ତେବେ ଏହି ଅଧିଗ୍ରହଣ ପ୍ରକ୍ରିୟା ସୁରୁଖୁରୁରେ ସମ୍ପାଦିତ ହେଲେ ରେଳପ୍ରକଳ୍ପ କାର୍ଯ୍ୟ ସରିବାକୁ ଆଉ ବେଶି ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ ବୋଲି ଆଶା କରାଯାଇଛି।

୧୯୯୪-୯୫ ଆର୍ଥିକ ବର୍ଷରେ ଖୋର୍ଦ୍ଧାରୋଡ-ବଲାଙ୍ଗୀର ୨୮୯ କିମି ରେଳପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା ଏବଂ ୨୦୦୧ ଜୁନରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ୨୬ ବର୍ଷ ହେବ ଏହି ପ୍ରକଳ୍ପ ଜମି ଅଧିଗ୍ରହଣ ଓ ଜଙ୍ଗଲ ଜମି ବିବାଦ ଯୋଗୁ ଅଧାରେ ଲାଗିଛି। ବାଣିଜ୍ୟ ଓ ପରିବହନ ବିଭାଗର ସୋମବାର ନିଷ୍ପତ୍ତି ଅନୁଯାୟୀ ବୌଦ୍ଧ ଜିଲା ପୁରୁଣାକଟକ ଥାନା ହରଭଙ୍ଗା ତହସିଲ ଅଧୀନ ଗୁରୁଡିପାଲି ମୌଜାରେ ୪୨.୪୪୦ ଏକର ବେସରକାରୀ ଜମି ଅଧିଗ୍ରହଣ ନିର୍ଦ୍ଦେଶ ହୋଇଛି। ଏଥିପାଇଁ ୪ କୋଟି ୧୯ ଲକ୍ଷ ୪ ହଜାର ୫୯୪ ଟଙ୍କା ମଞ୍ଜୁର ହୋଇଛି। ପୂର୍ବରୁ ଏଥିପାଇଁ ୪ କୋଟି ୩ ଲକ୍ଷ ୯୨ ହଜାର ୫୫୪ ଟଙ୍କା ମଞ୍ଜୁର ହୋଇଥିଲାବେଳେ ଏହା ରିଭାଇଜ କରାଯାଇଛି। ଏଥିରେ ଜମି ଅଧିଗ୍ରହଣ ଧାରା ୨୯(୧) ଅନୁଯାୟୀ ମୋଟ କ୍ଷେତ୍ରଫଳ ଜମିର ମୂଲ୍ୟ ୧,୩୦,୬୦,୮୫୩ ଟଙ୍କା ଏବଂ ଗୃହ, କୂପ, ପୁଷ୍କରିଣୀ, ବୃକ୍ଷ ଆଦି ବାବଦକୁ ୧,୫୧,୫୭,୪୨୨ ଟଙ୍କା, ନୂତନ ଧାରା ୩୦(୧) ଅନୁଯାୟୀ ଉପରୋକ୍ତ ଅର୍ଥର ଶତକଡ଼ା ୧୦୦% ହାରରେ ସାନ୍ତ୍ୱନାମୂଳକ କ୍ଷତିପୂରଣ ୧,୫୧,୫୭,୪୨୨ ଟଙ୍କା, ଧାରା ୩୦(୩) ଅନୁଯାୟୀ ଶତକଡ଼ା ୧୨% ଅତିରିକ୍ତ କ୍ଷତିପୂରଣ ୨ ବର୍ଷ ପାଇଁ ୨୬,୧୨,୧୧୬ ଟଙ୍କା, ସରକାରୀ ରାଜସ୍ୱର ପୁଞ୍ଜୀକୃତ ମୂଲ୍ୟ ୮,୬୫୧ ଟଙ୍କା, ଯୁଚ୍ଛ ପ୍ରତିଷ୍ଠାନର ଖର୍ଚ୍ଚ ଶତକଡ଼ା ୨୦% ୬୫,୮୫,୩୯୨ ଟଙ୍କା, ପୁର୍ନବାସ ଓ ଥଇଥାନ ପାଇଁ ୨୩,୮୩,୫୯୦ ଟଙ୍କା ଅଟକଳ ହୋଇଛି। ଏହି ଅଟକଳ ପରିମାଣକୁ ବୌଦ୍ଧ ଜିଲାପାଳ ମଞ୍ଜୁର କରିଛନ୍ତି।

ନୟାଗଡ ଜିଲା ଦଶପଲ୍ଲା ତହସିଲ ଅନ୍ତର୍ଗତ ଦୁର୍ଗାପ୍ରସାଦ ମୌଜାରେ ୫.୬୧୦ ଏକର ବେସରକାରୀ ଜମି ଅଧିଗ୍ରହଣ ନିଷ୍ପତ୍ତି ହୋଇଛି। ଏଥିପାଇଁ ୭୪,୨୫,୨୦୨ ଟଙ୍କା ମଞ୍ଜୁର ହୋଇଛି। ଏଥିରେ ମୋଟ ଜମିର ମୂଲ୍ୟ ୨୭,୫୪,୯୭୨ ଟଙ୍କା ରଖାଯାଇଥିବାବେଳେ ଧାରା ୨୯(୨) ଅନୁଯାୟୀ ବୃକ୍ଷ ବାବଦକୁ ୬୩,୦୯୧ ଟଙ୍କା, ଶତକଡ଼ା ୧୦୦% ସାନ୍ତ୍ୱନାମୂଳକ କ୍ଷତିପୂରଣ ୨୮,୧୮,୦୬୩ ଟଙ୍କା, ଧାରା ୩୦(୩) ଅନୁଯାୟୀ ଉପରୋକ୍ତ ଅର୍ଥର ଶତକଡ଼ା ୧୨% ଅତିରିକ୍ତ କ୍ଷତିପୂରଣ ୨ ବର୍ଷ ପାଇଁ ୫,୫୦,୯୯୪ ଟଙ୍କା, ସରକାରୀ ରାଜସ୍ୱର ପୁଞ୍ଜୀକୃତ ମୂଲ୍ୟ ୬୫୮ ଟଙ୍କା, ଯୁଚ୍ଛ ପ୍ରତିଷ୍ଠାନ ଖର୍ଚ୍ଚ ଶତକଡ଼ା ୨୦% ହିସାବରେ ୧୨,୩୭,୪୨୪ ଟଙ୍କା ଅଟକଳ ହୋଇଛି। ଏହି ଅଟକଳ ପରିମାଣକୁ ନୟାଗଡ଼ ଜିଲାପାଳ ମଞ୍ଜୁର କରିଥିବା ରିପୋର୍ଟରେ ଦର୍ଶାଯାଇଛି।


ନୟାଗଡ ଜିଲା ଦଶପଲ୍ଲା ତହସିଲ ଅନ୍ତର୍ଗତ ବୁଗୁଡା କଲୋନୀ ମୌଜାରେ ୧୧ ଏକର ଜମି ପାଇଁ ୧,୨୫,୯୭,୮୯୧ ଟଙ୍କା ଅଟକଳ ହୋଇଛି। ଏଥିରେ ମୋଟ ଜମିର କ୍ଷେତ୍ରଫଳ ଅନୁଯାୟୀ ୪୪,୭୨,୧୬୦ ଟଙ୍କା ସହ ଧାରା ୨୯(୨) ଅନୁଯାୟୀ ଗୃହ, କୂପ, ବୃକ୍ଷ, ଫଳନ୍ତି ଶସ୍ୟ ବାବଦକୁ ୪୮,୦୧,୪୪୭ ଟଙ୍କା, ନୂତନ ଧାରା ୩୦(୧) ଅନୁଯାୟୀ ଉପରୋକ୍ତ ଅର୍ଥର ଶତକଡ଼ା ୧୦୦% ସାନ୍ତ୍ୱନାମୂଳକ କ୍ଷତିପୂରଣ ଭାବେ ୪୮,୦୧,୪୪୭ ଟଙ୍କା, ଧାରା ୩୦(୩) ଅନୁଯାୟୀ ଉପରୋକ୍ତ ଅର୍ଥର ଶତକଡ଼ା ୧୨% ଅତିରିକ୍ତ କ୍ଷତିପୂରଣ ବାବଦକୁ ୮,୯୪,୪୩୨ ଟଙ୍କା, ରାଜସ୍ୱ ପୁଞ୍ଜୀକୃତ ମୂଲ୍ୟ ୧,୧୦୦ ଟଙ୍କା, ଶତକଡ଼ା ୨୦% ଯୁଚ୍ଛ ପ୍ରତିଷ୍ଠାନ ଖର୍ଚ୍ଚ ବାବଦକୁ ୨୦,୯୯,୪୬୫ ଟଙ୍କା ରଖାଯାଇଛି।

ନୟାଗଡ଼ ଜିଲା ଦଶପଲ୍ଲା ତହସିଲ ଅନ୍ତର୍ଗତ ଦୁରୁକିପାଙ୍ଗୁ ମୌଜାରେ ୩.୯୦୦ ଏକର ଜମି ପାଇଁ ୬୦,୩୪,୫୭୬ ଟଙ୍କା ମଞ୍ଜୁର ହୋଇଛି। ଏଥିରେ ମୋଟ କ୍ଷେତ୍ରଫଳ ଜମିର ମୂଲ୍ୟ ୨୨,୯୯,୦୯୬ ଟଙ୍କା ସମେତ ଧାରା ୨୯(୧) ଅନୁଯାୟୀ ବୃକ୍ଷ ପାଇଁ ୧୮,୦୫୪ ଟଙ୍କା, ନୂତନ ଧାରା ୩୦(୧) ଅନୁସାରେ ଶତକଡ଼ା ୧୦୦% ହାରରେ ସାନ୍ତ୍ୱନାମୂଳକ କ୍ଷତିପୂରଣ ୨୩,୧୭,୧୫୦ ଟଙ୍କା, ଉପରୋକ୍ତ ମୋଟ ମୂଲ୍ୟ ଉପରେ ଧାରା ୩୦(୩) ଅନୁସାରେ ଶତକଡ଼ା ୧୨% ଅତିରିକ୍ତ କ୍ଷତିପୂରଣ ବାବଦକୁ ୩,୯୪,୧୩୦ ଟଙ୍କା, ରାଜସ୍ୱର ପୁଞ୍ଜିକୃତ ମୂଲ୍ୟ ୪୫୮ ଟଙ୍କା, ଯୁଚ୍ଛ ପ୍ରତିଷ୍ଠାନର ଖର୍ଚ୍ଚ ଶତକଡ଼ା ୨୦% ହାରରେ ୧୦,୦୫,୬୮୬ ଟଙ୍କା ଅଟକଳ ହୋଇଛି।

# ୨ ହଜାର ତଳକୁ ଖସିଲା ଦୈନିକ ସଂକ୍ରମଣ

**ଭୁବନେଶ୍ୱର, ୭।୨(ବ୍ୟୁରୋ):** ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ୨ ହଜାର ତଳକୁ ଖସିଛି। ଗତ ୨୪ ଘଣ୍ଟାରେ ୪୭,୧୦୧ ନମୁନା ପରୀକ୍ଷା କରାଯାଇଥିବାବେଳେ ୧,୪୯୭ଜଣଙ୍କ କରୋନା ପଜିଟିଭ୍ ବାହାରିଛି। ଫଳରେ ସଂକ୍ରମଣ ହାର ୩.୧୮%କୁ ଖସି ଆସିଛି। ସେପଟେ ସବୁ ଜିଲାରେ ସଂକ୍ରମଣ ହାର ୭% ତଳେ ଥିବାବେଳେ ଦେବଗଡ଼ରେ ସଂକ୍ରମଣ ହାର ବଢ଼ିଯାଇଛି। ଏହି ଜିଲାରେ ଦୈନିକ ସଂକ୍ରମଣ ହାର ୧୦.୪% ରହିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରେ ୨୫୧ଜଣ ଓ ସୁନ୍ଦରଗଡ଼ରେ ସର୍ବାଧିକ ୧୦୧ଜଣ ରହିଥିବାବେଳେ ବାକିସବୁ ଜିଲାରେ ସଂକ୍ରମିତ ସଂଖ୍ୟା ଶହେ ତଳକୁ ରହିଛି। ବର୍ତ୍ତମାନ ରାଜ୍ୟରେ ମୋଟ କରୋନା ସଂକ୍ରମିତ ସଂଖ୍ୟା ୧୨,୬୮,୩୦୮ରେ ପହଞ୍ଚିଛି। ସେପଟେ ରାଜ୍ୟରେ ଆଉ ୨୦ଜଣ ଆକ୍ରାନ୍ତଙ୍କ କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୬ଜଣ ଥିବାବେଳେ କଳାହାଣ୍ଡିରୁ ୪, କଟକରୁ ୩, ଜଗତ୍‌ସିଂହପୁର ଓ ନୟାଗଡ଼ରୁ ୨ଜଣ ଲେଖାଏ, ରାୟଗଡ଼ା, କେନ୍ଦ୍ରାପଡ଼ା ଓ ଯାଜପୁରରେ ଜଣେ ଲେଖାଏ ଆକ୍ରାନ୍ତ ଆଖି ବୁଜିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୭୫୪କୁ ବୃଦ୍ଧି ପାଇଛି।




# ବିନା ଶ୍ରଦ୍ଧାଳୁରେ ମାଘ ସପ୍ତମୀ ବୁଡ଼



ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ସେବାୟତମାନେ ୩ ଠାକୁରଙ୍କୁ ବୁଡ଼ ପକାଇ ନୀତିକାନ୍ତି କରୁଛନ୍ତି।

- ତିନି ଠାକୁରଙ୍କ ମହାସ୍ନାନ
- ୧୪୪ ଧାରା ହଟିବା ପରେ ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା

କୋଣାର୍କ,୭।୨(ଡି.ଏନ୍.ଏ.)

ପୂର୍ବ ବର୍ଷ ଭଳି ଚଳିତବର୍ଷ ମଧ୍ୟ କରୋନା କଟକଣା ଯୋଗୁ ବିନା ଶ୍ରଦ୍ଧାଳୁରେ ମାଘସପ୍ତମୀ ବୁଡ଼ ସମାପନ ହୋଇଛି। ସୋମବାର ଭୋର ରାତି ୪ଟାରେ ଚନ୍ଦ୍ରଭାଗା ତୀର୍ଥ ଜଳରେ ତିନି ଠାକୁରଙ୍କ ମହାସ୍ନାନ ପରେ ସେବାୟତମାନେ ବୁଡ଼ ପକାଇଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ରବିବାର ରାତି ୧୦ଟାରେ ମାଧିପୁର ଗ୍ରାମର ବାବା ତ୍ରିବେଣୀଶ୍ୱର, କୁରୁଜଙ୍ଗ ଗ୍ରାମର ବାବା ଦକ୍ଷିଣେଶ୍ୱର ଓ ସନ୍ତପୁର ଗ୍ରାମର ବାବା ଈଶାଣେଶ୍ୱରଙ୍କ ଚଳନ୍ତି ପ୍ରତିମା ନିଜ ନିଜ ଆସ୍ଥାନରୁ ବିମାନରେ ବିଜେ କରିଥିଲେ। ତିନି ଠାକୁର ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବଜାର ପରିକ୍ରମା କରିବା ପରେ ଏନ୍ଏସି କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଆଇବିରେ ପୂଜାର୍ଚ୍ଚନା କରାଯାଇଥିଲା। ଚନ୍ଦ୍ରଭାଗା ତୀର୍ଥ ମଣ୍ଡପରେ ରାତି ୩ଟାରେ ବିଜେ କରିଥିଲେ। ହରିବୋଲ ଶବ୍ଦରେ ତୀର୍ଥ କ୍ଷେତ୍ର ପ୍ରକମ୍ପିତ ହୋଇ ଉଠିଥିଲା। ସମସ୍ତ ନୀତି ସମାପନ ପରେ ତିନି ଠାକୁର ତୀର୍ଥ ଜଳରେ ସ୍ନାନ କରିଥିଲେ। ଶେଷରେ ଠାକୁରଙ୍କ ସେବାୟତ ଓ ସାଧୁସନ୍ଥମାନେ ତୀର୍ଥ ପୁଷ୍କରିଣୀରେ ବୁଡ଼ ପକାଇଥିଲେ। ତୀର୍ଥ ପୁଷ୍କରିଣୀରେ ପୁରୀ ରାଧାବଲ୍ଲଭ ମଠ ପକ୍ଷରୁ ସାଧୁସନ୍ଥମାନେ ୧୦୮ ଦୀପ ଆଳତି କରିଥିଲେ। ୧୪୪ ଧାରା ହଟିବା ପରେ ଗ୍ରହଶାନ୍ତି ନିମନ୍ତେ ଶ୍ରଦ୍ଧାଳୁମାନେ ନବଗ୍ରହ ପୀଠରେ ପୂଜାର୍ଚ୍ଚନା, ହୋମଯଜ୍ଞ ଓ ପରେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ। ରବିବାର ରାତିରୁ ଚନ୍ଦ୍ରଭାଗାରେ ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, କୋଣାର୍କ, ରାମଚଣ୍ଡୀ ଓ ଚନ୍ଦ୍ରଭାଗା ମେରାଇନ ଥାନା ଆଇଆଇସି ପ୍ରମୁଖ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ। ସେହିଭଳି ଶାମ୍ବଦଶମୀ ତିଥିରୁ ୨୭ଦିନ ଯାତ୍ରାରେ ବାହାରିଥିବା ପ୍ରଭୁ ସୂର୍ଯ୍ୟ ନାରାୟଣଙ୍କ ଚଳନ୍ତିପ୍ରତିମା ରଥାରୂଢ଼ ହୋଇ ଅବଧୂତ ମଠକୁ ବାହୁଡ଼ି ଆସିଥିଲେ।

# ଓଡ଼ିଶାର ୧.୨୩ କୋଟି ଶ୍ରମିକ କେନ୍ଦ୍ର ଯୋଜନାର ଲାଭ ଉଠାଇଛନ୍ତି

ଭୁବନେଶ୍ୱର, ୭।୨(ବ୍ୟୁରୋ)

ଓଡ଼ିଶାର ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୧ କୋଟି ୨୩ ଲକ୍ଷ ଶ୍ରମିକ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ଲାଭ ପାଇଛନ୍ତି। ସୋମବାର ଲୋକ ସଭାରେ ଶ୍ରମ ଓ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲି ଏହି ସୂଚନା ଦେଇଛନ୍ତି।

ଓଡ଼ିଶାରୁ ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା କେତେ ଶ୍ରମିକ କେନ୍ଦ୍ର ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହୋଇଛନ୍ତି ବୋଲି ବିଜେଡି ଏମ୍‌ପି ଚନ୍ଦ୍ରଶେଖର ସାହୁ ପ୍ରଶ୍ନ କରିଥିଲେ। କେନ୍ଦ୍ରମନ୍ତ୍ରୀ ତେଲି କହିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମନ-ଧନ ପେନ୍‌ସନ ସ୍କିମ, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଭଳି ସାମାଜିକ ସୁରକ୍ଷା ଯୋଜନାରେ ଓଡ଼ିଶାର ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ଲାଭବାନ ହୋଇଛନ୍ତି। ୨୦୨୨ ଜାନୁୟାରୀ ୨୮ ସୁଦ୍ଧା ଓଡ଼ିଶାରୁ ୧ ଲକ୍ଷ ୭୦ ହଜାର ୯୩୬ ଜଣ ଶ୍ରମିକ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମନ-ଧନ ପେନ୍‌ସନ ସ୍କିମ୍‌ରେ ଉପକୃତ ହୋଇଥିବା ବେଳେ ୨୦୨୧ ଅକ୍ଟୋବର ସୁଦ୍ଧା ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ୩୧, ୪୫, ୮୫୦ ଜଣ ଉପକୃତ ହୋଇଛନ୍ତି। ସେହିପରି ୨୦୨୧ ଅକ୍ଟୋବର ଶେଷ ସୁଦ୍ଧା ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ୮୯, ୮୪, ୮୫୯ ଜଣ ଶ୍ରମିକ ଉପକୃତ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଯାତ୍ରାପାର୍ଟି ଟ୍ରକ୍ ଓଲଟି ଜଣେ ମୃତ, ୬ ଗୁରୁତର

ବୈଶିଙ୍ଗା,୭।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ୧୮ନଂ.ଜାତୀୟ ରାଜପଥର ଗଡ଼ଗଡ଼ିଆଠାରେ ରବିବାର ଭୋର ସମୟରେ ଏକ ଯାତ୍ରାପାର୍ଟି ଟ୍ରକ୍ ଓଲଟି ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ୬ଜଣ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ପ୍ରଥମେ ବେତନଟୀ ଡାକ୍ତରଖାନା ଓ ପରେ ବାରିପଦା ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ ବଡ଼ସାହି ଥାନା ଘୁଷୁରିଆ ଗ୍ରାମର ରାମଚନ୍ଦ୍ର ନାଥ। ସୂଚନା ଅନୁଯାୟୀ, ବେତନଟୀ ନିକଟସ୍ଥ କଇଁଫୁଲିଆ ଗ୍ରାମରେ ଯାତ୍ରା ସାରି ଫେରୁଥିବାବେଳେ 'ଅମୃତ ମହଲ' ନାମକ ଏକ ଯାତ୍ରାପାର୍ଟିର ଟ୍ରକ୍ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ସେହି ସମୟରେ ରାସ୍ତା ପାର୍ଶ୍ୱରେ ଯାଉଥିବା ସାଇକେଲ ଚାଳକ ରାମଚନ୍ଦ୍ରଙ୍କ ଟ୍ରକ୍ ତଳେ ଚାପିହୋଇ ମୃତ୍ୟୁ ହୋଇଥିଲା। ଚାଳକଙ୍କ ସହିତ ଟ୍ରକ୍ କ୍ୟାବିନରେ ବସିଥିବା ଯାତ୍ରାପାର୍ଟିର ୫ କର୍ମଚାରୀ ଗୁରୁତର ହୋଇଥିଲେ। ବୈଶିଙ୍ଗା ପୋଲିସ ପହଞ୍ଚି ମୃତାହତଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲା।



**ଆଜିର ମନ୍ତବ୍ୟ**

"ହିନ୍ଦୁତ୍ୱ ଆମ ଦଳର ରାଜନୀତି ନୁହେଁ। ଭାଜପାର ହିନ୍ଦୁତ୍ୱ ଓ ଅନ୍ୟାନ୍ୟ ପ୍ରସଙ୍ଗଠାରୁ ଅପନା ଦଳ (ଏସ୍)ର ନୀତିଆଦର୍ଶ ଅଲଗା। ଏହି ଦଳ ସାମାଜିକ ନ୍ୟାୟ ପାଇଁ ଲଢ଼େଇ କରୁଛି। ମୁସଲମାନ ପ୍ରାର୍ଥୀ ଅଛୁଆଁ ନୁହନ୍ତି।"
– ଅନୁପ୍ରିୟା ପଟେଲ, ଅପନା ଦଳ (ଏସ୍) ନେତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଡୁଡୁଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କୋଟିଆ ପ୍ରାର୍ଥୀଙ୍କ ତାଲିକା ସଂଗ୍ରହ ନେଇ ପଟ୍ଟାଙ୍ଗୀରେ ଆନ୍ଧ୍ର ପୋଲିସ

**ପଟ୍ଟାଙ୍ଗୀ,୭।୨(ଡି.ଏନ୍.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କୋଟିଆ ପଞ୍ଚାୟତ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କ ତାଲିକା ସଂଗ୍ରହ ଲାଗି ଉଦ୍ୟମ ଆରମ୍ଭ କରିଛି ଆନ୍ଧ୍ର। ଏଥିପାଇଁ ଆନ୍ଧ୍ର ପୋଲିସ ସୋମବାର ପଟ୍ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟରେ ବିଡିଓ ସୌମ୍ୟସାର୍ଥକ ମିଶ୍ରଙ୍କୁ ଭେଟିଛି। ହେଲେ ଏଥିରେ ସେମାନଙ୍କୁ ସଫଳତା ମିଳିନାହିଁ।

ଖବରରୁ ଜଣାପଡ଼ିଛି ସାଲୁର ପୋଲିସ ଅଧୀନରେ କୋଟିଆ ପଞ୍ଚାୟତ ରହିଥିବା ଦର୍ଶାଇ ଆନ୍ଧ୍ରର ବିଜୟନଗରମ ପୋଲିସ ପ୍ରଶାସନ ଏସ୍‌ଆଇ ରୋହିନି ପାଥିଙ୍କ ନେତୃତ୍ୱରେ କେତେକ ପୋଲିସ କର୍ମଚାରୀଙ୍କୁ ଧରି ଦୁଇଟି ବୋଲେରୋରେ ପଟ୍ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେମାନେ ବିଡିଓ ମିଶ୍ରଙ୍କ ସହ ଆଲୋଚନା କରି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କୋଟିଆ ପଞ୍ଚାୟତରେ ସରପଞ୍ଚ ଭାବେ ନିର୍ବାଚନ ଲଢ଼ୁଥିବା ପ୍ରାର୍ଥୀଙ୍କ ତାଲିକା ନେବାକୁ ଚାହିଁଥିଲେ। ତେବେ ବିଡିଓ ମିଶ୍ର ସେମାନଙ୍କୁ ନିରାଶ କରିଥିଲେ। ନିର୍ବାଚନ ପାଇଁ ଦାଖଲ ସମସ୍ତ ନାମାଙ୍କନପତ୍ର ଆମ ନିକଟରେ ନାହିଁ। ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ବ୍ଲକ କାର୍ଯ୍ୟାଳୟରେ ସରିବା ପରେ ସମସ୍ତ ରେକର୍ଡ ଜିଲା ପ୍ରଶାସନକୁ ହସ୍ତାନ୍ତର ହୋଇଥିବା ବିଡିଓ କହିଥିଲେ। ବ୍ଲକ କାର୍ଯ୍ୟାଳୟରୁ ନିରାଶ ହୋଇ ଆନ୍ଧ୍ର ପୋଲିସ ତହସିଲ କାର୍ଯ୍ୟାଳୟକୁ ଯାଇ ତାଲିକା ସଂଗ୍ରହ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେଠାରୁ ପାଇ ନ ଥିଲେ। ଶେଷରେ ସେମାନେ ଆନ୍ଧ୍ର ଫେରିଯାଇଥିଲେ। ଅନ୍ୟପକ୍ଷରେ ଆନ୍ଧ୍ର ପୋଲିସ ଓଡ଼ିଶାରେ ପହଞ୍ଚି କୋଟିଆରେ ନିର୍ବାଚନ ଲଢ଼ୁଥିବା ପ୍ରାର୍ଥୀଙ୍କ ତାଲିକା ତଲାସି କରିବା ଆନ୍ଧ୍ରର ଆଭିମୁଖ୍ୟ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ପୌର ନିର୍ବାଚନ ପ୍ରସ୍ତୁତି: ୧୦ରେ ସର୍ବଦଳୀୟ ବୈଠକ

**ଭୁବନେଶ୍ୱର, ୭।୨(ବ୍ୟୁରୋ):** ପଞ୍ଚାୟତ ନିର୍ବାଚନ ପରେ ରାଜ୍ୟରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଇତିମଧ୍ୟରେ ସ୍ଥାନ ସଂରକ୍ଷଣ, ୱାର୍ଡ ପୁନର୍ଗଠନ କାର୍ଯ୍ୟ ଶେଷ ହୋଇଛି। ଆସନ୍ତା ୧୦ ତାରିଖ ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ଗୀତଗୋବିନ୍ଦ ସମ୍ମିଳନୀ କକ୍ଷରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ନିର୍ବାଚନ କମିଶନର ବୈଠକ କରିବେ। ବୈଠକରେ ତ୍ରୁଟିଶୂନ୍ୟ ଭୋଟର ତାଲିକା ଏବଂ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ପ୍ରତିନିଧିଙ୍କ ସହ ବିଚାରବିମର୍ଶ କରାଯିବ। ଏ ନେଇ ସୋମବାର ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ଥିଲାକୁ ନାତୁଣୀ ଜୋଇଁ ଘଇତା**
**ଟେକା ଟେକି କରି ଦିନ ନଉଥା ।**

ସ୍ୱାମୀ ମରିଗଲେ ବା ନ ଥିଲେ ନିଃସହାୟ ସ୍ତ୍ରୀ ନିଜର ରକ୍ଷଣାବେକ୍ଷଣ ପାଇଁ ଅନ୍ୟର ଶରଣ ପଶିଥାଏ। ନାତୁଣୀ ଜୋଇଁ ପରି ଆପଣାର ଚିହ୍ନାଜଣା ବ୍ୟକ୍ତିଙ୍କୁ ଧରି ତାକୁ ମୁରବି ବୋଲି ମାନି ଗୁଜରାଣ ମେଣ୍ଟାଇବା ଭଳି ଅସୁବିଧାରୁ ନ କରିବା କଥା ବାଧ୍ୟ ହୋଇ କରିବା ଅର୍ଥରେ ଏପରି ଉକ୍ତି ଉଲ୍ଲେଖ କରାଯାଇଛି।

**ନରମାୟା**
**ନାରାୟଣଙ୍କୁ ଅଗୋଚର ।**

ମଣିଷର ମାୟା ଭିତରେ ପଶିବା କାଠିକର ପାଠ। ତାଙ୍କ ମନର କଥା କେହି ବୁଝିପାରି ନ ଥାନ୍ତି କି ତା'ର ଟେର୍ ମଧ୍ୟ କେହି ପାଇପାରି ନ ଥାନ୍ତି। ସ୍ୱୟଂ ଭଗବାନ ମଧ୍ୟ ତାଙ୍କ ମାୟା ବୁଝିବାକୁ ଅକ୍ଷମ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଭୋଟ ଦିନ ମଦ ବିକ୍ରି ବନ୍ଦ

## ଜିଲାପାଳଙ୍କୁ ଚିଠି ଲେଖିଲେ ଅବକାରୀ କମିଶନର

**ଭୁବନେଶ୍ୱର, (ବ୍ୟୁରୋ)/ କଟକ ଅଫିସ, ୭।୨**

ଆସନ୍ତା ୧୬ ତାରିଖରୁ ୫ଟି ପର୍ଯ୍ୟାୟରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ଏହି ସମୟରେ ନିଶା ରୋକିବାକୁ ଅବକାରୀ ବିଭାଗ ଗୁରୁତ୍ୱ ଦେଇଛି। ଅବକାରୀ ବିଭାଗ ଭୋଟ ଗ୍ରହଣ ଏବଂ ଗଣତି ଦିବସକୁ 'ଡ୍ରାଏ ଡେ' ଘୋଷଣା କରିଛି। ମତଦାନର ୪୮ ଘଣ୍ଟା ପୂର୍ବରୁ ମଦ ଦୋକାନ ବନ୍ଦ ହେବ। ଏନେଇ ଅବକାରୀ କମିଶନର ଆଶିଷ କୁମାର ସିଂ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ନିର୍ବାଚନ ଫେବୃୟାରୀ ୧୬, ୧୮, ୨୦, ୨୨ ଏବଂ ୨୪ ତାରିଖରେ ଅନୁଷ୍ଠିତ ହେବ। ଏହି ଦିନଗୁଡ଼ିକରେ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ସେହିପରି ୨୬ରୁ ୨୮ ତାରିଖ ଯାଏ ମଧ୍ୟ ମଦବିକ୍ରି ବନ୍ଦ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି। ଓଡ଼ିଶା ଅବକାରୀ ଆଇନ ୨୦୦୮ ଏବଂ ଓଡ଼ିଶା ଅବକାରୀ ନିୟମ ୨୦୧୭ ଅନୁସାରେ ଲାଇସେନ୍ସପ୍ରାପ୍ତ ସମସ୍ତ ଦେଶୀ ଓ ବିଦେଶୀ ମଦ, ଆଇଏମ୍‌ଏଫ୍‌ଏଲ୍ ନିଷିଦ୍ଧ ହୋଇଛି। ନିର୍ବାଚନ ଦିନ ଦୋକାନ, ହୋଟେଲ, ରେଷ୍ଟୁରାଣ୍ଟରେ ମଦ ବିକ୍ରି ମନା ହୋଇଛି। କ୍ଲବ, ତାରକା ହୋଟେଲରେ ମଧ୍ୟ ବିକ୍ରି ହୋଇପାରିବ ନାହିଁ। ଏହି ସମୟରେ ମଦ ଯୋଗାଣ ମଧ୍ୟ ହ୍ରାସ କରାଯିବ ବୋଲି କମିଶନର ଚିଠିରେ ଉଲ୍ଲେଖ କରିଛନ୍ତି।

# ମାଓବାଦୀଙ୍କ ସହ ସମ୍ପର୍କ ଅଭିଯୋଗରେ ଆଦିବାସୀ ନେତା ଗିରଫ

**ବୌଦ୍ଧ, ୭।୨(ସ୍ୱ.ପ୍ର.)**

ବୌଦ୍ଧ ଜିଲାରେ ପଞ୍ଚାୟତ ନିର୍ବାଚନ ନେଇ ସରଗରମ ଥିବାବେଳେ ପୋଲିସ ପକ୍ଷରୁ ମାଓବାଦୀ ସହ ସମ୍ପର୍କ ଅଭିଯୋଗରେ ସୋମବାର କାଳିଆ କହଁର (୫୫) ନାମକ ଜଣେ ଆଦିବାସୀ ନେତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। କାଳିଆଙ୍କ ଘର କନ୍ଧମାଳ ନିର୍ବାଚନ ମଣ୍ଡଳୀ ଶଗଡା ପଞ୍ଚାୟତର ଚାଞ୍ଚେର ଗ୍ରାମରେ। ତାଙ୍କ ଘରେ ଜିଲୋଟିନ ଗଚ୍ଛିତ ଥିବା ଏବଂ ତାଙ୍କର ମାଓବାଦୀଙ୍କ ସହିତ ସମ୍ପର୍କ ରହିଥିବା କୌଣସି ସୂତ୍ରରୁ କନ୍ଧମାଳ ଏସ୍‌ପି ସୂଚନା ପାଇ ଏକ ଟିମ୍ ବୌଦ୍ଧ ପଠାଇଥିଲେ। ବୌଦ୍ଧ ପୋଲିସ ସହାୟତାରେ କାଳିଆଙ୍କ ଘର ଉପରେ ଚଢାଉ କରାଯିବା ପରେ ଜିଲୋଟିନ ଷ୍ଟିକ୍ ସବୁ ଜବତ ହୋଇଥିଲା। କାଳିଆଙ୍କ ଘରୁ ପୋଲିସ ୯୪ଟି ଜିଲୋଟିନ ଷ୍ଟିକ ଜବତ କରିଛି। ଏନେଇ ମନମୁଣ୍ଡା ଥାନାରେ ଏକ ମାମଲା (ନଂ.୨୪।୨୨) ରୁଜୁ ହୋଇଛି। ଘଟଣା ସମ୍ପର୍କରେ ବୌଦ୍ଧ ଏସ୍‌ଡିପିଓ ଆନନ୍ଦ ବର୍ଦ୍ଧନ ଗୁରୁଙ୍କୁ ପଚାରିବାରୁ କାଳିଆଙ୍କ ଘରୁ ଜିଲୋଟିନ ଜବତ ହୋଇଛି। ମାଓବାଦୀଙ୍କୁ ସହଯୋଗ କରୁଥିବା ନେଇ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି କହିଥିଲେ।

ପ୍ରକାଶ ଯେ, କାଳିଆ ସମ୍ପୃକ୍ତ ଅଞ୍ଚଳରେ ଜଣେ ଜଣାଶୁଣା ଆଦିବାସୀ ନେତା। ସେ ପୂର୍ବରୁ ସମିତିସଭ୍ୟ ଥିଲେ। ବର୍ତ୍ତମାନ ପଞ୍ଚାୟତ ନିର୍ବାଚନ ଥିବାରୁ ଏନେଇ ତାଙ୍କୁ ରାଜନୈତିକ ଆକ୍ରୋଶ ରଖି ଫସାଇଦିଆଯାଇଥିବା ମଧ୍ୟ ଚର୍ଚ୍ଚା ଜୋର ଧରିଛି।

**ପ୍ରଥମ ପୃଷ୍ଠାରୁ...**

## ଖୋଲିଲା ସ୍କୁଲ...

ମନ୍ତ୍ରୀ ସମୀର ରଞ୍ଜନ ଦାଶ ପୁରୀ ଗୋପସ୍ଥିତ ନିଗମାନନ୍ଦ ସରକାରୀ ବିଦ୍ୟାଳୟ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ବିଦ୍ୟାଳୟରେ କୋଭିଡ୍ ନିୟମ ପାଳନ ହେଉଛି କି ନାହିଁ ତା'ର ତଦାରଖ କରିବା ସହ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ପିଲାମାନଙ୍କୁ ପରାମର୍ଶ ଦେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସୂଚନାନୁସାରେ, ରାଜ୍ୟର ୩୭,୫୩୩ଟି ବିଦ୍ୟାଳୟର ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନରତ ୨୪,୪୫,୪୦୭ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରଥମ ଦିନରେ ୫୮% ଅର୍ଥାତ୍ ୧୪,୪୨,୭୯୦ଜଣ ସ୍କୁଲ ଆସିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଦେବଗଡ଼ ଜିଲାର ସର୍ବାଧିକ ୮୫% ବିଦ୍ୟାର୍ଥୀଙ୍କ ଉପସ୍ଥାନ ଥିବାବେଳେ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ମଧ୍ୟ ଏହି ଜିଲାରୁ ସର୍ବାଧିକ ୯୧% ରହିଥିଲା। ସେହିପରି କେନ୍ଦ୍ରାପଡ଼ା ଜିଲାରେ ଉଚ୍ଚ ପ୍ରାଥମିକ ସ୍କୁଲରେ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ୭୭% ଥିଲା। ଉଚ୍ଚ ମାଧ୍ୟମିକ କ୍ଷେତ୍ରରେ ଦେବଗଡ଼ ସହିତ ବାଲେଶ୍ୱର, ବଲାଙ୍ଗୀର, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କେନ୍ଦୁଝର ଏବଂ ସମ୍ବଲପୁର ଜିଲାରେ ଉପସ୍ଥାନ ହାର ବହୁତ ଭଲ ରହିଥିଲା। ପ୍ରାଥମିକ ସ୍ତରରେ ଅଷ୍ଟମ ଶ୍ରେଣୀରେ କେନ୍ଦ୍ରାପଡ଼ା ଜିଲା ସହିତ ଅନୁଗୋଳ, ବଲାଙ୍ଗୀର, କଟକ, ଦେବଗଡ଼, କେନ୍ଦୁଝର ଏବଂ ମାଧ୍ୟମିକ ସ୍ତରରେ ଅନୁଗୋଳ, କେନ୍ଦ୍ରାପଡ଼ା, କେନ୍ଦୁଝର, କଟକ, ଗଞ୍ଜାମ, ରାୟଗଡ଼ା ଓ ବରଗଡ଼ ଜିଲାରେ ଉପସ୍ଥାନ ଉତ୍ସାହଜନକ ରହିଥିଲା। ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କର ଉପସ୍ଥାନ ମଧ୍ୟ ଭଲ ଥିଲା ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ଛାତ୍ରୀଛାତ୍ର ଓ ସ୍କୁଲ୍ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଥିବା ବିଭାଗ ପକ୍ଷରୁ କୁହାଯାଇଛି। ସମସ୍ତ ବିଦ୍ୟାଳୟରେ ଶତପ୍ରତିଶତ ଶିକ୍ଷକ ଓ କର୍ମଚାରୀଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇ ସାରିଛି। ବିଦ୍ୟାଳୟରେ ପଢୁଥିବା ୧୫ରୁ ୧୮ ବର୍ଷ ବୟସର ପିଲାଙ୍କ ମଧ୍ୟରୁ ୫୫%ଙ୍କୁ ଟିକା ଦିଆଯାଇ ସାରିଥିବାବେଳେ ଅବଶିଷ୍ଟ ୪୫ ପ୍ରତିଶତଙ୍କୁ ଖୁବ୍‌ଶୀଘ୍ର ଟିକା ପ୍ରଦାନ କରାଯିବ। ବିଦ୍ୟାଳୟଗୁଡ଼ିକ ଖୋଲିବା ପୂର୍ବରୁ ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ଦ୍ୱାରା ସାନିଟାଇଜେସନ୍ କରାଯାଇଥିଲା। ଶିକ୍ଷକଙ୍କୁ ଥର୍ମାଲ ସ୍କ୍ରିନିଂ, ସାମାଜିକ ଦୂରତା ଏବଂ ମାସ୍କ ପରିଧାନ ପରି ଉପଯୁକ୍ତ କୋଭିଡ୍ ମାର୍ଗଦର୍ଶିକାର କଡ଼ା ଅନୁପାଳନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷକ ଓ ନିରୀକ୍ଷଣ ଅଧିକାରୀଙ୍କୁ ମଧ୍ୟ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଦ୍ୟାର୍ଥୀ ଏବଂ କର୍ମଚାରୀଙ୍କ ସ୍ୱାସ୍ଥ୍ୟଜନିତ ସମସ୍ୟା ସମ୍ବନ୍ଧରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ନିମନ୍ତେ କୁହାଯାଇଛି। ସ୍କୁଲ୍‌ରେ କୌଣସି ସମସ୍ୟା ଉପୁଜିଲେ ଏହାକୁ ତଦାରଖ କରିବା ପାଇଁ ଓସେପା ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ସେଲ୍ ଖୋଲାଯାଇଛି। ତେବେ ଆବଶ୍ୟକ ବ୍ୟବସ୍ଥା କରାଯାଇ ବିଦ୍ୟାଳୟ ଖୋଲିଥିବାରୁ ଛାତ୍ରୀଛାତ୍ର, ଅଭିଭାବକ ତଥା ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ କରୋନାର ତୃତୀୟ ଲହର ସଂକ୍ରମଣକୁ ଦୃଷ୍ଟିରେ ରଖି ଜାନୁୟାରୀ ପ୍ରଥମ ସପ୍ତାହରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ କରାଯାଇଥିଲା। କିନ୍ତୁ ଅନ୍‌ଲାଇନ୍ କ୍ଲାସ୍ ଚାଲିଥିଲା। ଏବେ କରୋନା ସ୍ଥିତି ନିୟନ୍ତ୍ରଣକୁ ଆସିଥିବାରୁ ଛାତ୍ରୀଛାତ୍ରଙ୍କ ବୃହତ୍ତର ଭବିଷ୍ୟତକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ନିଷ୍ପତ୍ତି ନେଇଥିଲେ। ତେବେ ଅଷ୍ଟମରୁ ତଦୂର୍ଦ୍ଧ୍ୱ ଶ୍ରେଣୀରେ ପାଠପଢ଼ା ଆରମ୍ଭ ହୋଇଥିବାବେଳେ ଆସନ୍ତା ୧୪ ତାରିଖରୁ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ସ୍କୁଲ ଖୋଲାଯିବ।

## ପିଲାଙ୍କୁ ସାହସ...

ମୁଖ୍ୟମନ୍ତ୍ରୀ କହିଛନ୍ତି। ପିଲାଙ୍କ ବିନା ସ୍କୁଲର ଅର୍ଥ କିଛି ନାହିଁ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରି କହିଲେ, ବହୁ ଦିନ ପରେ ସ୍କୁଲ ଏବେ ପୁଣି ଚଳଚଞ୍ଚଳ ହୋଇଛି। ପିଲାଙ୍କ କୋଳାହଳରେ ସ୍କୁଲ ଆଜି ନୂଆ ଜୀବନ ପାଇଛି। ପିଲାଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ସ୍କୁଲ ପରିଚାଳନା ବୋର୍ଡକୁ କହିଛନ୍ତି। ସେହିଭଳି ମାତାପିତା ଓ ଅଭିଭାବକମାନେ ପିଲାଙ୍କୁ ସ୍କୁଲ ଛାଡ଼ନ୍ତୁ। ଭଲ ଭାବରେ ମାସ୍କ ପିନ୍ଧାଇ ଛାଡ଼ିବା ସହ କୋଭିଡ ଗାଇଡ୍‌ଲାଇନ ଠିକ୍ ଭାବରେ ପାଳନ କରିବା ପାଇଁ ପିଲାମାନଙ୍କୁ ଉତ୍ସାହିତ କରିବାକୁ ମୁଖ୍ୟମନ୍ତ୍ରୀ ଅଭିଭାବକଙ୍କୁ ଅନୁରୋଧ କରିଛନ୍ତି।

## ବରଫ ତଳେ...

ମାଉଣ୍ଟ ତ୍ରିଶୂଳରେ ହିମସ୍ଖଳନ ଯୋଗୁ ୫ ନୌସେନା ଯବାନଙ୍କ ଜୀବନ ଯାଇଥିଲା। ୨୦୧୯ରେ ସିଆଚେନ୍ ଗ୍ଲେସିୟରରେ ହିମସ୍ଖଳନ ଯୋଗୁ ୬ ଯବାନଙ୍କ ମୃତ୍ୟୁ ଘଟିଥିଲା। ଦୀର୍ଘ ୩୪ ବର୍ଷ ପରେ ଇଟାନଗର ନିକଟବର୍ତ୍ତୀ ଡାରିଆ ହିଲ୍‌ରେ ଏଥର ତୁଷାରପାତ ହୋଇଛି। ସେହିପରି ଦୁଇ ଦଶନ୍ଧି ପରେ ପଶ୍ଚିମ କାମେଙ୍ଗର ରୁପା ସହରରେ ତୁଷାର ପଡ଼ିଛି। ଶନିବାର ୧୦,୨୦୦ ଫୁଟ ଉଚ୍ଚରେ ଥିବା ତାଓ୍ୱାଙ୍ଗ, ୭,୯୨୩ ଫୁଟ ଉଚ୍ଚରେ ଥିବା ବୋମଡିଲା, ମେଚୁଖା, ଜିରୋ, ରୁପା ନଗର ଏବଂ ଡାରିଆରେ ପ୍ରବଳ ତୁଷାରପାତ ହୋଇଥିଲା।

## ଟିକା ପାଇଁ ଆଧାର...

ସିଦ୍ଧାର୍ଥ ଶଙ୍କର ଶର୍ମା ଏହା ବିରୋଧରେ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର କରିଥିଲେ। ଗତବର୍ଷ ଅକ୍ଟୋବର ୧ରେ ସର୍ବୋଚ୍ଚ ଅଦାଲତ ଏହା ଉପରେ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଥିଲେ। ତେବେ ଆଧାର କାର୍ଡକୁ ବାଧ୍ୟତାମୂଳକ କରାଯାଇ ନ ଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସତ୍ୟପାଠ ଜରିଆରେ କୋର୍ଟଙ୍କୁ ଜଣାଇଛନ୍ତି। ଜେଲ୍ ଅନ୍ତେବାସୀ, ମାନସିକ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ତେବାସୀ, ଯେଉଁମାନଙ୍କ ପାଖରେ ପରିଚୟ ପତ୍ର ନାହିଁ, ସେମାନଙ୍କ ଟିକାକରଣ ନିମନ୍ତେ ମଧ୍ୟ ବ୍ୟବସ୍ଥା କରାଯାଇଥିବା ସତ୍ୟପାଠରେ ଦର୍ଶାଯାଇଛି। ପରିଚୟପତ୍ର ନ ଥିବା ପ୍ରାୟ ୮୭ ଲକ୍ଷ ଲୋକ ଟିକା ନେଇସାରିଲେଣି ବୋଲି କେନ୍ଦ୍ର ସରକାରଙ୍କ ଓକିଲ ଖଣ୍ଡପୀଠଙ୍କୁ ଜଣାଇଥିଲେ। ବୈଧ ପରିଚୟ ପ୍ରମାଣପତ୍ର ଦାଖଲ କରିବା ସତ୍ତ୍ୱେ ଆବେଦନକାରୀଙ୍କୁ ଟିକା ଦେବା ଲାଗି ମନା କରିଦିଆଯାଇଥିବାରୁ ସମ୍ପୃକ୍ତ ଘରୋଇ ଟିକାଦାନ କେନ୍ଦ୍ର ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମହାରାଷ୍ଟ୍ର ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ସଚିବଙ୍କୁ ପତ୍ର ଲେଖିଛି। ସରକାରୀ ନୀତି ଅନୁଯାୟୀ ସମସ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସତ୍ୟପାଠରେ କୁହାଯାଇଛି।

## ଇସ୍ରାଏଲରେ ପେଗାସସ୍...

ଅତି ଗମ୍ଭୀର ବୋଲି ବର୍ଣ୍ଣନା କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। କିନ୍ତୁ ସେ ପେଗାସସ୍ ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। ଆତଙ୍କବାଦ ବିରୋଧୀ ଲଢ଼େଇ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ। ଏହା ମାଧ୍ୟମରେ ପକେଟ୍‌ରେ ଥିବା ଫୋନ୍ ଏକ ସ୍ପାଇଂ ଡିଭାଇସ୍ ହୋଇପାରୁଛି ବୋଲି ପ୍ରଧାନମନ୍ତ୍ରୀ ବେନେଟ୍ କହିଛନ୍ତି। ପେଗାସସ୍ ହେଉଛି ଏକ ମାଲୱେର ପ୍ରଡକ୍ଟ, ଯାହାକି ଇସ୍ରାଏଲର ସାଇବର ସୁରକ୍ଷା କମ୍ପାନୀ ଏନ୍‌ଏସ୍‌ଓ ଗ୍ରୁପ୍ ଦ୍ୱାରା ପ୍ରସ୍ତୁତ। ଫୋନ୍ ହ୍ୟାକ୍ କରିବା ପାଇଁ ଏହା ବର୍ତ୍ତମାନ ସମୟରେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ସାଇବର ଅସ୍ତ୍ର ଭାବେ ବିବେଚିତ। ଲୋକଙ୍କ ଅଜାଣତରେ ସେମାନଙ୍କ ମୋବାଇଲ ଫୋନ୍‌ର କ୍ୟାମେରା ଏବଂ ମାଇକ୍ ଚଳାଇବାକୁ ପେଗାସସ୍ ସକ୍ଷମ। ଏହା ମାଧ୍ୟମରେ ରାଜନେତା, ବିରୋଧୀ ନେତା, ବିଚାରପତି, ବ୍ୟବସାୟୀ, ସାମାଜିକକର୍ମୀ, ମାନବାଧିକାର କର୍ମୀ, ଖବରଦାତା ପ୍ରମୁଖଙ୍କ କାର୍ଯ୍ୟକଳାପ ଉପରେ ନଜର ରଖାଯାଇପାରୁଛି। ଏହି ସର୍ଭିଲାନ୍ସ ସଫ୍ଟୱେରକୁ ଭାରତ ସମେତ ଆମେରିକା, ସାଉଦିଆରବ, ମେକ୍ସିକୋ, ପୋଲାଣ୍ଡ, ହଙ୍ଗେରୀ ଭଳି ଅନେକ ଦେଶର ସରକାର କିମ୍ବା ଗୋଇନ୍ଦା ସଂସ୍ଥାଗୁଡ଼ିକୁ ବିକ୍ରି କରାଯାଇଥିବା ତଥ୍ୟ ପ୍ରଘଟ ହୋଇଛି। ଏପରି କି ସବ୍‌ସ୍କ୍ରିପ୍‌ସନ ଆଧାରରେ ଏହା ପରିଚାଳନା ହେଉଥିବା ଜଣାପଡ଼ିଛି। ଭାରତରେ କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ, ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋରଙ୍କ ସମେତ ୩୦୦ରୁ ଉର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତିଙ୍କ ଉପରେ ପେଗାସସ୍ ଗୁପ୍ତଚରଗିରି କରିଥିବା ନେଇ ଅଭିଯୋଗ ଉଠିଥିବାବେଳେ ମାମଲା ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ରହିଛି। ଏଭଳିସ୍ଥଳେ କେନ୍ଦ୍ରର ମୋଦି ସରକାର ୨୦୧୭ରେ ଇସ୍ରାଏଲ ସରକାରଙ୍କ ସହ ଚୁକ୍ତି କରି ପେଗାସସ୍ କିଣିଥିବା ନେଇ ନ୍ୟୁୟର୍କ ଟାଇମ୍ସରେ ଏକ ରିପୋର୍ଟ ଗତ ସପ୍ତାହରେ ପ୍ରକାଶିତ ହୋଇଥିଲା, ଯାହାକୁ ନେଇ ବିରୋଧୀ ଦଳଗୁଡ଼ିକ ପୁଣିଥରେ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି। ତେବେ ଭାରତ ଭଳି ଇସ୍ରାଏଲରେ ମଧ୍ୟ ଏହି ସ୍ପାଏୱେର ଦ୍ୱାରା ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକଙ୍କୁ ଟାର୍ଗେଟ କରାଯାଇ ସେମାନଙ୍କ ପ୍ରିଭେସି ଉଲ୍ଲଂଘନ କରାଯାଇଛି।

ସୂଚନାଥାଉ କି, ସୋମବାର ଉପରୋକ୍ତ ତଥ୍ୟ ପ୍ରଘଟ ହେବା ପୂର୍ବରୁ ଦେଶରେ ପେଗାସସ୍‌ର ସମ୍ଭାବ୍ୟ ବ୍ୟବହାର ସମ୍ପର୍କରେ ତଦନ୍ତ କରାଯିବାକୁ ଇସ୍ରାଏଲର ଆଟର୍ନି ଜେନେରାଲ, ଷ୍ଟେଟ୍ କମ୍ପଟ୍ରୋଲର ଆଣ୍ଡ ଜଷ୍ଟିସ୍ ମିନିଷ୍ଟ୍ରିର ଗୋପନୀୟତା ନିରୀକ୍ଷଣକାରୀ ସଂସ୍ଥା ଘୋଷଣା କରିଥିଲା। ପ୍ରକାଶିତ ରିପୋର୍ଟ ଅନୁଯାୟୀ ଟାର୍ଗେଟ୍ ହୋଇଥିବା ବ୍ୟକ୍ତିମାନଙ୍କୁ କୌଣସି ଆପରାଧିକ ଦୃଷ୍ଟିରୁ ସନ୍ଦେହ କରାଯାଉ ନ ଥିଲା। ସେମାନଙ୍କ ଉପରେ ନ୍ୟାୟିକ ତଦାରଖ ମଧ୍ୟ କରାଯାଉ ନ ଥିଲା। ପୋଲିସ ସେମାନଙ୍କ ବିରୋଧରେ ପେଗାସସ୍ ବ୍ୟବହାର କରିବା ପାଇଁ କୋର୍ଟର ଅନୁମତି ମାଗି ନ ଥିଲା। କାରଣ ଅନୁମତି ମିଳିବ ନାହିଁ ବୋଲି ପୋଲିସ ଜାଣିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଜନ୍ମ ଚନ୍ଦ୍ର ଜୀବନଯାତ୍ରାକୁ ସାବଲୀଳ କରାଇବାରେ ସହାୟକ ହେବ। ହଜିଲା ବଳଦ ଖୋଜିଲା ଠେଇଁ ପରି ହାତ ପାଆନ୍ତାକୁ ସୁବିଧା,ସୁଯୋଗ ଜୁଟିଯିବ। ପ୍ରତ୍ୟେକ ଦିଗରୁ ଲାଭବାନ୍ ହେବେ ଓ ଯାହା ଖୋଜୁଛନ୍ତି ତାହା ପାଇବେ। ସ୍ଥଗିତ କାମ ତ୍ୱରାନ୍ୱିତ ହେବ। ଉପସ୍ଥିତ ବୁଦ୍ଧି ଖଟାଇ ପ୍ରତିକୂଳ ପରିସ୍ଥିତିକୁ ସମ୍ଭାଳି ନେବେ।

**ବୃଷ**
ମୃଗଶିରା ନକ୍ଷତ୍ର କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଚାପରେ ପଡ଼ି ଏକାଧିକ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ଟେନ୍‌ସନ ବୃଦ୍ଧି ପାଇପାରେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ।

**ମିଥୁନ**
ସମ୍ପର୍କୀୟଙ୍କ ଭିତିରି ଶତ୍ରୁତାରୁ ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଅନ୍ୟମାନଙ୍କ କାନକୁହା କଥା ଉପର ଅଧିକାରୀମାନେ ଖପ୍ପା ହୋଇପାରନ୍ତି। ଗୋପନ କଥାକୁ ମନରେ ରଖିପାରିବେ ନାହିଁ, ଅନ୍ୟକୁ କହି ସମାଲୋଚିତ ହେବେ।

**କର୍କଟ**
ପାରିବାରିକ ଜୀବନରେ ବିପରୀତ ବାତାବରଣ ସୃଷ୍ଟି କରିବା କାରଣରୁ ମନ ବିଷାଦିତ ରହିବ। ସାଧାରଣ କଥାକୁ କେନ୍ଦ୍ରକରି ଅଶାନ୍ତ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ଆନୁଷ୍ଠାନିକ କାମ ଓ ସଭାସମିତିରେ ସଫଳତା ହାସଲ କରିବେ।

**ସିଂହ**
ଆପଣଙ୍କ ଯୁକ୍ତିଯୁକ୍ତ କଥାକୁ ବନ୍ଧୁମାନେ ପସନ୍ଦ କରିବା ସହ କାର୍ଯ୍ୟରେ ସହମତି ପ୍ରକାଶ କରିବେ। ପିଲାଙ୍କ ସମସ୍ୟା ଭିତରେ ନିଜେ ବାନ୍ଧି ହୋଇଯାଇପାରନ୍ତି। ଦୀର୍ଘଦିନରୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇ ମନ ଖୁସି ହୋଇଯିବ। ଆର୍ଥିକ ସ୍ୱଚ୍ଛଳତା ଥିଲେ ମଧ୍ୟ ଆବଶ୍ୟକତା ପୂରଣ ସକାଶେ ଧନ୍ଦିହେବାକୁ ପଡ଼ିପାରେ।

**କନ୍ୟା**
ବହୁବିଧ ସମସ୍ୟା ରହିଥିଲେ ମଧ୍ୟ ବିଶେଷ ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ସହକର୍ମୀଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି, ଯାହାକି ଆଗାମୀ ସମୟ ପାଇଁ କାମରେ ଆସିବ। ପାରିବାରିକ, ବ୍ୟବସାୟିକ, ସାମାଜିକ, ରାଜନୈତିକ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ତୁଳା**
ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇ ଖୁସି ରହିବେ ଏବଂ କାବ୍ୟ, ସାହିତ୍ୟ, କଳା, କାରିଗରି ପ୍ରତି ରୁଚି ବଳିବ। ଶୁକ୍ରଙ୍କ ପ୍ରଭାବରୁ ବିଳାସବ୍ୟସନ ଦିଗକୁ ମନ ବଳାଇପାରନ୍ତି। ବାଣିଜ୍ୟ, ନିର୍ମାଣାଦି କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ। ବିବାଦୀୟ ପରିସରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ।

**ବିଛା**
କୌଶଳରେ କାମ ହାସଲ ପାଇଁ ଚେଷ୍ଟାକଲେ ଉପକୃତ ହେବେ। ପ୍ରଶାସନିକ ସ୍ତରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇପାରିବ। ପ୍ରିୟ ବ୍ୟକ୍ତିଙ୍କ ସହଯୋଗରୁ ମୂଲ୍ୟବାନ୍ ଦ୍ରବ୍ୟ ପାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, କ୍ରୀଡ଼ା, ଚଳଚ୍ଚିତ୍ର ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ଆଶା କ୍ଷୀଣ ରହିଛି।

**ଧନୁ**
ସାମାନ୍ୟ ବଚସାରୁ ପ୍ରିୟବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେବା ସାଙ୍ଗକୁ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ପିଲାମାନଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

**ମକର**
ସକାଳୁ ଅର୍ଥ ସାହାଯ୍ୟ ଆଶାରେ ବନ୍ଧୁଙ୍କୁ ବିଭିନ୍ନ କଥା କହି ସଫଳତା ହାସଲ କରିବେ। ଶିକ୍ଷାକ୍ଷେତ୍ରରେ, ପରୀକ୍ଷାରେ, ଆଲୋଚନାରେ, ତର୍କବିତର୍କରେ, ଆଶାନୁଯାୟୀ ସୁଫଳ ପାଇ ପ୍ରଶଂସିତ ହେବେ। ପାରିବାରିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପାଖ ପଡ଼ୋଶୀମାନଙ୍କ ସହ ସମ୍ପର୍କ ତିକ୍ତ ହୋଇପାରେ।

**କୁମ୍ଭ**
ସମସ୍ୟା ଲାଗି ରହିଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ। ଶିଳ୍ପ, ବାଣିଜ୍ୟ,ବ୍ୟବସାୟ, ବିବାଦ, ତର୍କ, ଆଲୋଚନା, କ୍ଷେତ୍ରରେ ପ୍ରତିଷ୍ଠିତ ହେବେ। ଅଫିସିଆଲି କାମ ହାସଲ କରିବା ସକାଶେ ଆଗନ୍ତୁକଟି ଆପଣଙ୍କ ପ୍ରଶଂସାରେ ଶତମୁଖ ହୋଇ ଉଠିବ। ପରିବାରରେ ମତାନ୍ତରୁ ମନାନ୍ତର ସୃଷ୍ଟି ହେବା ଆଶଙ୍କା ରହିଛି।

**ମୀନ**
ଆଜି ସକାଳୁ କୌଣସି ଭଦ୍ରବ୍ୟକ୍ତିଙ୍କ ସହ ଆଲୋଚନା ପରେ ମନର ସ୍ଥିତିକୁ ଦୃଢ଼ କରିପାରନ୍ତି। ଏଣେ କର୍ମକ୍ଷେତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣକରି ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ବନ୍ଧୁମାନଙ୍କ ନିକଟରୁ ଶୁଣାକଥାକୁ ବିଶ୍ୱାସକରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।


## classifieds Everyday
0674-2580101, 2549302

**real estate**

### SALE

**Gated community township gharabari plot sale in Gudiapokhari near KEC College with 30' road, Electricity, boundarywall. 8763887357, 8144730854.** D-71786

ଝିଅ ବାହାଘର ପାଇଁ ସୁନ୍ଦରପଦାର ଖେତ୍ରପାଳ ମୌଜାରେ ୫୦୦୦ବର୍ଗଫୁଟ ପ୍ଲଟ୍ 45,00,000/-, ବେଣାବିଲ ମୌଜାରେ 20,00,000/- ବିକ୍ରି କରିବି। 9853150290. D-71790

**Bhubaneswar Sum Hospitalରୁ 4 K.M. distance ଘରବାରି ପଟ୍ଟା, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। Immediate registration and possession. 9090963952.** D-71772

**ବ୍ରାହ୍ମଣଝରିଲୋ ବଜାରରୁ 1K.M. ମଧ୍ୟରେ ଘରବାରି, road, ଇଲେକ୍ଟ୍ରିସିଟି ସହ ପିଚୁ ରାସ୍ତାକୁ ଲାଗି plot/simplex ସୁଲଭ ମୂଲ୍ୟରେ ମିଳୁଛି। (Bank finance available). 9938163369, 8093053603.** D-71787

ଭୁବନେଶ୍ୱର ଜଟଣୀଗେଟ୍ ଠାରୁ ଅଳ୍ପ ଦୂରତାରେ (per sqft.- 600/-ରୁ 300/-) ରାସ୍ତା ଥିବା ପ୍ଲଟ୍ ମିଳୁଛି। Contact: 7606015965, 8114994259. D-23040

**ଭୁବନେଶ୍ୱର ହଂସପାଳଛକରୁ 5K.M. ମଧ୍ୟରେ (New BDA Planing Area) 30' ରାସ୍ତା, ଘରବାରି, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। 9938014369, 8093053602.** D-71788

**healthcare**

**Relax, refresh your body, mind at Lotus SPA with best therapies. 8018891951.** D-71856

**H2O SPA Service fullbody massage, refresh your mind & relaxed by Professional Lady Therapist. 9937462294.** D-23058

Newly open SPA positively health benefits by expert therapist. 7846814019. D-71470

Newly open SPA positively health benefit with Expert. Contact: 7749976301. D-71939

Relax, Refresh your body, Mind at Saikrupa Spa with best therapies. 8984068077. D-23068

Newly open full body massage ladies and gents. 8327740003. D-71855

Newly open SPA positively health benefits by expert therapist. 8455987557. D-71471

Refreshing your mind and body with the best therapy, 7873794731. D-23024

Newly opening SPA positively health benefits with expert therapist. 8917332216. D-71941

Full body massage in homely atmosphere all therapy. Contact: 8114881641. D-60895

### AFFIDAVIT

By virtue of an affidavit sworn before the Notary Public, Sonepur on Dt. 07.02.2022, I Jogeswar Mahananda, S/o- Kamal Mahananda, Village- Buromunda, PO- Bishimunda, Dist. Subarnapur declare that, my name has been wrongly mentioned in my B.A. Certificate and Mark Sheet of Indira Gandhi National Open University as Jogeshwar Mahananda instead of Jogeswar Mahananda. That both the names belongs to the one and same person. D-23072

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ପୁଣି ଚୋରି କରି ଧରାପଡ଼ିଲେ ହେମନ୍ତ

- ସୁନା, ଆଇଫୋନ, ୨୨ ହଜାର ଟଙ୍କା ଜବତ
- ହେମନ୍ତଙ୍କ ନାଁରେ ରହିଛି ୧୧୦ ମାମଲା
- ଥାନାରେ ଅଣ୍ଡରଟେକିଂ ଲେଖିବା ପରେ ବି ଚୋରି କଲେ

**କଟକ ଅଫିସ, ୭।୨**

ଚୋରି କରିବେନି ବୋଲି ଥାନାରେ ଅଣ୍ଡରଟେକିଂ ଲେଖିବା ସହ ଅନ୍ୟମାନଙ୍କୁ ଚୋରିରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ। ହେଲେ ସବୁକିଛି ଭୁଲି ପୁଣି ଚୋରି ବୃତ୍ତିକୁ ଆପଣାଇଲେ। ଫଳରେ ଏବେ ଏକ ଚୋରି ମାମଲାରେ ବାଦାମବାଡ଼ି ଥାନା ପୋଲିସ ହାତରେ ଧରାପଡ଼ିଛନ୍ତି ଭୁବନେଶ୍ୱର ଲିଙ୍ଗରାଜ ଥାନା ଅଞ୍ଚଳର ପେଷାଦାର ଆନ୍ତଃରାଜ୍ୟ ଚୋର ହେମନ୍ତ କୁମାର ଦାସ (୫୯)। ସେହିପରି ଚୋରି ସୁନା କିଣିଥିବା ଅଭିଯୁକ୍ତ କଟକ ବାରଙ୍ଗ ଥାନା ଅଞ୍ଚଳର ବୈଦ୍ୟନାଥ ସାହୁ(୩୭)ଙ୍କୁ ତାଙ୍କ ଘରୁ ଗିରଫ କରାଯାଇଛି। ଉଭୟଙ୍କ ନିକଟରୁ ୬୦ ଗ୍ରାମ ସୁନା ଓ ଚାନ୍ଦି ଅଳଙ୍କାର ସମେତ ଏକ ଆଇଫୋନ, ନଗଦ ୨୨ହଜାର ଟଙ୍କା ଜବତ ହୋଇଛି।

ହେମନ୍ତ ଜଣେ ପେଷାଦାର ଆନ୍ତଃରାଜ୍ୟ ଚୋର ଓ ତାଙ୍କ ନାମରେ ଶହେରୁ ଊର୍ଦ୍ଧ୍ୱ ମାମଲା ରହିଛି ବୋଲି କଟକ ଏସିପି ଅମରେନ୍ଦ୍ର ପଣ୍ଡା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସିପି ପଣ୍ଡା କହିଛନ୍ତି, ହେମନ୍ତଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ୧୧୦ଟି ଓ ବୈଦ୍ୟନାଥଙ୍କ ନାମରେ ୯ଟି ମାମଲା ରହିଛି। ହେମନ୍ତ ୧୯୮୬ରୁ ଏହି ବୃତ୍ତିକୁ ଅପଣାଇଥିବାବେଳେ ଓଡ଼ିଶା ସମେତ ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ରରେ ସେ ଚୋରି କରିଛନ୍ତି। ଚୋରି ମାମଲାରେ ଆଉ କେଉଁମାନେ ସମ୍ପୃକ୍ତ ଏବଂ କେଉଁଠାରୁ କେତେ କ'ଣ ଚୋରି କରିଛନ୍ତି ସେ ନେଇ ଅଧିକ ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ, ଗତ ୨୯ତାରିଖରେ ବାଦାମବାଡ଼ି ଥାନା ଅଞ୍ଚଳର ପ୍ରତାପ ଚନ୍ଦ୍ର ଦାସ ଥାନାରେ ଅଭିଯୋଗ କରିଥିଲେ ଯେ, କୌଣସି ଦୁର୍ବୃତ୍ତ ତାଙ୍କ ଘର


ଗିରଫ ୨ ଅଭିଯୁକ୍ତ, ଜବତ ଟଙ୍କା ଓ ସୁନାଗହଣା।

ଓ କାର୍ଯ୍ୟାଳୟର ତାଲା ଭାଙ୍ଗି ସୁନା ଅଳଙ୍କାର ଓ ନଗଦ ୫୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ପୋଲିସ ଏ ନେଇ ଏକ କେସ୍ (ନଂ. ୩୧/୨୧) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଅନ୍ୟପକ୍ଷରେ ବାଧ୍ୟବାଧକତାରେ ଚୋରି ବୃତ୍ତିକୁ ଆପଣାଇଥିବା ହେମନ୍ତ କହିଛନ୍ତି। ସେ ପ୍ରାୟ ଶହେ ଥର ଜେଲ ଯାଇଥିବାବେଳେ ଚୋରି ଏବେ ତାଙ୍କର ଅଭ୍ୟାସ ପାଲଟିଯାଇଛି। ଘରଲୋକ ବାରଣ କଲେ ବି ଏହି ବୃତ୍ତି ଛାଡ଼ିପାରୁ ନାହାନ୍ତି ବୋଲି କହିଛନ୍ତି। ଜାଲ୍ ଆଧାର କାର୍ଡ ଓ ଚୋରି ଅର୍ଥରେ ଦେଶସାରା ବୁଲିଛି। ଏଥର ଜେଲରୁ ବାହାରିବା ପରେ ଚୋରି କରିବେ କି ନାହିଁ ପ୍ରଶ୍ନର ଉତ୍ତରରେ କିଛି କହିହେବ ନାହିଁ ବୋଲି ହେମନ୍ତ କହିଥିଲେ।

# ବର୍ଷାଙ୍କ ସ୍ୱାଉସ୍ କାର୍ଡ ପ୍ରତ୍ୟାହାର ଉପରେ ସ୍ଥଗିତାଦେଶ

**କଟକ ଅଫିସ, ୭।୨**

ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତିଙ୍କ ସହଧର୍ମିଣୀ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ପାର୍ଲାମେଣ୍ଟ ସ୍ୱାଉସ୍ କାର୍ଡ ପ୍ରତ୍ୟାହାର ଉପରେ ସୋମବାର ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ଏଥିସହ ପାର୍ଲାମେଣ୍ଟ ମହାସଚିବ, ଉପନିର୍ଦ୍ଦେଶକ ଏବଂ ଅନୁଭବଙ୍କୁ ଜବାବ ରଖିବାକୁ କୋର୍ଟ କହିଛନ୍ତି। ବର୍ଷାଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ଏହି ଆଦେଶ ଦେଇଛନ୍ତି। ସେହିପରି ବୈବାହିକ ଜୀବନକୁ



ନେଇ ଅନୁଭବ ବାରମ୍ବାର ଗଣମାଧ୍ୟମରେ ଯେଉଁଭଳି ବିବୃତି ରଖୁଛନ୍ତି ତାହାକୁ ବନ୍ଦ କରିବାକୁ ମଧ୍ୟ ବର୍ଷା କୋର୍ଟରେ ଆବେଦନ କରିଛନ୍ତି। ଆସନ୍ତା ମାର୍ଚ୍ଚ ୧୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।


ସୂଚନାଯୋଗ୍ୟ, ଅନୁଭବ ଓ ବର୍ଷାଙ୍କ ମଧ୍ୟରେ ଚାଲିଥିବା ପାରିବାରିକ ବିବାଦ ମାମଲା ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କଟକର ପାରିବାରିକ ଅଦାଲତରେ ବିଚାରାଧୀନ ରହିଛି। ଏପରିସ୍ଥଳେ ବର୍ଷାଙ୍କୁ ଦିଆଯାଇଥିବା ପାର୍ଲାମେଣ୍ଟ ସ୍ୱାଉସ୍ ଆଇଡେଣ୍ଟିଟି କାର୍ଡ ପ୍ରତ୍ୟାହାର କରିନେବାକୁ ଅନୁଭବ ଲୋକ ସଭା ସଚିବଙ୍କୁ ଆବେଦନ କରିଥିଲେ। ଏହା ପରେ ବର୍ଷାଙ୍କୁ ମିଳିଥିବା ସ୍ୱାଉସ୍ କାର୍ଡକୁ ଫେରାଇବା ପାଇଁ ପାର୍ଲାମେଣ୍ଟ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ବର୍ଷା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ନାଲ୍‌କୋର ୩ୟ ତ୍ରୈମାସରେ ୩.୫% ଅଭିବୃଦ୍ଧି

## ୮୩୧ କୋଟି ଟଙ୍କାର ନିଟ୍ ଲାଭ

**ଭୁବନେଶ୍ୱର,୭।୨**

ଆଲୁମିନା ଏବଂ ଆଲୁମିନିୟମ୍ ଉତ୍ପାଦନକାରୀ ଓ ରପ୍ତାନିକାରୀ ଉଦ୍ୟୋଗ ନ୍ୟାଶନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)୨୦୨୧-୨୨ ଆର୍ଥିକ ବର୍ଷର ୩ୟ ତ୍ରୈମାସରେ ଅଭୂତପୂର୍ବ ସଫଳତା ହାସଲ କରିଛି। ଏହି ଆର୍ଥିକ ବର୍ଷର ୩ୟ ତ୍ରୈମାସରେ କମ୍ପାନୀ ଏହାର ନିଟ୍ ଲାଭରେ ପ୍ରାୟ ୩.୫ ଗୁଣ ଅଭିବୃଦ୍ଧି ହାସଲ କରି ୮୩୧ କୋଟି ଟଙ୍କା ନିଟ୍ ଲାଭ କରିଛି। ଏହା ଗତ ବର୍ଷର ସମାନ ଅବଧି ମଧ୍ୟରେ ହୋଇଥିବା ନିଟ୍ ଲାଭ ୨୪୦ କୋଟି ଟଙ୍କାର ୨୪୬% ଅଟେ। ୨୦୨୧ ଡିସେମ୍ବର ଶେଷ ସୁଦ୍ଧା ନାଲ୍‌କୋ ହାସଲ କରିଥିବା ନିଟ୍ ଲାଭ ୧୯୨୬ କୋଟି ଟଙ୍କା ମଧ୍ୟ ଏକ ସର୍ବକାଳୀନ ରେକର୍ଡ। ଏହି ଆର୍ଥିକ ବର୍ଷର ୯ ମାସରେ କମ୍ପାନୀ ଏହାର ନିଟ୍ ଲାଭରେ ପ୍ରାୟ ୫ଗୁଣ ଅଭିବୃଦ୍ଧି ହାସଲ କରିଛି, ଯାହା ଗତ ବର୍ଷର ଏହି ଅବଧିରେ ହୋଇଥିବା ଲାଭ ୩୬୪ କୋଟି ଟଙ୍କା ଉପରେ ୪୨୯%। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷର ୩ୟ ତ୍ରୈମାସରେ ପରିଚାଳନାଗତ ମୋଟ ରାଜସ୍ୱରେ ଅଭିବୃଦ୍ଧି ଘଟି ୩,୭୭୩ କୋଟି ଟଙ୍କା ହୋଇଛି। ଯାହା ଗତ ବର୍ଷ ଏହି ଅବଧିରେ ୨,୩୭୯ କୋଟି ଟଙ୍କା ରହିଥିଲା। କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ କମ୍ପାନୀ ନାଲ୍‌କୋର ଉଲ୍ଲେଖନୀୟ ସଫଳତା ପଛରେ ନିରବଚ୍ଛିନ୍ନ କଞ୍ଚାମାଲ ଯୋଗାଣ ତଥା ଉତ୍ପାଦନ ବୃଦ୍ଧି, ଯୋଜନାବଦ୍ଧ ବିଦ୍ୟୁତ ପରିଚାଳନା, ବିଶେଷ କରି କୋଇଲା ସଂକଟ ସମୟରେ



ଉତ୍ପାଦନ କ୍ଷମତାର ସୁବିନିଯୋଗ ଏବଂ ୟୁନିଟ୍‌ଗୁଡ଼ିକର ସୁପରିଚାଳନା ଦ୍ୱାରା ଏହି ଉତ୍କୃଷ୍ଟ ପ୍ରଦର୍ଶନ ସମ୍ଭବ ହୋଇପାରିଛି। ଏଥି ସହ ନାଲ୍‌କୋ ପ୍ରତି ଶେୟାର ଉପରେ ୩ ଟଙ୍କାର ଦ୍ୱିତୀୟ ମଧ୍ୟବର୍ତ୍ତୀ ଡିଭିଡେଣ୍ଡ ମଧ୍ୟ ଘୋଷଣା କରିଛି। ଏଥି ପୂର୍ବରୁ ଡିସେମ୍ବର ୨୦୨୧ରେ ଇକ୍ୱିଟି ଶେୟାର ପ୍ରତି ୨ଟଙ୍କାର ପ୍ରଥମ ମଧ୍ୟବର୍ତ୍ତୀ ଡିଭିଡେଣ୍ଡ ମଧ୍ୟ ପ୍ରଦାନ କରାଯାଇଥିଲା, ଚଳିତ ଆର୍ଥିକ ବର୍ଷରେ ପ୍ରଦାନ କରାଯାଇଥିବା ମୋଟ ମଧ୍ୟବର୍ତ୍ତିକାଳୀନ ଡିଭିଡେଣ୍ଡ୍ ଇକ୍ୱିଟି ଶେୟାର ପୁଞ୍ଜିର ୧୦୦% ଅଟେ।

୨୦୨୧-୨୨ ଆର୍ଥିକବର୍ଷର ୯ମାସ ମଧ୍ୟରେ କମ୍ପାନୀ ଗତ ବର୍ଷର ୫୩.୪୮ ଲକ୍ଷ ଟନ୍ ତୁଳନାରେ ୫୫.୦୩ ଲକ୍ଷ ଟନ୍ ବକ୍ସାଇଟ୍ ଉତ୍ପାଦନ କରିଛି। ସେହିଭଳି ଆଲୁମିନା ହାଇଡ୍ରେଟ୍ ୧୫.୦୭ ଲକ୍ଷ ଟନ୍ ତୁଳନାରେ ୧୫.୪୧ ଲକ୍ଷ ଟନ୍ ଉତ୍ପାଦନ ହୋଇଛି। ଆଲୁମିନିୟମ୍ ଉତ୍ପାଦନ ମଧ୍ୟ ସ୍ମେଲଟର ପ୍ଲାଣ୍ଟର ସମ୍ପୂର୍ଣ୍ଣ କ୍ଷମତା ବ୍ୟବହାର ସହିତ ଡିସେମ୍ବର ୨୦୨୧ ସୁଦ୍ଧା ଶେଷ ହୋଇଥିବା ପ୍ରଥମ ନଅ ମାସରେ ୩.୪୩ ଲକ୍ଷ ଟନ୍ ହୋଇଛି, ଯାହା ଗତ ବର୍ଷର ଏହି ଅବଧିରେ ୩.୦୬ ଲକ୍ଷ ଟନ ଥିଲା। ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟ ଏହାର ଇତିହାସରେ ପ୍ରଥମଥର ପାଇଁ ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଶତପ୍ରତିଶତ କ୍ଷମତା ବିନିଯୋଗ କରିବା ସହ ୯୬୦ଟି ପଟ୍ ଏକକାଳୀନ କାର୍ଯ୍ୟ କରାଇବାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିପାରିଛି।

ଏ ସମ୍ପର୍କରେ ନାଲ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର କହିଛନ୍ତି, ଏହି ସଫଳତାର ଶ୍ରେୟ ଆମର କର୍ମଚାରୀମାନଙ୍କର ନିଷ୍ଠାପର ସେବା ଏବଂ ଅକ୍ଳାନ୍ତ ପରିଶ୍ରମ ଯୋଗୁ ସମ୍ଭବ ହୋଇପାରିଛି। ଏଥିସହ ଉତ୍ପାଦନ, ଉତ୍ପାଦକତା ଉପରେ ଗୁରୁତ୍ୱ ପ୍ରଦାନ କରିବା ସହିତ କମ୍ପାନୀର ଉତ୍ପାଦନ, ଜନଶକ୍ତି ଏବଂ ପରିଯୋଜନା ଉପରେ ବିଶେଷ ଧ୍ୟାନ ଦ୍ୱାରା ଏହା ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି।

# ରାଜ୍ୟପାଳଙ୍କୁ ଇଚ୍ଛାମୃତ୍ୟୁ ପାଇଁ ଆବେଦନ

## ଭୁଲ୍ ଚିକିତ୍ସାର ପରିଣତି

**କେନ୍ଦ୍ରାପଡ଼ା ଅଫିସ,୭।୨**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଗୋବିନ୍ଦପୁର ଗାଁର ଅମୂଲ୍ୟ ରାଉତଙ୍କ ପୁଅ ପରମେଶ୍ୱର (୨୮) ରାଜ୍ୟପାଳଙ୍କୁ ଇଚ୍ଛାମୃତ୍ୟୁ ପାଇଁ ସୋମବାର ଆବେଦନପତ୍ର ପଠାଇଛନ୍ତି। ଏକ ଘରୋଇ ହସ୍ପିଟାଲର ଚିକିତ୍ସା ପାଇଁ ତାଙ୍କର ଜୀବନ ଦୁର୍ବିଷହ ହୋଇଥିବା ସେ ଆବେଦନପତ୍ରରେ ଦର୍ଶାଇଛନ୍ତି। ଆର୍ଥିକ ଶୋଷଣ ପରେ ଭୁଲ୍ ଚିକିତ୍ସା କରିଥିବାରୁ ଏ ନେଇ ଭୁବନେଶ୍ୱରସ୍ଥିତ ଭରତପୁର ଥାନା, ହସ୍ପିଟାଲ କର୍ତ୍ତୃପକ୍ଷ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଛି। ହେଲେ ଘରୋଇ ହସ୍ପିଟାଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ମାନସିକ ଅଶାନ୍ତି ବଢୁଛି। ଶଯ୍ୟାଶାୟୀ ହୋଇ ରହିବାକୁ ଇଚ୍ଛା ନ ଥିବା ଏଥିରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ବାପା ଅମୂଲ୍ୟ କହିଛନ୍ତି, ୨୦୨୧ ମେ ୧୬ରେ ପରମେଶ୍ୱର ପାହାଚରୁ ତଳେ ପଡ଼ିବାରୁ ଗୋଡ଼ରେ ଯନ୍ତ୍ରଣା ହୋଇଥିଲା। ୧୭ ତାରିଖରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ନେବା ପରେ ଡାକ୍ତରମାନେ ଏମ୍‌ଆର୍‌ଆଇ ପାଇଁ ପରାମର୍ଶ ଦେଇଥିଲେ। ନିକଟସ୍ଥ ଏକ ହସ୍ପିଟାଲରୁ ଟେଷ୍ଟ ପରେ ଆଣ୍ଠୁରେ ଆଣ୍ଟେରିଅର କ୍ରୁସିଏଟ ଲିଗାମେଣ୍ଟ (ଏସିଏଲ୍) ଅପରେଶନ ଆବଶ୍ୟକ ବୋଲି କୁହାଯାଇଥିଲା। ୨୨ ତାରିଖରେ ରିପୋର୍ଟ ସହ ହସ୍ପିଟାଲରେ ଆଡମିଶନ ପରେ କର୍ତ୍ତୃପକ୍ଷ ରିପୋର୍ଟ ଭୁଲ୍ ଦର୍ଶାଇଥିଲେ। ଏପରିକି ଏସିଏଲ୍ ସହିତ ମେଡିଆଲ କୋଲାଟେରାଲ ଲିଗାମେଣ୍ଟ ଅପରେଶନ ହେବ ବୋଲି ଡାକ୍ତର ପରୀକ୍ଷା ପରେ କହିଥିଲେ। ଏଥିପାଇଁ ଆବଶ୍ୟକ ଟଙ୍କା ନେଇ ଅପରେଶନ କରିଥିଲେ ମଧ୍ୟ ଜଂଘରୁ ଏକ ପିନ୍ ବାହାର କରାଯାଇ ନ ଥିଲା। ପିନ୍ ପାଇଁ ଯନ୍ତ୍ରଣା ହେବାରୁ ଅନ୍ୟ ହସ୍ପିଟାଲରେ ପରାମର୍ଶ ପରେ ବାହାର କରାଯାଇଛି। ପରମେଶ୍ୱର ଏବେବି ଚାଲିବୁଲି ପାରୁନାହାନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-HDS-PRDP-WORKS-258, ତା.02.02.2022ରିଖ

କାର୍ଯ୍ୟର ନାମ : 36 (ଛତିଶି) ମାସ ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ହରିଦାସପୁର-ପାରାଦ୍ୱୀପ BG ଲିଙ୍କ୍ ସେକ୍ସନରେ ସିଗ୍ନାଲିଙ୍ଗ୍ ଏବଂ ଟେଲିକମ୍ୟୁନିକେସନ ଗିଅର ଏବଂ ଆସେଟ୍ (Assets)ଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ପରିଚାଳନା।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 5,87,23,154.04, EMD (ଟଙ୍କାରେ) : 4,43,600/-।

ବିଡ୍ ଆରମ୍ଭ ହେବା ତାରିଖ : ତା.10.02.2022ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.02.2022 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍

PR-784/M/21-22

**ଫର୍ମ ଜି**
**ଆଗ୍ରହର ଅଭିବ୍ୟକ୍ତି ଆମନ୍ତ୍ରଣ ନିମନ୍ତେ**

ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି (ଇନ୍‌ସଲ୍‌ଭେନ୍ସି ରିଜୋଲ୍ୟୁଶନ୍ ପ୍ରୋସେସ୍ ଫର୍ କର୍ପୋରେଟ୍ ପର୍ସନ୍ସ) ରେଗୁଲେସନ୍ସ, ୨୦୧୬ର ରେଗୁଲେଶନ୍ ୩୬ଏ (୧) ଅଧୀନରେ

| | ସମ୍ପର୍କିତ ବିବରଣୀ | |
|---|---|---|
| ୧ | କର୍ପୋରେଟ୍ ଋଣୀଙ୍କ ନାମ | ଏମ୍‌ଏସ୍‌ପି ମେଟାଲିକ୍ସ ଲିମିଟେଡ୍ |
| ୨ | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ୨୯।୧୧।୧୯୯୬ |
| ୩ | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଛନ୍ତି | କମ୍ପାନୀ ନିବନ୍ଧକ, କୋଲକାତା |
| ୪ | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ୟୁ୨୭୧୦୯ଡବ୍ଲ୍ୟୁବି୧୯୯୬ପିଏଲ୍‌ସି୦୮୨୧୩୮ |
| ୫ | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | ପଞ୍ଜୀକୃତ କାର୍ଯ୍ୟାଳୟ - ୧ କ୍ରୁକେଡ୍ ଲେନ୍, ତଳ ମହଲା, କୋଲକାତା, ପଶ୍ଚିମବଙ୍ଗ - ୭୦୦୦୬୯ |
| ୬ | କର୍ପୋରେଟ୍ ଋଣୀଙ୍କ ଇନ୍‌ସଲ୍‌ଭେନ୍ସି ଆରମ୍ଭ ତାରିଖ | ୨୫।୧୧।୨୦୨୧ |
| ୭ | ଆଗ୍ରହର ଅଭିବ୍ୟକ୍ତି ଆମନ୍ତ୍ରଣ ତାରିଖ | ୦୮।୦୨।୨୦୨୨ |
| ୮ | ସଂହିତାର ଧାରା ୨୫(୨)(ଏଚ୍) ଅଧୀନରେ ଆବେଦନକାରୀଙ୍କ [illegible] | ସଂହିତାର ଧାରା ୨୫(୨) ଏଚ୍ ଅଧୀନରେ ସମ୍ଭାବ୍ୟ ମୀମାଂସା [illegible] |
| ୯ | [illegible] | [illegible] |
| ୧୦ | [illegible] | [illegible] |
| ୧୧ | [illegible] | [illegible] |
| ୧୨ | [illegible] | [illegible] |
| ୧୩ | [illegible] | [illegible] |
| ୧୪ | [illegible] | [illegible] |
| ୧୫ | [illegible] | [illegible] |
| ୧୬ | [illegible] | [illegible] |
| ୧୭ | [illegible] | [illegible] |
| ୧୮ | [illegible] | [illegible] |
| ୧୯ | [illegible] | [illegible] |
| ୨୦ | [illegible] | [illegible] |
| ୨୧ | [illegible] | [illegible] |
| ୨୨ | [illegible] | [illegible] |
| ୨୩ | ଫର୍ମ ଜି ପ୍ରକାଶନର ତାରିଖ | ୦୮।୦୨।୨୦୨୨ |

ଶ୍ରୀ ଦୀପ୍ତି ରଞ୍ଜନ ନାଥ
ଅନ୍ତରୀଣ ମୀମାଂସା ବୃତ୍ତିଧାରୀ
ଏମ୍‌ଏସ୍‌ପି ମେଟାଲିକ୍ସ ଲିମିଟେଡ୍ ପାଇଁ
ପଞ୍ଜୀକରଣ ସଂଖ୍ୟା: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୯୭୬/୨୦୧୭-୨୦୧୮/୧୧୬୦୬
#୨୫୦୪, ପାୟୋନିୟର ସିଏଚ୍‌ଏସ୍ ଲିଃ, ବର୍ତ୍ତକ ନଗର ଥାନା ସମ୍ମୁଖ, ବର୍ତ୍ତକ ନଗର, ଥାଣେ (ପଶ୍ଚିମ) - ୪୦୦୦୦୬
ଇମେଲ୍: dipti.ranjan.nath@icai.org

ତାରିଖ: ୦୮।୦୨।୨୦୨୨
ସ୍ଥାନ: ଥାଣେ

# ଭିଜିଲାନ୍ସ ଜାଲରେ ରେଡକ୍ରସ୍ ବ୍ଲଡ୍ ବ୍ୟାଙ୍କ ଟେକ୍ନିସିଆନ



**କଟକ ଅଫିସ, ୭।୨:** ଲାଞ୍ଚ ନେବା ଅଭିଯୋଗରେ କଟକସ୍ଥିତ ସେଣ୍ଟ୍ରାଲ ରେଡକ୍ରସ ବ୍ଲଡ୍ ବ୍ୟାଙ୍କ୍ ଲାବୋରେଟରି ଟେକ୍ନିସିଆନ କିଶୋର ଚନ୍ଦ୍ର ସ୍ୱାଇଁଙ୍କୁ ସୋମବାର ଭିଜିଲାନ୍ସ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେ ଦୁଇ ବୋତଲ 'ଏ ପଜିଟିଭ୍' ଗ୍ରୁପ୍ ରକ୍ତ ପାଇଁ ଅଭିଯୋଗକାରୀଙ୍କଠାରୁ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଅଭିଯୋଗକାରୀ ଭିଜିଲାନ୍ସକୁ ଜଣାଇଥିଲେ। ସୋମବାର ଅଭିଯୋଗକାରୀଙ୍କଠାରୁ କିଶୋର ଏହି ଅର୍ଥ ନେଉଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। ତାଙ୍କଠାରୁ ଟଙ୍କା ଜବତ କରିବା ସହ ତାଙ୍କ ଚାନ୍ଦିନିଚୌକ ବନ୍ଧବାସୁଲୀସ୍ଥିତ ଘର ସମେତ ଗୋବିନ୍ଦପୁର ଘରେ ଚଢାଉ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

# ବଢ଼ିଲା ତାତି: ୯ରୁ ପଶ୍ଚିମା ବାୟୁ ପ୍ରବାହ

## ପଶ୍ଚିମ, ଉତ୍ତର ଓଡ଼ିଶାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୭।୨(ବ୍ୟୁରୋ):** ରାଜ୍ୟରୁ ଶୀତ ଅପସରି ଯାଉଛି। ରାତିରେ ହାଲୁକା ଶୀତ ହେଉଥିଲେ ମଧ୍ୟ ଦିନର ତାପମାତ୍ରା ଉପରମୁହାଁ ହେଲାଣି। ଗତ ଦୁଇ ତିନିଦିନ ହେବ ଦିନର ସର୍ବୋଚ୍ଚ ତାପମାତ୍ରା ୪ରୁ ୫ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ଖରା ପ୍ରକୋପ ଧୀରେ ଧୀରେ ବଢ଼ିବା ଆରମ୍ଭ ହେଲାଣି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ଟିଟିଲାଗଡ଼ର ସର୍ବୋଚ୍ଚ ତାପମାତ୍ରା ୩୨ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୩୧, କଟକ ୩୦.୨, ଭବାନୀପାଟଣା ୩୦.୨, ସୋନପୁର ୩୦.୫, ନୟାଗଡ଼ ୩୦, ବୌଦ୍ଧ ୩୦.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଦିନରେ ଉତ୍ତାପ ବଢୁଥିବା ବେଳେ ରାତ୍ରିରେ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବାରେ ଲାଗିଛି। ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୭.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସୋନପୁର ୯, ଦାରିଙ୍ଗବାଡି ୯.୫, କେନ୍ଦୁଝର ୯.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ତେବେ ଆସନ୍ତା ୯ ତାରିଖରୁ ରାଜ୍ୟକୁ ପୁଣି ପଶ୍ଚିମା ବାୟୁ ପ୍ରବାହ ହେବ। ଏହାର ପ୍ରଭାବରେ ପଶ୍ଚିମ ଏବଂ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ କୁଆପଥର ବର୍ଷା ସମ୍ଭାବନା ରହିଛି। ୧୧ ତାରିଖରେ ଉପକୂଳ ଓଡ଼ିଶାରେ ବର୍ଷା ସମ୍ଭାବନା ରହିଛି। ୯ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ଅନୁଗୋଳ, ଢେଙ୍କାନାଳ ଓ କନ୍ଧମାଳ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘନକୁହୁଡ଼ି ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ରାସ୍ତାରେ ଗାଡ଼ି ଚଳାଚଳରେ ସମସ୍ୟା ଦେଖାଦେଇପାରେ। ଦୁର୍ଘଟଣାକୁ ଏଡ଼ାଇବାକୁ ଜିଲାପାଳ ଓ ଏସ୍‌ପିଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** — **ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୪୩୦୮/୨୩୪୪୩୦୨, ଇ-ମେଲ: sbi.10027@sbi.co.in

**ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି'' ଏବଂ ''ସେଠାରେ ଯାହା ଅଛି'' ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

**ସମ୍ପତ୍ତିଗୁଡିକର ତନଖି କରିବାର ତାରିଖ ଓ ସମୟ: ୨୩.୦୨.୨୦୨୨ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

ଅମାନତ ଜମା, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା୨୪.୦୨.୨୦୨୨ରିଖ ପୂର୍ବରୁ କିମ୍ବା ସେହିଦିନ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ

ଇ-ନିଲାମ ତାରିଖ ଏବଂ ସମୟ: ତା୨୫.୦୨.୨୦୨୨ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ଘଟିକା ପର୍ଯ୍ୟନ୍ତ
ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ | ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ଚଏସ୍ ହୁଇଲ୍ ଅଟୋମୋଟିଭ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଅରୁଣ କୁମାର ମିଶ୍ର ଏବଂ ନିର୍ଦ୍ଦେଶକ: ଶ୍ରୀ ନିହାର କୁମାର ମିଶ୍ର / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ମୀରା ମିଶ୍ର, ସ୍ୱାମୀ: ଶ୍ରୀ ଅରୁଣ କୁମାର ମିଶ୍ର, ସମସ୍ତଙ୍କ ଠିକଣା- ସା: ଡୁପ୍ଲେକ୍ସ ନଂ.: ୧୫, କୈଳାସ ବିହାର, ପ୍ଲଟ୍ ନଂ.: ୧୦୮୫, ପୋ.: ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୬ / ଆକାଉଣ୍ଟ ନଂ: ୩୬୭୪୪୨୮୫୦୦୭, ୩୬୭୪୪୩୫୩୨୦୫ | ମୀରା ମିଶ୍ର ଏବଂ ନିହାର କୁମାର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଡୁପ୍ଲେକ୍ସ ନଂ.: ୯, ଖାତା ନଂ.: ୧୦୫୭/୨୭୬୭, ପ୍ଲଟ୍ ନଂ.: ୧୦୮୫/୪୭୫୯, କ୍ଷେତ୍ର: ଏକର୦.୦୩୧ଡିସିମିଲି, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୩୨, କୈଳାସ ବିହାର, ପୋ.: ବୁଦ୍ଧେଶ୍ୱରୀ କଲୋନୀ, କିସମ: ଘରବାରୀ | ଟ.୮୫,୫୭,୦୦୦/- / ଟ.୮,୫୫,୭୦୦/- / ଟ.୫୦,୦୦୦/- | ତା.୨୧.୧୧.୨୦୨୧ରିଖ ସୁଦ୍ଧା ଟ.୪,୬୮,୧୫,୪୪୮/- + ସେବାବଦ ତତ୍‌ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ / ୧୧.୦୬.୨୦୨୧ |

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଅନୁସାରେ ରୁଲ ୮(୬) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତାମାନଙ୍କ ନିମନ୍ତେ ଏହା ଏକ ୧୫ ଦିନିଆ ବୈଧୋନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in

ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଚନ୍ଦନ କୁମାର ମହଲା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୭୫୦୬୨୪୫୩୩୯ ଏବଂ ଶ୍ରୀ ମୁକ୍ତିକାନ୍ତ ଶତପଥୀ (ସିଟି କେସ୍ ଅଫିସର), ମୋ.: ୯୦୭୮୧୩୬୧୯୯

ତାରିଖ : ୦୭.୦୨.୨୦୨୨, ସ୍ଥାନ : କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ,ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**नालको NALCO**
National Aluminium Company Limited
(A Government of India Enterprise)

Nalco Bhawan, P/1, Nayapalli, Bhubaneswar-751 013, Odisha, India
CIN : L27203OR1981GOI000920
A NAVRATNA COMPANY

Azadi Ka अमृत महोत्सव

**Extracts of Financial Results for the Quarter and Nine Months ended December 31, 2021**

Rs. In Crore

| Sl. No. | Particulars | Standalone | | | | | | Consolidated | | | | | |
|---|---|---|---|---|---|---|---|---|---|---|---|---|---|
| | | Quarter Ended | | | Nine Months Ended | | Year Ended | Quarter Ended | | | Nine Months Ended | | Year Ended |
| | | 31/12/2021 (Unaudited) | 30/09/2021 (Unaudited) | 31/12/2020 (Unaudited) | 31/12/2021 (Unaudited) | 31/12/2020 (Unaudited) | 31/03/2021 (Audited) | 31/12/2021 (Unaudited) | 30/09/2021 (Unaudited) | 31/12/2020 (Unaudited) | 31/12/2021 (Unaudited) | 31/12/2020 (Unaudited) | 31/03/2021 (Audited) |
| 1. | Total Income from Operations | 3,773.26 | 3,592.18 | 2,378.79 | 9,839.99 | 6,134.31 | 8,955.79 | 3,773.26 | 3,592.18 | 2,378.79 | 9,839.99 | 6,134.31 | 8,955.79 |
| 2. | Net Profit/(Loss) for the period (before Tax, Exceptional and /or Extraordinary items) | 1,109.13 | 1,016.07 | 298.63 | 2,586.81 | 478.30 | 1,316.52 | 1,109.13 | 1,016.07 | 298.63 | 2,586.81 | 478.30 | 1,316.52 |
| 3. | Net Profit/(Loss) for the period before Tax (after Exceptional and/or Extraordinary items) | 1,109.13 | 1,016.07 | 298.63 | 2,586.81 | 478.30 | 1,316.52 | 1,108.94 | 1,016.17 | 298.53 | 2,586.47 | 478.08 | 1,316.40 |
| 4. | Net Profit/(Loss) for the period after Tax ( after Exceptional and/or Extraordinary items) | 830.86 | 747.70 | 239.81 | 1,926.29 | 363.89 | 1,299.53 | 830.67 | 747.80 | 239.71 | 1,925.95 | 363.67 | 1,299.41 |
| 5. | Total Comprehensive Income for the period Comprising Profit/Loss for the period (after tax) and other Comprehensive Income (after tax) | 836.32 | 760.12 | 238.53 | 1,942.67 | 369.03 | 1,323.36 | 836.13 | 760.22 | 238.43 | 1,942.33 | 368.81 | 1,323.24 |
| 6. | Equity Share Capital | 918.32 | 918.32 | 932.81 | 918.32 | 932.81 | 918.32 | 918.32 | 918.32 | 932.81 | 918.32 | 932.81 | 918.32 |
| 7. | Reserves (excluding Revaluation Reserve) as shown in the Audited Balance Sheet of the previous year | | | | | | 9,762.38 | | | | | | 9,760.69 |
| 8. | Earnings Per Share (before extraordinary items) (of Rs.5/- each) (not annualised): | | | | | | | | | | | | |
| | 1. Basic | 4.52 | 4.07 | 1.29 | 10.49 | 1.95 | 6.97 | 4.52 | 4.07 | 1.28 | 10.49 | 1.95 | 6.97 |
| | 2. Diluted | 4.52 | 4.07 | 1.29 | 10.49 | 1.95 | 6.97 | 4.52 | 4.07 | 1.28 | 10.49 | 1.95 | 6.97 |

The above is an extract of the detailed format of Quarterly Financial Results filed with the Stock Exchanges under regulation 33 of the SEBI ( Listing Obligations and Disclosure Requirements) Regulations, 2015. The full format of the above financial results are available on the Stock Exchange websites, www.nseindia.com and www.bseindia.com; and Company's website, www.nalcoindia.com.

**Notes :**

(1) The Financial Results have been reviewed by the Audit Committee and approved at the meeting of the Board of Directors held on February 7, 2022. Limited Review as required under Regulation 33 of the SEBI (Listing Obligations and Disclosure Requirements) Regulations, 2015 have been carried out by the statutory auditors of the Company.
(2) The consolidated financials for the quarter and nine months ended 31st Dec, 2021 does not include the financials of M/s. Khanij Bidesh India Limited, the joint venture company, due to non-availability of its financials which is not material. It includes financial results of M/s. Angul Aluminium Park Private Ltd., M/s. Utkarsha Aluminium Dhatu Nigam Limited, and M/s. GACL-NALCO Alkalies & Chemicals Private Limited.
(3) The Company paid final dividend of Rs.1/- per equity share (20% on face value of Rs.5/- each) amounting to Rs.183.66 crore for the FY 2020-21. With this the total amount of dividend pay out for the FY 2020-21 is Rs. 3.50 per equity share (interim dividend of Rs. 2.50/- per share and final dividend of Rs. 1/- per share) amounting to Rs.644.27 crore.
(4) On 10.12.2021, the Company paid the first tranche of interim dividend of ₹ 2 per equity share (40% on face value of ₹ 5 each) amounting to ₹ 367.33 crore for the FY 2021-22. The Board at this meeting has approved 2nd interim dividend of Rs.3.00 per share (i.e. 60% on a face value of Rs. 5/- each) amounting to Rs. 550.99 crore for the FY 2021-22.
(5) Figures pertaining to previous periods have been regrouped, recasted and rearranged, wherever necessary.

Place : Bhubaneswar
Dated : 7th February, 2022

Sd/-
( CA Sridhar Patra )
Chairman-cum-Managing Director

> ନିୟତିର ପରୀକ୍ଷା ପାଇଁ ହେଉ ବା ତୁମର ଦୋଷତ୍ରୁଟି ଯୋଗୁ ହେଉ ଯଦି ତୁମେ ଧରାଶାୟୀ ହୋଇଥାଅ– ଯଦି ତୁମେ ଦୁଃଖ ଯନ୍ତ୍ରଣାର ଗଭୀର ଗହ୍ୱର ଭିତରେ ନିମଗ୍ନ ହୋଇଥାଅ– ସେଥିରେ ଦୁଃଖ କରନାହିଁ। କାରଣ– ସେହିଠାରେ ହିଁ ତୁମ ନିକଟକୁ ଉତୁରି ଆସିବ, ଭଗବାନଙ୍କ ସ୍ନେହ ଓ ଶ୍ରଦ୍ଧା। **–ଶ୍ରୀମା**

# ପକ୍ଷପାତିତା ଓ ଅସମାନତା

ତେଲଙ୍ଗାନା ରାଜଧାନୀ ହାଇଦ୍ରାବାଦ ଉପକଣ୍ଠରେ ଏକାଦଶ ଶତାବ୍ଦୀର ହିନ୍ଦୁ ସନ୍ଥ ରାମାନୁଜାଚାର୍ଯ୍ୟଙ୍କୁ ୫ ଫେବୃୟାରୀରେ ସମ୍ମାନ ଜଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ୨୧୬ ଫୁଟ୍ ଉଚ୍ଚର 'ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି' ବା ସମାନତାର ମୂର୍ତ୍ତି ଉନ୍ମୋଚନ କରିବା ପରେ ବିବାଦ ଦେଖାଦେଇଛି। ପ୍ରଥମେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ଲାଗି ବିମାନବନ୍ଦର ଯାଇ ନ ଥିଲେ। ଦ୍ୱିତୀୟରେ ତାଙ୍କ ପୁତ୍ର ତଥା ମନ୍ତ୍ରୀ କେଟିଆର୍ ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି ଉନ୍ମୋଚନ କରିଥିବା ପ୍ରଧାନମନ୍ତ୍ରୀଙ୍କୁ 'ଆଇକନ୍ ଅଫ୍ ପାର୍ସିଆଲିଟି' ବା ପକ୍ଷପାତିତାର ପ୍ରତୀକ ଭାବେ ଅଭିହିତ କରିଛନ୍ତି। କେଟିଆର୍ କହିଛନ୍ତି, ମୋଦି ଯାହା କହିଥାଆନ୍ତି ବାସ୍ତବ କ୍ଷେତ୍ରରେ ତାହା କରି ନ ଥାଆନ୍ତି। ଏକ ଉଦାହରଣ ଦେଇ କହିଛନ୍ତି, ଡିସେମ୍ବର ୨୦୨୧ରେ ଉତ୍ତରପ୍ରଦେଶର କାଶୀ ବିଶ୍ୱନାଥ ଧାମର ଏକ ଅଂଶକୁ ଲୋକାର୍ପଣ କରିବା ଅବସରରେ ପ୍ରଧାନମନ୍ତ୍ରୀ ସେଠାକାର ନିର୍ମାଣ ଶ୍ରମିକଙ୍କ ସହ ମିଶି ଭୋଜନ କରିଥିବା ଦେଖାଯାଇଥିଲା। କେଟିଆର୍ ଉକ୍ତ ଫଟୋକୁ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରି ଉଲ୍ଲେଖ କରିଛନ୍ତି ଯେ, ଏହା କେବଳ ଏକ ନିର୍ବାଚନୀ ଭେଳିକି। ଏଥିସହିତ ଲକ୍‌ଡାଉନ୍ ସମୟରେ ଶହ ଶହ କିଲୋମିଟର ପାଦରେ ଚାଲିଚାଲି ଘରକୁ ଫେରୁଥିବା ଶ୍ରମିକମାନଙ୍କ ଫଟୋକୁ ମଧ୍ୟ ସୋସିଆଲ ମିଡିଆରେ ସେ ପାଖାପାଖି ପକାଇଛନ୍ତି। ସେ ପ୍ରଧାନମନ୍ତ୍ରୀଙ୍କୁ ଏକ ସଂକୀର୍ଣ୍ଣମନା ବୋଲି ବିବେଚନା କରିଛନ୍ତି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ପ୍ରତି ତେଲଙ୍ଗାନା ମନ୍ତ୍ରୀଙ୍କ ଏଭଳି ବ୍ୟବହାରକୁ ଭାଜପା ପକ୍ଷରୁ ନିନ୍ଦା କରାଯାଇଛି।

'ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି' ସୁନା, ରୁପା, ତମ୍ବା, ପିତ୍ତଳ ଓ ଦସ୍ତା ମିଶ୍ରଣରେ ନିର୍ମିତ ହୋଇଛି। ବସିଥିବା ଅବସ୍ଥାରେ ଏହା ବିଶ୍ୱର ଅନ୍ୟତମ ସର୍ବୋଚ୍ଚ ଧାତବ ପ୍ରତିମୂର୍ତ୍ତି। ୫୪ ଫୁଟ୍ ଉଚ୍ଚତା ବିଶିଷ୍ଟ 'ଭଦ୍ରା ବେଦୀ ବିଲ୍ଡିଂ' ଉପରେ ସ୍ଥାପିତ ଏହି 'ସମାନତାର ମୂର୍ତ୍ତି' ଉନ୍ମୋଚନ କରିବା ବେଳେ ରାମାନୁଜାଚାର୍ଯ୍ୟଙ୍କୁ ପ୍ରଧାନମନ୍ତ୍ରୀ ଅଗାଧ ଜ୍ଞାନ, ବୈରାଗ୍ୟ ଓ ଆଦର୍ଶର ପ୍ରତୀକ ବୋଲି କହିଛନ୍ତି। ଏହି ସନ୍ଥ ଜାତି, ଧର୍ମ, ଗୋଷ୍ଠୀ ନିର୍ବିଶେଷରେ ସମାନତା ଚିନ୍ତାଧାରାର ପ୍ରସାର ପାଇଁ କାର୍ଯ୍ୟ କରିଥିଲେ ବୋଲି ମୋଦି ଯାହା କହିଛନ୍ତି ତାହା ଶତପ୍ରତିଶତ ସତ ହୋଇପାରେ। ଭାରତ ଧର୍ମନିରପେକ୍ଷ ରାଷ୍ଟ୍ର ଓ ଏଠାରେ ସବୁ ଧର୍ମକୁ ସମାନ ସମ୍ମାନ ଦିଆଯିବା ଦରକାର। ଏହା କହିବା ବେଳେ ସ୍ୱୀକାର କରିବାକୁ ହେବ ଯେ ଯେତିକି ସଂଖ୍ୟକ ସାଧୁସନ୍ଥଙ୍କ ବିଷୟରେ ଜାଣିଛନ୍ତି, ହୁଏତ ସେତିକି ଭଲଭାବେ ମୁସଲ୍‌ମାନ ଧର୍ମର ପୀର କିମ୍ବା ଧର୍ମଗୁରୁଙ୍କ ବିଷୟରେ ଅବଗତ ନ ଥିବେ। ସେହିଭଳି ମୁସଲ୍‌ମାନମାନେ ମଧ୍ୟ ହିନ୍ଦୁ ସାଧୁସନ୍ଥଙ୍କ ବିଷୟରେ ସେତିକି ପରିମାଣରେ ସଚେତନ ନ ଥାଇ ପାରନ୍ତି। ଏହିସବୁ ଧର୍ମରେ ଉଚ୍ଚକୋଟୀର ମଣିଷ ଜନ୍ମ ହୋଇଛନ୍ତି ଏବଂ ସମସ୍ତଙ୍କର ମହାନତାକୁ ସମ୍ମାନ ଜଣାଇବାରେ କାହାରି ଆପତ୍ତି ରହିବାର ପ୍ରୟୋଜନ ନାହିଁ। ତେବେ ଏକବିଂଶ ଶତାବ୍ଦୀର ମଣିଷ ଜୀବନରେ ଯେଉଁ ପ୍ରକାରର ଦ୍ୱନ୍ଦ୍ୱ, କନ୍ଦଳ ଏବଂ ଜୀବିକା ପାଇଁ ସଂଘର୍ଷ କରିବାକୁ ପଡୁଛି, ସେଭଳି ପ୍ରଚ୍ଛଦପଟରେ ସରକାରୀ ସ୍ତରରେ କରଦାତାଙ୍କ ଅର୍ଥ ଖର୍ଚ୍ଚ କରି ବିରାଟକାୟ ମୂର୍ତ୍ତି ନିର୍ମାଣ ଓ ସ୍ଥାପନ କରିବା ସ୍ୱାଭାବିକ ମନେ ହେଉନାହିଁ। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ମୂର୍ତ୍ତି 'ଷ୍ଟାଚ୍ୟୁ ଅଫ୍ ୟୁନିଟ୍' ସ୍ଥାପନ ଦିନଠାରୁ ଭାରତରେ ମୂର୍ତ୍ତି ରାଜନୀତି ଏକ ପ୍ରଧାନ ସ୍ଥାନ ଗ୍ରହଣ କଲାଭଳି ମନେହେଉଛି।

ଭାରତର ଅର୍ଥନୀତିକୁ ଦେଖାଯାଉ। ଗତ ୫ ବର୍ଷ ମଧ୍ୟରେ ଏ ଦେଶ ଜନସଂଖ୍ୟାର ଏକପଞ୍ଚମାଂଶର ରୋଜଗାର ୫୩ ପ୍ରତିଶତ ହ୍ରାସ ପାଇଛି। ଏହି ସମୟ ମଧ୍ୟରେ ୧୦୦ ଭାରତୀୟଙ୍କ ସମ୍ପତ୍ତି ୫୭ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଇତିମଧ୍ୟରେ ୪ କୋଟି ୬୦ ଲକ୍ଷ ଭାରତୀୟ ଦାରିଦ୍ର୍ୟ ସୀମାରେଖାର ସର୍ବନିମ୍ନ ସ୍ତରକୁ ଖସିଯାଇଛନ୍ତି। ଅର୍ଥନୀତିଜ୍ଞଙ୍କ କହିବା ଅନୁଯାୟୀ ଏହା ସମ୍ଭବତଃ ସ୍ୱାଧୀନ ଭାରତର ପ୍ରଥମ ଉଦାହରଣ, ଯେଉଁଥିରେ ଅର୍ଥନୈତିକ ଯୋଜନା ପାଇଁ କୌଣସି ପ୍ରକାରେ ୨୦୨୨–୨୩ ବଜେଟରେ ବୃତ୍ତିଗତ ଭାବେ ମଧ୍ୟମରୁ ଦୀର୍ଘମିଆଦୀ ନୀତି ସୃଷ୍ଟି କରାଯାଇ ନାହିଁ। ଫଳରେ ଆସନ୍ତା ଦିନଗୁଡ଼ିକରେ ଭାରତର ଗରିବ ଓ ମଧ୍ୟମ ବର୍ଗ ସକାଶେ ରୋଜଗାର ବୃଦ୍ଧି କରିବା ଆହୁରି ଅଧିକ କଷ୍ଟକର ହୋଇପଡ଼ିବ। ଏହିସବୁ ଚିନ୍ତାର ବିଷୟକୁ ଲୋକଲୋଚନରୁ ଏଡ଼ାଇଦେବା ସକାଶେ ବିଭିନ୍ନ ଆଳ ଖୋଜାଯାଉଛି।

ଭାରତରେ ଏ ଯେଉଁ ସ୍ଥିତି ଦେଖାଦେଇଛି ତାହାଦ୍ୱାରା ଧନୀ ଅଧିକ ଧନୀ ହେଉଛି ଏବଂ ଗରିବଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାଦ୍ୱାରା ଅସମାନତା ସ୍ପଷ୍ଟ ଦୃଶ୍ୟମାନ ହେଉଛି। ଏଭଳି ଏକ ସମୟରେ ମୂର୍ତ୍ତି ଗଢ଼ି ସମାନତାର ପ୍ରତୀକ କେବଳ ଛିଡ଼ା କରାଇଲେ ସେହି ସମାନତା କଦାପି ଅଣାଯାଇ ପାରିବ ନାହିଁ।

## ୨୫ ବର୍ଷ ତଳର ଧରିତ୍ରୀ

୮ ଫେବୃୟାରୀ ୧୯୯୭

- ଜାଇରେ ସରକାରୀ ସୈନ୍ୟ ଓ ବିଦ୍ରୋହୀମାନଙ୍କ ମଧ୍ୟରେ ୱାସାଠାରେ ସଂଘର୍ଷର ସୂତ୍ରପାତ ଘଟି ୮୦୦ ବିଦ୍ରୋହୀ ନିହତ।
- ପଶ୍ଚିମ ପାକିସ୍ତାନର କୋଟଲାଠାରେ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାକଡ଼କୁ ଖସିପଡ଼ିବା ଫଳରେ ୫୦ ଯାତ୍ରୀ ମୃତ।
- କଳା ଏବଂ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସରୋଜ ବାଦକ ଅମଜାଦ ଅଲ୍ଲୀ ଖାଁଙ୍କୁ ବିଶ୍ୱ ଅର୍ଥନୈତିକ ଫୋରମ ପକ୍ଷରୁ କ୍ରିଷ୍ଟାଲ ପୁରସ୍କାର ପ୍ରଦାନ।



ଉପେନ୍ଦ୍ର ବିଶ୍ୱାଳ

# ମଧ୍ୟାହ୍ନରେ ସୂର୍ଯ୍ୟାସ୍ତ ଓ ବାଜପକ୍ଷୀ

ଆମେରିକାର ଚମକ ପଛରେ କେଉଁ ବିଶେଷ ଶକ୍ତିର ବଳିଷ୍ଠ ଯୋଗଦାନ ଅଛି ବୋଲି ଯଦି ପଚରାଯାଏ ତେବେ ଏହାର ନିକଟତମ ଉତ୍ତର ବୋଧେ ହେବ – ଭାରତୀୟ ମେଧାଶକ୍ତି। ଦୃଷ୍ଟାନ୍ତ ସ୍ୱରୂପ ଆମେରିକାରେ ଅଧୁନା କାର୍ଯ୍ୟରତ ୪୦ଭାଗ ଡାକ୍ତର ଓ ନାସାରେ କାର୍ଯ୍ୟରତ ୩୬ଭାଗରୁ ଊର୍ଦ୍ଧ୍ୱ ବୈଜ୍ଞାନିକ ହେଉଛନ୍ତି ଭାରତୀୟ। କେବଳ ଆମେରିକା କାହିଁକି ଭାରତର ପ୍ରଜ୍ଞାକୁ ନେଇ ବାକି ବିଶ୍ୱ ବି ବେଶ୍ ଉତ୍ସାହିତ ଓ ଉଦ୍ଭାସିତ। ବିଶ୍ୱର ୧୨ଟି ବିଭିନ୍ନ ବଡ଼ ବଡ଼ କମ୍ପାନୀର ସର୍ବୋଚ୍ଚ ପଦବୀ ଆଜି ଭାରତୀୟଙ୍କ ହାତେ; ଯାହା କି ଭାରତର ମେଧାଶକ୍ତିର ସାମର୍ଥ୍ୟ ଉପରେ ମୋହର ମାରିଥାଏ। ସୁନ୍ଦର ପିଚାଇ, ସତ୍ୟ ନାଦେଲା, ପରାଗ ଅଗ୍ରୱାଲ, ଲୀନା ନାୟାର, ଶାନ୍ତନୁ ନାରାୟଣ, ଅରବିନ୍ଦ କ୍ରୀଷ୍ଣା, ସଞ୍ଜୟ ମେହରୋତ୍ରା, ନିକେଶ ଆରୋରା, ଅଜୟପଲ ସିଂହ, ଜୟଶ୍ରୀ ଉଲାଲ, ଇନ୍ଦିରା ନୁଇ, ଆମ୍ରାପାଲୀ ଗାନ ଆଦି ଜଣେ ଜଣେ ଏ ମାଟିର ମହକିତ ମାନସ। ଆମେରିକାଠୁ ଆରବ, ଆଫ୍ରିକାଠୁ ୟୁରୋପ, ଅଷ୍ଟ୍ରେଲିଆ ଆଦି ଦେଶରେ ଭାରତୀୟ ମେଧାଶକ୍ତିର ଜାଜ୍ୱଲ୍ୟକାରୀ ଯୋଗଦାନ ଯଥେଷ୍ଟ। ବିଶ୍ୱମାରୀ ବିରୋଧୀ ଅମୋଘ ଅସ୍ତ୍ର, ଭ୍ୟାକ୍ସିନ ଉଦ୍ଭାବନରେ ବିଶ୍ୱକୀର୍ତ୍ତି ହେଉ ଅବା ଇସ୍ରୋର ଅପୂର୍ବ ସଫଳତା ଅବା ଚନ୍ଦ୍ରାୟନ ଅଭିଯାନ ହେଉ, ଆମ ମେଧାଶକ୍ତିର ଆଭାରେ ଆଲୋକିତ ଆଜି ଭାରତ। ଏହିପରି, ଯେତେବେଳେ ଭାରତୀୟ ମେଧାଙ୍କୁ ନେଇ ମହିମାନ୍ୱିତ ଭୂମଣ୍ଡଳରୁ ଭୂମାମଣ୍ଡଳ ପର୍ଯ୍ୟନ୍ତ, ସେତେବେଳେ ଆଶାର ଆଲୋକ ଯଦି ନିର୍ବାପିତ ହୋଇଚାଲେ, ଜୀବନ ମଧ୍ୟାହ୍ନରେ ଏପରି ପ୍ରତିଭାତ ପ୍ରତିଭାମାନଙ୍କ ଜୀବନଜ୍ୟୋତି ଯଦି ନିଷ୍ପ୍ରଭ ହୋଇଯାଏ, ତେବେ ଦେଶର ଭାଗ୍ୟାକାଶ କ'ଣ ତମସାଚ୍ଛନ୍ନ ହେବନାହିଁ କି? ଅକସ୍ମାତ୍‌ଭାବେ ସୂର୍ଯ୍ୟସମ ଦୀପ୍ତିମନ୍ତ ଯୁବାଶକ୍ତିଙ୍କ ଜଣକ ପରେ ଜଣେ ଆତ୍ମହତ୍ୟାଜନିତ ଅକାଳ ବିୟୋଗ ଦେଶପାଇଁ ଅଶୁଭ ସଙ୍କେତ ବହନ କରେ। ଦିନକୁ ଦିନ ଏହି ଘଟଣା ଆହୁରି ବଢ଼ି ଚାଲିବା ଯେମିତି ଚିନ୍ତାଜନକ ସେମିତି ଗଭୀର ବିଡ଼ମ୍ବନାର ବିଷୟ। ଜାନୁୟାରୀ ମାସ ଆରମ୍ଭରୁ ଦୁଇ ସପ୍ତାହରେ ଦୁଇଟି ଉଜ୍ଜ୍ୱଳ ନକ୍ଷତ୍ର ଲିଭିଗଲା ଭାରତୀୟ ଭାଗ୍ୟାକାଶରୁ। ଜଣେ କାନପୁର ଆଇଆଇଟିର ଛାତ୍ରୀ ତ ଆର ଜଣକ ବମ୍ବେ ଆଇଆଇଟିର ଛାତ୍ର। ସଂସଦର ଗତ ଶୀତକାଳୀନ ଅଧିବେଶନରେ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତର ଅନୁଯାୟୀ ବିଗତ ଛଅ ବର୍ଷରେ ଦେଶ ହରେଇସାରିଛି ୧୨୧ଜଣ ଅତିମେଧାଙ୍କୁ; ଯେଉଁମାନେ ସମସ୍ତେ ସମ୍ମାନଜନକ ଆଇଆଇଟି, ଆଇଆଇଏମ୍ ଓ ଆଇଆଇଏସ୍‌ର ଛାତ୍ରୀଛାତ୍ର। ଅର୍ଥାତ୍ ଦେଶର ଭାଗ୍ୟାକାଶରୁ ପ୍ରତିମାସରେ ପ୍ରାୟ ଦୁଇଟି ଲେଖାଏଁ ନକ୍ଷତ୍ର ନିରୁଦ୍ଦିଷ୍ଟ ହୋଇଯାଉଛନ୍ତି।

୨୦୨୦ ମସିହା ବିଶ୍ୱମାରୀ ସମୟରେ କେବଳ ଗୋଟେ ବର୍ଷରେ ଦୈନିକ ହାରାହାରି ୩୪ଜଣ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିବାର ଅତି ଦୁଃଖଦ ଘଟଣା ଦେଖିବାକୁ ମିଳିଥିଲା। ଜାତୀୟ ଅପରାଧ ବ୍ୟୁରୋ (ଏନ୍‌ସିଆର୍‌ବି)ର ତଥ୍ୟ ଅନୁଯାୟୀ ୨୦୧୯ରେ ଦେଶରେ ମୋଟ ଆତ୍ମହତ୍ୟାକାରୀ ୧.୩୨ଲକ୍ଷ ମଧ୍ୟରୁ ଶତକଡ଼ା ୭.୪ଭାଗ ଛାତ୍ରୀଛାତ୍ର ଥିଲାବେଳେ ୨୦୨୦ରେ ଦେଢ଼ଲକ୍ଷ ଆତ୍ମହତ୍ୟାକାରୀଙ୍କ ଭିତରୁ ଛାତ୍ରୀଛାତ୍ର ହେଉଛନ୍ତି ୮.୨ଭାଗ। ସେମିତି ବି ଜୀବନ ମଧ୍ୟାହ୍ନ ପୂର୍ବରୁ ଅର୍ଥାତ୍ କୈଶୋର ଅବସ୍ଥାରେ (୧୮ବର୍ଷରୁ କମ) ଆତ୍ମହତ୍ୟା ସଂଖ୍ୟା ୨୦୧୮ରେ ୯୪୧୩, ୨୦୧୯ରେ ୯୬୧୩, ୨୦୨୦ରେ ୧୧୩୯୬ ଥିଲା। ଅର୍ଥାତ୍ ଦିନକୁଦିନ ଅତି ଦ୍ରୁତଗତିରେ ପିଲାମାନଙ୍କ ଭିତରେ ବି ବଢ଼ି ଚାଲିଛି ଆତ୍ମହତ୍ୟା ପ୍ରବଣତା; ଯାହା ଆଲୋଚ୍ୟ ବିଷୟ। ଏନ୍‌ସିଆର୍‌ବିର ତଥ୍ୟାନୁଯାୟୀ ଆତ୍ମହତ୍ୟାର ପ୍ରମୁଖ କାରଣ ଭିତରେ ରହିଛି ନିଃସଙ୍ଗତା ଓ ପାରିବାରିକ ସମସ୍ୟା, ସ୍ୱାସ୍ଥ୍ୟଗତ, ପ୍ରେମଜନିତ, ବେରୋଜଗାର, ନିଶା ଓ ନପୁଂସକତା ସମସ୍ୟାଦି।

ପ୍ରଶ୍ନ ଉଠେ, ଅତି ଆଦର ଯତ୍ନରେ ବଢ଼ାଉଥିବା ଏଭଳି ଦୁର୍ମୂଲ୍ୟ ଚାରାଗଛମାନ ଅସମୟରେ ମଉଳି ଯିବାରେ ଆମର କିଛି ତ୍ରୁଟି ରହିଯାଉନି ତ? ବଗିଚାରେ ଚାରାମାନ ମଉଳି ଯିବାର କାରଣଗୁଡ଼ିକୁ ଯଦି ଖୋଜିବା ତେବେ ଦେଖିବାକୁ ମିଳିବ କେଉଁଠି ନା କେଉଁଠି ମାଳୀଟିର ନିଘାର ଅଭାବ ଚାରାଟିକୁ ଦୃଢ଼କରି ଛିଡ଼ା କରିବାରେ ପ୍ରଯତ୍ନର ଅଭାବ ସହିତ, ବାରିହୁଏ ଦୂରଦର୍ଶିତାର ଢିଲାପଣ। ସମୁଚିତ ଢଙ୍ଗରେ ମୂଳରୁ ଖୁବ୍ ଦୃଢ଼ଭାବେ ବଢ଼ିବାରେ ଚାରାଟିକୁ ସମର୍ଥ କରାଇଥିଲେ, ସୁରଭିତ ଏହି ଚାରାମାନ ଏମିତି କ'ଣ ମଉଳି ଯାଆନ୍ତେ କି? ଅତି ଆଦର ଯତ୍ନରେ ବଢ଼ାଉଥିବା ଆମ ପିଲାମାନଙ୍କୁ ବୁଝେଇବାରେ ଅସମର୍ଥ ହେଉଛୁ ଯେ ଜୀବନର ଚଲାପଥ ସଦା କୁସୁମିତ ନୁହଁ। ଏଠି ଜିଇବାକୁ ହେଲେ କେବେ କଣ୍ଟାର ଆଘାତ ସହିବାକୁ ପଡ଼େ ତ ପୁଣି କେବେ ଗୋଲାପର ସ୍ନିଗ୍ଧତାର ଅନୁଭବ। ପାଦଚଲା ରାସ୍ତା ସବୁ ସାଦାସିଧା, ସହଜ ଓ ମସୃଣ ହୋଇ ନ ଥାଏ। ଖାଲ–ଢିପ, ଅଙ୍କା–ବଙ୍କାର ସମାହାରରେ ଗଢ଼ା ଜୀବନର ଯାତ୍ରାପଥ। ଚାଲୁଚାଲୁ କେତେବେଳେ ହୁଏତ ଝୁଣ୍ଟିପଡ଼ି ତଳେ ପଡ଼ିଯିବାର ସମ୍ଭାବନା ଥାଏ। ତଳୁ ଉଠି ପୁଣି ଚାଲିବାକୁ ହୁଏ ଯତ୍ନର ସହିତ। ସାମାନ୍ୟଟିକେ ଆଘାତ ବା ଧକ୍କା–ଧୋକା–ଧିକାରରେ ଭାଙ୍ଗିଯିବାଟା ହେଉଛି ବୋକାମି। ଆତ୍ମବିଶ୍ୱାସର ସହିତ ଆଗକୁ ମାଡ଼ି ଚାଲିବା ହିଁ ତ ଜୀବନ। ଋତୁପରି, ଚକ୍ରବତ୍ ପରିବର୍ତ୍ତନ ଘଟିଥାଏ ଜୀବନର ବିବିଧ ପର୍ଯ୍ୟାୟ। ଆମକୁ ସାମ୍ନା କରିବାକୁ ପଡ଼େ ଭିନ୍ନଭିନ୍ନ ପରିସ୍ଥିତି ଓ ପରିବେଷ୍ଟନୀକୁ। ସେଥିରେ ବିଚଳିତ ହେବା ବା ଭାଙ୍ଗି ପଡ଼ିବା ଆଦୌ ଉଚିତ ନୁହେଁ।

ଯନ୍ତ୍ରଣାହୀନ ଜୀବନ, ଜୀବନ ନୁହଁ। ଇଗଲ ପରି ଜୀବନକୁ ଥରେ ବୁଝିଗଲେ, ଜାଣିଗଲେ ଜୀବନଟା ଏତେ ଦୁର୍ବିଷହ ମନେହୁଅନ୍ତା ନାହିଁ ଆମକୁ। କେବଳ ଜୀବନ ଜିଇବାର କଳା–କୌଶଳ ନୁହଁ, ଜୀବନ ଜିଣିବାର ବାଟ ବି ବତେଇଥାଏ ବାଜପକ୍ଷୀ। ପ୍ରାୟ ୭୦ବର୍ଷର ଆୟୁ ଧାରଣ କରିଥିବା ଏ ପକ୍ଷୀଟି ଜୀବନ ଯୁଦ୍ଧରେ ହାରିବା ଜାଣିନି। ପ୍ରତିକୂଳ ପରିସ୍ଥିତି ବିରୋଧରେ ଲଢ଼ି ଜିତିବାର ଯେଉଁ ମଜା, ତାହାକୁ ଭଲଭାବେ ଜାଣିଛି ବାଜପକ୍ଷୀ। ଏଣୁ ଝଡ଼–ଝଞ୍ଜା ସହିତ ଯୁଝିବାର ମାନସିକତା, ଭୟଶୂନ୍ୟତା ଯୋଗୁ ପରାଜୟକୁ ପରାହତ କରି ଜୀବନରେ ଜୟଗୀତି ରଚିବାରେ ସିଦ୍ଧହସ୍ତ ସେ। ପ୍ରାୟତଃ ଦୁଇଟି ଲେଖାଏ ଡିମ୍ବ ଦେଉଥିବା ମାଆ ବାଜ, ଅପେକ୍ଷା କରି ରହିଥାଏ, ଶାବକର ଦେହରେ ଟିକିଏ ପର ଲାଗିବା ପର୍ଯ୍ୟନ୍ତ। ତା'ପରେ ଶିଶୁପକ୍ଷୀଙ୍କୁ ନିଜ ପଞ୍ଝାରେ ଧରି ଉଡ଼ିଯାଏ, ଆଖି ପାଉ ନ ଥିବା ସୁଉଚ୍ଚ ଆକାଶକୁ, ଯେଉଁ ଉଚ୍ଚତାରେ ବିମାନ ଉଡ଼ିଥାଏ। ପିଲାଙ୍କ ମନରେ ପ୍ରତ୍ୟୟ ଭାବ ସୃଷ୍ଟିକରେ– ବାବୁରେ, ଆମେ ହେଉଛୁ ଭିନ୍ନ ଦୁନିଆର ପକ୍ଷୀ। ଆମର ସ୍ୱତନ୍ତ୍ର ପରିଚୟ ରହିଛି, ଗରିମା ରହିଛି। ତୁମେ ଆଗେ ଜାଣ ଯେ ତୁମର ଉଚ୍ଚତା କେତେ? ଆଗକୁ ବଢ଼ିବାକୁ ହେଲେ, ଲଢ଼ିବାକୁ ହେବ। ନିଜେ ହିଁ ନିଜକୁ ଗଢ଼ିବାକୁ ହେବ। ପ୍ରାୟ ୧୦/୧୨କିମି ଉଚ୍ଚତାରୁ ପଞ୍ଝାମୁକ୍ତ କରିଦିଏ ଶିଶୁପକ୍ଷୀଙ୍କୁ। ଶୂନ୍ୟରୁ ଦୁଇତିନି କି.ମି. ଖସିବାପରେ ଯେବେ ବାୟୁମଣ୍ଡଳ ସହିତ ଧକ୍କା ଖାଏ ପକ୍ଷୀଶାବକ, ସେଥିରୁ ମୁକୁଳିବାକୁ ସ୍ୱତଃ ତତ୍ପର ହୋଇଉଠେ। ନିଜ ସୁରକ୍ଷା ପାଇଁ ଦେହରେ ଜଡ଼େଇ ହୋଇ ରହିଥିବା ଡେଣା ଦ୍ୱୟକୁ ଖୋଲିବାକୁ ଯଥାସାଧ୍ୟ ଚେଷ୍ଟାକରେ। ପ୍ରାୟ ନଅ କି.ମି.ତଳକୁ ଆସିଲା ବେଳକୁ ଡେଣା ଦୁଇଟି ସମ୍ପୂର୍ଣ୍ଣ ଖୋଲି ଯାଇଥାଏ। ତା'ପରେ ପରେ ସମ୍ଭାବ୍ୟ ସଙ୍କଟର ଆଶଙ୍କା କରି ଜୀବନ ବଞ୍ଚାଇବାକୁ ଯାଇ ଡେଣା ଦୁଇଟି ହଲାଇବା ଆରମ୍ଭ କରେ। ଭୂପତିତ ହେବାର ନିଶ୍ଚିତ ସମ୍ଭାବନା ନିଜ ଆଖିରେ ଦେଖୁଥିଲାବେଳେ, ହାର ମାନିବାକୁ ପ୍ରସ୍ତୁତ ନୁହେଁ ଶିଶୁପକ୍ଷୀ। ଶେଷ ପର୍ଯ୍ୟନ୍ତ ଲଢ଼ିବାକୁ ପ୍ରସ୍ତୁତ ହୋଇ ସାରିଥାଏ। ଭୂପୃଷ୍ଠରୁ ମାତ୍ର ୩୦୦/୪୦୦ମିଟର ଉଚ୍ଚତାରେ ଥିଲାବେଳେ ହଠାତ୍ ମାଆ ପକ୍ଷୀ ଝପଟିଆସେ ଏବଂ ନିଜର ବିଶାଳଡେଣାରେ ଶାବକ ଦ୍ୱୟଙ୍କୁ ଆୟତ୍ତକୁ ନେଇଯାଏ। ମାଆର ଆଶ୍ରା ପାଇ ଆହୁରି ସାହସ ବାନ୍ଧନ୍ତି ଏବଂ ଦୃଢ଼ ଆତ୍ମବିଶ୍ୱାସର ସହିତ ଡେଣାଗୁଡ଼ିକୁ ସଂଚାରଣ କରିଥାନ୍ତି ଶିଶୁ ଯୁଗଳ। ଏହିପରି ନିଜ ପିଲାଙ୍କୁ ଖୁବ ସାହସୀ, ନିର୍ଭୀକ ଓ ପୋଖତ କରିବାରେ ବିଶେଷ ଭୂମିକା ନିର୍ବାହ କରିଥାଏ ବାଜପକ୍ଷୀ; ଯଦ୍ଦ୍ୱାରା ନିଜ ଓଜନଠାରୁ ୧୦ଗୁଣା ଓଜନର ଶିକାରକୁ ବି ଅକ୍ଳେଶରେ ନିଜ ଶକ୍ତପଞ୍ଝାରେ ଟେକି ନେଇପାରେ ସେ। ସାମାନ୍ୟ ଝଡ଼ବାତ୍ୟାକୁ ଡରି ସବୁ ପକ୍ଷୀ ଲୁଚୁଥିଲାବେଳେ ସବୁପ୍ରକାର ଝଡ଼–ଝଞ୍ଜାକୁ ସାମ୍ନାକରି ବିଜୟର ଇସ୍ତାହାର ଲେଖେ ଇଗଲ। ଆତ୍ମହତ୍ୟା କରିବା ଅର୍ଥ ହାରିଯିବା, ଶତ୍ରୁ ନିକଟରେ ଆତ୍ମସମର୍ପଣ କରିଦେବା, ଯାହା କି ଭୀରୁଙ୍କ ପରିଭାଷା। ପ୍ରତିକୂଳତା ଏକ ପରୀକ୍ଷା। ନିଜକୁ ଶକ୍ତକରି ଗଢ଼ିବାର ଏକ ଅବସର। ତା' ବିରୋଧରେ ଯୁଝିଚାଲିବା ହିଁ ବୀରତ୍ୱର ବ୍ୟାକରଣ। ଏଥିରେ କିଛି ହରେଇବାର ନ ଥାଏ। ଯଦି ବା ହାରିଯାଉ, ତେବେ ବହୁତ କିଛି ଶିକ୍ଷାଲାଭ କରୁ। ସ୍ରୋତର ଅନୁକୂଳରେ ଯାଇ କିଛି ହାସଲ କରିବାରେ ନ ଥାଏ ଅସଲ ଆନନ୍ଦ। ବରଂ ସ୍ରୋତର ପ୍ରତିକୂଳରେ ଯାଇ ବିଜୟ ପ୍ରାପ୍ତିରେ ଥାଏ ଆନନ୍ଦ ଓ ଗୌରବବୋଧ। ଅତଏବ ଇଗଲପରି ସାହସର ସହ ପ୍ରତିଟି ପରିସ୍ଥିତିକୁ ମୁକାବିଲା କରିବା ହେଉ ଯୁବାପ୍ରାଣର ଜିଦ୍ଦିପଣ। ଦୃଢ଼ତାର ସହିତ ଯୁଝିବା ହେଉ ଜୀବନର ଜୟଘୋଷ।

**ଗୋଡିଶୁଳ, ସଜନାଗଡ଼, ବାଲେଶ୍ୱର,**
**ମୋ– ୯୪୩୭୪୩୬୦୭୩**



ଦ୍ୱିତୀ ଚନ୍ଦ୍ର ସାହୁ

# ମୋ କଥା ଲାଗିଲା

ଗାଁରେ ପଶିବା ବାଟରେ ସ୍ୱାଗତ କରି ରହିଥିଲା ଅନେକ ପୋଷ୍ଟର। ଦି' ପାଖରେ ଖୁଣ୍ଟରେ ପୋତା ହୋଇଥିଲା ଫ୍ଲେକ୍ସ ବ୍ୟାନର। ସାହିର ମଝାମଝି ଶୂନ୍ୟରେ ଝୁଲୁଛି ବ୍ୟାନର। ଲୋକ ଭିନ୍ନ ଭିନ୍ନ ହେଲେ ବି ସମସ୍ତେ ହସ ହସ ବଦନରେ ଦି' ହାତକୁ ଯୋଡ଼ି ପ୍ରଣାମ ମୁଦ୍ରାରେ ଥିଲେ। ଲାଗୁଛି କେଡ଼େ ଅନୁନୟ ହେଉଛନ୍ତି ଚିତ୍ରରେ। ସୁନ୍ଦର ସୁନ୍ଦର ଧାଡ଼ି, ଢଗ ଓ କବିତାରେ ନିଜ କଥାକୁ କହୁଛନ୍ତି। ଅନେକଙ୍କୁ ଖାଇବାକୁ ତର ନାହିଁ। ଗାଁଟା ଏବେ ଶୀତରେ ବି ତାତି ଲାଗୁଛି। ପାନ ଦୋକାନ, ଛକ, ଉଚ୍ଚ ପିଣ୍ଡାରେ କେବଳ ରାଜନୀତି ଚର୍ଚ୍ଚା। ମାଆଙ୍କ ଶ୍ରାଦ୍ଧ କାମ ସରିଲା। କୋଭିଡ୍ ନିୟମ ମୁତାବକ ସୀମିତ ଲୋକଙ୍କୁ ନେଇ ପଙ୍‌କ୍ତି ଭୋଜନର ବ୍ୟବସ୍ଥା ହୋଇଥିଲା। ଖାଇବା ସ୍ଥାନଟି ନିମିଷକରେ ରାଜନୀତିମୟ ହୋଇଗଲା। ଶ୍ରାଦ୍ଧ ଭଳି ଛୋଟକାଟିଆ ସମାବେଶକୁ ବି ହାତଛଡ଼ା କରିବାକୁ ହେଳା କଲେନି ପ୍ରାର୍ଥୀ ପ୍ରାର୍ଥିନୀ। ଜଣେ ଜଣେ ପର୍ଯ୍ୟାୟକ୍ରମିକ ଭାବେ ଆସି ଖାଉଥିବା ଲୋକଙ୍କ ସହ ଦୁଃଖସୁଖ ହୋଇ ଯେ ଝା ରାସ୍ତାରେ ଭୋଟଦେବାକୁ ଅନୁରୋଧ କଲେ। ସବୁ ପ୍ରତିଦ୍ୱନ୍ଦ୍ୱୀଙ୍କ ଆଚରଣଠାରୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା ସେମାନଙ୍କ ଭେକ। ଜଣେ ବେକରେ ଚେନ ଲଗାଇ ଗୋଟେ ତାଲା ଝୁଲେଇଛି। ଆଉ ଜଣେ ପେଟ ସରି ଦଉଡ଼ିଟିଏ ଓହଳାଇ ସେଥିରେ ଗୋଟେ ବହିକୁ ଖୋଲାମେଲା କରି ପ୍ରଦର୍ଶିତ କରିଛି। ଆଉ ଜଣେ ହାତରେ ବାଲ୍‌ତି ଧରି ବୁଲୁଛି। ଜଣେ ଆସିଲା ଧୁଡ଼ଧାଡ଼ କରି ବଜେଇଲା ଡ୍ରମ। କିଛି ସମୟ ପରେ କରତ ଉଞ୍ଚେଇ ଆଉ ଜଣେ କହିଲା – 'ଏଥର ସମସ୍ତ ଦୁର୍ନୀତିର ଗଣ୍ଡିଙ୍କୁ କାଟିବା ଆସ ! ମୁଁ ଏଥର ଛିଡ଼ା ହୋଇଛି। ମୋତେ ଥରେ ଭୋଟ ଦେଇ ଦେଖ।' ସେମିତି କେହି କେହି ଆଖିରେ କଳା ଚଷମା, କେଟିଲି, ଷ୍ଟୁଲ, ଲଣ୍ଠନ, ହାତପଙ୍ଖା ଆଦି ଧରି ଘୂରି ବୁଲୁଛନ୍ତି ନିଜ ଚିହ୍ନକୁ ଚିହ୍ନେଇବା ପାଇଁ। ବାକି କେତେ ଜଣ ନିଜ ଚିହ୍ନକୁ ନେଇ ଅସହାୟ। ସେଥିପାଇଁ ମୋଟର କାର, ବସ୍ ଭଳି ଖେଳଣାର ପ୍ରତିକୃତି ଧରି ବୁଲୁଛନ୍ତି। ବଡ଼ କଥା ହେଲା ଜଣେ ପ୍ରାର୍ଥୀ କି ପ୍ରାର୍ଥିନୀ ଆସି ଚାଲିଗଲା ପରେ ଆରମ୍ଭ ହେଉଥିଲା ସେମାନଙ୍କ ବିଷୟରେ ଆଲୋଚନା। ବ୍ୟକ୍ତିତ୍ୱର ବିଶ୍ଳେଷଣ। ସେଇ ବ୍ୟକ୍ତିର ହେଉଥିଲା ଚରିତ୍ର ଚିତ୍ରଣ। ତଳ ଦିନରେ ସେ କୋଉଠି କ'ଣ କହିଥିଲା ଓ କେଉଁ ସବୁ ବାହାସ୍ଫୋଟ ମାରିଥିଲା ତା'ର ଅବିକଳ ମିମିକ୍ରି କରି ଜଣେ ଅଧେ କହୁଥିଲେ। ଶୁଣିବା ବାକି ଥୋକାଏ ହସୁଥିଲେ।

ପଞ୍ଚାୟତ ନିର୍ବାଚନରେ ସବୁଠାରୁ ବଡ଼ କଥା ହେଲା ବ୍ୟକ୍ତିତ୍ୱ। ରାଜନୈତିକ ଚିହ୍ନକୁ ଛାଡ଼ି ସାଧାରଣ ଚିହ୍ନକୁ ନେଇ ସରପଞ୍ଚ ଓ ସମିତିସଭ୍ୟ ପଦବୀ ଲାଗି ଲଢୁଥିବା ଲୋକଙ୍କ କଥା ଗୁରୁତ୍ୱପୂର୍ଣ୍ଣ। ସେଠି ପାର୍ଟି ଅପେକ୍ଷା ମାଟିର ଗୁରୁତ୍ୱ ଅଧିକ। ବ୍ୟକ୍ତିଠାରୁ ବ୍ୟକ୍ତିତ୍ୱର ମୂଲ୍ୟ ବେଶି। ଚେହେରା ଅପେକ୍ଷା ଚରିତ୍ର ଭାରି ଲାଗେ। ଅତୀତର ଛୋଟ ଛୋଟ ଆଚରଣ ବଡ଼ ବଡ଼ ଘଟଣା ହୋଇଯାଏ । ସାନ ସାନ କଥା ବଡ଼ ବଡ଼ ବୋମା ଭଳି ବିସ୍ଫୋରଣ ହୁଏ ଗାଁ ପରିସରରେ। ଅତୀତକୁ ପଛରେ ଛାଡ଼ି ବର୍ତ୍ତମାନରେ ବଞ୍ଚୁଥିବା ଲୋକଙ୍କ ପାଇଁ ନିର୍ବାଚନରେ ଅତୀତ ସବୁ ସିନେମା ପରଦାର ଛବି ଭଳି ଭାସି ଉଠେ। ବର୍ତ୍ତମାନ ଅପେକ୍ଷା ଅତୀତର ମୂଲ୍ୟ ବେଶି ଓଜନ ଲାଗେ । ଭବିଷ୍ୟତ କଥା ତ ସମସ୍ତଙ୍କ ପାଇଁ ଦୂର ଦିଗ୍‌ବଳୟ। ଭବିଷ୍ୟତକୁ ନେଇ ରାଜନୀତିରେ ଟଣାଓଟରା ଚାଲେ। ଗୋଟେ ଅଜବ ନିଶାରେ ହେଉ କିମ୍ବା ଅନ୍ୟ ଦ୍ୱାରା ପ୍ରରୋଚିତ ହୋଇ ପ୍ରାର୍ଥୀ ହୋଇଗଲା ପରେ ନିଜର ଅତୀତର କର୍ମ ସବୁ ନିଜ ନିକଟରେ ଛାଟିପିଟି ହୁଅନ୍ତି। ଭଲ କର୍ମ ସବୁ ଦମ୍ଭ ଯୋଗାଏ। କୁକର୍ମ ନିଜକୁ ଦୁର୍ବଳ କରେ। ତାକୁ ଘୋଡ଼ାଇବା ଲାଗି ଅଜସ୍ର ମିଛ କହିବାକୁ ହୁଏ। କୃତ୍ରିମ ଆଚରଣ ପ୍ରଦର୍ଶନ କରିବାକୁ ପଡ଼େ। ଟାଉଟର ନିଜର ଜୟଗାନ କରେ। ଗୁଣ୍ଡା ଜନତାଙ୍କ ଭେଣ୍ଡା ଭଳି ଅଭିନୟ କରେ। ମିଠା ଛଳନାରେ ରଙ୍ଗେଇବାକୁ, କୃତ୍ରିମ ସରାଗରେ ବୁଡ଼ାଇବାକୁ, ମିଛ ପ୍ରତିଶ୍ରୁତିରେ ବୁଡ଼େଇବାକୁ ହେଳା କରନ୍ତିନି କେହି। ସବୁଠି ପ୍ରେମ ଛଳଛଳ, ଭାବ ଗଦଗଦ। ମଧୁର ବଚନର ବାଆ। ଅସାଧୁ ରାତାରାତି ନିଜେ ସାଧୁ ହୋଇଯାଏ ଯେମିତି। କିନ୍ତୁ ପ୍ରତିକ୍ଷଣ ତା'ର ଅତୀତ ମାରି ଗୋଡ଼ାଏ। ଏସବୁ ପରେ ବି ଅର୍ଥ କାଳେ ଅନର୍ଥ କରେ ନିର୍ବାଚନରେ। ରାତାରାତି ପଟ ବଦଳିଯାଏ। ପବନର ଦିଗ ପରିବର୍ତ୍ତନ ହୁଏ। ଏକଥା ବି ସତ ଅର୍ଥ ସତ୍ତ୍ୱେ ବି ସବୁ ବ୍ୟର୍ଥ ହୁଏ। ମୁହଁମାଡ଼ି ମାଟି କାମୁଡ଼ିବାକୁ ପଡ଼େ। ସଫଳତାର ସ୍ୱପ୍ନରେ ବିଭୋର ମଣିଷ ଫଳାଫଳରେ ଆତ୍ମହରା ହେବାକୁ ବାଧ୍ୟ ହୁଏ। ଗାଁ ରାଜନୀତିରେ ସହଜରେ ଭୋଟ ଭାଗ ଭାଗ ହୁଏ। ଗଣତନ୍ତ୍ରରେ ସମସ୍ତେ ସମାନ ଯଦିଓ ପଞ୍ଚାୟତ ନିର୍ବାଚନରେ ଜାତି, ଧର୍ମ, ଗୋଷ୍ଠୀ, ସଂସ୍କୃତି, ପରମ୍ପରା ଆଦି ଅନେକ କାରକ ବଡ଼ ଫରକ ଆଣେ। କୋଠ ଘର, ଭାଗବତ ଟୁଙ୍ଗି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଆଖଡା, କ୍ଲବ, ସଂଘ, ସଂଗଠନ, ଗୋଷ୍ଠୀ, ପରିଷଦ, ଜାତିଭିତ୍ତିକ ସମାଜର ଗୁରୁତ୍ୱ ବଢ଼ିଯାଏ। ବେଳେବେଳେ ସାମାନ୍ୟ କିଛି ପରିମାଣର ଅନୁଦାନ ହେଉ ଅବା କିଛି ଲୋଭନୀୟ ସାମଗ୍ରୀ ବଦଳରେ ମେଣ୍ଢା ପଲ ପ୍ରାୟ ଆଖି ବୁଜି ମୁଖିଆଙ୍କ ଇଙ୍ଗିତରେ ଭୋଟ ଦେଇଦିଅନ୍ତି। ପଛରେ ହୁଏତ ବହୁତ ପସ୍ତେଇବାକୁ ପଡ଼େ ଏମାନଙ୍କୁ।

ପଞ୍ଚାୟତ ନିର୍ବାଚନ ବ୍ୟକ୍ତିତ୍ୱର ମୂଲ୍ୟାୟନ ହୁଏ ଅଧିକ। ଅତି ନିକଟରୁ ଦେଖୁଥିବା ମଣିଷମାନଙ୍କୁ ଲୋକେ ସହଜରେ ମୂଲ୍ୟାୟନ କରନ୍ତି। ଅନେକ ଲୋକଙ୍କ ଆତ୍ମସମ୍ମାନ ଧୂଳିସାତ ହୋଇଯାଏ। ଅହଂ ଚୂରମାର ହୋଇଯାଏ। ନିଜ ଭିତରେ ବିଭେଦ ସୃଷ୍ଟିହୁଏ। ପରିବାରରେ ପାଚେରି ଉଠିଯାଏ। ଅଥଚ ମାମୁଲି ଲୋକଟି ବି ନିଜର ଭଲପଣ ପାଇଁ ବିଜୟ ମୁକୁଟ ପିନ୍ଧିପାରେ। ଗାଁ ରାଜନୀତି ଯେ ଏବେ ପ୍ରଖର ଓ ସମ୍ବେଦନଶୀଳ ବୁଝିବାକୁ ବାକି ରହିଲା ନାହିଁ। ପ୍ରାର୍ଥୀମାନେ ନିଜର ପ୍ରଚାର ସହ ବାକି ଲୋକର କୁତ୍ସାରଟନା କରୁଥିଲେ। ଏମିତିରେ ବିଦାୟୀ ସରପଞ୍ଚ ପହଞ୍ଚିଲେ ସେଠିକୁ। ଜଣେ କେହି ପଚାରିଲା – 'ସିଟ୍ ବଦଳିବାରୁ ତୁମେ ସିନା ପ୍ରାର୍ଥୀ ହୋଇପାରିବନି, ହେଲେ ତୁମ ଘର ଲୋକ ଭିତରୁ କାହାକୁ ଛିଡ଼ା କଲନି?' ସାମାନ୍ୟ ହସି ଦେଇ ନିଜ ଅଭିଜ୍ଞତାରୁ ସେ କହିଲେ – ''ନାଇଁ ବାବୁ ! ବଡ଼ ଜାତି ଏ ରାଜନୀତି। ଗଙ୍ଗା ଗଲି ଯେତିକି ଫଳ ପାଇଲି ସେତିକି। ଭଲ ଲୋକଙ୍କୁ ଇଠି ଜାଗା ନାହିଁ। ଗୋଳିଆ ପାଣିରେ ଜାଣି ଜାଣି କି ପାଇଁ ଗୋଡ଼ ଧୋଇବାର ! ଏସବୁ ପାଇଁ ଅଲଗା ଲୋକ ଅଛନ୍ତି !'' କଥା ଶେଷ ହେଲାବେଳକୁ ସମିତିସଭ୍ୟ ପ୍ରାର୍ଥୀ ହୋଇଥିବା ଜଣେ ବାଲୁଙ୍ଗା ଟୋକା ଆସି ତୁରନ୍ତ ବିଦାୟୀ ସରପଞ୍ଚଙ୍କୁ କହିଲା – 'ମଉସା ! ଏଥର ମୁଇଁ ଛିଡ଼ା ହେଇଛି ଟିକେ ଦେଖିବ ! ମୋ କଥା ଲାଗିଲା !' ଏତିକି କଥାରେ ଫେଁ କରି ହସିବାକୁ ବାକି ଲୋକଙ୍କୁ ପରିସ୍ଥିତି ବାଧ୍ୟ କରିଥିଲା।

**ଇନ୍ଦିରା ନଗର, ଚତୁର୍ଥ ଗଳି,**
**ରାୟଗଡ଼ା, ମୋ–୯୪୩୭୯୦୯୬୭୧**

## ଏଇ ଭାରତରେ

ଦେଶରୁ ଘରଚଟିଆ ବଂଶ ଲୋପ ପାଇଯାଉଥିବାବେଳେ ସେମାନଙ୍କ ସୁରକ୍ଷା ଲାଗି ଅଣ୍ଟା ଭିଡ଼ିଛନ୍ତି ରାକେଶ ଖତ୍ରି। ସେ ଏହି ପକ୍ଷୀଙ୍କ ପାଇଁ ହାତରେ ବସା ତିଆରି କରୁଛନ୍ତି। ଏବେ ସୁଦ୍ଧା ସେ ୨.୫ ଲକ୍ଷ ବସା ତିଆରି କରିସାରିଲେଣି ଏବଂ ୧୦ ଲକ୍ଷ ପିଲାଙ୍କୁ ଏହାର ନିର୍ମାଣ ସମ୍ପର୍କରେ ପ୍ରଶିକ୍ଷଣ ଦେଇସାରିଛନ୍ତି। ପକ୍ଷୀ ସୁରକ୍ଷା ସକାଶେ ସେ ବ୍ୟବସାୟ ଛାଡ଼ିଦେଇଛନ୍ତି ଓ ଜଣେ ପରିବେଶବିତ୍ ଭାବେ ଦୁଇ ଦଶନ୍ଧି ହେବ ଘରଚଟିଆ ବଂଶ ସୁରକ୍ଷା ସକାଶେ ଅଭିଯାନ ଚଳାଇଛନ୍ତି। ପ୍ରଥମେ ସେ ନଡ଼ିଆକତା ଏବଂ ଖବରକାଗଜରେ ବସା ନିର୍ମାଣ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ସେ ବସାରେ ବାଉଁଶ କାଠି ବ୍ୟବହାର କରି ତାହାକୁ ମଜଭୁତ କରିଥିଲେ ଏବଂ ସେଗୁଡ଼ିକୁ ଦିଲ୍ଲୀସ୍ଥିତ ତାଙ୍କ କଲୋନିର ବିଭିନ୍ନ ସ୍ଥାନରେ ଲଗାଇଥିଲେ। କିଛିଦିନ ପରେ ୪ଟି ଘରଚଟିଆ ଆସି ବସାରେ ରହିଥିଲେ ଏବଂ ତାହା ରାକେଶଙ୍କୁ ଖୁବ୍ ଉତ୍ସାହିତ କରିଥିଲା। ଏହା ପରଠାରୁ ସେ ୨.୫ ଲକ୍ଷ ବସା ତିଆରି କରି ଦିଲ୍ଲୀ ସମେତ ଦେଶର ବିଭିନ୍ନ ସ୍ଥାନରେ ଲଗାଇଛନ୍ତି। କେବଳ ଏତିକି ନୁହେଁ, ସେ ପିଲାମାନଙ୍କୁ ମଧ୍ୟ ଜଳବାୟୁ ପରିବର୍ତ୍ତନ ଏବଂ ଇ–ୱେଷ୍ଟ ରିସାଇକିଲିଂ ଉପରେ ପ୍ରଶିକ୍ଷଣ ଦେଉଛନ୍ତି।

## ଚିରନ୍ତନୀ

ଆବରଣହୀନ କଳା ଦେହେ ତା'ର
କି ରୂପ ଝରେ,
କଣ୍ଠେ ଲଗାଇ ଯବାଫୁଲ ସମ
ପୋହଳାହାର !
ବନର ବିହଗ ପରାଏ ତାହାର
ବିତଇ କାଳ
ତୋତେ ଚାହିଁ ସବୁ ପାସୋରି ଦିଏରେ
ଶିମୁଳିପାଳ !
–(ପାସୋରି ଦେଲିରେ ଶିମୁଳିପାଳ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | 1 | | | | 2 |
| 4 | | | | | | 7 | | |
| | | | | | | | 3 | |
| | | | | 3 | | | | |
| 8 | | 9 | | | | 5 | | |
| 7 | | | 1 | | | | 4 | |
| 3 | | | | | | 4 | | |
| | | 8 | 2 | | 4 | 1 | | |
| | | 1 | | 7 | 6 | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 6 | 1 | 8 | 7 | 5 | 9 | 2 |
| 9 | 1 | 7 | 5 | 6 | 2 | 3 | 8 | 4 |
| 2 | 5 | 8 | 3 | 9 | 4 | 1 | 7 | 6 |
| 6 | 2 | 4 | 8 | 3 | 1 | 7 | 5 | 9 |
| 5 | 9 | 1 | 4 | 7 | 6 | 2 | 3 | 8 |
| 8 | 7 | 3 | 2 | 5 | 9 | 4 | 6 | 1 |
| 7 | 8 | 2 | 6 | 4 | 3 | 9 | 1 | 5 |
| 3 | 4 | 5 | 9 | 1 | 8 | 6 | 2 | 7 |
| 1 | 6 | 9 | 7 | 2 | 5 | 8 | 4 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମହିଳା ସଶକ୍ତୀକରଣ କେଉଁଠି

ମହାଶୟ,

ଶାନ୍ତିପ୍ରିୟ ଓଡ଼ିଶାରେ ଯେଉଁଭଳି ଭାବେ ନାରୀ ନିର୍ଯାତନାର ସୀମା ପାର ଲୋମହର୍ଷଣ ଘଟଣା ଘଟିଗଲା, ତାହା ଅତ୍ୟନ୍ତ ନିନ୍ଦନୀୟ ଏବଂ ଲଜ୍ଜାଜନକ। ମହିଳାଙ୍କ ଉପରେ ଆକ୍ରମଣଜନିତ ହତ୍ୟା, ବଳପ୍ରୟୋଗ ଆଦି କ୍ଷେତ୍ରରେ ଜଗନ୍ନାଥ ଧାମ ବୋଲାଉଥିବା ଓଡ଼ିଶା ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଏଠାରେ ପ୍ରତି ୧୦ ଜଣରେ ଜଣେ ମହିଳା ଘରୋଇ ହିଂସାର ଶିକାର ହେଉଛନ୍ତି। ଯଦି ଦେଖିବା ରାଜ୍ୟରେ ପ୍ରତିଦିନ ୭ଟି ବଳାତ୍କାର ମାମଲା ଆସୁଛି। ଆମ ରାଜ୍ୟର ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଅର୍ଥନୈତିକ କ୍ଷେତ୍ରରେ ଆତ୍ମନିର୍ଭର କରିବା ଯେତିକି ଆବଶ୍ୟକତା ରହିଛି, ସାମାଜିକ କ୍ଷେତ୍ରରେ ମଧ୍ୟ ମର୍ଯ୍ୟାଦା ଏବଂ ସ୍ୱାଭିମାନର ସହ ସୁରକ୍ଷିତ ହୋଇ ବଞ୍ଚିବା, ଅନ୍ୟାୟ ବିରୋଧରେ ସେତିକି ଲଢ଼ିବା ଆବଶ୍ୟକ। ରାଜ୍ୟରେ ମହିଳା ନେତୃତ୍ୱକୁ ଯେତିକି ଗୁରୁତ୍ୱ ମିଳିବା କଥା, ତାହା ପରିଲକ୍ଷିତ ହୋଇପାରି ନାହିଁ। ମହିଳା ସଶକ୍ତୀକରଣକୁ ଜୋର ଦେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପାଞ୍ଚ କି ଦଶ ନୁହେଁ, ପୂରା ପଚାଶ ପ୍ରତିଶତ ମହିଳା ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚନ ରାଜନୀତିକୁ ଓହ୍ଲାଇଛନ୍ତି। ରାଜ୍ୟରେ ପାଖାପାଖି ୭ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି। ପଞ୍ଚାୟତ ଓ ପୌରସଂସ୍ଥାରେ ୫୦ ପ୍ରତିଶତ ଆସନ ମହିଳାଙ୍କ ଲାଗି ସଂରକ୍ଷଣ ଘୋଷଣା ମଧ୍ୟ ଏକ ରେକର୍ଡ । ସାମାଜିକ ସୁରକ୍ଷା ବିନା ନାରୀମାନଙ୍କ ପ୍ରତି ରାଜନୈତିକ ସଶକ୍ତୀକରଣ ବୃଥା ଏବଂ ଅସମ୍ଭବ। ଆଇନର ପରିବର୍ତ୍ତନ ହେବା ଆବଶ୍ୟକ। ଆମ ସମ୍ବିଧାନ ଧାରା ୨୧ କହେ, ଆତ୍ମସମ୍ମାନର ସହ ବଞ୍ଚିବା ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ନାରୀର ସାମ୍ବିଧାନିକ ଅଧିକାର। ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚରେ ନାରୀ କାହିଁକି ବଳିପଡ଼ିବ ! ରାଜନୀତିରେ ମାନବିକ ଓ ନୈତିକ ମୂଲ୍ୟବୋଧ ବଳବତ୍ତର ରହୁ।

**–ଦେବଜିତ୍ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭାଜପା ପାଇଁ ପାଗ ଖରାପ: ଜୟନ୍ତ

## ବିଜ୍‌ନୁରରେ ମୋଦିଙ୍କ ରାଲି ବାତିଲ

ଲକ୍ଷ୍ନୌ,୭।୨

ଉତ୍ତରପ୍ରଦେଶର ବିଜ୍‌ନୁରଠାରେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରିବାକୁ ଥିବା ରାଲି ବାତିଲ ହେବା ପରେ ବିରୋଧୀ ଦଳ ଭାଜପାକୁ ଟାର୍ଗେଟ କରିଛନ୍ତି। ଭାଜପା ପାଇଁ ପାଗ ଖରାପ ବୋଲି ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ଅଧ୍ୟକ୍ଷ ଜୟନ୍ତ ଚୌଧରୀ କହିଛନ୍ତି।

ବିଜ୍‌ନୁରଠାରେ ପ୍ରଧାନମନ୍ତ୍ରୀଙ୍କର ପ୍ରଥମ ଅଫ୍‌ଲାଇନ ରାଲି ଅନୁଷ୍ଠିତ ହେବାକୁ ଥିବାବେଳେ ପାଗ ଖରାପ ଦର୍ଶାଇ ଏହାକୁ ବାତିଲ କରିଦିଆଯାଇଥିଲା। ମୋଦି ଆସି ନ ପାରି ଭର୍ଚୁଆଲ ମୋଡ୍‌ରେ ଉଦ୍‌ବୋଧନ ଦେଇଥିଲେ। ତେବେ ଭାଜପା ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଥିବାରୁ ଲୋକଙ୍କୁ ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ନାହିଁ। ସେଥିପାଇଁ ପ୍ରଧାନମନ୍ତ୍ରୀ ରାଲିକୁ ଆସିଲେନି ବୋଲି ଜୟନ୍ତ କହିଛନ୍ତି। ବିଜ୍‌ନୁରର ବିକାଶ ସହ ସବୁବେଳେ ବିଦ୍ୟୁତ୍ ଉପଲବ୍ଧ କରାଇବାକୁ ପୂର୍ବରୁ ଭାଜପା ପ୍ରତିଶ୍ରୁତି ଦେଇଥିଲା। ପ୍ରଧାନମନ୍ତ୍ରୀ ଆସିଥିଲେ ଲୋକେ ଏନେଇ ପ୍ରଶ୍ନ କରିଥାନ୍ତେ। ସେଥିପାଇଁ ଭାଜପାର ପାଗ ହଠାତ୍ ବିଗିଡ଼ିଗଲା



ଜୟନ୍ତ ଚୌଧରୀ

ବୋଲି ମୀରଟ କ୍ୟାଣ୍ଟନମେଣ୍ଟରେ ଏକ ରାଲିକୁ ସମ୍ବୋଧନ କରି ଆର୍‌ଏଲ୍‌ଡି ନେତା କହିଛନ୍ତି। ମୋଦିଙ୍କ ରାଲି ବାତିଲ ଘୋଷଣା ପରେ ଜୟନ୍ତ ୱେଦର ଆପ୍‌ର ଏକ ସ୍କ୍ରିନ୍‌ଶଟ୍ ଟୁଇଟ୍ କରି ବିଜନୁରରେ ଖରା ପଡ଼ିଥିବାବେଳେ ଭାଜପା ପାଇଁ ପାଗ ଖରାପ ବୋଲି ଲେଖିଥିଲେ।

ସୂଚନାଯୋଗ୍ୟ ଚଳିତ ନିର୍ବାଚନରେ ଜୟନ୍ତଙ୍କ ଦଳକୁ ସାଙ୍ଗରେ ନେବା ଲାଗି ଉଦ୍ୟମ କରି ଭାଜପା ବିଫଳ ହୋଇଥିଲା। ଜୟନ୍ତଙ୍କୁ ମନାଇବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଦୁଇଥର ଉଦ୍ୟମ କରିଥିଲେ। ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରୁଥିବା ଭାଜପା ସହ ମେଣ୍ଟ କରିବାକୁ ଜୟନ୍ତ ମନା କରିଦେବା ସହ ଅଖିଲେଶ ଯାଦବଙ୍କ ସମାଜବାଦୀ ପାର୍ଟି ସହ ମିଶି ଭୋଟ ଲଢ଼ିବାକୁ ନିଷ୍ପତ୍ତି ନେଇଥିଲେ।

# ଆଜି ବିଜେଡିର ଚାଉଳ, ଭାଜପାର ମମିତା ପ୍ରସଙ୍ଗ ନେଇ ଆନ୍ଦୋଳନ

ଭୁବନେଶ୍ୱର, ୭।୨(ବ୍ୟୁରୋ)

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରର ଓଡ଼ିଶା ତଥା କୃଷକ ବିରୋଧୀ ମନୋଭାବ ଜାରି ରହିଛି। କେନ୍ଦ୍ରୀୟ ଅବହେଳାର ସର୍ବଶେଷତମ ଉଦାହରଣ ହେଉଛି ଓଡ଼ିଶାରୁ ବଳକା ଚାଉଳ ଉଠାଇବାକୁ କେନ୍ଦ୍ର ସରକାର ରୋକ୍‌ଠୋକ୍ ମନା କରିବା। ଏହାଦ୍ୱାରା ଓଡ଼ିଶାର କୋଟି କୋଟି କୃଷକ ଦୁଃଖ ଓ ଅନଟନରେ ପଡ଼ିଥିବା ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର ଓ ସୁଲତା ଦେଓ କହିଛନ୍ତି। ଏହି ପ୍ରସଙ୍ଗରେ ବିଜେଡି ମଙ୍ଗଳବାର ଧାରଣା ଦେବ ବୋଲି ସୂଚନା ଦେଇଛି। ଅନ୍ୟପଟେ ବିଜେଡିର ଚାଉଳ ପ୍ରସଙ୍ଗକୁ ସାମ୍ନା କରିବାକୁ ଭାଜପା ପୁଣିଥରେ ମମିତା ମେହେର ହତ୍ୟାକାଣ୍ଡକୁ ନେଇ ମଙ୍ଗଳବାର ନବୀନ ନିବାସ ଘେରାଉ



ଖବରଦାତା ସମ୍ମିଳନୀରେ ବିଜେଡି ନେତ୍ରୀ।

ଚେତାବନୀ ଦେଇଛି। ତେଣୁ ବିଜେଡିର ଚାଉଳ ଏବଂ ଭାଜପାର ମମିତା ମେହେର ପ୍ରସଙ୍ଗକୁ ନେଇ ରାଜଧାନୀରେ ଉଭୟ ଦଳର କର୍ମୀ ପରସ୍ପର ସମ୍ମୁଖୀନ ହେବେ।

ବିଜେଡି କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶ୍ରୀମୟୀ କହିଛନ୍ତି ଯେ, ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ଚାଉଳ ଯୋଗାଣ କ୍ଷେତ୍ରରେ ଓଡ଼ିଶା ୩ୟ ବୃହତ୍ତମ ଯୋଗଦାନକାରୀ ରାଜ୍ୟ। ଓଡ଼ିଶା ୯୫ ପ୍ରତିଶତ ଉଷୁନା ଚାଉଳ ଉତ୍ପାଦନ କରିଥାଏ। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଓଡ଼ିଶାରେ ବଳକା ଚାଉଳକୁ ଉଠାଇବା କେନ୍ଦ୍ରର କର୍ତ୍ତବ୍ୟ, ରାଜ୍ୟର ନୁହେଁ। ଓଡ଼ିଶାର କୃଷକଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର କେନ୍ଦ୍ର ତରଫରୁ ଚାଉଳ ଖରିଦ କରିଥାନ୍ତି। କିନ୍ତୁ ବର୍ତ୍ତମାନ ବଳକା ଚାଉଳ ନ ଉଠାଇବାକୁ କେନ୍ଦ୍ର ସରକାର ପ୍ରତ୍ୟାଖ୍ୟାନ କରିବା ରାଜ୍ୟର ଚାଷୀଙ୍କ ଜୀବନ ଓ ଜୀବିକା ଉପରେ ଆକ୍ରମଣ ସଦୃଶ ହୋଇଛି। ଏହା ବିରୋଧରେ ମଙ୍ଗଳବାର ଏଫ୍‌ସିଆଇ ଦପ୍ତର ସମ୍ମୁଖରେ ବିଜେଡି ପକ୍ଷରୁ ଧାରଣା ଦିଆଯିବ ବୋଲି ସୂଚନା ଦେଇଛନ୍ତି। ସୁଲତା କହିଛନ୍ତି, ଭାଜପା ଏମ୍‌ପିମାନେ ଚାଷୀଙ୍କ ପାଖକୁ ଯାଇ କେବଳ ନିର୍ବାଚନ ସମୟରେ ଭୋଟ୍ ମାଗିଥାନ୍ତି। ସେମାନେ କୃଷକଙ୍କ କଲ୍ୟାଣ ବିଷୟରେ ନୁହେଁ, ନିଜର ଭୋଟ କଥା ଚିନ୍ତା କରିଥାନ୍ତି।

# ଘରଟିଏ ମିଳିଲାନି ବୋଲି ଲଢୁଛନ୍ତି ନିର୍ବାଚନ

କେନ୍ଦୁଝର,୭।୨(ଡି.ଏନ.ଏ.)

ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ପାଇଁ ଗୁହାରୀ କରି ୫ ବର୍ଷ ବିତିଗଲା। ହେଲେ ତାଙ୍କ କଥା କେହି ଶୁଣିଲେନି। ଶେଷରେ ନିଷ୍ପତ୍ତି ନେଲେ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଭୋଟ ପାଇ ସରପଞ୍ଚ ହେଲେ ଗରିବ, ଅସହାୟ ପରିବାରକୁ ଘର ଯୋଗାଇ ଦେବେ। ଏହିଭଳି ଲକ୍ଷ୍ୟ ନେଇ ଚଳିତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ହୋଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି କେନ୍ଦୁଝର ସଦର ବ୍ଲକ ପଦ୍ମପୁର ଗ୍ରାମର ଦେବଶ୍ରୀ ନାଏକ।

ସ୍ୱାମୀ ରମାକାନ୍ତ ପାତ୍ର, ଶ୍ୱଶୁର ଈଶ୍ୱରୀ ପାତ୍ର, ଶାଶୁ ଯାତ୍ରୀ ପାତ୍ରଙ୍କ ସମେତ ଦୁଇଝିଅଙ୍କୁ ନେଇ ତାଙ୍କ ପରିବାର। ରମାକାନ୍ତ ଅଟୋ ଚଳାଇ ପରିବାର ପୋଷନ୍ତି। ଶ୍ୱଶୁର ସାଇକେଲ ଦୋକାନରେ ଶ୍ରମିକ ଭାବେ କାମ କରୁଥିଲେ ବି ପରିବାର ଚଳାଇବା କଷ୍ଟସାଧ୍ୟ ହେଉଛି। ସେଥିଯୋଗୁ ନିଜ ପରିବାର ପାଇଁ ଘର ଖଣ୍ଡିଏ କରିପାରି ନାହାନ୍ତି। ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଘର ଖଣ୍ଡିଏ



ଭଙ୍ଗା ଘର ସାମ୍ନାରେ ଛିଡ଼ା ହୋଇଛନ୍ତି ଦେବଶ୍ରୀ ନାଏକ।

ପାଇଁ ବର୍ଷ ବର୍ଷ ଧରି ନିବେଦନ କରିଥିଲେ ମଧ୍ୟ ତାଙ୍କୁ ଘର ମିଳି ପାରିନାହିଁ। ଶେଷରେ ସ୍ୱାମୀ ଓ ପରିବାରର ପ୍ରୋତ୍ସାହନରେ ଚଳିତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ହୋଇଥିବା ଦେବଶ୍ରୀ କହିଛନ୍ତି। ରମାକାନ୍ତଙ୍କ କହିବା କଥା ଘର ଖଣ୍ଡେ ପାଇଁ ସରପଞ୍ଚଙ୍କ ପାଖକୁ ଦୌଡି ଦୌଡି ବିଫଳ ହେବା ପରେ ସେହି ଜିଦିରେ ତାଙ୍କ ସ୍ତ୍ରୀ ପ୍ରାର୍ଥୀ ହୋଇଛନ୍ତି।

# ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ: ଭାଜପା

ଭୁବନେଶ୍ୱର, ୭।୨(ବ୍ୟୁରୋ)

ବିଜେଡିର ମନ୍ତ୍ରୀ ଓ ନେତାଙ୍କ ପ୍ରତ୍ୟକ୍ଷ ପ୍ରରୋଚନାରେ ସରକାରୀ କର୍ମଚାରୀମାନେ ଶାସକ ଦଳ ସପକ୍ଷରେ ପ୍ରଚାର କରୁଛନ୍ତି। ଏଭଳି ଘଟଣାର ଭିଡିଓ ଗଣମାଧ୍ୟମରେ ଭାଇରାଲ ହେଉଥିଲେ ମଧ୍ୟ ରାଜ୍ୟ ନିର୍ବାଚନ କମିଶନ ନୀରବଦ୍ରଷ୍ଟା ସାଜିଥିବା ଭାଜପାର ପ୍ରତିନିଧି ଦଳ ଅଭିଯୋଗ କରିଛନ୍ତି।

ଭାଜପାର ଏକ ପ୍ରତିନିଧି ଦଳ ସୋମବାର ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟି ଅଭିଯୋଗ କରିଛନ୍ତି, ବାରମ୍ବାର ଅଭିଯୋଗ ସତ୍ତ୍ୱେ କମିଶନ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଆଗାମୀ ପୌର ନିର୍ବାଚନ ପାଇଁ ପୌରାଧ୍ୟକ୍ଷ ସଂରକ୍ଷଣକୁ ନେଇ ହୋଇଥିବା ଏକ ବଡ଼ ଚଞ୍ଚକତା ସାମ୍ନାକୁ ଆସିଛି। ସୁନ୍ଦରଗଡ଼ ଜିଲାର ବୀରମିତ୍ରପୁର ମ୍ୟୁନିସିପାଲିଟିରେ ୮୦ ପ୍ରତିଶତ ଆଦିବାସୀ ବହୁଳ ଏବଂ ୩ଟି ୱାର୍ଡ ଅଣସଂରକ୍ଷିତ ହୋଇଥିବା ବେଳେ ଅନ୍ୟ ସମସ୍ତ ଏସ୍‌ଟିଙ୍କ ପାଇଁ ସଂରକ୍ଷିତ ରହିଛି। ଏଭଳି ସ୍ଥିତିରେ ପୌରାଧ୍ୟକ୍ଷ ପଦଟି କେଉଁ ଆଧାରରେ ଅଣସଂରକ୍ଷିତ ଭାବେ ପ୍ରକାଶ ପାଇଛି ବୋଲି ଭାଜପା



ରାଜ୍ୟ ନିର୍ବାଚନ କମିଶନରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଉଛନ୍ତି ଭାଜପା ନେତୃବୃନ୍ଦ।

## ବିଭିନ୍ନ ମୋର୍ଚ୍ଚା ଲାଗି ପ୍ରଭାରୀ

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ସୋମବାର ଦଳ ବିଭିନ୍ନ ମୋର୍ଚ୍ଚା ପାଇଁ ରାଜ୍ୟ ପ୍ରଭାରୀଙ୍କ ନାମ ଘୋଷଣା କରିଛି। ଅନୁସୂଚିତ ଜାତି ମୋର୍ଚ୍ଚା ପ୍ରଭାରୀ ପୃଥ୍ୱୀରାଜ ହରିଚନ୍ଦନ, ଯୁବ ମୋର୍ଚ୍ଚା ପ୍ରଭାରୀ ଗୋଲକ ମହାପାତ୍ର, ସଂଖ୍ୟାଲଘୁ ମୋର୍ଚ୍ଚା ପ୍ରଭାରୀ ରବି ନାରାୟଣ ନାଏକ, ଓବିସି ମୋର୍ଚ୍ଚା ପ୍ରଭାରୀ ଲେଖାଶ୍ରୀ ସାମନ୍ତସିଂହାର, ଅନୁସୂଚିତ ଜନଜାତି (ଏସ୍‌ଟି) ମୋର୍ଚ୍ଚା ପ୍ରଭାରୀ ସୁଶ୍ରୀ ସୁକେଶୀ ଓରାମ, ମହିଳା ମୋର୍ଚ୍ଚା ପ୍ରଭାରୀ ଅନୀତା ଶୁଭଦର୍ଶିନୀ ପଟ୍ଟନାୟକ, କୃଷକ ମୋର୍ଚ୍ଚା ପ୍ରଭାରୀ ଭାବେ କାଳନ୍ଦୀ ସାମଲଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରଶ୍ନ କରିଛି। ତେଣୁ ରାଜ୍ୟରେ ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ଲାଗି ରାଜ୍ୟ ନିର୍ବାଚନ କମିଶନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ଦାବି କରିଛି।

# କଂଗ୍ରେସର ୨୦ ଜଣିଆ ତାରକା ପ୍ରଚାରକ

ଭୁବନେଶ୍ୱର,୭।୨(ବ୍ୟୁରୋ)

**ପଞ୍ଚାୟତ ନିର୍ବାଚନ ଲଢ଼େଇ**

- ତାଲିକାରେ ନାହିଁ ପ୍ରସାଦ ହରିଚନ୍ଦନଙ୍କ ନାମ
- ଡିଜିଟାଲ ପ୍ରଚାର ଆରମ୍ଭ

ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ଏକ ୨୦ଜଣିଆ ତାରକା ପ୍ରଚାରକ ତାଲିକା ଘୋଷଣା କରାଯାଇଛି। ଏଥିରେ ଓଡିଶା କଂଗ୍ରେସ ପ୍ରଭାରୀ ତଥା ଏମ୍‌ପି ଡ. ଏ ଚେଲା କୁମାର, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଏଆଇସିସି ସମ୍ପାଦକ ରୁଦ୍ର ରାଜୁ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ଚିରଞ୍ଜୀବ ବିଶ୍ୱାଳ, ଶରତ ପଟ୍ଟନାୟକ, ଜୟଦେବ ଜେନା, ପଞ୍ଚାନନ କାନୁନ୍‌ଗୋ, ସପ୍ତଗିରି ଉଲ୍ଲାକା, ସୁରେଶ କୁମାର ରାଉତରାୟ, ତାରା ପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ମହମ୍ମଦ ମୋକିମ, କିଶୋର ଚନ୍ଦ୍ର ପଟେଲ, ବିଜୟଲକ୍ଷ୍ମୀ ସାହୁ, ସତ୍ୟପ୍ରକାଶ ନାୟକ, ସୁରେଶ ମହାପାତ୍ର ପ୍ରମୁଖ ରହିଥିବାବେଳେ ଛତିଶଗଡ଼ ପ୍ରଦେଶ କଂଗ୍ରେସ ସଭାପତି ମୋହନ ମରକାମ, କ୍ୟାବିନେଟ ମନ୍ତ୍ରୀ ଅମରଜିତ ଭଗତ ଓ କାୱାସି ଲକ୍ଷ୍ମା ରହିଛନ୍ତି। ତେବେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କୁ ଏହି ତାଲିକାରୁ ବାଦ୍ ଦିଆଯାଇଥିବାରୁ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। କିଛିଦିନ ତଳେ ପ୍ରସାଦ ଦଳ ଛାଡୁଥିବା ନେଇ ଚର୍ଚ୍ଚା ହୋଇଥିଲା। ଏଥିସହ ସତ୍ୟବାଦୀରୁ କଂଗ୍ରେସର ଜିଲା ପରିଷଦ ପ୍ରାର୍ଥୀ ନ ହେବା ନେଇ ତାଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ ହୋଇଥିଲା। ଅନ୍ୟପକ୍ଷରେ କଂଗ୍ରେସ ସୋମବାର ବିଧିବଦ୍ଧଭାବେ ଡିଜିଟାଲ ପ୍ରଚାର ଆରମ୍ଭ କରିଛି। ପିସିସି ସୋସିଆଲ ମିଡିଆ ବିଭାଗ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ କହିଛନ୍ତି, ଆମେ ଲୋକଙ୍କ ନିକଟରୁ ଭିଡିଓ ବାର୍ତ୍ତା ସଂଗ୍ରହ କରିଛୁ। ଏହାକୁ ଲୋଗୋ ଓ ପ୍ରଚାର ପ୍ରଣାଳୀ ସହିତ ବୁଥ ସ୍ତରରେ ହ୍ୱାଟ୍‌ସଆପ୍, ଫେସବୁକ ଆଦି ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚାଇବୁ। ମଙ୍ଗଳବାର ମିସ୍‌କଲ ମାଧ୍ୟମରେ ଆମ ସହିତ ଯୋଡି ହେବା ସହ ଅଭିଯୋଗ ପାଇଁ ସ୍ୱତନ୍ତ୍ର ଫୋନ ନମ୍ବର ଜାରି କରିବୁ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅପାରଗତା ତଥା ଜନବିରୋଧୀ କାର୍ଯ୍ୟ ଓ କଂଗ୍ରେସ ସରକାର ସମୟରେ ହୋଇଥିବା ଜନକଲ୍ୟାଣ କାର୍ଯ୍ୟକୁ ନେଇ ଜନତାଙ୍କଠାରୁ ଭୋଟ ଭିକ୍ଷା କରାଯିବ ବୋଲି ମହାନନ୍ଦ କହିଛନ୍ତି।

## ରାଜ୍ୟ ଖବର

**ସଂକ୍ଷେପରେ**

### ଠେଙ୍ଗାରେ ପିଟି ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଗିରଫ

ଝାରସୁଗୁଡ଼ା ଅଫିସ,୭।୨: ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌର ପରିଷଦ ମିର୍ଦ୍ଧାଡେରାରେ ରବିବାର ରାତିରେ ସ୍ୱାମୀଙ୍କ ଠେଙ୍ଗାମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ସୁରୁବାଲି ଖଡ଼ିଆ(୫୦)। ବେଲପାହାଡ଼ ଥାନା ଆଇଆଇସି ରଞ୍ଜନ କୁମାର ବିଶ୍ୱାଳ ଓ ସାଇଣ୍ଟିଫିକ୍ ଟିମ୍ ସୋମବାର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତା ମହିଳାଙ୍କ ବଡପୁଅ ରାହୁଲଙ୍କ ଅଭିଯୋଗକୁ ଭିତ୍ତିକରି ବେଲପାହାଡ ପୋଲିସ ମାମଲା (ନଂ୨୫/୨୨) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୁକ୍ତ ସ୍ୱାମୀ ରମେଶ ଖଡିଆ(୫୫)ଙ୍କୁ ପୋଲିସ ଗିରଫକରି ତାଙ୍କ ନିକଟରୁ ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା ଜବତ କରିଛି। ସୂଚନା ଅନୁସାରେ ରମେଶ ରବିବାର ସନ୍ଧ୍ୟାରେ ମଦପିଇ ଘରକୁ ଫେରିଥିଲେ। କୌଣସି କାରଣକୁ ନେଇ ସ୍ତ୍ରୀଙ୍କ ସହିତ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ରମେଶ ଏକ ଠେଙ୍ଗାରେ ବାରମ୍ବାର ସ୍ତ୍ରୀଙ୍କ ମୁଣ୍ଡକୁ ପିଟିଥିଲେ।

### ଗଞ୍ଜେଇ ଚୋରାଚାଲାଣ: ୪ ଛାତ୍ରଙ୍କ ସମେତ ୫ ଗିରଫ

କୋରାପୁଟ,୭।୨(ସ୍ୱ.ପ୍ର.): କୋରାପୁଟରୁ ଗଞ୍ଜେଇ ଚୋରାଚାଲାଣ କରୁଥିବା ଅଭିଯୋଗରେ ଲମତାପୁଟ ପୋଲିସ ୪ଜଣ କଲେଜ ଛାତ୍ରଙ୍କ ସମେତ ୫ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପାଡୁଆ ଗ୍ରାମର ବାବୁଲା ବାଟଗରିଆ, ସେମିଳିଗୁଡା ଅଞ୍ଚଳର ପ୍ରମୋଦ ମଙ୍ଗରାଜ, ରାଜୀବ ଖିଲ, ରବି କିଶୋର ପଟ୍ଟନାୟକ ଓ କୋରାପୁଟର ମୋତିରାମ ଗଣ୍ଡା। ରବିବାର ରାତିରେ ଲମତାପୁଟ ପୋଲିସ ପକ୍ଷରୁ ଲମତାପୁଟ-ପାଡୁଆ ରାସ୍ତାରେ ଗାଡ଼ିମୋଟର ଯାଞ୍ଚ ଚାଲିଥିବାବେଳେ ୩ଟି ବାଇକ୍ ଦ୍ରୁତଗତିରେ ଆସି ପୋଲିସକୁ ଚକମା ଦେଇ ଚାଲିଯାଇଥିଲା। ପୋଲିସ ପିଛା କରି କାଡାମ ଗ୍ରାମ ଛକ ନିକଟରେ ସେମାନଙ୍କୁ ଧରିଥିଲା। ସେମାନଙ୍କ ନିକଟରୁ ୩ଟି ବସ୍ତାରେ ଥିବା ୭୫ କେଜି ଗଞ୍ଜେଇକୁ ପୋଲିସ ଜବତ କରି ସମ୍ପୃକ୍ତ ଯୁବକମାନଙ୍କୁ ଗିରଫ କରିଥିଲା। ଜବତ ଗଞ୍ଜେଇର ବଜାର ମୂଲ୍ୟ ୭ ଲକ୍ଷ ଟଙ୍କା ହେବ।

# ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ତଦନ୍ତ କରୁନି ଇଓଡବ୍ଲ୍ୟୁ

## ୬ କୋଟିର କୃଷି ଯନ୍ତ୍ରାଂଶ ସବ୍‌ସିଡି ଅର୍ଥ ହଡପ ମାମଲା

ଭୁବନେଶ୍ୱର,୭।୨(ବ୍ୟୁରୋ)

୬ କୋଟି ଟଙ୍କାର କୃଷି ଯନ୍ତ୍ରାଂଶ ସବ୍‌ସିଡି ଅର୍ଥ ହଡ଼ପ ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରୁନି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ଏହି ଆର୍ଥିକ ଠକେଇର ତଦନ୍ତ କରିବା ପରିବର୍ତ୍ତେ ଚପାଇ ଦେବାକୁ ଉଦ୍ୟମ କରାଯାଉଥିବା ନେଇ ଗୁରୁତର ଅଭିଯୋଗ ଆଣିଛନ୍ତି ଠକେଇର ଶିକାର ହୋଇଥିବା ଅନ୍ୟତମ ଚାଷୀ ମୟୂରଭଞ୍ଜ ଜିଲା ଯଶିପୁର ଅଞ୍ଚଳର ନାରଣ ମାଝି। ତାଙ୍କ ନାମରେ ବାଲେଶ୍ୱରର ନିଗମାନନ୍ଦ ଆସୋସିଏଟ୍‌ସ ନାମକ ଏକ ସଂସ୍ଥା ଜାଲ କାଗଜପତ୍ର ବଳରେ କୃଷି ସବ୍‌ସିଡି ବାବଦକୁ ୬ଲକ୍ଷ ଟଙ୍କା ଠକେଇ କରିଥିବା ନେଇ ସେ ଗତବର୍ଷ ନଭେମ୍ବର ୧ରେ ଇଓଡବ୍ଲ୍ୟୁ ନିକଟରେ ଅଭିଯୋଗ କରିଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ନାରଣ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ୪ ସପ୍ତାହ ମଧ୍ୟରେ ମାମଲା ପଞ୍ଜୀକରଣ କରିବାକୁ ହାଇକୋର୍ଟର ବିଚାରପତି ଜଷ୍ଟିସ ବିଶ୍ୱଜିତ ମହାନ୍ତି ଗତ ନଭେମ୍ବର ୨୪ରେ ନିର୍ଦ୍ଦେଶ ଦେଇଥିଲେ। ହେଲେ ୨ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଇଓଡବ୍ଲ୍ୟୁ ଏଯାଏ ମାମଲା ରୁଜୁ କରିନାହିଁ। ଫଳରେ ଆବେଦନକାରୀ ଇଓଡବ୍ଲ୍ୟୁ ବିରୋଧରେ ଗତ ଜାନୁୟାରୀ ୬ରେ ଅଦାଲତ ଅବମାନନା ମାମଲା (୭୭/୨୦୨୨)ରୁଜୁ କରିଛନ୍ତି ବୋଲି ଆଇନଜୀବୀ ସତ୍ୟଜିତ ମହାପାତ୍ର କହିଛନ୍ତି।

ଅନ୍ୟପକ୍ଷରେ, ନିଗମାନନ୍ଦ ଆସୋସିଏଟ୍‌ସ ନାମରେ ପୂର୍ବରୁ ଲୋକାୟୁକ୍ତଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଛି। ବାଲେଶ୍ୱର ଜିଲା ଚାନ୍ଦିପୁର ଅଞ୍ଚଳର ସାମାଜିକ କର୍ମୀ ତନୟ ମହାନ୍ତିଙ୍କ ଅଭିଯୋଗ ଅନୁଯାୟୀ, ଧାନକଟା ଯନ୍ତ୍ର (ହାର୍ଭେଷ୍ଟର) କିଣିଲେ ସରକାର ୬ଲକ୍ଷ ଟଙ୍କା ସବସିଡି ଅର୍ଥ ପ୍ରଦାନ କରିଥାନ୍ତି। ମାତ୍ର ନିଗମାନନ୍ଦ ଆସୋସିଏଟ୍‌ସ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ଶହ ଶହ ଗରିବ ଆଦିବାସୀ ଚାଷୀଙ୍କ ନାଁରେ ମିଥ୍ୟା କାଗଜପତ୍ର ପ୍ରସ୍ତୁତ କରି ଧାନକଟା ଯନ୍ତ୍ର ଯୋଗାଣ ବାବଦକୁ ୬ କୋଟି ଟଙ୍କାର ସବ୍‌ସିଡି ଅର୍ଥ ଲୁଟ୍ କରିଛି। ମୟୂରଭଞ୍ଜ ଜିଲ୍ଲାର ଯଶିପୁର ଅଞ୍ଚଳର ନାରଣ ମାଝି, କୁସୁମୁଣ୍ଡି ବ୍ଲକର ଭାଦୁରାମ ଟୁଡୁ, କୁସୁମୀ ବ୍ଲକର ସମୟ ମୁର୍ମୁ, କୁଳିଆଣା ବ୍ଲକର ଦୁଷ୍ମନ୍ତ ସୋରେନ, ଜାମୁଡା ବ୍ଲକର ଦୁଷ୍ମନ୍ତ ସୋରେନ, ବାଲେଶ୍ୱର ରେମୁଣା ବ୍ଲକର ନିରଞ୍ଜନ ସିଂ, ରାଜେନ୍ଦ୍ର ପୁହାଣ, ଔପଦା ବ୍ଲକର ଗୟାଧର ମଳିକ, ଜଳେଶ୍ୱର ବ୍ଲକର ସଞ୍ଜୟ ଜେନାଙ୍କ ଭଳି ଶତାଧିକ ଚାଷୀଙ୍କ ନାଁରେ ଏଭଳି ଠକେଇ ହୋଇଥିବା ତନୟ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଥିଲେ। ତେବେ ସରକାରୀ ଅର୍ଥ ହଡପ ଘଟଣାରେ ପୂର୍ବରୁ ଅନେକ ମାମଲାରେ ଇଓଡବ୍ଲ୍ୟୁ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ କୃଷି ସବ୍‌ସିଡ୍ ଅର୍ଥ ଠକେଇର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ କାହିଁକି ପଛଘୁଞ୍ଚା ଦେଉଛି ବୋଲି ତନୟ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଇଓଡବ୍ଲ୍ୟୁ ଆରକ୍ଷୀ ଅଧୀକ୍ଷକ ଦିଲୀପ କୁମାର ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗର ଅନୁଧ୍ୟାନ କରାଯାଉଛି। ପ୍ରମାଣ ମିଳିଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ଥାନା ଆଇଆଇସି

ନରସିଂହପୁର,୭।୨(ସ୍ୱ.ପ୍ର.)

ଏକ ପୁରୁଣା ବିବାଦର ସମାଧାନ ପାଇଁ ଲାଞ୍ଚ ନେଉଥିବବେଳେ କଟକ ଜିଲା ନରସିଂହପୁର ଥାନା ଆଇଆଇସି ଅଲେଖଚନ୍ଦ୍ର ଗଡ଼ଦିଆ ସୋମବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ପରେ ଭିଜିଲାନ୍ସ ପକ୍ଷରୁ ନରସିଂହପୁର ଥାନା ସମେତ ଗଡ଼ଦିଆଙ୍କ ସରକାରୀ ଓ ସମ୍ବଲପୁରସ୍ଥିତ ପୈତୃକ ବାସଭବନ ଉପରେ ଏକ ସଙ୍ଗରେ ଚଢ଼ାଉ କରାଯାଇଛି। ନରସିଂହପୁର ଥାନା ଆଇଁଷିଆ ଗ୍ରାମରେ ଆଠମାସ ତଳେ ଘଟିଥିବା ଏକ ମାମଲାର ସମାଧାନ ପାଇଁ ଗ୍ରାମର ନବକିଶୋର ନାୟକଙ୍କଠାରୁ ଗଡ଼ଦିଆ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ନାୟକ ଏତେ ଟଙ୍କା ଦେଇପାରିବେ ନାହିଁ ବୋଲି କହିଥିଲେ। ମାତ୍ର ଗଡ଼ଦିଆ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଶେଷରେ କୌଣସି ଉପାୟ ନ



ଅଲେଖଚନ୍ଦ୍ର ଗଡ଼ଦିଆ

ପାଇ ନାୟକ କଟକ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଗଡିଦିଆଙ୍କୁ ଥାନା ଭିତରେ ନାଏକ ରଙ୍ଗ ଲଗାଯାଇଥିବା ଟଙ୍କା ଦେଉଥିବାବେଳେ ପୂର୍ବରୁ ଲୁଚି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ଭିଜିଲାନ୍ସ ଡିଏସ୍‌ପି ବିଜୟ କୁମାର ଓରାମଙ୍କ ନେତୃତ୍ୱରେ ଏକ ୧୩ ଜଣିଆ ଟିମ୍ ଚଢ଼ାଉରେ ସାମିଲ ହୋଇଥିଲେ।

# ଅପହରଣ ପଛରେ ଭିକ୍ଟୋରିଆ ରୁପାଟଙ୍କା

- ୪ ଗିରଫ, ୨ ଫେରାର
- ଅପହୃତ ଯୁବକ ଉଦ୍ଧାର, କାର ଜବତ

ଖଡିଆଳ, ୭।୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡିଆଳ ପୋଲିସ ଯୁବକଙ୍କୁ ଅପହରଣ ଘଟଣାର ରହସ୍ୟ ଉନ୍ମୋଚନ କରିଛି। ଅପହୃତ ଯୁବକଙ୍କୁ ଉଦ୍ଧାର କରାଯିବା ପରେ ୧୮୮୫ ମସିହାର ଭିକ୍ଟୋରିଆ ରୁପାଟଙ୍କା ପାଇଁ ଅପହରଣ କରାଯାଇଥିବା ପୋଲିସ ସ୍ପଷ୍ଟ କରିଛି। ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଥିବା ସୋମବାର ଖଡିଆଳ ଏସ୍‌ଡିପିଓ ଅଫିସ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନୂଆପଡା ଅତିରିକ୍ତ ଏସ୍‌ପି ସୁନୀଲ କୁମାର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା କାପସିପଲ୍ଲୀ ଗାଁର ସାମନ୍ତ ଛତର (୩୪), ଯୁଗଳଚରଣ ଛତର (୪୨) ଓ ଡିଆପାଲି ଗାଁର ଭୁଲା



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଇଛି।

କଟା (୩୭) ଏବଂ ନୂଆପଡ଼ା ଜିଲା ଖଡିଆଳ ଥାନା ଡୁଆଝର ଗାଁର ତିତିକ ବାଗ (୨୩)। ଏଥିସହ ଅପହରଣରେ ବ୍ୟବହୃତ ଏକ କାର୍ (ନଂ.ଓଡି୦୩ଜେ-୬୦୭୪) ସହ ୧୮୮୫ର ଭିକ୍ଟୋରିଆ ରୁପାଟଙ୍କା ଜବତ କରାଯାଇଛି। ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବଲାଙ୍ଗୀର ଜିଲାର ରାଜେଶ ସୁନା ଏବଂ ନୂଆପଡା ଜିଲା ଖଡିଆଳ ସହର ଛେଳିଆପଡାର ଓମ୍ ତାଣ୍ଡି ଫେରାର ଥିବା ଅତିରିକ୍ତ ଏସ୍‌ପି ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କଳାହାଣ୍ଡି ଜିଲା ଜୁନାଗଡ ଥାନା ଖୁରସାଲିପଡା ଗାଁର ସୋମନାଥ ନିଆଲ ଏବଂ ତାଙ୍କ ସାଙ୍ଗ ଅଶ୍ୱିନୀ ବେମାଲ ଭିକ୍ଟୋରିଆ ରୁପାଟଙ୍କାକୁ ୧ ଲକ୍ଷ ଟଙ୍କାରେ ବିକ୍ରି କରିବା ପାଇଁ ରାଜେଶଙ୍କ ସହ ଡିଲ୍ କରିଥିଲେ। ଡିଲ୍‌ର ମଧ୍ୟସ୍ଥତା କରିଥିଲେ ଓମ୍ ତାଣ୍ଡି। ଗତ ୪ ତାରିଖରେ ଫାଇନାଲ ଡିଲ୍ ପାଇଁ ସହମତି ହେବା ପରେ ରାଜେଶ ତାଙ୍କର ୩ ସାଥୀ ଭୁଲା, ସାମନ୍ତ ଏବଂ ଯୁଗଳଚରଣ ଏକ କାର୍‌ରେ ଖଡିଆଳ ଆସିଥିଲେ। ସେଠାରେ ଏକ ହୋଟେଲରେ ସୋମନାଥ ଓ ଅଶ୍ୱିନୀଙ୍କ ସହ ଖାଇବା ପରେ ଓମ୍‌ଙ୍କ ଗେଷ୍ଟ ହାଉସରେ ଡିଲ୍ ହେଉଥିଲା। ଏହି ସମୟରେ ଅଶ୍ୱିନୀଙ୍କ ହାତରୁ ରୁପାଟଙ୍କା ଝାମ୍ପି ନେଇ ତିତିକ ଫେରାର ହୋଇଥିଲେ। ଅଶ୍ୱିନୀଙ୍କୁ ରାଜେଶଙ୍କ ୩ ସାଥୀ ଭୁଲା, ସାମନ୍ତ ଏବଂ ଯୁଗଳ ଜୀବନରେ ମାରି ଦେବାକୁ ଧମକ ଦେବା ସହ ଅପହରଣ କରି କଣ୍ଟାବାଞ୍ଜି ଆଡକୁ ନେଇଯାଇଥିଲେ। ଏ ନେଇ ଖଡିଆଳ ଥାନାରେ ସୋମନାଥ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଖଡିଆଳ ଏସ୍‌ଡିପିଓ ସନ୍ତକ ଜେନା ଏବଂ ଆଇଆଇସି ଅନିରୁଦ୍ଧ ମୁଦୁଲି ଉପସ୍ଥିତ ଥିଲେ।

# ସରପଞ୍ଚ ପ୍ରାର୍ଥୀଙ୍କ ଘରୁ ବିପୁଳ ମଦ ଜବତ



**ସ୍ତ୍ରୀଙ୍କ ସମେତ ୧୦ ଗିରଫ**

ଜବତ ଦେଶୀ ମଦ ସହ ଗିରଫ ଅଭିଯୁକ୍ତମାନେ।

ଝାରସୁଗୁଡ଼ା ଅଫିସ,୭।୨

ଝାରସୁଗୁଡ଼ା ଅବକାରୀ ବିଭାଗ ସୋମବାର ଲଖନପୁର ବ୍ଲକ୍ ପିପିଲିମାଲ ପଞ୍ଚାୟତ ମୋହନପୁର ଗ୍ରାମରେ ଚଢାଉକରି ଜଣେ ସରପଞ୍ଚ ପ୍ରାର୍ଥୀଙ୍କ ଘରୁ ବିପୁଳ ପରିମାଣର ଦେଶୀମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ତାଙ୍କ ସ୍ତ୍ରୀଙ୍କ ସମେତ ୧୦ଜଣଙ୍କୁ ବିଭାଗ ପକ୍ଷରୁ ଗିରଫ କରାଯାଇଛି। ଗିରଫମାନେ ହେଲେ ନନ୍ଦି ତାଇଶୂନ୍, ବିଶାଙ୍ଗି ପୂର୍ତ୍ତି, ରାୟମଣୀ ହେମ୍ବ୍ରମ, ମାଳତୀ ଦିଗି, ସନୋଶ ପୂର୍ତ୍ତି, ତୁଳସୀ ବାବଙ୍ଗ, ଅସ୍ମିତା ସୁରେନ, ମୋତିଲାଲ୍ ସୁରେନ, ସତିଶ ହେମ୍ବ୍ରମ ଓ ଗମିଅ ମୁଣ୍ଡା। ଏମାନଙ୍କ ମଧ୍ୟରୁ ସତିଶ ଓ ଗମିଅଙ୍କୁ ବିଭିନ୍ନ କାରଣ ଦର୍ଶାଇ ୪୧ସିଆର୍‌ପିସିରେ ଅବକାରୀ ବିଭାଗ ଛାଡି ଦେଇଥିବାବେଳେ ଅନ୍ୟମାନଙ୍କୁ କୋର୍ଟ ଚାଲାଣ କରିଛି। ଏମାନଙ୍କ ନିକଟରୁ ୩ଶହ ଲିଟର ଦେଶୀରନ୍ଧା ମଦ, ୪ଶହ କୁଇଣ୍ଟାଲ ମହୁଲ ପୋଚ, ମଦରନ୍ଧା ସାମଗ୍ରୀ ଜବତ ହୋଇଛି। ଅବକାରୀ ବିଭାଗ ଏକ ମାମଲା ରୁଜୁ କରିଛି। ଗିରଫ ମହିଳା ମାଳତୀ ଦିଗି ହେଉଛନ୍ତି ପିପିଲିମାଲ ପଞ୍ଚାୟତରେ ନିର୍ବାଚନ ଲଢୁଥିବା ସରପଞ୍ଚ ପ୍ରାର୍ଥୀ ମଙ୍ଗଳ ଦିଗିଙ୍କ ସ୍ତ୍ରୀ। ମଙ୍ଗଳ ତାଙ୍କ ଘରେ ବେଆଇନ ଭାବେ ମଦ ରାନ୍ଧୁଥିବାବେଳେ ଅବକାରୀ ବିଭାଗ ଚଢାଉବେଳେ ସେ ଘରେ ନ ଥିଲେ। ଏହି ଚଢାଉରେ ୬ ଜଣ ପୋଲିସ ସାମିଲ ଥିଲେ।

# ଉତ୍ସାହ ଭରିଲା ଶ୍ରେଣୀଗୃହ ପାଠପଢ଼ା

## ପ୍ରଥମଦିନରେ ଉପସ୍ଥାନ କମିଲା

କଟକ ଅଫିସ,୭।୨

ତୃତୀୟ ପର୍ଯ୍ୟାୟ କୋଭିଡ୍ ସଂକ୍ରମଣ ହ୍ରାସ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପୁଣି ସ୍କୁଲ କଲେଜ ଖୋଲାଯାଇଛି। ଏହି ଅବସରରେ ସୋମବାର ପ୍ରଥମ ପର୍ଯ୍ୟାୟରେ ଅଷ୍ଟମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ଏବଂ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ଅନଲାଇନ ସହ ଅଫ୍‌ଲାଇନ ପାଠପଢ଼ା ଆରମ୍ଭ କରାଯାଇଛି। ପିଲା ବହି ବସ୍ତାନି ଧରି ସ୍କୁଲ ଆସିଛନ୍ତି। କୋଭିଡ୍ କଟକଣା ମଧ୍ୟରେ ଖୋଲିଥିବାରୁ ସ୍କୁଲ କଲେଜ ପରିସରକୁ ସଫା କରାଯିବା ସହ ସାନିଟାଇଜ କରାଯାଇଛି। ଆସବାବପତ୍ର ସଜଡ଼ାଯିବା ସହ ସାମାଜିକ ଦୂରତା ରଖି ବସିବା ପାଇଁ ଛାତ୍ରୀଛାତ୍ରଙ୍କ ଡେସ୍କକୁ ସୁବ୍ୟବସ୍ଥିତ କରାଯାଇଛି। କୋଭିଡ୍‌ର ତୃତୀୟ ଲହରକୁ ଦେଖି ଜାନୁୟାରୀ ୧୦ରୁ ସ୍କୁଲ ଓ ଉଚ୍ଚ ଶିକ୍ଷାନୁଷ୍ଠାନ ବନ୍ଦ ଥିଲା। ଏବେ ପ୍ରାୟ ଏକ ମାସ ବ୍ୟବଧାନରେ ସ୍କୁଲ, କଲେଜ ଖୋଲିବାରୁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମନରେ ଉତ୍କଣ୍ଠା ପ୍ରକାଶ ପାଇଛି। ଏଥିସହ ଶ୍ରେଣୀଗୃହରେ ପାଠ ପଢ଼ିବାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଥିବା ଦେଖାଦେଇଛି। ତେବେ ପ୍ରଥମ ଦିନରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସର ଫାଙ୍କା ଫାଙ୍କା ଦେଖିବାକୁ ମିଳିଥିଲା। ସେହିପରି ଜିଲାରେ ସ୍କୁଲଗୁଡିକରେ ଅଧିକ ଛାତ୍ରୀଛାତ୍ରଙ୍କ ଉପସ୍ଥିତି ନ ଥିଲା। ହେଲେ ସ୍କୁଲ ଖୋଲୁଥିଲେ ମଧ୍ୟ ଛାତ୍ରୀଛାତ୍ର ଚାହିଁଲେ ଅନ୍‌ଲାଇନରେ କ୍ଲାସ କରିପାରିବେ।

### ଅଷ୍ଟମରେ ୨୦୮୦୨, ନବମ ଓ ଦଶମରେ ୨୧୦୬୪ ଉପସ୍ଥିତି

ପ୍ରାୟ ଏକ ମାସ ପରେ ଜିଲା ଅଷ୍ଟମରୁ ଦ୍ୱାଦଶ ପର୍ଯ୍ୟନ୍ତ ଥିବା ସମସ୍ତ ସ୍କୁଲ ଖୋଲିଛି। ତେବେ ପ୍ରଥମ ଦିନରେ ୮୮୯ ବିଦ୍ୟାଳୟରେ ୨୦୮୦୨ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିପରି ୫୩୯ ବିଦ୍ୟାଳୟରେ ୨୧୦୬୪ ଜଣ ନବମ ଏବଂ ଦଶମ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏଥିସହ ଜିଲାରେ ୧୦୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଧ୍ୟ ପାଠପଢ଼ା ଆରମ୍ଭ ହୋଇଛି। ଏଥିରେ ୫୭.୦୬ ପ୍ରତିଶତ ପିଲାଙ୍କ ଉପସ୍ଥିତ ରହିଥିଲା ବୋଲି ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।



“ସରକାରଙ୍କ ଗାଇଡ୍‌ଲାଇନକୁ ମାନି ବିଶ୍ୱବିଦ୍ୟାଳୟ ଖୋଲାଯାଇଛି। ପ୍ରଥମ ଦିନରେ ପିଲାଙ୍କ ଅଧିକ ଉପସ୍ଥିତି ଦେଖିବାକୁ ମିଳିନି। ପିଲା ଧୀରେ ଧୀରେ ଆସିବା ଆରମ୍ଭ କରିବେ। ଆଗକୁ ପରୀକ୍ଷା ମଧ୍ୟ ରହିଛି । ସେଥିପାଇଁ ପିଲାଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ।

**ଅସୀମା ସାହୁ, ପିଜି କାଉନ୍‌ସିଲ ଚେୟାରପର୍ସନ,ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**



“କୋଭିଡ୍ କାରଣରୁ ଛାତ୍ରୀଛାତ୍ର ଘରେ ରହି ଅନଲାଇନ କ୍ଲାସ କରୁଥିଲେ। ସେଥିପାଇଁ ପ୍ରଥମ ଦିନରେ ବେଶି ଛାତ୍ରୀଛାତ୍ରଙ୍କ ଉପସ୍ଥିତି ନାହିଁ । ହଷ୍ଟେଲ ଛାତ୍ରୀଛାତ୍ରମାନେ ବହୁ ଦୂରଦୂରାନ୍ତରୁ ଆସି ପହଞ୍ଚିଥିବେ। ସେଥିପାଇଁ ଅଧିକ ପିଲା ଆସି ନ ଥିଲେ। ସ୍ଥାନୀୟ ପିଜି ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅଧିକ ଥିଲା। ୟୁଜି ଛାତ୍ରୀଛାତ୍ରଙ୍କ ସଂଖ୍ୟା କମ ଥିଲା। କୋଭିଡ୍ କଟକଣା ମଧ୍ୟରେ ଶ୍ରେଣୀଗୃହରେ ବସି ପାଠପଢ଼ା ଆରମ୍ଭ ହୋଇଛି ।

**ତୁଷାରକାନ୍ତ ପାଣି, ପ୍ରଫେସର, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**



“ଏତେଦିନ ହେବ କଲେଜ ବନ୍ଦ ରହିବା କାରଣରୁ ପାଠପଢା ବାଧାପ୍ରାପ୍ତ ହୋଇଛି। ଅନ୍‌ଲାଇନ୍‌ରେ ଠିକ୍ ଭାବରେ ପଢି ହେଉ ନ ଥିଲା। ଏଥିସହ ଆଗକୁ ପରୀକ୍ଷା ମଧ୍ୟ ରହିଛି। ସେଥିଲାଗି ଶ୍ରେଣୀଗୃହ ପାଠପଢାକୁ ଗୁରୁତ୍ୱ ଦେଉଛୁ। ଯୋପରି ଆଉ ପଢାରେ କୌଣସି ସମସ୍ୟା ନ ଉପୁଜେ ସେ ପ୍ରତି ବିଶେଷ ଧ୍ୟାନ ଦେବି।

**ଶିବାଶିଷ ସେନାପତି, ଛାତ୍ର**



ଦଶମ ଓ ଦ୍ୱାଦଶ ପରୀକ୍ଷା ବାତିଲ ଦାବିରେ ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।

## ସଂକ୍ଷେପରେ

### ଗାର୍ଗୀ ବାନାର୍ଜୀ ଏବିଭିପିର ରାଜ୍ୟ ସଭାପତି, ସୌଭାଗ୍ୟ ମହାନ୍ତି ସମ୍ପାଦକ

**ଭୁବନେଶ୍ୱର, ୭।୨(ବ୍ୟୁରୋ):** ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଓଡ଼ିଶାର ରାଜ୍ୟ ସଭାପତି ଭାବେ ଅଧାପିକା ଗାର୍ଗୀ ବାନାର୍ଜୀ ଓ ରାଜ୍ୟ ସମ୍ପାଦକ ଭାବେ ସୌଭାଗ୍ୟ ମହାନ୍ତି ପୁନଃ ନିର୍ବାଚିତ ହୋଇଛନ୍ତି। ଏ ନେଇ ଏବିଭିପି ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏବିଭିପି ନିର୍ବାଚନ ଅଧିକାରୀ ଅଧାପକ ଭାଗୀରଥି ପୃଷ୍ଟିଙ୍କ ପ୍ରେସ ବିବୃତି ଅନୁଯାୟୀ ଦୁଇ ଜଣଙ୍କ କାର୍ଯ୍ୟକାଳ ୧ବର୍ଷ ରହିବ। ଭୁବନେଶ୍ୱରର ୪୬ତମ ରାଜ୍ୟ ଅଧିବେଶନରେ ଦୁହେଁ ଦାୟିତ୍ୱ ଗ୍ରହଣ କରିବେ। ଅଧାପିକା ବାନାର୍ଜୀ ଏକ କଲେଜର ବାଣିଜ୍ୟ ବିଭାଗର ଅଧାପିକା ଅଛନ୍ତି। ସେହିପରି ସୌଭାଗ୍ୟ ୨୦୧୪ରୁ ବିଦ୍ୟାର୍ଥୀ ପରିଷଦରେ ଯୋଡି ହୋଇ ବିଭିନ୍ନ ଦାୟିତ୍ୱ ତୁଲାଇବା ପରେ ରାଜ୍ୟ ସମ୍ପାଦକ ଭଳି ଦାୟିତ୍ୱ ତୁଲାଇଛନ୍ତି।

### ଏଟିଏମ୍ ଲୁଟ୍ ବିଫଳ

ବାଲକାଟୀ,୭।୨(ଡି.ଏନ୍.ଏ.)- ରାଜଧାନୀ ଉପକଣ୍ଠ ବାଲକାଟୀ ବଜାର ଉପରେ ଥିବା ଏସ୍‌ବିଆଇ ଏଟିଏମ୍‌ରୁ ସୋମବାର ରାତି ପ୍ରାୟ ସାଢ଼େ ୧୦ଟାରେ ଭାଙ୍ଗି ଲୁଟ୍ ଉଦ୍ୟମ କରୁଥିବା ଜଣେ ଦୁର୍ବୃତ୍ତର ଉଦ୍ୟମ ବିଫଳ ହୋଇଛି। ଏଟିଏମ ମେଶିନକୁ ଭାଙ୍ଗୁଥିବା ସମୟରେ ଲୋକେ ପହଞ୍ଚି ଯିବାରୁ ଦୁର୍ବୃତ୍ତ ଜଣକ ବାଇକ୍ ଧରି ଘଟଣାସ୍ଥଳରୁ ଚମ୍ପଟ ମାରିଛି। ଖବରପାଇ ବାଲକାଟୀ ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମାତ୍ର ରାତି ସାଢ଼େ ୧୦ଟା ସମୟ ହୋଇଥିବା ବେଳେ ଜନଗହଳିପୂର୍ଣ୍ଣ ବଜାର ଉପରେ ଶହଶହ ଜନତାଙ୍କ ଯାତାୟାତ ପୁଣି ବଜାରରେ ପିସିଆର ଭ୍ୟାନ ପଇଁତରା ମାରୁଥିବା ବେଳେ ବାଇକ୍‌ରେ ଆସି ଏଟିଏମ୍ ଭାଙ୍ଗି ଲୁଟ ଉଦ୍ୟମ କରିବା ସ୍ଥାନୀୟ ପୋଲିସ ପାଇଁ ଖୋଲା ଚ୍ୟାଲେଞ୍ଜ ହୋଇଛି। ସୂଚନା ମୁତାବକ, ରାତି ପ୍ରାୟ ସାଢ଼େ ୧୦ଟାରେ ଜଣେ ଯୁବକ ଏସ୍‌ବିଆଇ ଏଟିଏମ୍ ସମ୍ମୁଖରେ ବାଇକ୍ ରଖି ଏଟିଏମ୍ ଭିତରକୁ ଯାଇଥିଲେ। ଭିତରେ ଏଟିଏମ୍ ମେଶିନକୁ ସେ ଭାଙ୍ଗୁଥିବା ବେଳେ ଜଣେ ଲୋକେ ଦେଖି ଦେଇ ପାଟି କରିଥିଲେ। ଫଳରେ ଦୁର୍ବୃତ୍ତ ଦୌଡ଼ି ଆସି ତାଙ୍କୁ ଧକ୍କା ଦେଇ ବାଇକ୍ ଧରି ଫେରାର ହୋଇଯାଇଥିଲେ। ଖବର ପ୍ରଚାରିତ ହେବା ପରେ ଲୋକଙ୍କ ଭିଡ଼ ଜମିବା ସହ ପୋଲିସ ଆସି ପହଞ୍ଚିଥିଲା।

### ବାଦାମବାଡ଼ି ଖବରକାଗଜ ବିତରକ ସଂଘର ବାର୍ଷିକୋତ୍ସବ

**କଟକ ଅଫିସ,୭।୨:** ବାଦାମବାଡ଼ି ଖବରକାଗଜ ବିତରକ ସଂଘର ବାର୍ଷିକ ଉତ୍ସବ ବାଦାମବାଡ଼ିସ୍ଥିତ ପେପର ପଏଣ୍ଟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ସମାଜର ସଭାପତି ନିରଞ୍ଜନ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କେତେଜଣ ସଫେଇ କର୍ମଚାରୀଙ୍କୁ ଲୁଗା ଓ କମ୍ବଳ ବଣ୍ଟନ କରାଯାଇଥିଲା । ଏଥିସହ ସଂଘର ଦିନବନ୍ଧୁ ଦେହୁରୀ, ନିରଞ୍ଜନ ବେହେରା, ରଙ୍ଗାଧର ନାଥ, ହେମନ୍ତ ସ୍ୱାଇଁ, ପଦ୍ମନାଭ ବେହେରା, କୃଷ୍ଣଚନ୍ଦ୍ର ବେହେରା, ବିକଳ ଦାସ, ଯୋଗେନ୍ଦ୍ର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ଉତ୍ସବରେ ସଂଘର ସଭାପତି ବସନ୍ତ ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ଜେନା, ସମ୍ପାଦକ ରାଧେଶ୍ୟାମ ଦାସ, ସହ ସମ୍ପାଦକ ଅଭୟ ବେହେରା ଓ ଷ୍ଟେଶନ ବଜାରର ରଞ୍ଜନ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ଆଦ୍ୟଧାମ ଓ ମହିମା ସ୍ୱାମୀ ପୁସ୍ତକ ଉନ୍ମୋଚିତ

**ଆଠଗଡ଼,୭।୨(ସ୍ୱ.ପ୍ର.):** ଉତ୍ତର ବାଙ୍କୀ ମାଳବିହାରପୁରସ୍ଥିତ ମହିମା ମନ୍ଦିର ପ୍ରାଙ୍ଗଣରେ ସୋମବାର ଆଦ୍ୟଧାମ ଓ ମହିମା ସ୍ୱାମୀ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏହି ଗ୍ରାମରେ ମହିମା ଧର୍ମର ଆଦ୍ୟ ଓଁକାର ପ୍ରଥମେ ଝଙ୍କୃତ ହୋଇଥିଲା। ପୁସ୍ତକ ଉନ୍ମୋଚନ ଅବସରରେ ମହିମା ଧର୍ମ ସହ ମାଳବିହାରପୁର ସମ୍ପର୍କର ବହୁ ଅନାଲୋଚିତ ଦିଗ ଉପରେ ସଂଗ୍ରାହକ ରାମଚନ୍ଦ୍ର ବେହେରା ପ୍ରକାଶ କରିଥିଲେ। ରାଜଧାନୀ ପୁସ୍ତକ ମେଳାର ସଭାପତି ତଥା ମାଳବିହାରପୁର ନିବାସୀ ଡ. ଉପେନ୍ଦ୍ର ଜେନା ମୁଖ୍ୟଅତିଥି, ବରିଷ୍ଠ ସାହିତ୍ୟିକ ଡ. ନାରାୟଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ମହିମା ଧର୍ମ ତଥା ଶୂନ୍ୟବାଦ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୀତବାସ ଦାସ ଶର୍ମା, ସୃତିଧର ପ୍ରଧାନ, ବଂଶୀଧର ଜେନା, ଭୀମସେନ ନାୟକ ଓ ତ୍ରିନାଥ ଜେନା ପ୍ରମୁଖ ଯୋଗଦେଇଥିଲେ। ଆଦ୍ୟଧାମ ମହିମା ଧର୍ମ ଧାମ ସମାଜ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିକ୍ରମ ସାମନ୍ତସିଂହାର ସଂଯୋଜନା କରିଥିଲେ।

## 'ପୁଷ୍ପା' ଷ୍ଟାଇଲରେ ଟୁଇଟ୍ କଲା ବିଏମ୍‌ସି

ଭୁବନେଶ୍ୱର, ୭।୨(ବ୍ୟୁରୋ)

ପିଲା ହେଉ କିମ୍ବା ବୟସ୍କ ସମସ୍ତଙ୍କ ଉପରେ ପୁଷ୍ପା ଫିଲ୍ମର କ୍ରେଜ୍ ଦେଖିବାକୁ ମିଳୁଛି। ଫିଲ୍ମର ହିରୋ ଅଲ୍ଲୁ ଅର୍ଜୁନ୍‌ଙ୍କ ଷ୍ଟାଇଲ୍, ଡାଏଲକୁ ଲୋକେ ଫଲୋ କରୁଛନ୍ତି। ଏହି କ୍ରେଜ୍‌ରୁ ବାଦ୍ ପଡିନି ବିଏମ୍‌ସି। ବାହାରେ ଅଳିଆ ନ ପକାଇବା ପାଇଁ ଲୋକଙ୍କୁ ସଚେତନ କରିବା ପାଇଁ ଏହି ଷ୍ଟାଇଲକୁ ଆପଣାଇଛି ବିଏମ୍‌ସି। ପୁଷ୍ପାର ଡାଏଲଗ୍ 'ମେଁ ଝୁକୁଙ୍ଗା ନେହିଁ' କୁ କପି କରି 'ଦିନ୍ ହୋ ୟା ରାତ୍, ମେଁ କଚ୍‌ରା ବାହାର ଫେକେଗା ନେହିଁ' ଲେଖି ଟୁଇଟ୍ କରାଯାଇଛି। ସବୁବେଳେ ଅଳିଆକୁ ଡଷ୍ଟବିନ୍‌ରେ ପକାଇବା ଲାଗି ବିଏମ୍‌ସି କହିଛି। ତେଲୁଗୁ ଫିଲ୍ମ ପୁଷ୍ପାର କ୍ରେଜ ଦିନକୁ ଦିନ ବଢୁଥିବାରୁ ବିଏମ୍‌ସି ଏଭଳି ଅଭିନବ ପ୍ରୟାସ କରିଛି। ସେହିପରି ପୂର୍ବରୁ ମଧ୍ୟ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନା କରିବା ଲାଗି ଏହି ସିନେମାର ଡାଇଲଗକୁ ଟୁଇଟ କରାଯାଇଥିଲା।

## ସାରଳା ଦାସଙ୍କ ମହାଭାରତ ଅନନ୍ୟ କୃତି

କଟକ ଅଫିସ, ୭।୨

ଆଦିକବି ସାରଳା ଦାସଙ୍କ ମହାଭାରତ ବିଶ୍ୱ ସାହିତ୍ୟରେ ଅନନ୍ୟ କୃତି। ସେହିପରି ସାରଳାଙ୍କ ମହାଭାରତର ଚରିତ୍ରଗୁଡ଼ିକ ପଞ୍ଚଦଶ ଶତକର ଉତ୍କଳୀୟ ସମାଜରୁ ଆନୀତ ବୋଲି ସୋମବାର କଟକ ସାରଳା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ପୂର୍ବତନ ବିଚାରପତି ଡ. ମଦନ ମୋହନ ଦାସ ଯୋଗଦେଇ କହିଛନ୍ତି। ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆଦିକବି ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଛି। ସଂସଦର ପ୍ରତିଷ୍ଠାତା ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ପ୍ରସନ୍ନ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାରଳାଙ୍କ ରାମାୟଣ, ମହାଭାରତ ଓ ଚଣ୍ଡୀପୁରାଣ ଓଡ଼ିଆ ଜାତିର ଅମୂଲ୍ୟ ସମ୍ପଦ ବୋଲି କହିଥିଲେ। ପ୍ରାରମ୍ଭରେ ଅତିଥିମାନେ ସାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ, ପ୍ରଫେସର ଡା. ନିମାଇଁ ଚରଣ ପରିଡା, ଶିକ୍ଷାବିତ କୈଳାସ ଚନ୍ଦ୍ର ବରାଳ, ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ, ଲକ୍ଷ୍ମୀପ୍ରକାଶ ମହାପାତ୍ର, ବିଭୁ ପ୍ରସାଦ ରାଉତ ପ୍ରମୁଖ ଯୋଗଦେଇଥିଲେ।



କଟକ ସାରଳା ଭବନ ପରିସରରେ ଥିବା ସାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ସୋମବାର ସାହିତ୍ୟ ସଂସଦ ପକ୍ଷରୁ ମାଲ୍ୟାର୍ପଣ କରାଯାଉଛି।

## ଖୋଲିଲା ମଣ୍ଡି, ଧାନକିଣା ଆରମ୍ଭ

ବାଲିଅନ୍ତା,୭।୨ (ଡି.ଏନ୍.ଏ)

ବାଲିଅନ୍ତା ବ୍ଲକ ଅଞ୍ଚଳରେ ଚାଷୀଙ୍କଠାରୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନକିଣାକୁ ନେଇ ଗତ ୨୦ଦିନ ହେଲା ଅଚଳାବସ୍ଥା ଲାଗିରହିଥିଲା। କିନ୍ତୁ ଶେଷରେ ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ଧାନକିଣା ଆରମ୍ଭ ହୋଇଛି। ସୋମବାର ବେଣୁପୁର ସେବା ସମବାୟ ସମିତି ଓ ଭିଙ୍ଗାରପୁର ସମିତି ପକ୍ଷରୁ ମଣ୍ଡି ଖୋଲାଯାଇଥିଲା। ଯୋଗାଣ ବିଭାଗ ଓ ସମବାୟ ବିଭାଗ ମିଳିତ ଭାବେ ଚାଷୀଙ୍କଠାରୁ ଧାନକ୍ରୟ କରିଥିଲେ। ଭିଙ୍ଗାରପୁରର ୧୫ଜଣ ଚାଷୀଙ୍କଠାରୁ ୭୦୦କୁଇଣ୍ଟାଲ ଧାନ ଓ ବେଣୁପୁରରେ ୨୮୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଚାଷୀଙ୍କ ଧାନ ନେବା ପାଇଁ ସ୍ଥାନୀୟ ଏକ ମିଲର ପରିବର୍ତ୍ତେ ସମ୍ବଲପୁରର ବରଗଡ଼ର ୫ ମିଲରଙ୍କୁ ବାଲିଅନ୍ତା ବ୍ଲକ ପାଇଁ ଟ୍ୟାଗ କରାଯାଇଥିବା ଯୋଗାଣ ନିରୀକ୍ଷକ ସ୍ନେହାଞ୍ଜଳି ସ୍ୱାଇଁ କହିଛନ୍ତି। ଏହି ଧାନକିଣାର ଶୁଭାରମ୍ଭରେ ସମିତିର ପ୍ରଶାସନିକ ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ସମ୍ପାଦକ ଜଗବନ୍ଧୁ ଦାଶ, ନିରଞ୍ଜନ ନାୟକ, ସହ ସମ୍ପାଦକ କିଶୋର ଭୋଇ ଉପସ୍ଥିତ ଥିଲେ।

## ୭୫୧୬ ଜରୁରୀ ସେବା ପ୍ରଦାନ କରିଛି ଭିକ୍ଟର କଣ୍ଟ୍ରୋଲ ରୁମ୍

ଭୁବନେଶ୍ୱର,୭।୨(ବ୍ୟୁରୋ)

ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ ଅପରାଧ, ଦୁର୍ଘଟଣା ଭଳି ଜରୁରୀକାଳୀନ ପରିସ୍ଥିତିରେ ଜନସାଧାରଣଙ୍କୁ ତ୍ୱରିତ ସହାୟତା ଦେବା ପାଇଁ କମିଶନରେଟ ପୋଲିସ ପକ୍ଷରୁ କାର୍ଯ୍ୟ କରୁଛି ଭିକ୍ଟର କଣ୍ଟ୍ରୋଲ ରୁମ୍। ଜାନୁୟାରୀ ମାସରେ ଏହି କଣ୍ଟ୍ରୋଲ ରୁମ୍ ଦ୍ୱାରା ୭୫୧୬ ଜରୁରୀକାଳୀନ ସେବା ପ୍ରଦାନ କରାଯାଇପାରିଛି। ଇଆର୍‌ଆର୍‌ଏସ୍-୧୧୨ ସେବାକୁ ବିଭିନ୍ନ ଥାନାଞ୍ଚଳରୁ ଆସିଥିବା ମୋଟ ୩୭୩୬ ଫୋନ୍ କଲ୍ ମାଧ୍ୟମରେ ପୋଲିସ ବିଭିନ୍ନ ଅସୁବିଧାରେ ଥିବା ଲୋକଙ୍କ ପାଖରେ ତୁରନ୍ତ ପହଞ୍ଚି ସହାୟତା ଯୋଗାଇ ଦେଇଛି। ସେହିପରି ଭୁବନେଶ୍ୱର ୟୁପିଡ଼ିରେ ୩୫ଟି ପିସିଆର୍ ଭ୍ୟାନ ରହିଛି। ଏହି ପିସିଆର୍ ଭ୍ୟାନ କର୍ମଚାରୀମାନେ ୩୬୮୦ କଲ୍ ପାଇ ଗଣ୍ଡଗୋଳର ପ୍ରାକ୍ ସମାଧାନ କରିବା ସହ ଅପରାଧୀଙ୍କୁ କାବୁ କରିଛନ୍ତି। ଏଥିସହ ପିସିଆର୍ କର୍ମଚାରୀମାନେ ଦୁର୍ଘଟଣାର ଶିକାର ପୀଡିତଙ୍କୁ ଆବଶ୍ୟକ ଡାକ୍ତରୀ ସେବା ପ୍ରଦାନ କରାଇବାର ସମସ୍ତ ବ୍ୟବସ୍ଥା କରିବା ସହ ଅନ୍ୟାନ୍ୟ ସହାୟତା ପ୍ରଦାନ ପାଇଁ ଉଦ୍ୟମ କରିଛନ୍ତି। ଏତଦ୍‌ବ୍ୟତୀତ କୋଭିଡ଼ କଟକଣା ତଥା ରାତ୍ରକାଳୀନ କର୍ଫ୍ୟୁ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ସହିତ ଜନସାଧାରଣଙ୍କୁ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ସତର୍କତା ତଥା ନିୟମାବଳୀ ବିଷୟରେ ସଚେତନ କରିବାରେ ପିସିଆର୍ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି।

### ଭୁବନେଶ୍ୱର ପୋଲିସ ଜିଲା: ଜାନୁୟାରୀ ରିପୋର୍ଟ

## 'ଦୁଇ ଶାସକ ଦଳର ଆଚରଣବିଧି ଉଲ୍ଲଂଘନ ପ୍ରତି ନିର୍ବାଚନ କମିଶନ ଦୃଷ୍ଟି ଦିଅନ୍ତୁ'

ଭୁବନେଶ୍ୱର,୭।୨(ବ୍ୟୁରୋ)

### ପ୍ରଚାର କଟକଣା କୋହଳକୁ ସ୍ୱାଗତ

ରାଜ୍ୟ ନିର୍ବାଚନ ଆୟୋଗ ପଞ୍ଚାୟତ ନିର୍ବାଚନ ପ୍ରଚାର କଟକଣାକୁ କୋହଳ କରିଥିବାରୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସ୍ୱାଗତ କରାଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ରାଜ୍ୟ ନିର୍ବାଚନ ଆୟୋଗ ପ୍ରଚାର ନିୟମ କୋହଳପାଇଁ ଯେଉଁ ନିଷ୍ପତ୍ତି ଗ୍ରହଣ କଲେ ତାହାକୁ ପ୍ରଦେଶ କଂଗ୍ରେସ ପକ୍ଷରୁ ସ୍ୱାଗତ ଜଣାଉଛି। ହେଲେ ନିର୍ବାଚନ ଆୟୋଗ ଦୁଇ ଶାସକ ଦଳ ଦ୍ୱାରା ନିୟମ ଉଲ୍ଲଂଘନ ପ୍ରତି ନିର୍ବାଚନ ଆୟୋଗ ସଂପୂର୍ଣ୍ଣ ସର୍ତ୍ତକ ନ ରହିବା ଏକ ଦୁଃଖଦାୟକ ଓ ପରିତାପର ବିଷୟ। ଭାଜପା ଓ ବିଜେଡ଼ି ବ୍ୟାପକ ପରିମାଣରେ ଅର୍ଥ ବଳ ଓ ବାହୁବଳ ପ୍ରୟୋଗ କରିବା ସହ ଶାସନ କଳର ଅପବ୍ୟବହାର କରିବା ଫଳରେ ନିର୍ବାଚନ ମୁକ୍ତ ତଥା ଅବାଧ ରହିପାରୁ ନାହିଁ। ନିର୍ବାଚନ ଆୟୋଗର ପୂର୍ବ କଟକଣା ସମୟରେ ୫ଜଣଙ୍କୁ ନେଇ ଘରକୁ ଘର ପ୍ରଚାର ନିୟମ ଥିଲେ ମଧ୍ୟ ସେତେବେଳେ ଶାସକ ଦଳ ଶହ ଶହ ଲୋକ ନେଇ ପ୍ରଚାର କରୁଥିଲା। ସେମାନେ ଖୋଲାଖୋଲି ଆଚରଣବିଧି ଉଲ୍ଲଂଘନ କରୁଥିବା ବେଳେ ନିର୍ବାଚନ ଆୟୋଗ ନିରବଦ୍ରଷ୍ଟା ସାଜିଛନ୍ତି। ଅପରପକ୍ଷେ, ଆମ ଆଦ୍‌ମି ପାର୍ଟି ରାଜ୍ୟ ସଂଯୋଜକ ନିଶିକାନ୍ତ ମହାପାତ୍ର କହିଛନ୍ତି, ରାଜ୍ୟ ନିର୍ବାଚନ ଆୟୋଗର ତ୍ରିସ୍ତରୀୟ ନିର୍ବାଚନ ପ୍ରଚାର ନିୟମ କୋହଳକୁ ଆପ୍ ସ୍ୱାଗତ ଜଣାଉଛି। କଟକଣା ଯୋଗୁ ରାଲି କିମ୍ବା ବଡବଡ ସଭା ହେଉନାହିଁ, ଯାହା ଦ୍ୱାରା ନିର୍ବାଚନରେ ଦୁର୍ନୀତି କମ୍ ହେବ ବୋଲି ଆଶା। କିନ୍ତୁ ନିର୍ବାଚନ ଆୟୋଗଙ୍କ ନିକଟରେ କଟକଣାକୁ ପୂର୍ଣ୍ଣଭାବେ ଲାଗୁ କ୍ଷମତା ଥିଲେ ଆହୁରି ଭଲ ହୋଇଥାନ୍ତା। ଏହି କଟକଣା ଶାସକ ଦଳ ପାଇଁ କାର୍ଯ୍ୟ କରୁନାହିଁ। କାରଣ ଶାସକ ଦଳ ପୂର୍ବରୁ ୫ ଜାଗାରେ ୨୦ଙ୍କୁ ନେଇ ପ୍ରଚାର କରୁଥିଲେ। ବର୍ତ୍ତମାନ ୨୦ ଜାଗାରେ ୫୦ଙ୍କୁ ନେଇ ପ୍ରଚାର କରିବେ।

## ତ୍ରିନାଥ ଦେବଙ୍କ ବାର୍ଷିକ ଉତ୍ସବ,ସାଂସ୍କୃତିକ ସନ୍ଧ୍ୟା

ଭୁବନେଶ୍ୱର,୭।୨ (ବ୍ୟୁରୋ)

ଚଳିତ ମାଘ ସପ୍ତମୀ ଅବସରରେ ବିଜୁ ଆଦର୍ଶ କଲୋନୀ ଓ ରାମପୁର (କ) ଉନ୍ନୟନ ସଂଗଠନର ମିଳିତ ସହଯୋଗରେ ସାହିର ଆରାଧ୍ୟ ଦେବତା ତ୍ରିନାଥ ଦେବଙ୍କ ୩୬ତମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ମାଘ ମାସ ଶୁକ୍ଳ ପକ୍ଷ ସକାଳ ୭ ଘଟିକାରୁ ସନ୍ଧ୍ୟା ୭ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସମସ୍ତ ପୂଜାର୍ଚ୍ଚନା ବୈଦିକ ରୀତିନୀତି ଅନୁସାରେ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସଂଗଠନ ପକ୍ଷରୁ କୋଭିଡ କଟକଣା ମଧ୍ୟରେ ଏକ ସାଂସ୍କୃତିକ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମାଜିକ କର୍ମୀ ବଦ୍ରିନାରାୟଣ ମିଶ୍ର, କ୍ଷିରୋଦ ବେହେରା, ଆଇନଜୀବୀ ଅକ୍ଷୟ ଦାସଙ୍କ ସମେତ ମଧୁସୂଦନନଗରର ସବୁ ବର୍ଗର ଲୋକ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଜୁ ଆଦର୍ଶ କଲୋନୀର ବରିଷ୍ଠ ସଦସ୍ୟ ହିରଣ୍ୟ ବେହେରା, ନରେନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଭାଜପାରେ ମିଶିଲେ ଏକାମ୍ର ଏକାଧିକ ଯୁବନେତା



ଭୁବନେଶ୍ୱର, ୭।୨(ବ୍ୟୁରୋ)

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ଏବଂ ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଏକାମ୍ର ନିର୍ବାଚନମଣ୍ଡଳୀର ବହୁ ଯୁବ ନେତୃତ୍ୱ ସୋମବାର ଆନୁଷ୍ଠାନିକ ଭାବେ ଦଳରେ ଯୋଗଦାନ କରିଛନ୍ତି । ଏକାମ୍ର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାସୁଆଘାଇ ପଞ୍ଚାୟତର ଯୁବ ନେତା ବିପ୍ରଚରଣ ଜେନା (ବାପୁ)ଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ଯୁବ ନେତା ସନ୍ତୋଷ ଜେନା, ସୁରେଶ ଜେନା, ଅଶୋକ ବସ୍ତିଆ, ବିମଳ ଲେଙ୍କା, ମୁନା ଜେନା ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ସମୀର ମହାନ୍ତି ଏବଂ ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର ନୂତନ ଭାବେ ଭାଜପାରେ ସାମିଲ ହୋଇଥିବା ସମସ୍ତ ନୂତନ ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଛନ୍ତି। ଯୁବଶକ୍ତିଙ୍କ ଯୋଗଦାନ ଦଳର ସଙ୍ଗଠନକୁ ଆହୁରି ଅଧିକ ସୁଦୃଢ଼ କରିବା ସହିତ ଭାଜପାକୁ ଆଗାମୀ ତ୍ରିସ୍ତରୀୟ ନିର୍ବାଚନରେ ନିଶ୍ଚିତ ସଫଳତା ଦେବ ବୋଲି ସମୀର କହିଛନ୍ତି।

# ନ୍ୟାୟ ଦାବିରେ ସିଏମ୍‌ସି ସମ୍ମୁଖରେ ବିକ୍ଷୋଭ

### ସରକାରୀ ଘର ଭଡ଼ା ଦେବା ମାମଲା

କଟକ ଅଫିସ, ୭।୨

ଅନ୍ଦରପୁର ଅଞ୍ଚଳରେ ବସ୍ତି ଓ ଉନ୍ନୟନ ଆବାସ ଯୋଜନାରେ ଘର ଯୋଗାଇଦେବା ନାମରେ ଠକାମିର ଶିକାର ହୋଇଥିବା ଲୋକମାନେ ସୋମବାର ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଉକ୍ତ କ୍ୱାର୍ଟର୍ସରେ ଥିବା ଘରଗୁଡିକ ପଡିଥିବା ତାଲା ଚାବି ରାଜା କରଣଙ୍କ ପାଖକୁ ଆସିଲା କିପରି, ନୋଟାରୀ ସମ୍ପୃକ୍ତି ନେଇ ଠିକ ତଦନ୍ତ କରିବା ସହ ଯେଉଁ ପର୍ଯ୍ୟନ୍ତ ବାସିବାସିନ୍ଦାଙ୍କ କୌଣସି ସୁବିଧା ହୋଇ ନାହିଁ କି କେସର ସମାପ୍ତି ହୋଇନାହିଁ ସେପର୍ଯ୍ୟନ୍ତ ସେମାନଙ୍କୁ ସେଠାରେ ରହିବାକୁ ଅନୁମତି ପ୍ରଦାନ କରାଯାଉ, ଏହାପରେ ସେମାନଙ୍କ ପାଇଁ ସିଏମ୍‌ସି ପକ୍ଷରୁ ଥଇଥାନ ବ୍ୟବସ୍ଥା କରାଯାଉ ଏବଂ ଏଥିରେ ସମ୍ପୃକ୍ତ ଥିବା ସମସ୍ତ ବ୍ୟକ୍ତିଙ୍କୁ ଦଣ୍ଡ ପ୍ରଦାନ କରାଯାଉ ବୋଲି ବସ୍ତିବାସିନ୍ଦା ଦାବି କରିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ନେଇ କଟକ ନଗର ଜିଲା କଂଗ୍ରେସ କମିଟି କର୍ମକର୍ତ୍ତାମାନେ ସୋମବାର ସିଏମ୍‌ସି ଯୁଗ୍ମ କମିଶନର ସୁମିତା ସରକାରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ ପାଇଁ ଦାବି କରିଛନ୍ତି। ନହେଲେ ବ୍ୟାପକ ଗଣ ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି ।



ଅନ୍ଦରପୁର ଅଞ୍ଚଳର ବାସିନ୍ଦା ସିଏମ୍‌ସି କମିଶନରଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

### ରାଜା ଏସ୍‌ସିବିରେ ଭର୍ତ୍ତି

ଅପରପକ୍ଷେ ଏହି ମାମଲାରେ ଗିରଫ ହୋଇଥିବା ରାଜା କରଣଙ୍କୁ ୩ଦିନରେ ରିମାଣ୍ଡରେ ଆଣି ଅଧିକ ପଚରାଉଚରା ଜାରି ରଖିଛି ପୋଲିସ। ସୋମବାର ରାଜାଙ୍କ ଛାତିରେ ଯନ୍ତ୍ରଣା ହେବା କାରଣରୁ ଏସ୍‌ସିବିରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି ବୋଲି ଅମରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ସୂଚନାଥାଉ କି ଏପର୍ଯ୍ୟନ୍ତ ରାଜା ନାଁରେ ୪ଟି ମାମଲା ରୁଜୁ ହୋଇଛି।

## ରିଫ୍ରେସର ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର,୭।୨(ବ୍ୟୁରୋ)

ଭାରତ ସ୍କାଉଟସ୍ ଏବଂ ଗାଇଡ୍‌ସ ଜାତୀୟ କାର୍ଯ୍ୟାଳୟ, ନୂଆଦିଲ୍ଲୀ ଆନୁକୂଲ୍ୟରେ ସୋମବାର ରିଫ୍ରେସର ଶିବିର ଭର୍ଚୁଆଲରେ ଉଦ୍‌ଘାଟିତ ହୋଇଯାଇଛି। ବିଭିନ୍ନ ରାଜ୍ୟରୁ ଶତାଧିକ ସ୍କାଉଟସ୍ ଗାଇଡସ୍ ଯୋଗଦେଇଥିବା ବେଳେ ଅନେକ ଏହାକୁ ୟୁଟ୍ୟୁବ ମାଧ୍ୟମରେ ଦେଖିଥିଲେ। ପ୍ରତି ରବିବାର ୧୧ଟା ଏହି ଶିବିରକୁ ପର୍ଯ୍ୟାୟକ୍ରମେ କରାଯିବା ନେଇ ସ୍ଥିର ହୋଇଛି। ଶିବିରରେ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ଜାତୀୟ ନିର୍ଦ୍ଦେଶକ ରାଜକୁମାର କୌଶିକ, ପୂର୍ବାଞ୍ଚଳର ସହନିର୍ଦ୍ଦେଶକ ବବ୍‌ଲୁ ଗୋସ୍ୱାମୀ, ରାଜ୍ୟ ସଙ୍ଗଠନ କମିଶନର(ଗାଇଡ୍) ଏବଂ ଆଡିମିନିଷ୍ଟ୍ରେଟିଭ୍ ଅଫିସର ଅନାମିକା ଦାସଙ୍କ ସମେତ ଅନେକ କର୍ମକର୍ତ୍ତା ଯୋଗଦେଇଥିଲେ। ବିହାରର ବୈଜ୍‌ନାଥ ପ୍ରସାଦ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ବେଗୁନିଆ, ୭।୨(ଡି.ଏନ୍.ଏ.): ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ଟିକାତାଳ ଛକ ନିକଟରେ ସୋମବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୋଲଗଡ଼ ଥାନା ଅଧୀନ କପାସିଆ ଗ୍ରାମର ସଂସାରୀ ଭଞ୍ଜ। ସୂଚନା ମୁତାବକ, ସଂସାରୀ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ରାତି ପ୍ରାୟ ୮ଟା ୧୫ରେ ଟିକାତାଳ ଛକ ନିକଟରେ ଡାଇଭର୍ସନ ପାଇଁ ରହିଥିବା ହୋର୍ଡିଂକୁ ଧକ୍କା ଦେଇଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବେଗୁନିଆ ପୋଲିସ ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଚଳାଇଛି।

### ମୋ ବସ୍ ଧକ୍କାରେ ୩ ଗୁରୁତର ଡ୍ରାଇଭରଙ୍କୁ ପିଟିଲେ, ଗାଡ଼ି ଭାଙ୍ଗିଲେ

ନିମାପଡ଼ା,୭।୨(ଡି.ଏନ୍.ଏ.): ନିମାପଡ଼ା-କୋଣାର୍କ ରାସ୍ତାର ଧିରପୁର ମନ୍ଦିର ଛକ ନିକଟରେ ସୋମବାର ସନ୍ଧ୍ୟାରେ ଯାତ୍ରୀବାହୀ ମୋ ବସ୍ ଧକ୍କାରେ ୩ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସମସ୍ତଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଆହତ ବାଇକ୍ ଚାଳକ ଦ୍ୱୟ ଓ ଲୁନା ଆରୋହୀ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଧିରପୁର ଗ୍ରାମର ବାସୁଦେବ ବେଠିଆ, ମନୋଜ ମଲ୍ଲିକ ଓ ନରେନ୍ଦ୍ର କାଣ୍ଡି। ଏହି ୩ଜଣ ନିମାପଡ଼ାରୁ ଘରକୁ ଫେରୁଥିବା ବେଳେ ପଛରେ ଭୁବନେଶ୍ୱରରୁ କୋଣାର୍କ ଅଭିମୁଖେ ଆସୁଥିବା ମୋ ବସ୍‌ଟି ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ବସ୍ ଡ୍ରାଇଭରଙ୍କୁ ମାଡ଼ ମାରିବା ସହ ଇଟା ପଥର ମାରି ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଖବରପାଇ ପୋଲିସ ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ଶଙ୍କର୍ଷଣ ଦଳେଇ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ଡ୍ରାଇଭରଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିଛି। ଏଥିସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଜାରି ରହିଛି।

### ଭେରାଇଟି ଷ୍ଟୋରରେ ଅଗ୍ନିକାଣ୍ଡ, ବାପପୁଅ ଗୁରୁତର

ନିମାପଡ଼ା,୭।୨(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ଡେଣୁଆଁ ପଞ୍ଚାୟତର କାଉଗିଲ ଛକରେ ଥିବା ପ୍ରଶାନ୍ତ ସାହୁଙ୍କ ଭେରାଇଟି ଷ୍ଟୋରରେ ସୋମବାର ସନ୍ଧ୍ୟାରେ ନିଆଁ ଲାଗିଯାଇଛି। ଏହି ଅଗ୍ନିକାଣ୍ଡରେ ଦୋକାନ ସାମଗ୍ରୀ ଉଦ୍ଧାର କରିବାକୁ ଯାଇ ଦୋକାନ ମାଲିକ ସ୍ଥାନୀୟ ଆଳିପିଙ୍ଗଳ ଗ୍ରାମର ପ୍ରଶାନ୍ତ ସାହୁ ଓ ତାଙ୍କ ପୁଅ ଆକାଶ ନିଆଁରେ ପୋଡ଼ି ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଛନ୍ତି। ଖବରପାଇ ନିମାପଡ଼ା ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ସେବା ସଂସ୍ଥା ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ କହିଛନ୍ତି। ଅନ୍ୟପଟେ ନିଆଁ ଲାଗି ଦୋକାନର ପ୍ରାୟ ୫୦ହଜାର ଟଙ୍କାର ଆସବାବପତ୍ର ନଷ୍ଟ ହୋଇଯାଇଥିବା ମାଲିକ ପ୍ରଶାନ୍ତ କହିଛନ୍ତି। କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ବ୍ୟବସାୟୀ ଓ ଗ୍ରାମବାସୀ ଦାବି କରିଛନ୍ତି।

### ମହିଳା ନିଖୋଜ ନେଇ ଅଭିଯୋଗ

ଫୁଲନଖରା,୭।୨(ଡି. ଏନ୍.ଏ): ପାହାଳ ଥାନା ଅନ୍ତର୍ଗତ ୨୨ ତାଲା ନିକଟରୁ ଚଳିତ ମାସ ୧ ତାରିଖରେ ଜଣେ ମହିଳା ପ୍ରାତଃ ଭ୍ରମଣ କରିବା ପାଇଁ ଘରୁ ବାହାରି କେଉଁଆଡେ ନିଖୋଜ ହୋଇଯାଇଥିଲେ। ମହିଳା ଜଣକ ହେଲେ ଶାନ୍ତି ଲତା ମାଝୀ(୫୨)। ପରିବାର ଲୋକେ ବହୁତ ଖୋଜାଖୋଜି କରି ନ ପାଇବାରୁ ଏ ନେଇ ପାହାଳ ଥାନାରେ ତାଙ୍କର ଝିଅ ମିନତି ମାଝୀ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପାହାଳ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ ଏକ ମିସିଂ ମାମଲା ନଂ ୩/୨୨ରୁଜୁ କରି ତଦନ୍ତ ଚଳାଇଛି। ମହିଳା ନିଖୋଜର ୬ଦିନ ବିତିଯାଇଥିଲେ ମଧ କୌଣସି ପତ୍ତା ମିଳୁ ନାହିଁ। ଗତ ୧ ତାରିଖ ସକାଳୁ ୮ ସମୟରେ ତାଙ୍କ ମା' ପ୍ରାତଃ ଭ୍ରମଣରେ ଯାଇ କେଉଁଆଡେ ଚାଲିଯାଇଛନ୍ତି। ଦୀର୍ଘ ସମୟ ବିତିଯାଇଥିଲେ ମଧ ନ ଫେରିବାରୁ ପରିବାର ଲେକେ ଖୋଜି ଶେଷରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଆଖପାଖ ଅଞ୍ଚଳରେ ମହିଳା ନିଖୋଜ ହେବାର ପୋଷ୍ଟର ମଧ ଲଗାଯାଇଛି।


ସୋମବାର ଆରମ୍ଭ ହୋଇଥିବା ଖଣ୍ଡଗିରି କୁମ୍ଭ ମେଳାରେ ଜଣେ ସାଧୁ ଯଜ୍ଞ କରୁଛନ୍ତି।


ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ବାହାରିଥିବା କଳସଯାତ୍ରା।


ଖଣ୍ଡଗିରି ପାହାଡ଼ରେ ଶ୍ରଦ୍ଧାଳୁଙ୍କ ସମାଗମ।

# ସାଧୁସନ୍ଥଙ୍କ ମେଳରେ ଖଣ୍ଡଗିରି କୁମ୍ଭମେଳା ଆରମ୍ଭ



ଭୁବନେଶ୍ୱର, ୭।୨ (ବ୍ୟୁରୋ)

ସୋମବାର ମାଘ ସପ୍ତମୀରୁ ଆରମ୍ଭ ହୋଇଛି ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭ ମେଳା। ସାଧୁସନ୍ଥଙ୍କ ସମାଗମ ସହ ପ୍ରଭୁ ଅନନ୍ତକେଶରୀ ଦେବଙ୍କ ଆଗମନରେ ଚଳଚଞ୍ଚଳ ହୋଇପଡ଼ିଛି ପୂରା ଅଞ୍ଚଳ। ଶଙ୍ଖ ଧ୍ୱନି ସହ ଘଣ୍ଟଘଣ୍ଟା ଶବ୍ଦରେ ସୃଷ୍ଟି ହୋଇଛି ଆଧ୍ୟାତ୍ମିକ ପରିବେଶ। ତେବେ କରୋନା କଟକଣା ପାଇଁ ଗତବର୍ଷ ଭଳି ଚଳିତ ବର୍ଷ ମଧ ମେଳାରେ ସେପରି କୋଳାହଳ ଓ ଉତ୍ସାହ ଦେଖିବାକୁ ମିଳିନାହିଁ। ଯାତ୍ରା ପରିବେଷଣକୁ ବାରଣ ରହିଛି। କେବଳ ସାଧୁସନ୍ଥଙ୍କ ପୂଜାର୍ଚ୍ଚନା ଓ ହୋମ ଯଜ୍ଞରେ ମେଳା ଆୟୋଜନ କରାଯାଉଛି।

ପ୍ରତିବର୍ଷ ମାଘ ସପ୍ତମୀରୁ ମାଘ ପୂର୍ଣ୍ଣମୀ ପର୍ଯ୍ୟନ୍ତ ୯ଦିନ ବ୍ୟାପୀ ଖଣ୍ଡଗିରି ମେଳା ଆୟୋଜିତ ହୁଏ। ମାତ୍ର ଏବର୍ଷ ଏହି ମେଳା ୧୦ଦିନ ଧରି ଚାଲିବ। ତେବେ ମେଳାର ପ୍ରଥମ ଦିନ ସୋମବାର ଅଙ୍କୁରା ରୋପଣ କରାଯାଇଛି। ସନ୍ଧ୍ୟା ୬ଟାରେ ଅନନ୍ତକେଶରୀ ଦେବ ଜାଗମରା ଗ୍ରାମରୁ ବାହାରି ରାତି ୧୦ଟା ମଧ୍ୟରେ ଖଣ୍ଡଗିରି ପାହାଡ଼ ଶୀର୍ଷରେ ଥିବା ରାଣୀ ହଂସପୁରରେ ପହଞ୍ଚି ରତ୍ନବେଦୀରେ ଅବସ୍ଥାନ କରିଛନ୍ତି। ପ୍ରତିବର୍ଷ ଜାକଜମକରେ ବିଭିନ୍ନ ବାଦ୍ୟ ଶୋଭାଯାତ୍ରାରେ ଠାକୁର ରାଣୀହଂସପୁରକୁ ଯାତ୍ରା କରୁଥିବାବେଳେ ଏଥର କେବଳ

- ରାଣୀ ହଂସପୁର ରତ୍ନବେଦୀରେ ଅନନ୍ତକେଶରୀ ଦେବ
- ଆଜି ବିଶ୍ୱଶାନ୍ତି ମହାଯଜ୍ଞ

ଶଙ୍ଖ ଓ ଘଣ୍ଟଘଣ୍ଟାରେ ଶୋଭାଯାତ୍ରା ବାହାରିଥିଲା। ମଙ୍ଗଳବାର ଅଷ୍ଟମୀରେ ଘଟ ଆବାହନ କରାଯାଇ ଯଜ୍ଞ ଆରମ୍ଭ ହେବ। ସେହିପରି ୧୫ ତାରିଖରେ ସାଧୁସନ୍ଥଙ୍କ ଧର୍ମ ସମ୍ମିଳନୀ ଓ ପୂର୍ଣ୍ଣମୀ ଦିନ ରାତିରେ ପୂର୍ଣ୍ଣାହୁତି ଦିଆଯିବ ବୋଲି ସୂଚନା ଦିଆଯାଇଛି। ମେଳାରେ ଓଡ଼ିଶା ବାହାରୁ ହରିଦ୍ୱାର, କାଶୀ, ବନାରସ, ଗୁଜରାଟ, ନାସିକ ଆଦି ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ବହୁ ସାଧୁ ଆସି ଯୋଗ ଦେଇଛନ୍ତି। ଓଡ଼ିଶାର ବିଭିନ୍ନ ଆଶ୍ରମ ସମେତ ଜୁନା ଆଖଡ଼ା, ନାଗା ଆଖଡ଼ା, ଭାରତୀ ଆଖଡ଼ା, ଉତ୍କଳ ପଞ୍ଚସଖା ଭଗବତୀ ଆଖଡ଼ାରୁ ସାଧୁସନ୍ଥ ଏଠାକୁ ଆସୁଛନ୍ତି। ୨ଶହ ସାଧୁସନ୍ଥଙ୍କ ସମାଗମ ନିମନ୍ତେ ଅନୁମତି ମିଳିଥିବାବେଳେ ସୋମବାର ସନ୍ଧ୍ୟାସୁଦ୍ଧା ପ୍ରାୟ ୧୦୦ଜଣ ସାଧୁସନ୍ଥଙ୍କ ଆଗମନ ହୋଇଛି। ସେମାନେ ଖଣ୍ଡଗିରି ଏବଂ ଉଦୟଗିରିରେ ଥିବା ୫ଟି କୁଣ୍ଡରେ ସ୍ନାନ କରିବା ପରେ ପାହାଡ଼ର ବିଭିନ୍ନ ସ୍ଥାନରେ ନିଜ ନିଜର ଘଟ ସ୍ଥାପନ କରି ହରିନାମ ଜପ ଆରମ୍ଭ କରିଛନ୍ତି।

### ଦ୍ୱିତୀୟଥର ଆସିଛନ୍ତି ଷ୍ଟାଣ୍ଡିଂ ବାବା



ବିଭିନ୍ନ ଶ୍ଳୋକ, ମନ୍ତ୍ରରେ ପ୍ରକମ୍ପିତ ହେବାରେ ଲାଗିଛି ଖଣ୍ଡଗିରି ପାହାଡ଼। ହୋମ, ଯଜ୍ଞର ପବିତ୍ର ଧୂଆଁରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହେଉଛି। ମେଳାର ଆକର୍ଷଣ ସାଜିଛନ୍ତି ଷ୍ଟାଣ୍ଡିଂ ବାବା। ସେ ମଧ୍ୟପ୍ରଦେଶ ଜବଲପୁରର ଜୁନା ଆଖଡ଼ାରୁ ଦ୍ୱିତୀୟ ବର୍ଷ ପାଇଁ ଖଣ୍ଡଗିରି ମେଳାକୁ ଆସିଛନ୍ତି। ୧୪ବର୍ଷରୁ ସଂସାର ତ୍ୟାଗ କରିବା ପରେ ସେ ଆଧ୍ୟାତ୍ମିକ ଚିନ୍ତନ ଆଡକୁ ଢଳିଥିଲେ। ୩୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଠିଆ ହୋଇ ରହିଛନ୍ତି ଏହି ବାବା। ବିଶ୍ୱ ଶାନ୍ତି ପାଇଁ ନିଜ ଶରୀରକୁ ଏପରି ଦଣ୍ଡ ଦେଇ କଠୋର ବ୍ରତ ପାଳନ କରି ଆସୁଛନ୍ତି।

### ଡାକ୍ତର ବାବା ମହନ୍ତ ମୋହନ ଗିରି

ବଦ୍ରିନାଥରୁ ଆସିଥିବା ମହନ୍ତ ମୋହନ ଗିରି ନିଜର ଚିକିତ୍ସା ପଦ୍ଧତିକୁ ନେଇ ଗତବର୍ଷ ଚର୍ଚ୍ଚାକୁ ଆସିଥିଲେ। କୌଣସି ଝଡାଫୁଙ୍କା ନୁହେଁ, ବରଂ ନିଜର ଦିବ୍ୟ ଦୃଷ୍ଟିରେ ଚିକିତ୍ସା କରିପାରୁଥିବା ସେ କହିଥିଲେ। ଡାକ୍ତର ବାବା ଭାବେ ପରିଚିତ ଏହି ସାଧୁ ଏଥର ମଧ କରୋନା ଏବଂ ଟିକାକରଣକୁ ନେଇ ନିଜର ମତ ଉପସ୍ଥାପନ କରିଛନ୍ତି। ପୂଜା, ହୋମ, ଯଜ୍ଞ କରିବା ଦ୍ୱାରା କରୋନା ଦୂରେଇ ଯିବ ବୋଲି ସେ କହିଛନ୍ତି। ଏହା ସହ ଛୋଟ ପିଲାଙ୍କୁ କରୋନା ଟିକା ନ ନେବା ପାଇଁ ସେ ପରାମର୍ଶ ଦେଇଛନ୍ତି।

### କରୋନାକୁ ନ ଡରିବାକୁ କହୁଛନ୍ତି ନାଗା ସାଧୁ

କାଶୀ ବିଶ୍ୱନାଥର ଜୁନା ଆଖଡ଼ାରୁ ଆସିଛନ୍ତି ନାଗା ସାଧୁ ବାବା ହରିରାଜ ପୁରୀ। ଗତ ୪/୫ ବର୍ଷ ଧରି ସେ ପ୍ରତିବର୍ଷ ଏଠାକୁ ଆସୁଛନ୍ତି। ଲୋକଙ୍କୁ ଆଶୀର୍ବାଦ ଦେବା ସହ କରୋନାକୁ ନ ଡରିବାକୁ ପରାମର୍ଶ ଦେଉଛନ୍ତି। ଶରୀର ଥିଲେ ରୋଗ ଅଛି। ପୂର୍ବରୁ ମଧ ଦେଶରେ ଅନେକ ମହାମାରୀ ଆସିଛି, ଲୋକ ମୃତ୍ୟୁବରଣ କରିଛନ୍ତି ଏବଂ ଧୀରେ ଧୀରେ ସେ ମହାମାରୀ ଦୂରେଇ ଯାଇଛି। କରୋନା କ୍ଷେତ୍ରରେ ମଧ ତାହା ହେବ ବୋଲି ସେ କହିଛନ୍ତି।

### ଭକ୍ତଙ୍କ ସମାଗମ, ନିଜେ ଆବର୍ଜନା ଉଠାଇଲେ ସାଧୁସନ୍ଥ

ବାରଣ ସତ୍ତ୍ୱେ ମେଳା ସ୍ଥଳରେ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକେ ପହଞ୍ଚି ସାଧୁସନ୍ଥଙ୍କ ଆଶୀର୍ବାଦ ନେଇଥିଲେ। ପୋଲିସ ଲୋକଙ୍କୁ ବାରଣ କରିବା ସହ ବୁଝାଶୁଝା କରୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ମେଳା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସଫେଇ କିମ୍ବା ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ସାଧୁମାନେ ନିଜର ରହଣି ସ୍ଥାନ ବାଛିବା ସହ ଲତାବୁଦା କାଟି ସଫା କରି ରହିଛନ୍ତି। ଏହାକୁ ନେଇ ସେମାନେ ସନ୍ତୋଷ ପ୍ରକାଶ କରିବା ସହ ପ୍ରଶାସନିକ କାର୍ଯ୍ୟକଳାପକୁ ନେଇ ପ୍ରଶ୍ନ କରିଛନ୍ତି। ସେହିପରି କୋଭିଡ୍ କଟକଣା ଥିଲେ ବି ପର୍ଯ୍ୟଟକଙ୍କ ଯଥେଷ୍ଟ ଭିଡ଼ ଦେଖିବାକୁ ମିଳୁଛି।

### ରୁଦ୍ରାକ୍ଷଧାରୀ ଦିଗମ୍ବର ବମ୍‌ବମ୍ ପୁରୀ



ମେଳାରେ ଆକର୍ଷଣ ସାଜିଛନ୍ତି ନାଗା ସାଧୁ ରୁଦ୍ରାକ୍ଷ ବାବା। ଦେହ ଓ ମୁହଁରେ ବୋଳା ବିଭୁତି ସାଙ୍ଗକୁ ରୁଦ୍ରାକ୍ଷର ମାଳା ତାଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ କରିଛି। କାଶୀରୁ ଆସିଥିବା ଏହି ବାବାଙ୍କ ନାମ ହେଉଛି ଦିଗମ୍ବର ବମ୍ ବମ୍ ପୁରୀ। ମାତ୍ର ୭ବର୍ଷ ବୟସରେ ଘର ଛାଡି ଆଧ୍ୟାତ୍ମିକତା ଦିଗରେ ସେ ପାଦ ଦେଇଥିଲେ। ଦେହରେ ୫ହଜାରରୁ ଊର୍ଦ୍ଧ୍ୱ ରୁଦ୍ରାକ୍ଷ ଧାରଣ କରିଛନ୍ତି। ୧୯୯୭ରୁ ପ୍ରତି ବର୍ଷ ଖଣ୍ଡଗିରି କୁମ୍ଭମେଳାକୁ ଆସୁଛନ୍ତି। ଶ୍ରଦ୍ଧାଳୁଙ୍କୁ ବିଭୁତି ଦେଇ ଈଶ୍ୱରଙ୍କ ପାଖରେ ସେମାନଙ୍କ ମଙ୍ଗଳ କାମନା କରିବା ସହ ବିଶ୍ୱ ଶାନ୍ତି ପାଇଁ ଯଜ୍ଞ କରୁଛନ୍ତି।

## ଶ୍ରୀଲିଙ୍ଗରାଜଙ୍କ ଭାସ୍କରେଶ୍ୱର ମନ୍ଦିର ଯାତ୍ରା

ପୁରୁଣା ଭୁବନେଶ୍ୱର,୭।୨(ଡି.ଏନ୍.ଏ.)

ପବିତ୍ର ମାଘ ସପ୍ତମୀ ଅବସରରେ ସୋମବାର ପ୍ରଭୁ ଶ୍ରୀଲିଙ୍ଗରାଜ ଭାସ୍କରେଶ୍ୱର ମନ୍ଦିର ଯାତ୍ରା କରିଥିଲେ। ମନ୍ଦିରରେ ବୀରକିଶୋରୀ ବଲ୍ଲଭ ସରିବା ପରେ ମା'ପାର୍ବତୀ, ଦୁର୍ଗା, ଅନନ୍ତ ବାସୁଦେବଙ୍କ ସହ ଲିଙ୍ଗରାଜଙ୍କୁ ପୂଜାପଣ୍ଡା ସେବାୟତ ଆଜ୍ଞାପ୍ରସାଦ ଦେଇସାରିବା ପରେ ବିମାନ ଓ ପାଲିଙ୍କିରେ ବିଜେ କରିଥିଲେ। ଦ୍ୱିପ୍ରହର ଧୂପ, ଠାକୁରାଣୀ ଦ୍ୱିପ୍ରହର ଧୂପ ସରିବା ପରେ ମନ୍ଦିର ପହୁଡ଼ ପଡ଼ିଥିଲା। ପରେ ସେବାୟତଙ୍କ ଗହଣରେ ଶ୍ରୀଜୀଉମାନେ ସିଦ୍ଧ ଗଣେଶଙ୍କ ନିକଟରେ ପହଞ୍ଚିଥିଲେ। ସେଠାରେ ନଡ଼ିଆ ବାଡ଼ିଆ ହେବା ପରେ ଠାକୁର ଭାସ୍କରେଶ୍ୱର ମନ୍ଦିର ଯାତ୍ରା କରିଥିଲେ। ପହଞ୍ଚିବା ପରେ ଶ୍ରୀଜୀଉମାନେ ଖଟୁଳି ଅବସ୍ଥାନ କରିଥିଲେ। ଭୋଗ ନୈବେଦ୍ୟ ଅର୍ପଣ ପରେ ଭାସ୍କରେଶ୍ୱରଙ୍କ ସହ ଭେଟ ଆଳତି କରାଯାଇ ମନ୍ତ୍ର ମାଧ୍ୟମରେ ରୁକୁଣା ରଥ ମାପ କରାଯାଇଥିଲା। ପରେ ମନ୍ଦିର ଫେରିବା ବାଟରେ କେଦାରଗୌରୀ ମନ୍ଦିର ଯାତ୍ରା କରିଥିଲେ। ସେଠାରେ ପୂଜାର୍ଚ୍ଚନା କରାଯାଇ କେଦାରେଶ୍ୱରଙ୍କ ସହ ଭେଟଆଳତି କରାଯାଇଥିଲା। ପରେ ସ୍ୱମନ୍ଦିର ଯାତ୍ରା କରିଥିଲେ। ପ୍ରକାଶ ଯେ, ଭାସ୍କରେଶ୍ୱର ମନ୍ଦିର ଆକୃତିର ଲିଙ୍ଗରାଜଙ୍କ ରୁକୁଣା ରଥ ନିର୍ମାଣ ହୋଇଥାଏ।

### ରୁକୁଣା ରଥ ମାପ ଆସିଲା



## ସୁନାମୁହିଁ ଘାଟରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

ନିଆଳି, ୭।୨(ଡି.ଏନ୍.ଏ.)

ପବିତ୍ର ମାଘସପ୍ତମୀରେ ପ୍ରାଚୀନଦୀର ସୁନାମୁହିଁ ଘାଟରେ ବୁଡ଼ ପକାଇ ବାବା ଶୋଭନେଶ୍ୱରଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁ। ପ୍ରାଚୀନ ପରମ୍ପରା ଅନୁଯାୟୀ ନିଆଳି ଅଞ୍ଚଳର ପ୍ରାଚୀନ ଶୈବପୀଠ ଶ୍ରୀ ଶ୍ରୀ ଶୋଭନେଶ୍ୱର ମହାଦେବ ମାଘସପ୍ତମୀରେ ପ୍ରାଚୀନଦୀର ସୁନାମୁହିଁ ଘାଟରେ ସ୍ନାନ କରନ୍ତି। ଏହି ଅବସରରେ ଷଷ୍ଠୀ ସନ୍ଧ୍ୟାରେ ଶ୍ରୀ ଶ୍ରୀ ଶୋଭନେଶ୍ୱର ମହାଦେବଙ୍କର ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଓ ଉମାଙ୍କୁ ଏକ ସୁସଜ୍ଜିତ ବିମାନରେ ଉପବିସନ କରାଯାଇ ମନ୍ଦିର ପରିକ୍ରମା କରାଯିବା ପରେ ସୁନାମୁହିଁ ଘାଟକୁ ଯାତ୍ରା କରିଥିଲେ। ଘଣ୍ଟଘଣ୍ଟା ଆତସବାଜି ଓ ମାଦଳ ଏବଂ ଢୋଲମହୁରିର ତାଳେ ତାଳେ ବାଡ଼ି, ଲଉଡ଼ି ଓ ବନାଟି ଖେଳ ମାଧ୍ୟମରେ ଶ୍ରଦ୍ଧାଳୁମାନେ ହରିବୋଲ ଧ୍ୱନିରେ ପାଛୋଟି ନେଇଥିଲେ। ସୁନାମୁହିଁଘାଟକୁ ସେଠାରେ ସୁସଜ୍ଜିତ ସ୍ୱତନ୍ତ୍ର ମଣ୍ଡପରେ ଠାକୁରଙ୍କୁ ସ୍ଥାପନ କରାଯାଇଥିଲା। ଏହାପରେ ରାତ୍ରି ବ୍ୟାପୀ ଭଜନ କୀର୍ତ୍ତନ ଆଦି କରାଯାଇଥିଲା। ପ୍ରାତଃକାଳରୁ ଚନ୍ଦ୍ରଶେଖର ଓ ଉମାଙ୍କୁ ଏହି ତୀର୍ଥକ୍ଷେତ୍ରରେ ପ୍ରଥମେ ବୁଡ ପକାଯିବା ପରେ ଶ୍ରଦ୍ଧାଳୁମାନେ ବୁଡପକାଇ ସୂର୍ଯ୍ୟଙ୍କୁ ଅର୍ଘ୍ୟଦେଇ ମହାଦେବଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଲୋକକଥାରୁ ଶୁଣାଯାଏ ଯେ, ଏହି ଦିନ ଏଠାରେ ବୁଡ଼ପକାଇ ମହାଦେବଙ୍କୁ ଦର୍ଶନ କଲେ ମହାପୁଣ୍ୟ ମିଳିବା ସହ ପାପମୋଚନ, ରୋଗ ନିବାରଣ ଓ ନିଃସନ୍ତାନଙ୍କୁ ସନ୍ତାନ ପ୍ରାପ୍ତି ହୋଇଥାଏ। ସେହିପରି ସପ୍ତମୀ ସନ୍ଧ୍ୟାରେ ସୁନାମୁହିଁ ଘାଟରୁ ମହାଦେବଙ୍କୁ ପୂର୍ବପରି ଶୋଭାଯାତ୍ରାରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଇଛି।


ପ୍ରାଚୀ ନଦୀର ସୁନାମୁହିଁ ଘାଟରେ ଶ୍ରଦ୍ଧାଳୁଙ୍କ ଭିଡ଼।



ଭୁବନେଶ୍ୱର ୟୁନିଟ୍-୨ ବାଳିକା ଉଚ୍ଚ ବିଦ୍ୟାଳୟରେ ଛାତ୍ରୀମାନେ ଶ୍ରେଣୀଗୃହରେ ବସି ପାଠ ପଢୁଛନ୍ତି। ୟୁନିଟ୍-୨ କ୍ୟାପିଟାଲ ହାଇସ୍କୁଲରେ ଛାତ୍ରଙ୍କ ଥର୍ମାଲ ସ୍କ୍ରିନିଂ କରାଯାଉଛି।

## ସାହାଯ୍ୟ ବାହାନାରେ ଏଟିଏମ୍‌ରୁ ୫୦ ହଜାର ଉଠାଇ ନେଲେ

ଭୁବନେଶ୍ୱର,୭।୨(ବ୍ୟୁରୋ): ସାହାଯ୍ୟ କରିବାକୁ ଯାଇ ଏଟିଏମ୍ କାର୍ଡରୁ ୫୦ ହଜାର ଟଙ୍କା ଉଠାଇ ନେଲେ। ଏହି ଠକେଇର ଶିକାର ହୋଇଥିବା ଖୋର୍ଦ୍ଧା କଲରାଙ୍ଗର ଅଞ୍ଚଳର ଗୁଣନିଧି ବେହେରା ଶନିବାର ଏୟାରପୋର୍ଟ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୫୨/୨୨) ରୁଜୁ କରି ଠକେଇ କରିଥିବା ଉକ୍ତ ଅଜଣା ବ୍ୟକ୍ତିଙ୍କୁ ଖୋଜୁଛି। ଅଭିଯୋଗ ଅନୁଯାୟୀ, ଗୁଣନିଧି ଏୟାରପୋର୍ଟ ଥାନା କାର୍ଗିଲ ବସ୍ତିରେ ରହୁଛନ୍ତି। ସେ ପୋଖରୀପୁଟ ଅଞ୍ଚଳରେ ଥିବା ଏକ ଏଟିଏମ୍‌କୁ ଶନିବାର ଅପରାହ୍ନରେ ଟଙ୍କା ଡିପୋଜିଟ୍ କରିବାକୁ ଯାଇଥିଲେ। ହେଲେ ସେ ଡିପୋଜିଟ୍ କରି ନ ପାରିବାରୁ ସେଠାରେ ଥିବା ଉକ୍ତ ବ୍ୟକ୍ତିଙ୍କୁ ସାହାଯ୍ୟ ମାଗିଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣକ ତାଙ୍କ ଏଟିଏମ୍ କାର୍ଡ ଓ ପିନ୍ କୋଡ୍ ପଚାରି ଏଟିଏମ୍ ଭିତରକୁ ଯାଇଥିଲେ। ବାହାରକୁ ଆସି ଗୁଣନିଧିଙ୍କୁ ଟଙ୍କା ଡିପୋଜିଟ୍ ହୋଇପାରିବ ନାହିଁ ବୋଲି କହି ମିନି ଷ୍ଟେଟ୍‌ମେଣ୍ଟ ଧରାଇ ପଳାଇଥିଲେ। କିଛି ସମୟ ପରେ ତାଙ୍କ ଆକାଉଣ୍ଟରୁ ୫୦ ହଜାର ଉଠାଣ ହୋଇଥିବା ଏକ ମେସେଜ୍ ଆସିଥିଲା। ଠକେଇ ସମ୍ପର୍କରେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୭।୦୨।୨୦୨୨

| | |
|---|---|
| ୨, ୨୪, ୮୧୨ ଟଙ୍କା | |
| ସୁନା | ୫.୨୦୦ ଗ୍ରାମ |
| ରୁପା | ୨.୨୦୦ ଗ୍ରାମ |

## ଆଜି କ'ଣ କେଉଁଠି

**ବାଲିଅନ୍ତା**

- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ଦଣ୍ଡିଲୋ ଗ୍ରାମର ମୁ' ଦୁର୍ଗାଣୀ ମନ୍ଦିର ପରିସର, ଅପରାହ୍ନ ୫ଟା।

**କଟକ**

- ଏ ଆଇ ଏସ ଏଫ କଟକ ଜିଲା କମିଟି ଛାତ୍ର ସଂଗଠନ ପକ୍ଷରୁ ଯୁକ୍ତ୨ ପରୀକ୍ଷା ବାତିଲ ଦାବିରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।


# ତଦନ୍ତ ତଥ୍ୟକୁ ଘଣ୍ଟ ଘୋଡ଼ାଉଛି ପ୍ରଶାସନ

## ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ

ପୁରୀ ଅଫିସ,୭।୨

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ଜଷ୍ଟିସ୍ ରଘୁବୀର ଦାଶ କମିଶନଙ୍କ ତଦନ୍ତକୁ ନେଇ କୌଣସି ସୂଚନା ଦେବାକୁ ଜିଲା ପ୍ରଶାସନ ମନା କରିଛି। ପ୍ରକାରାନ୍ତରେ ପ୍ରଶାସନ ଏଭଳି ଭାବେ ତଦନ୍ତ ତଥ୍ୟକୁ ଘଣ୍ଟ ଘୋଡ଼ାଉଛି। ଫଳରେ ଏହି ଘଟଣାର ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

ରତ୍ନଭଣ୍ଡାର ଚାବି ହଜିବା ପରେ ରାଜ୍ୟ ସରକାର ଏହି ଘଟଣାର ତଦନ୍ତ ପାଇଁ ଜଷ୍ଟିସ ରଘୁବୀର ଦାଶଙ୍କ ଅଧ୍ୟକ୍ଷତାରେ ଏକ କମିଶନ ଗଠନ କରିଥିଲେ। କମିଶନ ପୁରୀ ଆସି ଘଟଣାର ସବିଶେଷ ତଦନ୍ତ କରିବା ସହ ୨୦୧୮ ନଭେମ୍ବର ୨୮ରେ ୩୨୪ ପୃଷ୍ଠାର ଏକ ରିପୋର୍ଟ ରାଜ୍ୟ ଗୃହ ବିଭାଗକୁ ପ୍ରଦାନ କଲେ। ଏହି ଘଟଣାକୁ ୩ବର୍ଷ ପୂରି ସାରିଥିଲେ ମଧ୍ୟ ରିପୋର୍ଟ ବିଧାନସଭାରେ ଉପସ୍ଥାପିତ ନ ହେବା କାରଣରୁ ସାର୍ବଜନୀନ ହୋଇପାରୁନାହିଁ। ତେବେ ରିପୋର୍ଟ ପ୍ରସ୍ତୁତି ପୂର୍ବରୁ ପୁରୀରେ କମିଶନଙ୍କ ଯାଞ୍ଚ ପ୍ରକ୍ରିୟାରେ ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ସହଯୋଗ କରିଥିଲେ। ସମ୍ପ୍ରତି ସୂଚନା ଅଧିକାର ଆଇନ ବଳରେ ଜିଲା ପ୍ରଶାସନକୁ ଏନେଇ ତଥ୍ୟ ମଗାଯାଇଥିବା ବେଳେ ଏନେଇ କୌଣସି ଉତ୍ତର ରଖାଯାଇନାହିଁ। ଜିଲା ପ୍ରଶାସନ କାହିଁକି ଏନେଇ ମୁହଁ ଖୋଲୁନାହିଁ ସେନେଇ ପ୍ରଶ୍ନ ଉଠାଇଛନ୍ତି ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ। ସେ କହିଛନ୍ତି, ତଦନ୍ତ କମିଶନଙ୍କୁ ପୁରୀ ଜିଲା ପ୍ରଶାସନ ତରଫରୁ ଯେଉଁ କାଗଜପତ୍ର, ଚିଠି, ରିପୋର୍ଟ ପ୍ରଦାନ କରାଯାଇଛି ତାହାର ନକଲ ଦେବାକୁ ଜିଲା ପ୍ରଶାସନ ନାରାଜ। ଗୋଟିଏ ପଟେ ୨୨ ଲକ୍ଷ ୭୭ ହଜାର ୯୧୮ ଟଙ୍କା ଖର୍ଚ୍ଚ ବିନିମୟରେ ପ୍ରସ୍ତୁତ ହୋଇଥିବା ରିପୋର୍ଟ ସାର୍ବଜନୀନ ହୋଇପାରୁ ନ ଥିବା ବେଳେ ଅନ୍ୟ ପଟେ ପୁରୀ ଜିଲା ପ୍ରଶାସନ ତଦନ୍ତରେ କେଉଁ କେଉଁ ତଥ୍ୟ ଯୋଗାଇଛି ସେସମ୍ପର୍କରେ ସୂଚନା ଦେବାକୁ ମନା କରୁଛି। ଏଭଳି ସ୍ଥିତିରେ ସାଧାରଣ ଲୋକେ ଦ୍ୱନ୍ଦ୍ୱରେ ରହୁଛନ୍ତି। ରତ୍ନଭଣ୍ଡାର ପ୍ରସଙ୍ଗରେ ସତ୍ୟତା ଜାଣିବାର ଅଧିକାର ଜଗନ୍ନାଥପ୍ରେମୀଙ୍କର ରହିଛି। ସେ ଆହୁରି କହିଛନ୍ତି, ଜିଲା ରେକର୍ଡ ରୁମ୍‌ରୁ ନକଲି ଚାବି ମିଳିବା କଥା ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଗଣମାଧ୍ୟମରେ ପ୍ରକାଶ କରିଥିଲେ। ମାତ୍ର ନକଲି ଚାବି ମିଳିଥିବା ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରୁ କୌଣସି ଚିଠି ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟକୁ ଲେଖାଯାଇନାହିଁ। ଅର୍ଥାତ୍ ତଦନ୍ତ କମିଶନଙ୍କୁ ମଧ୍ୟ ଏସମ୍ପର୍କରେ ଜଣାଯାଇ ନ ଥିବା ସନ୍ଦେହକୁ ଆସୁଛି। ଜିଲା ପ୍ରଶାସନ ସମସ୍ତ ଆବଶ୍ୟକ ତଥ୍ୟ ସମ୍ପର୍କରେ ତଦନ୍ତ କମିଶନଙ୍କୁ ଅବଗତ କରାଇଛି ନା କୌଣସି ପ୍ରକାର ଅନିୟମିତତା ହୋଇ ତାହା ଜାଣିବା ପାଇଁ ଜିଲା ପ୍ରଶାସନ ସ୍ପଷ୍ଟ ଭାବେ ସୂଚନା ଦେବା ଦରକାର। ଅନ୍ୟପକ୍ଷରେ ତଦନ୍ତ, ଯାଞ୍ଚ ଓ ରିପୋର୍ଟ ଦାଖଲ ନେଇ କୌଣସି ତଥ୍ୟ ଜିଲା ପ୍ରଶାସନ ପାଖରେ ନାହିଁ ବୋଲି ଜିଲା ସୂଚନା ଅଧିକାରୀ ଗୋପୀନାଥ ମିଶ୍ରଙ୍କଠାରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି।





ବିଦଗ୍ଧକବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ୨୬୨ତମ ଜୟନ୍ତୀ ଅବସରରେ ସୋମବାର ଭୁବନେଶ୍ୱର ୟୁନିଟ୍-୪ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଅଭିମନ୍ୟୁ ସ୍ମୃତି ସଂସଦ ଓ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ କ୍ୟାଲେଣ୍ଡର ଉନ୍ମୋଚନ କରାଯାଉଛି।

# ୨୮ରୁ ଅଫ୍‌ଲାଇନରେ ସେମିଷ୍ଟର ପରୀକ୍ଷା



ରେଭେନ୍‌ଶା ବିଶ୍ୱବିଦ୍ୟାଳୟ

କଟକ ଅଫିସ, ୭।୨

ଆସନ୍ତା ୨୮ ତାରିଖଠାରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସମସ୍ତ ସେମିଷ୍ଟର ପରୀକ୍ଷା ଆରମ୍ଭ ହେବ। ଏହି ପରୀକ୍ଷାଗୁଡ଼ିକ ଅଫ୍‌ଲାଇନ୍‌ରେ ଅନୁଷ୍ଠିତ ହେବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଖୁବ୍‌ଶୀଘ୍ର ପରୀକ୍ଷା ସୂଚୀ ସମ୍ପର୍କରେ ଘୋଷଣା କରାଯିବ ବୋଲି ସୋମବାର ପିଜି କାଉନସିଲ ଅଧ୍ୟକ୍ଷା ପ୍ରଫେସର ଅସୀମା ସାହୁ କହିଛନ୍ତି। ସୂଚନାଯୋଗ୍ୟ, ଫେବୃୟାରୀ ୧ରୁ ସ୍ନାତକ (ୟୁଜି)ର ତୃତୀୟ, ପଞ୍ଚମ ଏବଂ ସପ୍ତମ ସେମିଷ୍ଟର ପରୀକ୍ଷା, ସ୍ନାତକୋତ୍ତର (ପିଜି)ର ତୃତୀୟ ସେମିଷ୍ଟର, ଏମ୍‌ସିଏ ବିଭାଗର ପଞ୍ଚମ ସେମିଷ୍ଟର ଏବଂ ଆଇଏମ୍‌ବିଏର ନବମ ସେମିଷ୍ଟର ପରୀକ୍ଷା ହେବ ବୋଲି ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ମହାମାରୀ କରୋନା ଯୋଗୁ ବିଶ୍ୱବିଦ୍ୟାଳୟ ବନ୍ଦ ରହିଥିବାରୁ ପରୀକ୍ଷା ସ୍ଥଗିତ ରଖିବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ। ବିଶ୍ୱବିଦ୍ୟାଳୟ ଖୋଲିବା ପରେ ଅଫ୍‌ଲାଇନ ମାଧ୍ୟମରେ ପରୀକ୍ଷା ହେବ ବୋଲି ମୁଖ୍ୟ ପରୀକ୍ଷା ନିୟନ୍ତ୍ରକ ଡ. ସୁଦର୍ଶନ ମିଶ୍ର କହିଥିଲେ।

# ଓଡ଼ିଆ କାବ୍ୟ ଭଣ୍ଡାରକୁ ଉପେନ୍ଦ୍ର ଭଞ୍ଜଙ୍କ ଅବଦାନ ଅତୁଳନୀୟ

## ଖଡ୍ଡୁ ଚରଣ ବିଶ୍ୱାଳ ଓ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ସମ୍ମାନିତ

ଭୁବନେଶ୍ୱର, ୭।୨ (ବ୍ୟୁରୋ)

ଓଡ଼ିଆ ଜାତିର ବନ୍ଦନୀୟ ତଥା ସ୍ମରଣୀୟ ବ୍ୟକ୍ତିତ୍ୱ କାଳଜୟୀ ସ୍ରଷ୍ଟା ଉପେନ୍ଦ୍ର ଭଞ୍ଜ ଓ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ରଚନା ଓଡ଼ିଆ କାବ୍ୟ ଭଣ୍ଡାରକୁ ଋଦ୍ଧିମନ୍ତ କରିଛି। ଉପେନ୍ଦ୍ର ଭଞ୍ଜଙ୍କ ଅମର ରଚନା ଲାବଣ୍ୟବତୀ, ବୈଦେହୀଶ ବିଳାସ ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ସେହିପରି ବିଦଗ୍ଧ କବିଙ୍କ ରଚନା ପ୍ରେମ ଚିନ୍ତାମଣି, ରାଧାକୃଷ୍ଣ ପ୍ରେମଲୀଳା ପ୍ରମୁଖ ତାଙ୍କର ଅକଳ୍ପନୀୟ ରଚନା ଭାବେ ସ୍ୱୀକୃତି ଲାଭ କରିଛି ବୋଲି ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ କହିଛନ୍ତି। ସୋମବାର ଅଭିଯାନ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ୨୬୨ତମ ଓ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ୨୮୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଦୁହିଁଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ, ସାହିତ୍ୟ କ୍ଷେତ୍ରକୁ ଦୁଇ ମହାପୁରୁଷଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଖଡ୍ଡୁ ଚରଣ ବିଶ୍ୱାଳ ଓ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟଙ୍କୁ ଯଥାକ୍ରମେ 'ବିଦଗ୍ଧ କବି ଅଭିମନ୍ୟୁ ସ୍ମୃତି ସମ୍ମାନ' ଓ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ' ପ୍ରଦାନ କରାଯାଇଥିଲା। ପୂର୍ବତନ ଅର୍ଥମନ୍ତ୍ରୀ କାନୁନଗୋଙ୍କ 'ମହାକାଳ ଓ ଓଡ଼ିଆ ଦିନ ପଞ୍ଜିକା'କୁ ଲୋକାର୍ପିତ କରାଯାଇଥିଲା। ଶିକ୍ଷାବିତ୍ ସୀତାବଲ୍ଲଭ ମହାପାତ୍ର, ଲକ୍ଷ୍ମୀଧର ବେହେରା, ଉମାନାଥ ମିଶ୍ର, ନରେନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଡ. ଅସିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାକିରି ଆଳରେ ୫ ଲକ୍ଷ ଠକେଇ, ଜଣେ ଗିରଫ

## ଅଫିସକୁ ଡାକି ଅସଦାଚରଣ କରିଥିଲେ

**ଭୁବନେଶ୍ୱର,୭।୨(ବ୍ୟୁରୋ):** ଚାକିରି ଆଳରେ ଦୁଇଜଣ ଆଶାୟୀଙ୍କଠାରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିବା ପରେ ଅସଦାଚରଣ ଅଭିଯୋଗରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଟଣୀ ଥାନା ଅଞ୍ଚଳର ବିନୟ ରାଉତରାୟ(୩୨)। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୪ଜଣ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ବିନୟ ବୁଦ୍ଧପାର୍କ ନିକଟରେ ଏକ କନ୍‌ସଲଟାନ୍ସି ସଂସ୍ଥା ଖୋଲିଥିଲେ। ୨୦୨୧ ମାର୍ଚ୍ଚ ୧୮ରେ ଜଗତ୍‌ସିଂହପୁର ଜିଲାର ଜଣେ ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁ ମନୋରଞ୍ଜନ ସାହୁ ଚାକିରି ଆଶାରେ ସେଠାକୁ ଯାଇଥିଲେ। ବିନୟ ସେମାନଙ୍କୁ ଏଜି ଓ ନାଲ୍‌କୋ ଅଫିସରେ ଚାକିରି ଦେବାକୁ ପ୍ରତିଶ୍ରୁତି ଦେଇ ପ୍ରଥମେ ୨ଲକ୍ଷ ଟଙ୍କା ନେଇଥିଲେ। କିଛିମାସ ପରେ ଉକ୍ତ ସଂସ୍ଥା ଖାରବେଳନଗର ଥାନା ଅନ୍ତର୍ଗତ ସୂର୍ଯ୍ୟନଗରକୁ ଉଠି ଯାଇଥିଲା। ସେଠାରେ ଅଭିଯୁକ୍ତ ବିନୟ ସେମାନଙ୍କଠାରୁ ଆଉ ୩ଲକ୍ଷ ଟଙ୍କା ନେଇଥିଲେ। ଏହାପରେ ବିନୟ ଏଜିର ଦୁଇଟି ଜାଲ୍ ନିଯୁକ୍ତିପତ୍ର ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ଦେଇଥିଲେ। ଉକ୍ତ ନିଯୁକ୍ତିପତ୍ର ଜାଲ୍ ବୋଲି ଜଣାପଡିବା ପରେ ଯୁବତୀ ଜଣକ ବିନୟଙ୍କୁ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ହେଲେ ସେ ଆଜିକାଲି ଦେବି କହି ଦିନ ଗଡ଼ାଇ ଚାଲିଥିଲେ। ଗତ ୫ ତାରିଖରେ ଟଙ୍କା ଦେବାକୁ ବିନୟ ଉକ୍ତ ଯୁବତୀଙ୍କୁ ସୂର୍ଯ୍ୟନଗରସ୍ଥିତ ଅଫିସକୁ ଡାକି ଅସଦାଚରଣ କରିବା ସହ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏନେଇ ଯୁବତୀ ଜଣକ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା( ନଂ.୫୮/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ବିଲ ଗହୀରରୁ ମୃତଦେହ ଜବତ

ବାଣପୁର, ୭।୨(ଡି.ଏନ୍.ଏ.): ବାଣପୁର ଥାନା ନାଚୁଣି ଫାଣ୍ଡି ଅନ୍ତର୍ଗତ ଜୀବନଦେଇପୁର ବିଲ ଗହିରରେ ଥିବା ଏକ ପାଳଗଦା ନିକଟରୁ ସୋମବାର ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଥାନାଧିକାରୀଙ୍କ ବିରୋଧରେ କମିଶନରଙ୍କୁ ଭେଟିଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର,୭।୨(ବ୍ୟୁରୋ)



କ୍ୟାପିଟାଲ ଥାନା ଅଧିକାରୀଙ୍କ ବିରୋଧରେ ପୋଲିସ କମିଶନରଙ୍କୁ ଫେରାଦ ହୋଇଛି ପ୍ରଦେଶ ଛାତ୍ର କଂଗ୍ରେସ। ସୋମବାର ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ପିସିସି ସାଧାରଣ ସମ୍ପାଦକ ରଜତ ଚୌଧୁରୀ ଓ ପିସିସିର ପୂର୍ବତନ ରାଜନୈତିକ ସଚିବ ପ୍ରକାଶ ମିଶ୍ରଙ୍କୁ ନେଇ ୩ଜଣିଆ ଟିମ୍ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ସାକ୍ଷାତ କରି ଅଭିଯୋଗପତ୍ର ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗ ସମ୍ପର୍କରେ ନୱାଜ କହିଛନ୍ତି, କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଚକ୍ରବର୍ତ୍ତୀ ୩ବର୍ଷରୁ ଊର୍ଦ୍ଧ୍ୱ ହେବ ଏଠାରେ ରହି ବହୁ ବେଆଇନ କାର୍ଯ୍ୟରେ ସାମିଲ ଅଛନ୍ତି। ତାଙ୍କ ନାମରେ ଦୁର୍ନୀତି, ପକ୍ଷପାତିତା, ଅପରାଧ ନିୟନ୍ତ୍ରଣରେ ବିଫଳତା ଆଦି ବହୁ ଅଭିଯୋଗ ପରେ ବି ଏଭଳି ଜଣେ ଅଫିସରଙ୍କୁ କିପରି କ୍ୟାପିଟାଲ ଥାନା ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ କାର୍ଯ୍ୟ କରିବାକୁ ଦିଆଯାଇଛି। ବଦଳି ହେବାପରେ ବି ସେ କେଉଁ ଆଧାରରେ କ୍ୟାପିଟାଲ ଥାନାରେ ରହିଛନ୍ତି। କଂଗ୍ରେସ ଭବନ ପୋଡ଼ିରେ ସମ୍ପୃକ୍ତ ଥିବା ଅପରାଧୀଙ୍କୁ ଧରିବା ବଦଳରେ ଛାତ୍ରନେତା ନିହାର ରଞ୍ଜନ ବେହେରାଙ୍କୁ ଗିରଫ କରିବା ଦୁର୍ଭାଗ୍ୟଜନକ ବୋଲି ନୱାଜ କହିଛନ୍ତି। ପୋଲିସ କମିଶନର ଅଭିଯୋଗ ଗ୍ରହଣ କରିବା ସହ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ନୱାଜ କହିଛନ୍ତି।

ସୂଚନାଯୋଗ୍ୟ, କଂଗ୍ରେସ ଦୁଇ ଗୋଷ୍ଠୀ ବିରୋଧରେ ଖବର ପ୍ରସାରଣକୁ ନେଇ ଜନୈକ ଖବରଦାତାଙ୍କୁ ଆକ୍ରମଣ ହୋଇଥିଲା। ଏହି ଘଟଣାରେ କ୍ୟାପିଟାଲ ଥାନା ପୋଲିସ ଛାତ୍ର ନେତା ନିହାର ରଞ୍ଜନ ବେହେରାଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିଲା। ତେବେ ଏହାକୁ ଛାତ୍ର କଂଗ୍ରେସ ତୀବ୍ର ବିରୋଧ କରି ଆନ୍ଦୋଳନକୁ ଓହ୍ଲାଇଥିଲା। କଂଗ୍ରେସ ଭବନରେ ନିଆଁ ଲଗାଇବା ଘଟଣାରେ କ୍ୟାପିଟାଲ ଥାନା ଅଧିକାରୀ ଅଭିଯୁକ୍ତମାନଙ୍କୁ ଘଣ୍ଟ ଘୋଡ଼ାଇ ମିଛ ମକଦ୍ଦମାରେ ଛାତ୍ର ନେତାଙ୍କୁ ଗିରଫ କରିବା ପ୍ରତିବାଦରେ ରବିବାର ଛାତ୍ର କଂଗ୍ରେସ ପକ୍ଷରୁ ଧାରଣା ଓ ରାସ୍ତାରୋକୋ କରାଯାଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶୁଭାଶିଷ



@ କାହ୍ନୁ



@ ରାଖାଲ୍



@ ଅଂଶୁମାନ୍



@ ବାଦଲ



@ ଅମର

# ଏମ୍ସ ଓପିଡି ଖୋଲିଲା

## ପ୍ରଥମ ଦିନରେ ୨,୫୦୦ ରୋଗୀ ଚିକିତ୍ସିତ

ଭୁବନେଶ୍ୱର, ୭।୨(ବ୍ୟୁରୋ)

ଭୁବନେଶ୍ୱର ଏମ୍ସ ଓପିଡି ସୋମବାର ଖୋଲିଛି। ପ୍ରଥମ ଦିନରେ ୨,୫୦୦ ରୋଗୀ ଚିକିତ୍ସିତ ହୋଇଥିବା ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବଭଳି ସମସ୍ତ ବିଭାଗ ଓପିଡି କାର୍ଯ୍ୟସୂଚୀକୁ ଅନୁକରଣ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ପୂର୍ବଭଳି ସମସ୍ତ ଆଇପିଡି ଆଡ୍‌ମିଶନ ଏବଂ ଓଟିଗୁଡ଼ିକ କାର୍ଯ୍ୟକାରୀ ହେବ। ନୂଆ ଆଡ୍‌ମିଶନ ହେଲେ ସନ୍ଦିଗ୍ଧ କୋଭିଡ୍ ରୋଗୀଙ୍କ ପାଇଁ ପ୍ରତି ୱାର୍ଡରେ ୪ରୁ ୫ ଲେଖାଏ ଶଯ୍ୟା ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ରୋଗୀଙ୍କୁ ନିୟମିତ ଯାଞ୍ଚ ପାଇଁ ସ୍ୱାସ୍ଥ୍ୟ ଆପ୍ ଏବଂ ଟେଲିମେଡିସିନ ସେବା ଜାରି ରହିବ। କରୋନାର ତୃତୀୟ ଲହର ସଂକ୍ରମଣ ଓ ବହୁ ଡାକ୍ତର ତଥା କର୍ମଚାରୀ ଆକ୍ରାନ୍ତ ହେବା ପରେ ଜାନୁୟାରୀ ୧୭ରୁ ଭୁବନେଶ୍ୱର ଏମ୍ସର ସମସ୍ତ ଓପିଡି ସେବାକୁ ସାମୟିକ ବନ୍ଦ କରାଯାଇଥିଲା। କରୋନା ସ୍ଥିତିରେ ସାମାନ୍ୟ ସୁଧାର ଆସିବା ପରେ ସୋମବାରଠାରୁ ଏମ୍ସ ଓପିଡି ଖୋଲିବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ।



ପୁରୀସ୍ଥିତ ମାର୍କଣ୍ଡେୟ ପୁଷ୍କରିଣୀ ନିକଟରେ ସାଥୀ ସଂଘ ପକ୍ଷରୁ ସୋମବାର ସନ୍ଧ୍ୟାରେ ଆୟୋଜିତ ତୀର୍ଥ ଆଳତି କାର୍ଯ୍ୟକ୍ରମ।



ପ୍ରସ୍ତାବିତ ଶ୍ରୀମନ୍ଦିର ଐତିହ୍ୟ କରିଡ଼ର ପରିସରରେ ଥିବା ଶେଷ କୋଠାକୁ ସୋମବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଉଛି।



ବନ୍ଦେ ଉତ୍କଳ ଅନୁଷ୍ଠାନ ପକ୍ଷରୁ ସୋମବାର କଟକର ବଙ୍ଗାଳି ସାହି ମଠ ନିକଟସ୍ଥ ମା' ସାରଳା ସଦନ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଜଷ୍ଟିସ୍ ଡ. ଦୁର୍ଗାପ୍ରସନ୍ନ ଚୌଧୁରୀ ଓ ଅନ୍ୟ ଅତିଥି।



ବେଜିଂଠାରେ ଚାଲିଥିବା ୱିଣ୍ଟର ଅଲିମ୍ପିକ୍ସର ସୋମବାର ଫିଗର ସ୍କେଟିଂରେ ଦୁଇ ପ୍ରତିଯୋଗୀ କଳାକୌଶଳ ପ୍ରଦର୍ଶନ କରୁଛନ୍ତି।



ପୁରୁଷ ଡାଉନ୍‌ହିଲ୍ ରେସ୍ ଅବସରରେ ଅଷ୍ଟ୍ରିଆର ମ୍ୟାକ୍ସ ଫ୍ରାଞ୍ଜ।

# ଓଡ଼ିଶା ଏଫ୍‌ସିର ଷଷ୍ଠ ବିଜୟ

**ଆଇଏସ୍‌ଏଲ୍**

**ଭାସ୍କୋ, ୭।୨:** ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍)ର ସୋମବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଏଫ୍‌ସି ୨-୧ ଗୋଲରେ ଇଷ୍ଟବେଙ୍ଗଲକୁ ପରାସ୍ତ କରିଛି। ଚଳିତ ଲିଗ୍‌ରେ ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସିର ଏହା ହେଉଛି ୬ଷ୍ଠ ବିଜୟ। ସଂଘର୍ଷପୂର୍ଣ୍ଣ ମ୍ୟାଚର ୨୩ତମ ମିନିଟ୍‌ରେ ଜୋନାଥସ ଡି' ଜେସସ ଏକ ଗୋଲ ଦେଇ ଓଡ଼ିଶା ଏଫ୍‌ସିକୁ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଏହି ଅଗ୍ରଣୀ ବଳବତ୍ତର ରହିଥିଲା। ତେବେ ଇଷ୍ଟବେଙ୍ଗଲ ପକ୍ଷରୁ ଆଣ୍ଟୋନିଓ ପେରୋସେଭିକ୍ ୬୪ତମ ମିନିଟ୍‌ରେ ଗୋଲଟି ପରିଶୋଧ କରିବାରୁ ମ୍ୟାଚ ସମାନ ସ୍ଥିତିକୁ ଚାଲି ଆସିଥିଲା। ଏହାର ୧୧ ମିନିଟ ପରେ ଅର୍ଥାତ୍ ୭୫ତମ ମିନିଟରେ ଜାଭି ହେର୍ନାଣ୍ଡେଜ ଏକ ଗୋଲ ଦେଇ ଓଡ଼ିଶା ଏଫ୍‌ସିକୁ ପୁଣି ଅଗ୍ରଣୀ କରାଇଥିଲେ। ଚଳିତ ସିଜନରେ ଖରାପ ଫର୍ମଦେଇ ଗତି କରୁଥିବା ଇଷ୍ଟବେଙ୍ଗଲ ଶେଷ ପର୍ଯ୍ୟନ୍ତ ଗୋଲ ପରିଶୋଧ କରିପାରି ନ ଥିଲା। ୧୫ ମ୍ୟାଚରୁ ୬ ବିଜୟ, ୩ ଡ୍ର ଓ ୬ ପରାଜୟ ସହ ଓଡ଼ିଶା ଏଫ୍‌ସି ୨୧ ପଏଣ୍ଟରେ ପହଞ୍ଚିବାସହ ଟେବୁଲର ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛି। ପୂର୍ବରୁ ଏହି ଦଳ ୮ମ ସ୍ଥାନରେ ଥିଲା। ଅନ୍ୟପକ୍ଷରେ ଇଷ୍ଟବେଙ୍ଗଲ ୧୬ ମ୍ୟାଚରୁ ୧ ବିଜୟ ୭ ଡ୍ର ଓ ୮ ପରାଜୟ ସହ ୧୦ ପଏଣ୍ଟରେ ଅପରିବର୍ତ୍ତିତ ରହିଛି। ଫଳରେ ୧୧ ଦଳବିଶିଷ୍ଟ ଟେବୁଲରେ ଇଷ୍ଟବେଙ୍ଗଲ କେବଳ ନର୍ଥଇଷ୍ଟ ୟୁନାଇଟେଡ ଉପରକୁ ୧୦ମ ସ୍ଥାନରେ ରହିଛି।



ଓଡ଼ିଶା ଏଫ୍‌ସି ଓ ଇଷ୍ଟବେଙ୍ଗଲ ମଧ୍ୟରେ ସୋମବାର ଅନୁଷ୍ଠିତ ଆଇଏସ୍‌ଏଲ୍ ମ୍ୟାଚ।

## ସେମିରେ କୁତାମଚଣ୍ଡୀ

**କଣ୍ଟାପଡା, ୭।୨ (ଡି.ଏନ୍.ଏ.):** ନାରାୟଣୀ ୟୁଥ୍ କ୍ଲବ ବାଇରୋଇ ପକ୍ଷରୁ ସ୍ଥାନୀୟ କେଳାପଡିଆରେ ଆୟୋଜିତ ୟୁନାଇଟେଡ କପ୍ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଝରଣା ସ୍ପୋର୍ଟିଂ ବରଗଡ଼କୁ ୨ ଉଇକେଟରେ ହରାଇ କୁତାମଚଣ୍ଡୀ କ୍ରିକେଟ କ୍ଲବ (ନିଆଳି) ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ଝରଣାସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂକରି ସିଦ୍ଧାନ୍ତ ଜେନାଙ୍କ ଅପରାଜିତ ୫୦ ଓ ଶେଖର ସ୍ୱାଇଁଙ୍କ ୩୩ ରନ ସତ୍ତ୍ୱେ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୬୦ ରନ କରିଥିଲା। ବିପକ୍ଷ ଦଳର ମହମ୍ମଦ ଆଝାରୁଦ୍ଦିନ ୩ ଓ ଅଭିମନ୍ୟୁ ୪ ଉଇକେଟ ନେଇଥିଲେ। ଜବାବରେ ରାହୁଲ ସ୍ୱାଇଁଙ୍କ ଅପରାଜିତ ୪୬ ଓ ମହମ୍ମଦ ଆଝାରୁଦ୍ଦିନଙ୍କ ୨୧ ରନ ବଳରେ କୁତାମଚଣ୍ଡୀ ଦଳ ୨୦ ଓଭରରେ ୮ଉଇକେଟ ହରାଇ ୧୭୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଝରଣା ସ୍ପୋର୍ଟିଂର ପ୍ରଦ୍ୟୁମ୍ନ ସାହୁ ୩ ଉଇକେଟ ନେଇଥିଲେ। ଶେଷଦେବ ସ୍ୱାଇଁ ଓ ଶୁଭ୍ରଜିତ ବିଶ୍ୱାଳ ମ୍ୟାଚ ପରିଚାଳନା କରିଥିଲେ।

# ହୋଲ୍ଡରଙ୍କୁ ନିଜ ଦଳକୁ ଆଣିପାରେ ଆର୍‌ସିବି

**ଆଇପିଏଲ୍ ଖେଳାଳି ନିଲାମ**

**ନୂଆଦିଲ୍ଲୀ, ୭।୨(ପି.ଟି.)**

ଚଳିତ ମାସ ୧୨ ଓ ୧୩ ତାରିଖରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ମେଗା ନିଲାମ ସମୟରେ ପୂର୍ବତନ ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡର ଅନ୍ୟତମ ଦାମୀ ଖେଳାଳି ସାବ୍ୟସ୍ତ ହୋଇପାରନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ତାଙ୍କୁ ଅଧିକ ଅର୍ଥରେ କିଣିବା ସମ୍ଭାବନା ରହିଛି। ଏହି ଫ୍ରାଞ୍ଚାଇଜ୍ ବିରାଟ କୋହଲି, ଗ୍ଲେନ୍ ମ୍ୟାକ୍ସୱେଲ ଏବଂ ମହମ୍ମଦ ସିରାଜଙ୍କୁ ରିଟେନ କରିସାରିଛି। ଏକ ଅଣଆନୁଷ୍ଠାନିକ ଆର୍‌ସିବିର ଅକ୍ସନ ଷ୍ଟ୍ରାଟେଜିକୁ ଯଦି ବିଶ୍ୱାସକୁ ନିଆଯାଏ ତେବେ ଅଲରାଉଣ୍ଡ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଆର୍‌ସିବି ହୋଲ୍ଡରଙ୍କ ପାଇଁ ୧୨ କୋଟି ଟଙ୍କା ପର୍ଯ୍ୟନ୍ତ ବାଜି ଲଗାଇପାରେ। ''ବେନ୍ ଷ୍ଟୋକ୍ସ ଉପଲବ୍ଧ ନାହାନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ଓ ମାର୍କୁସ ଷ୍ଟୋଇନିସ୍‌ଙ୍କୁ ଅନ୍ୟ ଫ୍ରାଞ୍ଚାଇଜ୍ ନେଇସାରିଛନ୍ତି। ମିଚେଲ ମାର୍ଶ ଆହତ ସମସ୍ୟାରେ ରହୁଥିବାରୁ ସେ ସମ୍ପୂର୍ଣ୍ଣ ଆଇପିଏଲରେ ଖେଳିବା ନେଇ ସନ୍ଦେହ ରହିଛି। ଟି୨୦ ଫର୍ମାଟରେ ହୋଲ୍ଡରଙ୍କ ରେକର୍ଡ ବହୁତ ଭଲ। ତେଣୁ ଆରସିବି ହୋଲ୍ଡରଙ୍କୁ ନିଜ ପାଖକୁ ଆଣିବାକୁ ଉଦ୍ୟମ କରିବ'' ବୋଲି ଏହି ଫ୍ରାଞ୍ଚାଇଜ ସହ ଜଡ଼ିତ ଏକ ସୂତ୍ରରୁ ପ୍ରକାଶ କରାଯାଇଛି। ନିଲାମ ପାଇଁ ଆରସିବି ନିକଟରେ ୫୭ କୋଟି ଟଙ୍କା ଅର୍ଥ ରହୁଛି। ଏହି ଦଳ ଆଗାମୀ ନିଲାମରେ ହୋଲ୍ଡରଙ୍କ ସମେତ ପୂର୍ବତନ ଚେନ୍ନାଇ ସୁପର କିଙ୍ଗ୍ସ ବ୍ୟାଟର ଅମ୍ବାତି ରାୟୁଡୁ ଓ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳିସାରିଥିବା ଯୁବ ବ୍ୟାଟର ରିୟାନ ପରାଗଙ୍କୁ ନିଜ ପାଖକୁ ଆଣିବାକୁ ଉଦ୍ୟମ କରିବ ବୋଲି ବିଚାର କରାଯାଉଛି। ହୋଲ୍ଡରଙ୍କ ପାଇଁ ୧୨ କୋଟି, ରାୟୁଡୁଙ୍କ ଲାଗି ୮ ଏବଂ ପରାଗଙ୍କ ପାଇଁ ୭ କୋଟି ଖର୍ଚ୍ଚ କଲେ ବି ଆରସିବି ନିକଟରେ ଆହୁରି ୩୦ କୋଟି ବଳିବ। କୋହଲି, ମ୍ୟାକ୍ସୱେଲ, ସିରାଜ, ହୋଲ୍ଡର, ରାୟୁଡୁ ଓ ପରାଗଙ୍କୁ ନେଇ ଦଳ ଗଠନ ଦିଗରେ ରହିଛି ଆର୍‌ସିବି। ହୋଲ୍ଡର, ପରାଗ ଓ ରାୟୁଡୁଙ୍କ ମଧ୍ୟରୁ ଅତିକମ୍‌ରେ ୨ ଜଣଙ୍କୁ ନେବା ଆଶାରେ ରହିଛି ଏହି ଫ୍ରାଞ୍ଚାଇଜ୍।



ଜାସନ ହୋଲ୍ଡର

ନିଲାମରେ କେଉଁ ଖେଳାଳି କେଉଁ ଦଳକୁ ଯିବେ ତାହା ଏବେଠୁ କହିବା କଷ୍ଟକର। ତେବେ ହୋଲ୍ଡରଙ୍କର ନିଶ୍ଚିତ ଚାହିଦା ରହିବ। କ୍ରିସ୍ ମୋରିସ୍ ଜଣେ ଭଲ କ୍ରିକେଟର। ପୂର୍ବ ନିଲାମରେ ସେ ୧୬ କୋଟି ଟଙ୍କାରେ ବିକ୍ରି ହୋଇଥିଲେ। ମାତ୍ର ଏଥର ତାହାର ପୁନରାବୃତ୍ତି ହେବା ସମ୍ଭାବନା କମ୍। ୨୦୧୫ରେ ଯୁବରାଜ ସିଂ ୧୫ କୋଟିରେ ବିକ୍ରି ହୋଇଥିଲେ। ମାତ୍ର ପରେ ତାହା ବଜାୟ ରହିପାରି ନ ଥିଲା। ଚେନ୍ନାଇ ଦଳର ସଫଳତା ପାଇଁ ରାୟୁଡୁଙ୍କ ଅନେକ ଅବଦାନ ରହିଛି। ମହେନ୍ଦ୍ର ସିଂ ଧୋନୀଙ୍କ ଗୁଡ୍‌ବୁକ୍‌ରେ ମଧ୍ୟ ସେ ଅଛନ୍ତି। ତେଣୁ ଗତଥରର ଚାମ୍ପିୟନ ଏହି ଦଳ ରାୟୁଡୁଙ୍କୁ ନିଜ ପାଖରେ ରଖିବାକୁ ଜୋର୍ ଲଗାଇପାରେ।

ଆଗାମୀ ନିଲାମ ସମୟରେ ଜଣେ ଉଇକେଟକିପର-ବ୍ୟାଟର ଭାବେ ସେ ଫ୍ରାଞ୍ଚାଇଜ୍‌ଙ୍କ ନଜରରେ ରହିବେ। ଏହା ବ୍ୟତୀତ ସେ ବିସ୍ଫୋରକ ବ୍ୟାଟିଂ ଦକ୍ଷତା ରଖିଥିବାରୁ ନିଶ୍ଚିତ ତାଙ୍କ ମୂଲ୍ୟ ଉଚ୍ଚା ରହିବ। ପରାଗ ୨୦୨୦ରେ ଭଲ ଖେଳିଥିଲେ ହେଁ ୨୦୨୧ରେ ତାଙ୍କ ପ୍ରଦର୍ଶନ ଦୁର୍ବଳ ରହିଥିଲା। ସେ ଜଣେ ବିଗ୍ ହିଟର ହୋଇଥିବାବେଳେ ଅଫ୍-ବ୍ରେକ୍ ବୋଲିଂ କରିପାରନ୍ତି। ଏହା ତାଙ୍କୁ ମୂଲ୍ୟବାନ ଖେଳାଳି ତାଲିକାରେ ସ୍ଥାନ ଦେବ। ବିରାଟ କୋହଲି ଅଧିନାୟକ ପଦରୁ ଓହରି ଯାଇଥିବାରୁ ଆର୍‌ସିବି ଜଣେ ନେତୃତ୍ୱ ଦକ୍ଷତା ଥିବା ଖେଳାଳି ସନ୍ଧାନରେ ରହିଛି। ଏ କ୍ଷେତ୍ରରେ ଫ୍ରାଞ୍ଚାଇଜ୍ ଶ୍ରେୟାସ ଆୟାରଙ୍କ ପରି ଖେଳାଳିଙ୍କୁ କିଣିପାରେ କିମ୍ବା ବିରାଟଙ୍କୁ ଆଉ ଏକ ସିଜନ ପାଇଁ ଅଧିନାୟକ ପଦରେ ରହିବାକୁ ଅନୁରୋଧ କରିପାରେ। ତେବେ କୋହଲିଙ୍କୁ ଅଧିନାୟକ ପଦରେ ରଖିପାରିଲେ ଆର୍‌ସିବି ପାଇଁ ଥିବା ଏକ ବଡ଼ ସମସ୍ୟାର ସମାଧାନ ହୋଇପାରିବ ବୋଲି ପୂର୍ବତନ ଦ୍ରୁତ ବୋଲର ଅଜିତ୍ ଅଗରକର ପ୍ରକାଶ କରିଛନ୍ତି। ଅତୀତ ରେକର୍ଡ ଦେଖିଲେ ଆରସିବି ୧୨ କିମ୍ବା ୧୪ ଦକ୍ଷ ଖେଳାଳି ବିଶିଷ୍ଟ ଏକ ପରିପୂର୍ଣ୍ଣ ଦଳ ଗଠନ ପାଇଁ ପୁଞ୍ଜି ଲଗାଇ ପାରିନାହିଁ। ଏହି ଦଳ ସର୍ବଦା ଟପ୍-୩ ଖେଳାଳିଙ୍କ ଉପରେ ନିର୍ଭର କରି ଆସିଛି। ଯଦି ମିଡଲ ଅର୍ଡର ଶକ୍ତିଶାଳୀ କରିବାକୁ ପୁଞ୍ଜି ବିନିଯୋଗ କରା ନ ଯାଏ ତେବେ ପୂର୍ବ ଘଟଣାର ପୁନରାବୃତ୍ତି ହୋଇପାରେ। ଜଣେ ଖେଳାଳି କେତେ ଭଲ ଖେଳୁଛି ତା'ର କିଛି ମାନେ ନାହିଁ। ଏହା ଦ୍ୱାରା କିଛି ମ୍ୟାଚ୍ ଜିତାଯାଇପାରେ, ମାତ୍ର ଟୁର୍ନାମେଣ୍ଟ ନୁହେଁ।


**OFFICE OF THE TRANSPORT COMMISSIONER-CUM-CHAIRMAN**
**STATE TRANSPORT AUTHORITY, ODISHA, CUTTACK**

No. LX- 155/2021/ 1535 /TC dated 07.02.2022

**NOTICE FOR CANCELLATION OF TENDER**

**Request for Proposal for Selection of Master System Integrator for Vehicle Tracking Solution for Safety and Enforcement as per AIS-140 Standard for STA, Odisha**

**No.JJ-32:**It is notified that, the Tender published on 06.01.2022 vide letter notice number - LX155/2021/119/TC, date: 05.01.2022 for Selection of Master System Integrator for Vehicle Tracking Solution for Safety and Enforcement as per AIS-140 Standard for State Transport Authority, Odisha is hereby cancelled as no proposal has been received by any agency in due course of time.

Sd./- Transport Commissioner-cum-Chairman
State Transport Authority, Odisha, Cuttack
OIPR-38003/11/0022/2122


# ପାନ୍ଥର୍ସ ବିଜୟୀ

**ବେଙ୍ଗାଲୁରୁ , ୭।୨ (ପି.ଟି.):** ଦୀପକ ହୁଦାଙ୍କ ପ୍ରଭାବୀ ପ୍ରଦର୍ଶନ ସହାୟତାରେ ଜୟପୁର ପିଙ୍କ୍ ପାନ୍ଥର୍ସ ୩୬-୩୧ରେ ଗୁଜରାଟ ଜିଆଣ୍ଟ୍ସକୁ ହରାଇ ଦେଇଛି। ପ୍ରୋ କବାଡ଼ି ଲିଗ୍ ସିଜନ ୮ର ଏହାଥିଲା ୧୦୦ତମ ମ୍ୟାଚ। ହୁଦା ସୁପର ୧୦ (୧୧ ପଏଣ୍ଟ) ସ୍କୋର କରିଥିଲେ। ଜୟପୁରକୁ ଜିତାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପ୍ଲେ-ଅଫ୍‌ରେ ସ୍ଥାନ ଓ ଟପ୍ ୬ ଫିନିଶ ପାଇଁ ଏହି ମ୍ୟାଚ ଗୁରୁତ୍ୱପୂର୍ଣ୍ଣ। ସନ୍ଦୀପ ଧୂଲ ୪ ଏବଂ ଦୀପକ ସିଂ ଓ ବିଶାଳ ପ୍ରତ୍ୟେକ ୩ ପଏଣ୍ଟ ଲେଖାଏଁ ସ୍କୋର କରିଥିଲେ।

# ଭୁଲ୍ ବୁଝାମଣା ହୋଇଛି: ପେଙ୍ଗ୍ ଶୁଆଇ

**ବେଜିଂ, ୭।୨**

ଚଳିତ ୱିଣ୍ଟର ଅଲିମ୍ପିକ୍ସରେ ବହୁଚର୍ଚ୍ଚିତ ଚାଇନିଜ୍ ମହିଳା ଟେନିସ ଷ୍ଟାର ପେଙ୍ଗ୍ ଶୁଆଇଙ୍କୁ ଦେଖିବାକୁ ମିଳିଥିଲା। ଏହି ଅବସରରେ ସେ ଏକ ଫ୍ରେଞ୍ଚ୍ ଖବରକାଗଜକୁ ସାକ୍ଷାତ୍କାର ଦେଇଛନ୍ତି। ଚାଇନା ଶାସକ ଦଳର ଜଣେ ପୂର୍ବତନ ନେତା ତାଙ୍କ ସହ ଯୌନସମ୍ପର୍କ ରଖିବା ଲାଗି ବାଧ୍ୟ କରିଥିଲେ ବୋଲି ସୋସିଆଲ ମିଡିଆରେ ହୋଇଥିବା ପୋଷ୍ଟକୁ ନେଇ ଭୁଲ୍ ବୁଝାମଣା ହୋଇଛି। ସେ ଏଭଳି କୌଣସି ଅଭିଯୋଗ କରିନାହାନ୍ତି। ଏହାକୁ ନେଇ ଅଯଥା ଅନ୍ତର୍ଜାତୀୟସ୍ତରରେ ଉଦ୍‌ବେଗ ପ୍ରକାଶ ପାଇଥିଲା ବୋଲି ପେଙ୍ଗ୍ କହିଛନ୍ତି। ତେବେ ଅତ୍ୟନ୍ତ ନିୟନ୍ତ୍ରିତ ପରିସ୍ଥିତିରେ ଏହି ସାକ୍ଷାତ୍କାର କରାଯାଇଥିଲା। ବିବିସିର ଚାଇନାରେ ଅବସ୍ଥାପିତ ଖବରଦାତା ଷ୍ଟିଫେନ୍ ମ୍ୟାକ୍‌ଡୋନାଲ୍ଡ ଏହାକୁ ଏକ ପ୍ରଚାରକାର୍ଯ୍ୟ ବୋଲି କହିଛନ୍ତି। ଏଥିରୁ ଉତ୍ତର ତୁଳନାରେ ମନରେ ଅନେକ ପ୍ରଶ୍ନ ଉଙ୍କିମାରୁଛି। ୱିଣ୍ଟର ଅଲିମ୍ପିକ୍ସରେ ଏହି ସାକ୍ଷାତ୍କାର ଚାଇନା ଅଲିମ୍ପିକ କମିଟିର ଜଣେ ପ୍ରତିନିଧିଙ୍କ ଉପସ୍ଥିତିରେ କରାଯାଇଥିଲା। ଫ୍ରେଞ୍ଚ୍ ଖବରକାଗଜ ରିପୋର୍ଟର ଜଣକ କି କି ପ୍ରଶ୍ନ କରିବେ ତାହା ଆଗୁଆ ଦାଖଲ କରିବାକୁ ହୋଇଥିଲା। ପେଙ୍ଗ୍ ଯାହା କହୁଥିଲେ ଅଲିମ୍ପିକ କମିଟି ପ୍ରତିନିଧି ଜଣଙ୍କ ତାହାର ଅନୁବାଦ କରୁଥିଲେ। ପେଙ୍ଗ୍ ଶୁଆଇଙ୍କୁ ନେଇ ସୋସିଆଲ ମିଡିଆରେ ବିବାଦୀୟ ପୋଷ୍ଟ ୨୦୨୧ ନଭେମ୍ବରରେ ହୋଇଥିଲା। କିଛି ସପ୍ତାହ ପରେ ଏହା ଉଭାନ ହୋଇଯିବାରୁ ସମଗ୍ର ବିଶ୍ୱରେ ଏ ନେଇ ଚହଳ ସୃଷ୍ଟି ହୋଇଥିଲା।

## ବ୍ରିଟେନ-ଆୟର୍ଲାଣ୍ଡ ବିଶ୍ୱକପ୍ ବିଡ୍‌ରୁ ଓହରିଲେ

**ଲଣ୍ଡନ, ୭।୨ (ଏପି):** ବ୍ରିଟେନ ଓ ଆୟର୍ଲାଣ୍ଡ ମିଳିତ ଭାବେ ୨୦୩୦ ଫିଫା ବିଶ୍ୱକପ୍ ଆୟୋଜନ କରିବା ଲାଗି ଯେଉଁ ଯୋଜନା ରଖିଥିଲେ ସୋମବାର ଦୁଇ ଦେଶ ସେଥିରୁ ଓହରିଯାଇଛନ୍ତି। ଏହା ପରିବର୍ତ୍ତେ ସେମାନେ ୨୦୨୮ ୟୁରୋପିଆନ ଚାମ୍ପିୟନଶିପ୍ ଆୟୋଜନକୁ ଅଗ୍ରାଧିକାର ଦେବେ। ଏହି ନିଷ୍ପତ୍ତି ଫଳରେ ମିଳିତ ଭାବେ ବିଡ୍ ଦାଖଲ କରିବାକୁ ଥିବା ସ୍ପେନ ଓ ପର୍ତ୍ତୁଗାଲର ସମ୍ଭାବନା ବୃଦ୍ଧି ପାଇବ। ଇଂଲଣ୍ଡ ଶେଷ ଥର ୧୯୬୬ରେ ବିଶ୍ୱକପ୍ ଆୟୋଜନ କରିଥିଲା।


**BHUBANESWAR DEVELOPMENT AUTHORITY**
**AKASH SHOVA BUILDING, PANDIT JAWAHARLAL NEHRU MARG, BHUBANESWAR-751001, ODISHA**
**TEL: (0674) 2396437, 2390998, 2392801, FAX: 0674-2390633/2393980**

No.4813/BDA, Bhubaneswar Dated: 04.02.2022
File No. ALMT-V-204/2021

**NOTICE**

No.CAD-2898:- **Applications are hereby invited for auction sale of following 06 (Six) developed residential plots/Flats in different locations of Bhubaneswar on as is where is basis through e-auction to be held on 25.03.2022 at 11.00 A.M.**

| Name of the Scheme | Plot/Flat number | Area | Upset Price (Rs.) | Earnest Money (Rs.) |
|---|---|---|---|---|
| Kalinga Nagar Plotted Development Scheme, Subudhipur | K4-102 | 1250 sft. | 13,92,000.00 | 5,00,000.00 |
| Chandrasekharpur | 81 | 2587.5 sq. ft | 1,29,37,500.00 | 5,00,000.00 |
| Jayadeve Vihar | N-5/279 | 1750 sq. ft | 1,05,00,000.00 | 5,00,000.00 |
| Netaji Subash Enclave (Apartment Scheme) | Q-12 | 1440 sft. (Super built up area) | 72,71,969.00 | 5,00,000.00 |
| | R-12 | -do- | 72,71,969.00 | 5,00,000.00 |
| | M-16 | -do- | 72,71,969.00 | 5,00,000.00 |

**Details of the plots/flats and the scheme brochure are available in the BDA website www.bda.gov.in. The receipt of online application will commence at 11.00 A.M. on 07.02.2022 and will continue till 11.59 P.M. on 11.03.2022. Duly filled in online applications for participating in the e-auction must be submitted to the Bhubaneswar Development Authority by 11.03.2022 with requisite earnest money.**

OIPR-13033/11/0193/2122 Sd./- **Secretary, Bhubaneswar Development Authority**


# ବିଜୟ ୱାରିୟର୍ସ ଚାମ୍ପିୟନ

**ପୁରୁଣା ଭୁବନେଶ୍ୱର, ୭।୨(ଡି.ଏନ୍.ଏ)**

ସ୍ଥାନୀୟ କୁକୁଡ଼ା ଘାଇ ପାଟଣା ଖେଳପଡ଼ିଆରେ ଅନୁଷ୍ଠିତ ପାଟଣା ପ୍ରିମିୟର ଲିଗ୍‌ରେ ବିଜୟ ୱାରିୟର୍ସ ଚାମ୍ପିୟନ ହୋଇଛି। ୬ ଓଭରବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ୪ଟି ଦଳ ଭାଗ ନେଇଥିଲେ। ଏଥିରେ ୬ଟି ଲିଗ୍, ୨ଟି କ୍ୱାଲିଫାୟର ଓ ଗୋଟିଏ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଫାଇନାଲ ମ୍ୟାଚ୍‌ରେ ଅର୍ଜୁନ ଫାଇଟର୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୪୫ ରନ୍ କରିଥିଲା। ଜବାବରେ ବିଜୟ ୱାରିୟର୍ସ ୫.୩ ଓଭରରେ ୪୬ ରନ୍ କରି ବିଜୟ ଲାଭ କରିବା ସହ ଚାମ୍ପିୟନ ହୋଇଥିଲା। ସାମାଜିକ କର୍ମୀ ସରୋଜ ଉପାଧ୍ୟାୟ ମୁଖ୍ୟଅତିଥି ଏବଂ ସୁଜିତ ସିଂ, ପବିତ୍ର ବେହେରା ଓ ମିହିର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଡ୍ୟାନ୍‌ସିଂ ଅମ୍ପାୟର ପିଣ୍ଟୁ ନାଥ ମ୍ୟାଚ ପରିଚାଳନା କରିଥିଲେ। ବୁଲୁ ସ୍ୱାଇଁ ସଂଯୋଜନା କରିଥିଲେ। ଚାମ୍ପିୟନ ଦଳକୁ ୫,୦୦୦ ଏବଂ ରନର୍ସ ଅପ୍ ଦଳକୁ ୩,୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସତ୍ୟପ୍ରୀତ ପ୍ରଧାନ, ନିରଞ୍ଜନ ସାହୁ ଓ ଅଭୟ ପରିଡ଼ା ପ୍ରମୁଖ ଟୁର୍ନାମେଣ୍ଟରେ ସହଯୋଗ କରିଥିଲେ।



ଚାମ୍ପିୟନ ବିଜୟ ୱାରିୟର୍ସ ଦଳର ଖେଳାଳିମାନେ ଟ୍ରଫି ସହ।


**COUNCIL OF HIGHER SECONDARY EDUCATION, ODISHA**
**PRAJNAPITHA, SAMANTAPUR, BHUBANESWAR-751013**

**TENDER CALL NOTICE**

**Bhubaneswar, dated the 4th February 2022**

**No.N-69:** No.Adm-II-27/2021-22(p)/695/CHSE/ Sealed Tenders are invited from Registered Travel Agencies/ Tour Operators having GST Registration, IT-PAN for providing various categories of vehicles on hired basis.

The detailed Tender Documents along with last date and time of submission of Tender can be viewed and downloaded from the Official website of Council at http://www.chseodisha.nic.in.

The Council, in its discretion, reserves the right to accept or reject any or all of the Tender without assigning any reasons thereof.

By order of the Chairman
Sd./- Finance Officer
OIPR-11003/11/0024/2122

**CHIEF DISTRICT MEDICAL & PUBLIC HEALTH OFFICER: BOUDH (ZILLA SWASTHYA SAMITI (ZSS), BOUDH)**

Notification No.338 Date:04.02.2022

**Re tender Call Notice for Disposal of Out of service EMAS Ambulances (108)**

**No.E-906:**Sealed Re tenders are invited for disposal of condemned EMAS Ambulances laying at different Blocks of Boudh district. Intending bidders may obtain Re tender paper containing Terms & conditions, detail of vehicles and its location in the district website i.e. www.boudh.nic.in. Also they may inspect the said Ambulances to be disposed off in "as is where is conditions" or any working day during office hours at the designated locations. The filled in Formats ( Annexsure-1 to 4) as single sealed envelope subscribing at the top of the envelope " **RE TENDER FOR DISPOSAL OF CONDEMNED AMBULANCES (108)**" to the CDM&PHO, Boudh -762014 on or before 25.02.2022 by Regd post/ Speed post by 5.30 P.M. and the same will be opened on dt.28.02.22 at 4.00 P.M. in DTU, Boudh.

The authority reserves the right to cancel or reject the any or all Re tender without assigning any reason thereof.

Sd./-Chief District Medical & Public Health Officer, Boudh
OIPR-10107/11/0010/2122

## ୧୭ ମାସ ପରେ ପ୍ରକାଶ ପାଇବ ବାର୍କ ଚାର୍ଟ

ଟିଭି ରେଟିଂ ସୂଚନା ପ୍ରଦାନ କରୁଥିବା ସଂସ୍ଥା ବାର୍କ ପୁଣି ଥରେ ନ୍ୟୁଜ୍ ଚ୍ୟାନେଲଗୁଡ଼ିକଙ୍କ ପାଇଁ ଟିଆରପି ଚାର୍ଟ ପ୍ରକାଶ କରିବ। ଗତ ୧୭ ମାସ ପରେ ପୁଣି ଥରେ ଟିଭି ଚ୍ୟାନେଲ ଗୁଡିକର ରେଟିଂ ସହ ଅନ୍ୟ ଡାଟା ପ୍ରକାଶ କରିବ ବୋଲି ସୋମବାର ବାର୍କ ପକ୍ଷରୁ ଘୋଷଣା କରାଯାଇଛି। ଏ ସମ୍ପର୍କରେ ବାର୍କ କହିଛି ଯେ, କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ନିୟମାବଳୀ ସହ ପୁଣି ଥରେ ପ୍ରତ୍ୟେକ ନ୍ୟୁଜ୍ ଚ୍ୟାନେଲର ଡାଟା ଉପଲବ୍ଧ କରାଇବାକୁ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ୨୦୨୦ ଅକ୍ଟୋବରରେ ଟିଆରପି ଦୁର୍ନୀତି ଅଭିଯୋଗ ପରେ ବାର୍କ ଉପରେ ଅସ୍ଥାୟୀ ପ୍ରତିବନ୍ଧକ ଲାଗୁ କରାଯାଇଥିଲା।

# ୧୦୨୪ ପଏଣ୍ଟ ଖସିଲା ସେନ୍‌ସେକ୍ସ

## ନିରାଶ ହେଲେ ନିବେଶକ

ମୁମ୍ବାଇ,୭।୨



ଗତ ୩ ସପ୍ତାହ ହେବ ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ ଆଶା ଓ ଆଶଙ୍କା ମଧ୍ୟରେ ରହିଛନ୍ତି। ଏହାର ପ୍ରଭାବ ସିଧାସଳଖ ଶେୟାର ବଜାରର କାରବାର ଉପରେ ପଡୁଥିବା ଦେଖିବାକୁ ମିଳିଛି। ଫଳରେ ଶେୟାର ବଜାରର ନିବେଶକମାନେ ନିରାଶ ହୋଇ ପଡୁଛନ୍ତି। କ୍ରମାଗତ ବଜାର ଶେୟାର ହ୍ରାସ ଯୋଗୁ ନିବେଶକମାନେ ଲକ୍ଷ ଲକ୍ଷ ଟଙ୍କାର କ୍ଷତି ସହୁଛନ୍ତି।

ସୋମବାର ବିଏସ୍‌ଇ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ରେ ବେଞ୍ଚମାର୍କ ଇକ୍ୱିଟି ସୂଚକାଙ୍କ ପ୍ରାୟ ୧.୭୫% ହ୍ରାସ ଘଟିଛି। ବିଶେଷ କରି ଦୁର୍ବଳ ବ୍ୟାଙ୍କିଙ୍ଗ ସେବା ସାଙ୍ଗକୁ ଏଫଏମ୍‌ସିଜି ସହିତ ଘରୋଇ ଆର୍ଥିକ ସଂସ୍ଥାଗୁଡ଼ିକର କାରବାର କ୍ରମାଗତ ହ୍ରାସ ପାଇବାରୁ ବଜାର କାରବାର ତଳମୁହାଁ ରହିଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୨୪ ପଏଣ୍ଟ ହ୍ରାସ ପାଇ ୫୭,୬୨୧ ଅଙ୍କରେ ରହିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟ ୫୦ରେ ୩୦୩ ପଏଣ୍ଟ ଖସି ୧୭,୨୧୪ ଅଙ୍କରେ କାରବାର ଶେଷ କରିଛି। ଫଳରେ ବିଏସ୍‌ଇର ସୂଚନା ଅନୁସାରେ ସେନ୍‌ସେକ୍ସ ୧୦୨୩.୬୩ ପଏଣ୍ଟ (୧.୭୫%) ହ୍ରାସ ଘଟି ୫୭,୬୨୧.୧୯ରେ କାରବାର ଶେଷ କରିଥିବାବେଳେ ନିଫ୍ଟିରେ ମଧ୍ୟ ୩୦୨.୭୦ ପଏଣ୍ଟ (୧.୭୩%) କମି ୧୭,୨୧୩.୬୦ରେ ରହିଥିବା ସୂଚନା ମିଳିଛି। ଜାନୁୟାରୀ ୭ର ବିଏସ୍‌ଇ ସେନ୍‌ସେକ୍ସ ପ୍ୟାକ୍ ଉପରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ୩.୬% ରୁ ଅଧିକ ହ୍ରାସ ପାଇଥିବାବେଳେ ଲାରସେନ୍ ଆଣ୍ଡ ଟୁବ୍ରୋ (ଏଲଆଣ୍ଡଟି), ବଜାଜ ଫାଇନାନ୍ସ ଏବଂ ବଜାଜ ଫିନ୍‌ସର୍ଭ, ହାଉସିଂ ଡେଭଲପମେଣ୍ଟ ଫାଇନାନ୍ସ କର୍ପୋରେସନ୍ (ଏଚଡିଏଫସି) ଏବଂ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ କ୍ଷତିରେ ଥିଲାବେଳେ ପାୱାର ଗ୍ରୀଡ୍ କର୍ପୋରେଶନ୍ ଅଫ୍ ଇଣ୍ଡିଆ, ଏନ୍‌ଟିପିସି, ଟାଟା ଷ୍ଟିଲ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ଏବଂ ଅଲଟ୍ରାଟେକ୍ ସିମେଣ୍ଟ ଭଳି ନିବେଶକଗୁଡ଼ିକ ଲାଭରେ କାରବାର ଶେଷ କରିଥିଲା।

## ସଂକ୍ଷେପରେ

### ଇଣ୍ଡିଆନ୍ ଅଏଲ୍ ବୋର୍ଡରେ ଶୁକ୍ଲା ମିସ୍ତ୍ରୀଙ୍କ ଯୋଗଦାନ



**ନୂଆଦିଲ୍ଲୀ,୭।୨:** ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲର ନିର୍ଦ୍ଦେଶକ (ରିଫାଇନେରି) ଭାବେ ଶୁକ୍ଲା ମିସ୍ତ୍ରୀ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଇଣ୍ଡିଆନ୍ ଅଏଲ୍ ବୋର୍ଡରେ ପ୍ରଥମ ମହିଳା କାର୍ଯ୍ୟକାରିଣୀ ନିର୍ଦ୍ଦେଶକ ଭାବେ ମିସ୍ତ୍ରୀ ଯୋଗଦାନ କରିଛନ୍ତି। ସେ ମଧ ଚେନ୍ନାଇ ପେଟ୍ରୋଲିୟମ କର୍ପୋରେଶନ୍ ଲିମିଟେଡ୍ (ସିପିସିଏଲ୍) ଏବଂ ୬୦ ଏମ୍‌ଏମ୍‌ଟିପିଏର ରତ୍ନାଗିରି ରିଫାଇନେରି ଆଣ୍ଡ ପେଟ୍ରୋକେମିକାଲ୍ ଲିମିଟେଡ୍ ଏବଂ ଆଇବିଏଚଏଲର ଅଣ-କାର୍ଯ୍ୟନିର୍ବାହୀ ପଦବୀରେ କାର୍ଯ୍ୟ କରିବେ।

### ଗେନୱେଲ ଇଞ୍ଜିନିୟରିଂ ସହ କ୍ୟାଟରପିଲାର ରାଜିନାମା

**ନୂଆଦିଲ୍ଲୀ,୭।୨:** ଗେନୱେଲ ଇଞ୍ଜିନିୟରିଂ ପ୍ରାଇଭେଟ ଲିମିଟେଡ ଭୂତଳ ଖଣି ଉପକରଣ ପାଇଁ ବିଶ୍ୱର ଅଗ୍ରଣୀ ନିର୍ମାଣ ଓ ଖଣି ଉପକରଣ, ଡିଜେଲ ଓ ପ୍ରାକୃତିକ ଗ୍ୟାସ ଇଞ୍ଜିନ, ଇଣ୍ଡଷ୍ଟ୍ରିଆଲ ଗ୍ୟାସ ଟର୍ବାଇନ ଏବଂ ଡିଜେଲ-ବୈଦ୍ୟୁତିକ ରେଳଇଞ୍ଜିନ ନିର୍ମାତା କ୍ୟାଟରପିଲାର ସହିତ ପ୍ରଯୁକ୍ତି ଲାଇସେନ୍ସିଂ ରାଜିନାମାରେ ସ୍ୱାକ୍ଷର କରି ଏହାର କାର୍ଯ୍ୟ ଆରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏ ସମ୍ପର୍କରେ ମତଦେଇ ଗେନୱେଲ ଇଞ୍ଜିନିୟରିଂର ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ସୁନୀଲ କୁମାର ଚତୁର୍ବେଦୀ କହିଛନ୍ତି, ଭାରତରେ ଏକ ମଜଭୁତ ଶିଳ୍ପ ନିର୍ମାଣ ଭିତ୍ତି ପ୍ରତି ଅବଦାନ ରଖିବା ନେଇ ଆମେ ଉଲ୍ଲସିତ ଅଛୁ। ଆମର ଉତ୍ପାଦଗୁଡିକ ସେବା ଓ ସମାଧାନ ତଥା ଆମ ଲୋକଶକ୍ତିକୁ ନେଇ ଆମେ ଗ୍ରାହକମାନଙ୍କୁ ସେମାନଙ୍କର ସବୁଠାରୁ କଷ୍ଟକର ଖଣି କ୍ଷେତ୍ରରେ ଆହ୍ୱାନଗୁଡିକୁ ସମାଧାନ କରିବାରେ ସହାୟତା କରିବା।



ବିବାହ ଉତ୍ସବର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା
ମନୋଜ ସହ ରାଜଲକ୍ଷ୍ମୀ
ମହାପ୍ରଭୁଙ୍କ ନିକଟରେ ତୁମର ସୁଖମୟ ବୈବାହିକ ଜୀବନ କାମନା କରୁଛୁ।
-:ଶୁଭେଚ୍ଛା ସହ:-
ରାଜା, ଚିକୁ, ଦତ୍ତାତ୍ରେୟ, ଅଭୟ, ସୋନୁ ଓ ଅନ୍ୟମାନେ।
D-23075

ତୁତୁଲୁର ଜନ୍ମଦିନ ଶୁଭେଚ୍ଛା

(ତୁତୁଲୁ)
ସାଇଶ୍ରୀ ସାହୁ
ଗୋପାଳପୁର ପାଟଣା, ସାକ୍ଷୀଗୋପାଳ
ତୋର ୭ମ ବାର୍ଷିକ ଜନ୍ମଦିନରେ ଶ୍ରୀଜଗନ୍ନାଥ, ଶ୍ରୀସାକ୍ଷୀଗୋପାଳ ଓ ଶ୍ରୀରାଧାରାଣୀଙ୍କ ନିକଟରେ ପ୍ରାର୍ଥନା, ତୋର ଚଲାପଥ କୁସୁମିତ ହେଉ।
-:ଶୁଭେଚ୍ଛା ସହ:-
ଜେଜେବାପା, ଜେଜେମା', ଗୁଗୁଲୁ, ବୁବୁଲୁ ଓ ପରିବାରବର୍ଗ।
ଧ-୬୬୬୪୩


# ୧୦% ହ୍ରାସ ପାଇଛି ଯାତ୍ରୀବାହୀ ଯାନ ଖୁଚୁରା ବିକ୍ରି



ନୂଆଦିଲ୍ଲୀ,୭।୨

ଚଳିତବର୍ଷ ଜାନୁୟାରୀରେ ଯାତ୍ରୀବାହୀ ଯାନର ଖୁଚୁରା ବିକ୍ରି ୧୦%ରୁ ଊର୍ଦ୍ଧ୍ୱ ହ୍ରାସ ହୋଇଛି। ବିଶେଷ କରି ସେମିକଣ୍ଡକ୍ଟର ଅଭାବ ଯୋଗୁ କମ୍ପାନୀଗୁଡିକ ଉତ୍ପାଦନଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ସୋମବାର ଅଟୋମୋବାଇଲ ଡିଲର୍ସ ସଂଘ 'ଫାଡା' ପକ୍ଷରୁ କୁହାଯାଇଛି। ଏହି ସମୟରେ ଯାତ୍ରୀବାହୀ ଯାନ (ପିଭି) ବିକ୍ରୟ ମଧ୍ୟ ଗତ ମାସରେ ୨,୫୮,୩୨୯ ୟୁନିଟ୍‌କୁ ହ୍ରାସ ପାଇଥିଲା। ୨୦୨୧ ଜାନୁୟାରୀରେ ଏହା ୨,୮୭,୪୨୪ ୟୁନିଟ୍ ଗାଡ଼ି ବିକ୍ରି କରିଥିଲା, ଯାହା ଚଳିତବର୍ଷ ୧୦.୧୨% କୁ ହ୍ରାସ ପାଇଛି। ବର୍ତ୍ତମାନ ବଜାରରେ ଏହାର ଚାହିଦା ଭଲ ଥିବା ସତ୍ତ୍ୱେ ଯାତ୍ରୀବାହୀ ଯାନଗୁଡ଼ିକ ସେମିକଣ୍ଡକ୍ଟର ଅଭାବ ଯୋଗୁ ଆବଶ୍ୟକ ଚାହିଦା ପୂରଣ କରାଯାଇପାରୁ ନାହିଁ ବୋଲି ଫାଡା ସଭାପତି ବିଙ୍କେଶ ଗୁଲାଟି ମତବ୍ୟକ୍ତ କରିଛନ୍ତି। ଗତ ମାସରେ ଦୁଇ ଚକିଆ ବିକ୍ରି ୧୩.୪୪ ପ୍ରତିଶତ ହ୍ରାସ ପାଇ ୧୦,୧୭,୭୮୫ ୟୁନିଟ୍‌ରେ ପହଞ୍ଚିଛି ; ଯାହା ୨୦୨୧ ଜାନୁୟାରୀରେ ୧୧,୭୫,୮୩୨ ୟୁନିଟ୍ ତୁଳନାରେ ଢେର କମ ବୋଲି ଜଣାପଡିଛି। ଗୁଲାଟି କହିଛନ୍ତି ଯେ ମୂଲ୍ୟ ବୃଦ୍ଧି ଏବଂ ଓମିକ୍ରନ୍ ଓ କୋଭିଡ୍‌ର କଟକଣା ସହିତ ଗ୍ରାମାଞ୍ଚଳରେ ଅନେକ ଅସୁବିଧା ଲାଗି ରହିଥିବାରୁ ଏହି ସେଗ୍‌ମେଣ୍ଟରେ ବିକ୍ରି ହ୍ରାସ ଘଟିଛି।

# ଜାତୀୟ ମୋଟରସାଇକେଲ ରେସିଂରେ ପୋଡିୟମ ହାସଲ

ନୂଆଦିଲ୍ଲୀ,୭।୨




## ଆଇଡେମିସୁ ହୋଣ୍ଡା ଏସ୍‌କେ ୬୯ ରେସିଂ ଟିମ୍‌ର ରାଜୀବ ସେତୁ ଚମତ୍କାର ପ୍ରଦର୍ଶନ

ଚେନ୍ନାଇର 'ମାଡ୍ରାସ ମୋଟର ରେସ୍ ଟ୍ରାକ୍'ରେ ଚାଲିଥିବା ଭାରତୀୟ ଜାତୀୟ ମୋଟରସାଇକେଲ୍ ରେସିଂ ଚାମ୍ପିୟନ୍‌ଶିପ୍‌ରେ ଆଇଡେମିସୁ ହୋଣ୍ଡା ଏସ୍‌କେ ୬୯ ରେସିଂ ଟିମ୍‌ର ରାଜୀବ ସେତୁ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେହିଭଳି ଆଇଡେମିସୁ ହୋଣ୍ଡା ଇଣ୍ଡିଆ ଟ୍ୟାଲେଣ୍ଟ କପ୍‌ରେ ନୂଆ ଚାଳକମାନେ ମଧ୍ୟ ଘରକୁ ଚାମ୍ପିୟନ୍‌ଶିପ୍ ଟ୍ରଫି ଆଣିଛନ୍ତି। ଜାତୀୟ ଚାମ୍ପିୟନ୍‌ଶିପ୍‌ର ୨୦୨୧ ସିଜନ୍‌ରେ ପ୍ରୋ ଷ୍ଟକ୍ ୧୬୫ ସିସି ବର୍ଗରେ ଆଇଡେମିସୁ ହୋଣ୍ଡା ଏସ୍‌କେ ୬୯ ରେସିଂ ଟିମ୍‌ର ଚାଳକମାନେ ମୋଟ ୯ଟି ପୋଡିୟମ୍ ହାସଲ କରିଛନ୍ତି। ସଦ୍ୟତମ ରେସ୍‌ରେ ତୃତୀୟ ସ୍ଥାନରେ ରହିଥିବା ରାଜୀବ ସେତୁ ଜାତୀୟ ଚାମ୍ପିୟନ୍‌ଶିପ୍‌ର ପ୍ରୋଷ୍ଟକ୍ ୧୬୫ ସିସି ବର୍ଗରେ ତୃତୀୟ ସ୍ଥାନ ଦଖଲ କରିଛନ୍ତି। ମୋଟ ୩ ମେଶିନ୍‌ର ବାସ୍ତବ ଶକ୍ତିକୁ ପ୍ରଦର୍ଶନ କରି ଆଇଡେମିସୁ ହୋଣ୍ଡା ଇଣ୍ଡିଆ ଟ୍ୟାଲେଣ୍ଟ କପ୍‌ର ଏନ୍‌ଏସ୍‌ଏଫ୍ ୨୫୦ଆର୍ ଓପନ୍ କ୍ଲାସ୍‌ରେ ୯ ଜଣ ପରବର୍ତ୍ତୀ ପିଢ଼ିର ଚାଳକ ରେସ୍ ଟ୍ରାକ୍‌ରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବାରେ କୌଣସି ଉଦ୍ୟମକୁ ହାତଛଡ଼ା କରିନାହାନ୍ତି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ବରିଷ୍ଠ ଉପସଭାପତି (ବ୍ରାଣ୍ଡ ଆଣ୍ଡ କମ୍ୟୁନିକେଶନ) ପ୍ରଭୁ ନାଗରାଜ୍ କହିଛନ୍ତି ଯେ, ଆମ ଚାଳକ ରାଜୀବ ସେତୁଙ୍କ ପ୍ରଶଂସାଯୋଗ୍ୟ ପ୍ରଦର୍ଶନକୁ ନେଇ ମୁଁ ବହୁତ ଖୁସି, ଯିଏ ଆମର ଲକ୍ଷ୍ୟ ହାସଲ କରିବା ଏବଂ ଜାତୀୟ ଚାମ୍ପିୟନ୍‌ଶିପ୍‌ରେ ତୃତୀୟ ସ୍ଥାନ ହାସଲ କରିବା ରାସ୍ତାରେ ରଖିଥଲେ। କେଭିନ୍ କ୍ୱିଂଟାଲ୍ ଓ ପ୍ରକାଶ କାମାତ୍‌ଙ୍କୁ ଦେଖି ମୁଁ ବହୁତ ଖୁସି, ଯେଉଁମାନେ ବାସ୍ତବ ପ୍ରତିଭା ପ୍ରଦର୍ଶନ କରି ଆଇଡେମିସୁ ହୋଣ୍ଡା ଇଣ୍ଡିଆ ଟ୍ୟାଲେଣ୍ଟ କପ୍‌ର ଏନ୍‌ଏସ୍‌ଏଫ୍ ୨୫୦ଆର୍ ଓ ସିବିଆର୍୧୫୦ଆର୍ ବର୍ଗରେ ବିଜୟୀ ହୋଇଛନ୍ତି।

# ଆଇସିଆଇସିଆଇ ଲୋମ୍ବାର୍ଡ ସହିତ ଏୟାରଟେଲ ପେମେଣ୍ଟସ୍ ବ୍ୟାଙ୍କର ଚୁକ୍ତି

ନୂଆଦିଲ୍ଲୀ,୭।୨

ଦେଶରେ ବଢ଼ି ଚାଲିଥିବା ବିଭିନ୍ନ ପ୍ରକାରର ସାଇବର ଆର୍ଥିକ ଠକେଇରୁ ଗ୍ରାହକଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ନିକଟରେ ଏୟାରଟେଲ ପେମେଣ୍ଟସ୍ ବ୍ୟାଙ୍କ ପକ୍ଷରୁ ଆଇସିଆଇସିଆଇ ଲୋମ୍ବାର୍ଡ ଜେନେରାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ସହ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି। ଏ ସମ୍ପର୍କରେ ଆଇସିଆଇସିଆଇ ଲୋମ୍ବାର୍ଡର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ସଞ୍ଜୀବ ମନ୍ତ୍ରୀ କହିଛନ୍ତି ଯେ, ଆମେ ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ସହିତ ସହଭାଗିତା କରି ବେଶ୍ ଉତ୍ସାହିତ । ସାଇବର ଆକ୍ରମଣକୁ ରୋକିବା ପାଇଁ ଆମର ଗ୍ରାହକଙ୍କୁ ଅଭିନବ ନୂତନ ଯୁଗର ବିପଦଜନିତ ସମାଧାନ ପ୍ରଦାନ କରିବା ନେଇ ଆମର ପ୍ରତିବଦ୍ଧତାକୁ ପ୍ରମାଣିତ କରିବ। ସେହିଭଳି ଏୟାରଟେଲ ପେମେଣ୍ଟ ବ୍ୟାଙ୍କର ଚିଫ୍ ଅପରେଟିଙ୍ଗ ଅଫିସର ଗଣେଶ ଅନନ୍ତନାରାୟଣ କହିଛନ୍ତି ଯେ, ଆମର ଗ୍ରାହକଙ୍କୁ ଏହି ଉତ୍ପାଦ ଯୋଗାଇଦେବା ଲାଗି ଆଇସିଆଇସିଆଇ ଲୋମ୍ବାର୍ଡ ସହିତ ସହବନ୍ଧିତା କରି ଆମେ ଅତ୍ୟନ୍ତ ଆନନ୍ଦିତ ।

## ଫୁରସତ୍

# ଜାତୀୟତାବାଦୀ ଆନ୍ଦୋଳନର ନେତ୍ରୀ

**କୁ**ନ୍ତଳା କୁମାରୀ ସାବତ ପରାଧୀନ ଭାରତର ଜଣେ ଓଡ଼ିଆ ନାରୀ କବି ଭାବେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କର ବହୁମୁଖୀ ବ୍ୟକ୍ତିତ୍ୱ ସମସ୍ତଙ୍କୁ ଆକୃଷ୍ଟ କରୁଥିଲା। ସେ ଜଣେ ଚିକିତ୍ସକ, ଲେଖିକା, କବି, ସମ୍ପାଦିକା, ଜାତୀୟତାବାଦୀ ଆନ୍ଦୋଳନର ନେତ୍ରୀ ତଥା ସାମାଜିକ କର୍ମୀ ଥିଲେ। ତାଙ୍କୁ ୧୯୨୫ରେ ଉତ୍କଳ ଭାରତୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ତାଙ୍କ ରଚିତ ଓଡ଼ିଆ କବିତା ବଡ଼ ସାନ, ବନଫୁଲ ଆଦି ବେଶ୍ ଲୋକପ୍ରିୟ ଥିଲା। ସେ ୧୯୦୧ ଫେବୃୟାରୀ ୮ରେ ତତ୍କାଳୀନ ମଧ୍ୟପ୍ରଦେଶ ବସ୍ତରର ଜଗଦଲପୁରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଡାନିଏଲ ସାବତ ଜଣେ ଚିକିତ୍ସକ ଥିଲେ। ତାଙ୍କ ମାତାଙ୍କ ନାମ ଥିଲା ମୋନିକା ସାବତ । ତାଙ୍କ ମାତାପିତା ପୁରୀର ଦାଣ୍ଡମୁକୁନ୍ଦପୁରର ଥିଲେ। ତାଙ୍କ ପିତା ବସ୍ତରକୁ ଯାଇ କୁନ୍ତଳାଙ୍କ ଜନ୍ମ ପୂର୍ବରୁ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିଲେ। ଜନ୍ମର ପରବର୍ତ୍ତୀ ସମୟରେ ସେ ନିଜ ପରିବାର ସହ ବର୍ମାକୁ ଚାଲିଯାଇଥିଲେ। ତାଙ୍କର ପିଲାଦିନ ସେଠାରେ ବିତିଥିଲା। ମାତ୍ର ବର୍ମାରେ ଥିବାବେଳେ ତାଙ୍କ ପିତା ପୁନର୍ବାର ବିବାହ କରିଥିଲେ ଏବଂ କୁନ୍ତଳା ତାଙ୍କ ମା' ସହିତ ଓଡ଼ିଶାକୁ ଫେରିଥିଲେ। ସେ ବର୍ମାରୁ ଫେରିବା ପରେ ନିଜ ମାଆଙ୍କ ସହ ଖୋର୍ଦ୍ଧାଠାରେ ବାସ କରିଥିଲେ। ସେ ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟରୁ ଶିକ୍ଷା ଶେଷ କରିବା ପରେ ଓଡ଼ିଶା ମେଡିକାଲ ସ୍କୁଲ, କଟକ (ବର୍ତ୍ତମାନ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଏବଂ ହସ୍ପିଟାଲ) ରେ ଶିକ୍ଷା ଜାରି ରଖିଥିଲେ। ୧୯୨୧ ମସିହାରେ ସେ ସ୍ୱର୍ଣ୍ଣ ପଦକ ସହ ତାଙ୍କର ଲାଇସେନ୍ସ ମେଡିକାଲ ପ୍ରାକ୍ଟିସନର୍ସ ଡିଗ୍ରୀ ହାସଲ କରିଥିଲେ।



ସେ ଓଡ଼ିଆ, ହିନ୍ଦି, ବଙ୍ଗଳା, ଇଂଲିଶ ଏବଂ ବର୍ମା ଭାଷାରେ ପାରଙ୍ଗମ ଥିଲେ। ଡାକ୍ତରୀ ଡିଗ୍ରୀ ହାସଲ ପରେ ସେ ଡା. କୈଳାସ ଚନ୍ଦ୍ର ରାଓଙ୍କ ନିରୀକ୍ଷଣରେ

## ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ

୧୯୨୧ ରୁ ୧୯୨୮ ପର୍ଯ୍ୟନ୍ତ ଡାକ୍ତରୀ ଅଭ୍ୟାସ କରିଥିଲେ। ଏହା ପରେ ସେ କଟକଠାରେ ନିଜର ସେବାକାର୍ଯ୍ୟ ଆରମ୍ଭ କରିଥିଲେ। ସେ ୧୯୨୫ରେ ସେଠାରେ ରେଡ୍‌କ୍ରସ୍ ସୋସାଇଟିର ମହିଳା କଲ୍ୟାଣ କେନ୍ଦ୍ର ଆରମ୍ଭ କରିଥିଲେ। ପରେ ସେ ୧୯୨୮ରେ ନୂଆଦିଲ୍ଲୀ ଯାଇଥିଲେ। ସେହି ବର୍ଷ ସେ ତାଙ୍କ ପରାମର୍ଶଦାତା କୃଷ୍ଣପ୍ରସାଦ ବ୍ରହ୍ମଚାରୀଙ୍କୁ ବିବାହ କରିଥିଲେ। ଜାତି ଭେଦଭାବ ଦୂରକରିବା ପାଇଁ ସେ କାର୍ଯ୍ୟ କରିଥିଲେ। ସେ ବାଲ୍ୟବିବାହ, ମହିଳାଙ୍କ ପ୍ରତି ଭେଦଭାବ ଏବଂ ପର୍ଦ୍ଦାପ୍ରଥା ବିରୋଧରେ ଲେଖିବା ଆରମ୍ଭ କରିଥିଲେ। ସେ ବିଧବା ବିବାହ, ମହିଳା ମୁକ୍ତି ପାଇଁ କାର୍ଯ୍ୟ କରିଥିଲେ। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅନ୍ୟତମ ପ୍ରମୁଖ ବ୍ୟକ୍ତି ଥିଲେ। ସେ ମହାବୀର, ଜୀବନ, ନାରୀ ଭାରତୀ ପରି ବହୁ ପତ୍ରିକାର ସମ୍ପାଦନା ଦାୟିତ୍ୱ ଗ୍ରହଣ କରିଥିଲେ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଏବଂ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟର ସମାରୋହରେ ତାଙ୍କୁ ଭାଷଣ ଦେବାକୁ ନିମନ୍ତ୍ରଣ କରାଯାଇଥିଲା। ସେ ଭାରତୀ ତପୋବନ ସଂଘ ନାମକ ଏକ ସଂଗଠନ ପ୍ରତିଷ୍ଠା କରିଥିଲେ ଯାହାକି ଓଡ଼ିଆ ଭାଷାର ବିକାଶ ଦିଗରେ କାର୍ଯ୍ୟ କରୁଥିଲା। କୁନ୍ତଳା କୁମାରୀଙ୍କ ସାହିତ୍ୟିକ କାର୍ଯ୍ୟ ଏବଂ ସାଧାରଣ ଜୀବନରେ ତାଙ୍କର ଭୂମିକା ସରୋଜିନୀ ନାଇଡୁଙ୍କ ସହ ବହୁକ୍ଷେତ୍ରରେ ତୁଳନାତ୍ମକଭାବେ ସମାନ ଥିଲା। ୧୯୩୮ ଅଗଷ୍ଟ ୨୩ରେ ତାଙ୍କର ମୃତ୍ୟୁ ଘଟିଥିଲା।

# ସବୁଠୁ ବଡ଼ ଇଗଲୁ କାଫେ



**ଶ୍ରୀନଗର:** ଜମ୍ମୁ କଶ୍ମୀରର ଗୁଲ୍‌ମାର୍ଗଠାରେ ରହିଛି ବିଶ୍ୱର ସବୁଠୁ ବଡ଼ ଇଗଲୁ କାଫେ। ବରଫରେ ଏଭଳି ଏକ କଳାକୃତି ଦେଖିବା ପାଇଁ ଏବେ ପର୍ଯ୍ୟଟକଙ୍କ ଆକର୍ଷଣ ବଢ଼ିବାରେ ଲାଗିଛି। ଏହାର ଲମ୍ବ ୩୭.୫ ଫୁଟ୍ ଏବଂ ବ୍ୟାସ ୪୪.୫ ଫୁଟ୍। ଏହାକୁ ତିଆରି କରିଛନ୍ତି ସୟଦ ୱାଶିମ୍ ଶାହ। ସେ ଦାବି କରିଛନ୍ତି, ଏହା ହେଉଛି ଦୁନିଆର ସବୁଠୁ ବଡ଼ ଇଗଲୁ କାଫେ। ଏମିତିକି ଗିନିଜ୍ ବୁକ୍‌ରେ ସ୍ଥାନ ପାଇଥିବା ସୁଇଜରଲାଣ୍ଡର ସବୁଠୁ ବଡ଼ ଇଗଲୁଠାରୁ ମଧ୍ୟ ବଡ଼ ବୋଲି ସେ କହିଛନ୍ତି। ସୟଦଙ୍କ କହିବା ଅନୁସାରେ ଗୁଲ୍‌ମାର୍ଗରେ ଅଧିକ ବରଫ ପଡୁଥିବାରୁ ସେହିଠାରେ ହିଁ ସେ ଏଭଳି ଏକ କାଫେ ତିଆରି କରିଥିଲେ। ଏହାକୁ ତିଆରି କରିବା ପାଇଁ ୨୫ ଜଣ ଲୋକ ଦିନରାତି କାମ କରି ମୋଟ ୬୪ ଦିନରେ ପୂରା କରିପାରିଛନ୍ତି। ତେବେ ଇଗଲୁ କାଫେ ଭିତରେ ଅଧିକ ଥଣ୍ଡା ଲାଗିବା ପର୍ଯ୍ୟନ୍ତ ପ୍ରାୟ ଅଧଘଣ୍ଟା ଏଠାରେ ବିତାଇହେବ ବୋଲି ସୟଦ କହିଛନ୍ତି।


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰କାମାକ୍ଷ୍ୟା ପ୍ରସାଦ କର
ଜନ୍ମ : ୦୧.୦୬.୧୯୬୦
ତିରୋଧାନ : ୨୯.୦୧.୨୦୨୨
୭୭୨ ସହିଦନଗର,ଭୁବନେଶ୍ୱର
ସ୍ୱର୍ଗତ ରାମଚନ୍ଦ୍ର କରଙ୍କର ଦ୍ୱିତୀୟ ପୁତ୍ର ହୋଇ ଜଣେ ଦକ୍ଷ ଓ କର୍ମଠ ପରିବାରଙ୍କୁ ଭଲପାଇବା ଓ ସତ୍‌ମାର୍ଗ ପ୍ରଦର୍ଶନ କରାଇ ଆସିଥିଲେ। ଆପଣଙ୍କର ଅକାଳ ଓ ଆକସ୍ମିକ ସଡ଼କ ଦୁର୍ଘଟଣାରେ ତିରୋଧାନ ହେବା ପରିବାରବର୍ଗଙ୍କୁ ଅସହାୟ କରିଦେଇଛି। ଆପଣଙ୍କର ଆତ୍ମାର ସଦଗତି ପ୍ରାର୍ଥନା ସହିତ ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ନିଜକୁ ଓ ପରିବାରର ସମସ୍ତଙ୍କୁ ସମର୍ପିତ କରୁଅଛୁ। ଶ୍ରୀ -ପ୍ରତିଭା କର, ଝିଅ - ଶୁଭେଚ୍ଛା କର ଓ ପରିବାର ବର୍ଗଙ୍କ ପକ୍ଷରୁ ପ୍ରାର୍ଥନା କରୁଅଛୁ।
ଧ-୨୩୦୭୬

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰କାମାକ୍ଷ୍ୟା ପ୍ରସାଦ କର
ଜନ୍ମ : ୦୧.୦୬.୧୯୬୦
ତିରୋଧାନ : ୨୯.୦୧.୨୦୨୨
୭୭୨ ସହିଦନଗର,ଭୁବନେଶ୍ୱର
ଶଙ୍ଖଧ୍ୱନି ରାସ୍ତା ସୁରକ୍ଷା ସମିତି ଓଡ଼ିଶାର ଆପଣ କୋଷାଧକ୍ଷ୍ୟ ଭାବରେ ରହି ୧୭ ବର୍ଷ କାଳ ସମିତିକୁ ସବୁ ପ୍ରକାର ସହଯୋଗ ଓ ଆନ୍ତରିକତା ସହିତ କାର୍ଯ୍ୟ ସମ୍ପାଦନ କରିଥିବାରୁ ସମିତି ପକ୍ଷରୁ ଆପଣଙ୍କର ଏକାଦଶାହ ଉପଲକ୍ଷେ ଗଭୀର ଶୋକ ପ୍ରସ୍ତାବ ସହିତ ପରିବାରର ସମସ୍ତ ସଦସ୍ୟଙ୍କ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ। ସମିତିର ପରିବେଶ ବନ୍ଧୁ କାର୍ଯ୍ୟକ୍ରମ ବୃକ୍ଷ ପ୍ରତ୍ୟେକଙ୍କ ପାଇଁ ଆପଣଙ୍କର ଅବଦାନ ସ୍ମୃତି ହୋଇ ରହିବ।
ସମ୍ପାଦକ : ପ୍ରକାଶ କୁମାର ମହାପାତ୍ର ଓ ଅନ୍ୟ ସହଯୋଗୀ ବୃନ୍ଦ।
ଧ-୨୩୦୭୭


# ବଲିଉଡ୍‌ରେ ଏଣ୍ଟ୍ରି କରିବେ ସୁହାନା




**ମୁମ୍ବାଇ:** ବାପାଙ୍କ ପରେ ଏବେ ବଲିଉଡ୍‌ରେ ନିଜ ଅଭିନୟର ଯାଦୁ ଦେଖାଇବେ ଝିଅ। ବଲିଉଡ୍‌ରେ ଏଣ୍ଟ୍ରି କରିବେ ଶାହାରୁଖ ଖାନ୍‌ଙ୍କ ଝିଅ ସୁହାନା। ଏହି ଖବର ଅନେକ ଦିନ ଧରି ଶୁଣିବାକୁ ମିଳୁଥିବାବେଳେ ଏବେ ଏହା ସ୍ପଷ୍ଟ ହୋଇଛି। ନିର୍ଦ୍ଦେଶିକା ଜୋୟା ଅଖ୍‌ତର୍ ସୁହାନାଙ୍କୁ ଫିଲ୍ମରେ ବ୍ରେକ୍ ଦେବା ନେଇ ଚର୍ଚ୍ଚା ଜୋର ଧରିଛି। ସୁହାନା ନିକଟରେ ଜୋୟାଙ୍କ ଅଫିସ୍‌ରୁ ବାହାରୁଥିବାର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସୁହାନା ନ୍ୟୁୟର୍କରେ ଅଭିନୟରେ ପାଠ୍ୟକ୍ରମ ପଢ଼ିଛନ୍ତି। ସେ ଗତ ବର୍ଷ ନ୍ୟୁୟର୍କରୁ ଭାରତ ଆସିଛନ୍ତି। ସେ ଅନେକ ଭିଡିଓରେ ଓ ଛୋଟ ଚଳଚ୍ଚିତ୍ରରେ ମଧ୍ୟ ରୋଲ କରିଛନ୍ତି। ଏକ ସାକ୍ଷାତକାରରେ ଶାହାରୁଖ କହିଛନ୍ତି, ସୁହାନା ବଲିଉଡ୍‌ରେ ଅଭିନୟ କରିବା ଇଚ୍ଛା ରଖିଛନ୍ତି।


CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

GALAXY TOWER

ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା।
Bansal Tower, B wing, Bangalore Karnataka-400021
8901110759

BIDISHA FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, କୃଷି, ଗାଈ, ଛେଳି, ମାଛଚାଷ ଓ କୁକୁଡ଼ା ପାଳନ ଇତ୍ୟାଦି ପାଇଁ ସମସ୍ତ ପ୍ରକାର LOAN 2% ସୁଧରେ ଯୋଗାଇ ଦିଆଯାଉଛି। ଅନ୍‌ଲାଇନ୍ ସୁବିଧା, Agent ପାଇଁ Call:
M.: 8280679245 7653803952
Asrayagad, Gulaijang, Gajapati

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭାଲେଣ୍ଟାଇନ୍ସ ଡେ' ଆଉଟ୍‌ଫିଟ୍

**ଆରମ୍ଭ ହୋଇଯାଇଛି ଭାଲେଣ୍ଟାଇନ୍ସ ୱିକ୍। ଏହି ସ୍ପେଶାଲ ଅବସରରେ ଯୁବତୀ ଏବଂ ମହିଳା କିପରି ଗେଟ୍‌ଅପ୍ ନେଲେ ସୁନ୍ଦର ଲାଗିବେ ଜାଣିରଖନ୍ତୁ ଟିପ୍ସ...**



**କ୍ରପ୍ ଟପ୍ସ ଏବଂ ହାଇ ୱେଷ୍ଟ ଜିନ୍ସ–** ଆଜିକାଲି ଏହି ପ୍ରକାର ଡ୍ରେସ୍‌ର ଚାହିଦା ଅଧିକ। ନିଜକୁ ଯଦି ଆପଣ ଷ୍ଟାଇଲିଶ୍ ଲୁକ୍ ଦେବାକୁ ଚାହୁଁଛନ୍ତି, ତେବେ ଏହାକୁ ନିଶ୍ଚୟ ଟ୍ରାଏ କରନ୍ତୁ। ବ୍ଲାକ୍ କିମ୍ବା ବ୍ଲୁ ଜିନ୍ସ ସହ ଯେକୌଣସି କଲରର କ୍ରପ୍ ଟପ୍ସ ଏଥିରେ ମାନିବ।

**ଲେସ୍ ଡ୍ରେସ୍–**ଏହି ପ୍ରକାର ଡ୍ରେସ୍‌କୁ ଆପଣ ସବୁସମୟରେ ପିନ୍ଧିପାରିବେ। ହେଲେ ଭାଲେଣ୍ଟାଇନ୍ସରେ ଲେସ୍ ଥିବା ଡ୍ରେସ୍ ସହ ମ୍ୟାଚିଂ ଶୁ ଏବଂ ଭ୍ୟାନିଟ୍ ଆପଣଙ୍କୁ ଆହୁରି ଗର୍ଜିୟସ୍ ଲୁକ୍ ଦେବ।

**ଫିଦର ଟେକ୍ସଚ୍ଡ୍ ଡ୍ରେସ୍–**ଏହି ଡ୍ରେସ୍ ଦେଖିବାକୁ ପକ୍ଷୀର ପର ପରି। ଏହାର ନନ୍-ପ୍ରିଣ୍ଟେଡ୍ ଡ୍ରେସ୍ ପିନ୍ଧିବାକୁ ବେଶି ଭଲ ଲାଗିଥାଏ। ବଜାରରେ ଏହା ଏବେ ବହୁଳ ମାତ୍ରାରେ ଉପଲବ୍ଧ। ଏହି ଡ୍ରେସ୍ ସହ ସିମ୍ପଲ ଇଅରିଂ ଏବଂ ନେକ୍‌ଲେସ୍ ପେୟାର ଅପ୍ କଲେ ଆପଣ ଷ୍ଟାଇଲିଶ୍ ଦେଖାଯିବେ।

**ନର୍ମା ଡ୍ରେସ୍–**କଟନରେ ତିଆରି ଏହି ଡ୍ରେସ୍ ପିନ୍ଧିବାକୁ ଯେତିକି ସଫ୍ଟ ଦେଖିବାକୁ ମଧ୍ୟ ସିମ୍ପଲ କିନ୍ତୁ ଷ୍ଟାଇଲିଶ୍। ଏହି ଡ୍ରେସ୍‌ର ରେଡ୍ ଏବଂ ପିଙ୍କ୍ କଲର ଏବେ ଲାଟେଷ୍ଟ ଟ୍ରେଣ୍ଡରେ ଥିବାରୁ ଏହା ଭାଲେଣ୍ଟାଇନ୍ସ ଡେ' କୁ ବେଶି ସ୍ପେଶିଆଲ କରିଦେବ। ଏହାକୁ ପିନ୍ଧି ଆପଣ ନିଜ ପାର୍ଟନରଙ୍କ ସହ ଆରାମରେ ବୁଲିପାରିବେ।

**ବୋଡ଼କାନ ଡ୍ରେସ୍–**ଏହାକୁ ବେବି ଡଲ୍ ଡ୍ରେସ୍ ମଧ୍ୟ କୁହାଯାଏ। ଏହାକୁ ସମସ୍ତେ ଚାହିଁଲେ ପିନ୍ଧିପାରିବେ। ଆପଣ ନିଜର ଇଚ୍ଛା ମୁତାବକ ଯେକୌଣସି କଲର ଟ୍ରାଏ କରିପାରିବେ। ଏହାର ପ୍ରିଣ୍ଟ ଡ୍ରେସ୍ ସବୁଠୁ ସୁନ୍ଦର ଲାଗୁଥିବାରୁ ଏଥିରେ ଆପଣ ଗ୍ଲାମର୍ସ ଲୁକ୍ ପାଇପାରିବେ।



# ମା' ଆଉ ଅନ୍‌ଲାଇନ ଜବ୍

**ଅନେକ କର୍ମଜୀବୀ ମହିଳାଙ୍କୁ ସନ୍ତାନ ଜନ୍ମ ପରେ ଚାକିରି ସମ୍ଭାଳିବା କଷ୍ଟକର ହୋଇପଡ଼େ। ପିଲାକୁ ଛାଡ଼ି ବାହାରକୁ ଯିବା ଏକ ପ୍ରକାର ଅସମ୍ଭବ ହୋଇ ପଡୁଥିବାରୁ ମନ କଷ୍ଟ ସତ୍ତ୍ୱେ କେତେଜଣଙ୍କୁ ପରିସ୍ଥିତି ବାଧ୍ୟକରେ ଜବ୍ ଛାଡ଼ିବାକୁ। ହେଲେ ଏବେ ଅନ୍‌ଲାଇନ ଜବ୍ ଘରେ ଥାଇ ବି ଅନେକଙ୍କୁ ରୋଜଗାରକ୍ଷମ ହେବାରେ ସାହାଯ୍ୟ କରୁଛି। ତେବେ ଏମିତିରେ ମା'ଙ୍କ ପାଇଁ ଘରେ ଥାଇ ପିଲା ସହ ଅଫିସ୍ କାମ ଉଭୟକୁ ସମାନ୍ତରାଳ ଭାବେ ସମ୍ଭାଳିବା କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ ...**







ସନ୍ତାନ ଜନ୍ମ ପରେ କର୍ମଜଞ୍ଜାଳ ସହ ପିଲାକୁ ଛାଡ଼ି ବାହାରକୁ ଯିବା ଅସମ୍ଭବ ହୋଇ ପଡୁଥିବାରୁ ଅନେକ କର୍ମଜୀବୀ ମା'ଙ୍କୁ ଚାକିରି ଛାଡ଼ିବାକୁ ପଡୁଥିଲା। ହେଲେ ବର୍ତ୍ତମାନ ଚାକିରି ପାଇଁ ଇଚ୍ଛୁକ ଥିବା ମା'ମାନଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ଅନ୍‌ଲାଇନ ଜବ୍ କରିବାର ସୁବିଧା ଉପଲବ୍ଧ ଥିବାରୁ ଅନେକେ ଯେଉଁମାନଙ୍କ ଘରେ ଛୋଟପିଲା ଅଛନ୍ତି, ସେମାନଙ୍କୁ ଘରେ ଅଫିସ କାମ କରିବାରେ ଅନେକ ଅସୁବିଧା ହେଉଛି। କାରଣ ପିଲାଙ୍କୁ ବୁଝାଇ, ସେମାନଙ୍କ ଦୁଷ୍ଟାମି ସମ୍ଭାଳିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଫିସ କାମ ସାରିବା ସେମାନଙ୍କ ପାଇଁ କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ। ତେବେ ଏମିତିରେ ଛୋଟ ପିଲା ଡିଷ୍ଟର୍ବ ନ କରିବା ଲାଗି କେତୋଟି ଉପାୟ ଆପଣେଇଲେ ଆପଣଙ୍କୁ ଘରେ ଅଫିସ କାମ କରିବା ସହଜ ହୋଇପାରିବ...

**ଟାଇମ୍ ଟେବୁଲ ପ୍ରସ୍ତୁତ କରନ୍ତୁ:** ଅନ୍‌ଲାଇନ ଜବ୍‌ର ଭିନ୍ନ ଭିନ୍ନ ଟାଇମ୍ ଶିଫ୍ଟ ଥାଏ। ନିଜ ସୁବିଧାକୁ ଆଖି ଆଗରେ ରଖି ଅର୍ଥାତ୍ ପିଲାର ଗାଧୁଆ, ଖାଇବା, ଶୋଇବା ଆଦି ସହ ଘରର ଅନ୍ୟାନ୍ୟ କାମକୁ ନଜରରେ ରଖି ୱାର୍କିଂ ଟାଇମ୍ ବାଛନ୍ତୁ। ମନେ ରଖନ୍ତୁ କିଚେନ୍, ବେଡରୁମ୍, ଡାଇନିଂ ଏଣେ ତେଣେ ବୁଲି ବୁଲି କାମ କରିବା ପରିବର୍ତ୍ତେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସି କାମ କରନ୍ତୁ। ପିଲାଙ୍କ ଶୋଇବା ସମୟ କାମ ପାଇଁ ସବୁଠୁ ଭଲ। ଏହି ସମୟରେ ଅଧିକରୁ ଅଧିକ କାମ ସାରିବାକୁ ଚେଷ୍ଟା କରନ୍ତୁ।

**ପିଲାଙ୍କୁ ଦିଅନ୍ତୁ ଆଟେନ୍ସନ:** ଛୋଟ ପିଲାମାନେ ସାଧାରଣତଃ ସବୁ ସମୟରେ ତାଙ୍କ ଆଡ଼କୁ ଆଟେନ୍ସନ ଚାହାନ୍ତି। ବିଶେଷକରି ମା' ଅନ୍ୟ କେଉଁଆଡ଼େ ଧ୍ୟାନ ଦେଲେ ପିଲା ତାହା ପସନ୍ଦ କରନ୍ତି ନାହିଁ। ଏମିତିରେ ଘରେ ଅଫିସ୍ କାମ କରିବା କଷ୍ଟ ହୋଇଥାଏ। ତେଣୁ ପିଲା ଡିଷ୍ଟର୍ବ ନ କରିବା ଲାଗି କାମ ଆରମ୍ଭ କରିବା ପୂର୍ବରୁ କିଛି ସମୟ ପିଲାଙ୍କ ସହ ଭଲ ଭାବେ ଖେଳନ୍ତୁ, ଗପନ୍ତୁ ଏବଂ ଏହା ମଧ୍ୟରେ ତାଙ୍କ ଧ୍ୟାନ ଅନ୍ୟ ଆଡ଼େ ଆକର୍ଷିତ କରିବାକୁ ଚେଷ୍ଟା କରନ୍ତୁ। କାମ ମଝିରେ ମଝିରେ ବି ଉଠି ଆସି ପିଲାଙ୍କ ସହ କଥା ହୁଅନ୍ତୁ।

**ଡିମାଣ୍ଡ ପୂରଣ କରନ୍ତୁ:** ବେଳେ ବେଳେ ପିଲା କିଛି ଡିମାଣ୍ଡ କରିଥାନ୍ତି ଏବଂ କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ ମା' ତାହା ଭୁଲିଯାଆନ୍ତି ଅବା କିଛି ସମୟ ପରେ କରିବା ଭାବି ଅବହେଳା କରିବସନ୍ତି। ଏପରି କରିବା ଦ୍ୱାରା ପିଲା ବିରକ୍ତ ହୋଇଯାଆନ୍ତି। ତେଣୁ ପ୍ରଥମେ ପିଲାର ଡିମାଣ୍ଡ ପୂରଣ କଲେ ସେ ଖୁସିରେ ରହିବା ସହ ଜିଦ୍ କିମ୍ବା ଦୁଷ୍ଟାମି କରିବେ ନାହିଁ।

**ପିଲାଙ୍କୁ ରଖନ୍ତୁ ଏନ୍‌ଗେଜ୍ :** ପିଲାଙ୍କ ଉପସ୍ଥିତିରେ ଅଫିସ କାମ କରିବାରେ ଅଧିକାଂଶ ମା'ଙ୍କୁ ଅସୁବିଧା ହୋଇଥାଏ। ଏହାର ମୁଖ୍ୟ କାରଣ ହେଉଛି, ପିଲାମାନେ କମ୍ପ୍ୟୁଟର, ଲାପ୍‌ଟପ୍ ଆଦି ଦେଖିଲେ ଆକର୍ଷିତ ହୋଇ ଚାଲିଆସନ୍ତି ଏବଂ ସେଥିରେ ଲାଗନ୍ତି। ତେଣୁ ନିଜେ ଅଫିସ କାମ କରିବା ବେଳେ ଡିଷ୍ଟର୍ବ ନ ହେବା ଲାଗି ପିଲାଙ୍କୁ ପିକ୍ଚର ବୁକ୍, ବିଲ୍ଡିଂ ବ୍ଲକ୍ସ କିମ୍ବା ସେ ଖେଳିବାକୁ ପସନ୍ଦ କରୁଥିବା କୌଣସି ଖେଳନା ଦିଅନ୍ତୁ। ସେମାନେ ଏଥିରେ ଏନ୍‌ଗେଜ୍ ରହିବା ଦ୍ୱାରା ଆପଣଙ୍କ କାମରୁ ସେମାନଙ୍କ ଧ୍ୟାନ ଦୂରେଇ ନିଜ ଖେଳ ଉପରେ ରହିବ।

**ସମୟ ଦିଅନ୍ତୁ:** ଅନେକ ମା' କାମ ସମୟରେ ପିଲାଙ୍କୁ ଅଲଗା ରୁମ୍‌ରେ ଛାଡି ଦିଅନ୍ତି। ହେଲେ କାମ ସମୟରେ ପିଲାଙ୍କୁ ସମ୍ପୂର୍ଣ୍ଣ ଅଲଗା ରୁମ୍‌ରେ ଛାଡ଼ିଦେବା ଦ୍ୱାରା ବି ଏହା ପିଲାଙ୍କୁ ବିରକ୍ତ କରିଥାଏ ଏବଂ ସେ ବାରମ୍ବାର ଆସି ଡିଷ୍ଟର୍ବ କରିଥାନ୍ତି। ଏମିତିରେ ପିଲାଙ୍କ ଉପରେ ରାଗିବା ଅବା ଗାଳି ଦେବା ପରିବର୍ତ୍ତେ ବୁଝାଇବା ଲାଗି କିଛି ସମୟ ପାଖରେ ଅନ୍ୟ ଏକ ଚେୟାରରେ ବସାଇ ଦେଖିବାକୁ ଦିଅନ୍ତୁ ଏବଂ କିଛି ଖେଳନା ମଧ୍ୟ ଦିଅନ୍ତୁ। ଏହାଦ୍ୱାରା ଧୀରେ ଧୀରେ ସେ ଖେଳରେ ବ୍ୟସ୍ତ ରହିବ।



**ନିଅନ୍ତୁ ପରିବାରର ସାହାଯ୍ୟ :** ପରିବାର ସଦସ୍ୟଙ୍କଠାରୁ ଅଫିସ କାମ ସମୟରେ ପିଲାଙ୍କୁ ରଖିବା ଲାଗି ସାହାଯ୍ୟ ନିଅନ୍ତୁ। କେବଳ ସ୍ୱାମୀସ୍ତ୍ରୀ ଏବଂ ପିଲା ରହୁଥିଲେ ଉଭୟ ନିଜର ସୁବିଧା ଅନୁଯାୟୀ ସମୟ ବାଣ୍ଟିନିଅନ୍ତୁ, ଯେପରି କାମ ବେଳେ ପିଲାକୁ ସମ୍ଭାଳିବା ସହଜ ହେବ।

## କ'ଣ କୁହନ୍ତି ଏମାନେ...



ଗୀତାଞ୍ଜଳି

**ଗୀତାଞ୍ଜଳି ସାହୁ** ( ଅଫିସ କର୍ମଚାରୀ, ନୟାଗଡ଼ ଟାଉନ, ନୟାଗଡ଼)– ଯେହେତୁ ଆମେ ୱାର୍କିଂ ଲେଡି, ଘରେ ହେଉ କି ଅଫିସରେ, ଆମକୁ ଯେମିତି ବି ହେଲେ କାମ କରିବାକୁ ହେବ। ଆଉ ଘରେ ରହିଲୁ ମାନେ ପିଲାଙ୍କ ପାଇଁ ବି ସମୟ ବାହାର କରିବାକୁ ପଡିବ। ମୋ ଝିଅ ଏବେ ଛୋଟ ଥିବାରୁ ପ୍ରଥମେ ସକାଳୁ ଉଠି ତା' କାମ ସାରିବା ପରେ ୧୧ଟାରୁ ଅଫିସ କାମ ଆରମ୍ଭ କରେ। ମଝିରେ ମଝିରେ ତା'କୁ ସମୟ ଦିଏ, ଯେପରି ସେ ବୋର୍ ନହେବ କିମ୍ବା ମୋତେ ଡିଷ୍ଟର୍ବ ନ କରିବ। ଏମିତି କରିବା ଦ୍ୱାରା ମୋତେ ଉଭୟ କାମ ସମ୍ଭାଳିବାରେ ଅସୁବିଧା ହେଉନାହିଁ।



ଦୁଃଖିମଣି

**ଦୁଃଖିମଣି ଦେଈ** (ଉକ୍ରେଲା, କଳାହାଣ୍ଡି) – ଯେବେଠୁ ଘରେ ରହି ଅନ୍‌ଲାଇନରେ କାମ କରିବା ଆରମ୍ଭ କରିଛି ସେବେଠୁ ୱାର୍କ ଲୋଡ୍ କିଛିମାତ୍ରାରେ ବଢ଼ିଛି। ହେଲେ ଯେତେ କାମ ଥିଲେ ବି ସକାଳୁ ଉଠି ସାରିବାକୁ ଚେଷ୍ଟା କରେ ଯେପରି ଘରେ ସଭିଙ୍କ ସହ ପୁଅ କଥା ବି ବୁଝିବାକୁ ଅସୁବିଧା ନ ହେବ। ଠିକ୍ ସେହି ପରି ପୁଅ ଯେପରି କାମ ମଝିରେ ମୋତେ କୌଣସି କାରଣରୁ ନ ଡାକେ ସେଥିପାଇଁ ସବୁ କିଛି ପୂର୍ବରୁ ପ୍ରସ୍ତୁତ କରି ରଖିଥାଏ ଏବଂ ମଝିରେ ଯାଇ ତା' ସହ କଥା ହୋଇଆସେ। ଯଦିଓ ଏଥିପାଇଁ ଶାରୀରିକ ପରିଶ୍ରମ ଅଧିକ ପଡୁଛି ତଥାପି ମାନସିକ ଶାନ୍ତି ମିଳୁଛି।



ସୁମିତ୍ରା

**ସୁମିତ୍ରା ପାତ୍ର**( କ୍ରାଉନ ଡାଇମଣ୍ଡ ଡାଇରେକ୍ଟର, ପୁରୀ)– ଏକ ମଲ୍ଟିନ୍ୟାଶନାଲ ଶପିଂ କମ୍ପାନୀରେ କାମ କରୁଛି। କୋଭିଡ୍ ସମୟରେ ବହୁ ଲୋକଙ୍କର ଚାକିରି ଚାଲିଯାଇଥିବା ବେଳେ ଘରେ ଥାଇ ଅନ୍‌ଲାଇନରେ ଜବ୍ କରୁଛି। କାମ ସହ ଦୁଇ ଝିଅ ଓ ପରିବାରକୁ ଯଥେଷ୍ଟ ସମୟ ଦେବା ଲାଗି ମୋର ଏକ ଟାଇମ୍ ଟେବୁଲ ପ୍ରସ୍ତୁତ କରିଛି। କେବଳ ଏତିକି ନୁହେଁ, କାମ ସାରି କେବେ କେବେ ସମୟ ବାହାର କରି ଦୁଇଝିଅଙ୍କୁ ବାହାରକୁ ବୁଲେଇବାକୁ ବି ନିଏ।

# ଅଦା ଚା' ପିଉଥିଲେ....

- ଅଦା ଚା' ଆବଶ୍ୟକରୁ ଅଧିକ ପିଇବା ଦ୍ୱାରା ଗ୍ୟାସ୍ ସମସ୍ୟା ଦେଖାଦେଇପାରେ। ଅଦା ଖାଦ୍ୟ ହଜମ କରିବାରେ ସାହାଯ୍ୟକରେ। ହେଲେ ଅଦାରେ ଥିବା ଜିଞ୍ଜୋରୋଲସ୍ ନାମକ ଉପାଦାନ ଅଧିକ ହେଲେ ପେଟରେ ଏସିଡ୍ ସୃଷ୍ଟି କରେ। ତେଣୁ ଅଧିକ ଅଦା ଚା' ପିଇବା ଦ୍ୱାରା ପେଟ ଜଳାପୋଡ଼ା ହୋଇଥାଏ।
- ହାଇ ବ୍ଲଡ୍ ପ୍ରେସର ରୋଗୀଙ୍କ ପାଇଁ ଅଦା ଚା' ଭଲ। ହେଲେ ଆବଶ୍ୟକରୁ ଅଧିକ କ୍ଷତିକାରକ ହୋଇପାରେ। କିନ୍ତୁ ଲୋ ବ୍ଲଡ୍ ପ୍ରେସର ରୋଗୀ ଏହାକୁ ପିଇବା ଦ୍ୱାରା ମୁଣ୍ଡ ବୁଲାଇବା ଏବଂ ଦୁର୍ବଳ ଲାଗିବା ପରି ସମସ୍ୟା ଦେଖାଯାଏ।
- ଗର୍ଭବତୀ ମହିଳାମାନେ ଅଧିକରୁ ଅଧିକ ଚା' ପିଇଲେ ପେଟରେ ଯନ୍ତ୍ରଣା ହେବା ସହ ଗର୍ଭସ୍ଥ ଶିଶୁକୁ ହାନି ପହଞ୍ଚାଇପାରେ।
- ଅଧିକାଂଶ ମହିଳା କାମ ଯୋଗୁ ଅନିଦ୍ରା ରହିବା ପାଇଁ ଚା' ପିଇଥାନ୍ତି। କିନ୍ତୁ ଅଧିକ ଅଦା ଚା' ପିଇବା ଦ୍ୱାରା ଆପଣ ନିଦ୍ରାହୀନତାର ଶିକାର ହୋଇପାରନ୍ତି।
- ଅଦା ଶରୀରରେ ଶର୍କରା ମାତ୍ରା କମାଇ ଦେଇଥାଏ। ତେଣୁ ଲୋ ସୁଗାରରେ ପୀଡ଼ିତ ମହିଳାମାନେ ଅଦା ଚା' ପିଇବା ଠିକ୍ ନୁହେଁ।




ସୌନ୍ଦର୍ଯ୍ୟ



# ଫ୍ଲ ଲେସ୍ ସ୍କିନ୍ ପାଇଁ ଅଣ୍ଡା

**ଅଣ୍ଡାରେ ପ୍ରସ୍ତୁତ ବିଭିନ୍ନ ଆଇଟମ୍ ପ୍ରାୟ ଅନେକେ ପସନ୍ଦ କରନ୍ତି। ହେଲେ ଆପଣ ଜାଣନ୍ତି କି ଏଥିରେ ଭରି ରହିଥିବା ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଗୁଣ ତ୍ୱଚା ପାଇଁ ମଧ୍ୟ ବେଶ୍ ଉପକାରୀ। ଏହାକୁ ବ୍ୟବହାରକରି ସୁନ୍ଦର, ବେଦାଗ ତ୍ୱଚା ପାଇବାକୁ ଚାହୁଁଥିଲେ ଜାଣିରଖନ୍ତୁ ଟିପ୍ସ ...**

- ସ୍କିନ୍‌ଟୋନ୍ ଡାର୍କ ହୋଇଗଲେ କିପରି ଗୋରା ତ୍ୱଚା ପାଇବେ ତାକୁ ନେଇ ଅନେକଙ୍କର ଚିନ୍ତା ବଢ଼ିଯାଏ। ଯଦି ଆପଣ ବି ଏହି ସମସ୍ୟା ଦେଇ ଗତି କରୁଛନ୍ତି ଏବଂ ବିଭିନ୍ନ ପ୍ରକାର ବ୍ୟୁଟି ଟ୍ରିଟ୍‌ମେଣ୍ଟ କରିବାରେ ଖର୍ଚ୍ଚାନ୍ତ ହେଉଛନ୍ତି, ତେବେ ଖୁବ୍ କମ୍ ଖର୍ଚ୍ଚରେ ଘରୋଇ ଉପାୟରେ ନିଜ ସମସ୍ୟାର ସମାଧାନ କରିପାରିବେ। ଏଥିପାଇଁ ଖଣ୍ଡେ ପାଚିଲା କଖାରୁକୁ ଗ୍ରାଇଣ୍ଡ କରି ସେଥିରେ ଅଣ୍ଡା, କ୍ଷୀର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୦–୧୫ ମିନିଟ୍ ପରେ ନର୍ମାଲ ପାଣିରେ ଧୋଇଦିଅନ୍ତୁ। ପ୍ରତିଦିନ ଏହାକୁ ଲଗାନ୍ତୁ, ଖୁବ୍ କମ୍ ଦିନ ମଧ୍ୟରେ ତ୍ୱଚାର ରଙ୍ଗରେ ପରିବର୍ତ୍ତନ ଜାଣିପାରିବେ।
- ଫ୍ଲ ଲେସ୍ ବା ବେଦାଗ ତ୍ୱଚା କାହାକୁ ବା ପସନ୍ଦ ନୁହେଁ। ଯଦି ଆପଣ ବି ବ୍ରଣ ଦାଗ କିମ୍ବା ସନବର୍ନ ଆଦି ଯୋଗୁ ଚିନ୍ତିତ ତେବେ ଘରୋଇ ଉପାୟରେ ଅଣ୍ଡା ବ୍ୟବହାର କରି ଦାଗମୁକ୍ତ ଗ୍ଲୋଇଂ ସ୍କିନ୍ ପାଇପାରିବେ। ଏଥିପାଇଁ ଅଣ୍ଡାର ଧଳା ଅଂଶରେ ମହୁ ଏବଂ ଅଲିଭ ଅଏଲ ମିଶାଇ ପ୍ୟାକ୍ ପ୍ରସ୍ତୁତ କରି ଲଗାନ୍ତୁ। ୧୫ମିନିଟ୍ ରଖିବା ପରେ ପାଣିରେ ଭଲ ଭାବେ ଧୋଇଦିଅନ୍ତୁ।
- ଏକ ପାତ୍ରରେ ଅଳ୍ପ ମହୁ ସହ ଅଣ୍ଡାର ଧଳା ଅଂଶ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୦–୧୫ମିନିଟ୍ ରଖିବା ପରେ ପାଣିରେ ଧୋଇଦିଅନ୍ତୁ। ଏହି ପ୍ୟାକ୍ ମୁହଁରେ ଥିବା ରିଙ୍କଲ୍ ମାର୍କ ଏବଂ ଏଜ୍ ଲାଇନ ଦୂରକରି ତ୍ୱଚାକୁ ଟାଇଟ୍ କରିବା ସହ ଆକର୍ଷଣୀୟ ୟଙ୍ଗ୍ ଲୁକ୍ ଦେବ।



ଖାଦ୍ୟରୁଚି

# କ୍ରିସ୍ପି କର୍ନ



**ଆବଶ୍ୟକ ସାମଗ୍ରୀ:** ସ୍ୱିଟ୍ କର୍ନ– ୧ କପ୍, ମଇଦା– ୨ ଚାମଚ, କର୍ନଫ୍ଲୋର– ୨ ଚାମଚ, ଗୋଲମରିଚ ପାଉଡର– ଅଧା ଚାମଚ, ଅଦା ରସୁଣ ପେଷ୍ଟ– ଅଧା ଚାମଚ, କଟା ପିଆଜ– ୨ ଚାମଚ, ତେଲ– ୨ ଚାମଚ, କଟା କଞ୍ଚାଲଙ୍କା–୨ଟି, ଶୁଖିଲା ଲଙ୍କା– ୨ଟି, ଟମାଟୋ ସସ୍, ଚିଲି ସସ୍, ସୋୟା ସସ୍– ୧/୪ ଚାମଚ, କ୍ୟାପ୍ସିକମ୍– ଗୋଟେ, ଲୁଣ – ଆବଶ୍ୟକ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ କର୍ନ, ମଇଦା, କର୍ନଫ୍ଲୋର, ଲୁଣ, ଗୋଲମରିଚ ପାଉଡର ଓ ସେଥିରେ ସାମାନ୍ୟ ପାଣି ଦେଇ ଭଲଭାବେ ଘାଣ୍ଟି ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏବେ ଗ୍ୟାସ୍‌ରେ ଏକ ପ୍ୟାନ୍ ବସାଇ ତେଲ ଗରମ କରନ୍ତୁ। ତେଲ ଗରମ ହେଲା ପରେ ସେଥିରେ ମିଶ୍ରଣକୁ ପକାନ୍ତୁ ଏବଂ କର୍ନଗୁଡ଼ିକ ଗୋଲ୍ଡେନ କଲର ହେବା ଯାଏଁ ଭଲ ଭାବେ ଘାଣ୍ଟନ୍ତୁ। ଏବେ ଏହାକୁ ଏକ ଟିସୁ ପେପରକୁ ବାହାରକରି ନିଅନ୍ତୁ। ଅନ୍ୟପଟେ ଆଉ ଏକ ପ୍ୟାନ୍ ନେଇ ତେଲ ଗରମକରି ସେଥିରେ ପିଆଜ, ଅଦା ରସୁଣ ପେଷ୍ଟ, କଞ୍ଚାଲଙ୍କା, ଶୁଖିଲା ଲଙ୍କା, କ୍ୟାପ୍ସିକମ୍ ପକାଇ ଅଳ୍ପ ସମୟ ପାଇଁ ଭାଜି ଦିଅନ୍ତୁ। ସେଥିରେ ପୂର୍ବ ପ୍ରସ୍ତୁତ କର୍ନ, ଅଳ୍ପ ଟମାଟୋ ସସ୍, ଚିଲି ସସ୍, ସୋୟା ସସ୍ ଓ ସ୍ୱାଦ ଅନୁସାରେ ଲୁଣ ପକାଇ କିଛି ସମୟ ପାଇଁ ଭାଜନ୍ତୁ। ଏବେ ଏହାକୁ ଏକ ପାତ୍ରକୁ ବାହାରକରି ପରଷି ଦିଅନ୍ତୁ କ୍ରିସ୍ପି କର୍ନ। ଏହାକୁ ଆପଣ ଟି' ସହ ସ୍ନାକ୍ସ ଭାବେ ଖାଇପାରିବେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୮/୨୦୨୨ Bhubaneswar, Tuesday, February 8/ 2022



କିଟ୍ ବିଜୁପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଜାତୀୟ ସିନିୟର ଭଲିବଲରେ ସୋମବାର ଓଡ଼ିଶା-ବିହାର ପୁରୁଷ ବିଭାଗ ମ୍ୟାଚ।

# ଜାତୀୟ ସିନିୟର ଭଲିବଲ ଉଦ୍‌ଘାଟିତ

**ଭୁବନେଶ୍ୱର, ୭।୨ (କ୍ରୀଡ଼ା ପ୍ରତିନିଧି)**

କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ୭୦ତମ ଜାତୀୟ ଭଲିବଲ (ମହିଳା/ପୁରୁଷ) ଚାମ୍ପିୟନଶିପ୍ ସୋମବାର ଉଦ୍‌ଘାଟିତ ହୋଇଛି। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍ଆଇ) ଓ ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ)ର ମିଳିତ ଆନୁକୂଲ୍ୟରେ

## ଓଡ଼ିଶା ମହିଳା ଦଳ ପଣ୍ଡିଚେରୀ ଓ ପୁରୁଷ ଦଳ ବିହାରକୁ ହରାଇଲା

ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହି ଟୁର୍ନାମେଣ୍ଟ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଭାରତୀୟ ଭଲିବଲ ଇତିହାସରେ ପ୍ରଥମଥର ପାଇଁ ଜାତୀୟ ସିନିୟର ପ୍ରତିଯୋଗିତା କ୍ରମାଗତ ତୃତୀୟ ଥର ଲାଗି ଗୋଟିଏ ସ୍ଥାନ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଏଥର ପ୍ରତିଯୋଗିତାରେ ୨୮ ରାଜ୍ୟ, ୮ କେନ୍ଦ୍ରଶାସିତ ଅଞ୍ଚଳରୁ ୧୨୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଖେଳାଳି ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଅନେକ ଅର୍ଜୁନ ପୁରସ୍କାରପ୍ରାପ୍ତ ଏବଂ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଖେଳାଳି ଅଛନ୍ତି। ଏହି ପ୍ରତିଯୋଗିତାରୁ ଆଗାମୀ ଦିନରେ ହେବାକୁ ଥିବା ଏସିଆନ ଚାମ୍ପିୟନଶିପ୍ ଏବଂ ଅନ୍ୟ ଅନ୍ତର୍ଜାତୀୟ ମିଟ୍ ପାଇଁ ଭାରତୀୟ ଭଲିବଲ ଦଳ ଚୟନ ହେବ। ରାଜ୍ୟ କ୍ରୀଡ଼ା ବିଭାଗ କମିଶନର ଓ ସଚିବ ଆର. ଭିନିଲ କ୍ରିଷ୍ଣା ମୁଖ୍ୟଅତିଥି, କିଟ୍ ବିଶ୍ୱବିଦ୍ୟାଳୟ ଭାଇସ୍ ଚାନ୍ସେଲର ତଥା ଆୟୋଜନ କମିଟି ସଭାପତି ସସ୍ମିତା ସାମନ୍ତ, ଭିଏଫ୍ଆଇ ମହାସଚିବ ଅନିଲ ଚୌଧାରୀ, ଉପସଭାପତି ଆନନ୍ଦ ରାଜହଂସ, ଆୟୋଜନ କମିଟି ସମ୍ପାଦକ ତଥା ଓଭିଏର ସମ୍ପାଦକ ଗଗନେନ୍ଦୁ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ଓଡ଼ିଶା ମହିଳା ଦଳ ୨-୦ ସେଟ୍‌ରେ ପଣ୍ଡିଚେରୀକୁ ଓ ପୁରୁଷ ଦଳ ୩-୦ ସେଟ୍‌ରେ ବିହାରକୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ଭାରତୀୟ ସିନିୟର ପୁରୁଷ ଭଲିବଲ ପାଇଁ ଚୟନ କମିଟିରେ ଅଛନ୍ତି ଅର୍ଜୁନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ତଥା ଜାତୀୟ କୋଚ୍ ଜି.ଇ. ଶ୍ରୀଧରନ, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆର ସିନିୟର କୋଚ୍ ପ୍ରୀତମ୍ ସିଂ ଚୌହାନ ଓ ଅର୍ଜୁନ ପୁରସ୍କାରପ୍ରାପ୍ତ ଅମିର ସିଂ। ସେହିପରି ସିନିୟର କୋଚ୍ ପ୍ରକାଶ ରୟ, ଭିଏଫ୍ଆଇର ମହିଳା ସଦସ୍ୟ ତଥା ବର୍ତ୍ତମାନର କୋଚ୍ ବୈଶାଳୀ ଫଡତାରେ, ପୂର୍ବତନ ଅନ୍ତର୍ଜାତୀୟ ଭଲିବଲ ଖେଳାଳି ଓ ଲେଭଲ-୨୨ ଏଫ୍ଆଇଭିବି କୋଚ୍ ଲୋତକ ବିନ୍ଦୁ ଦାଶ ଏବଂ ଲେଭଲ-୨ ଭଲିବଲ କୋଚ୍ ବିରାଜ ଶାହା ଭାରତୀୟ ମହିଳା ଭଲିବଲ ଚୟନ କମିଟିରେ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଓଡ଼ିଶା ମହିଳା ଭଲିବଲ ଦଳର ଖେଳାଳିମାନେ।

### ପ୍ରଥମ ଦିବସର ମ୍ୟାଚ ଫଳାଫଳ

**ପୁରୁଷ**

ଓଡ଼ିଶା ୩ - ବିହାର ୦ (୨୫-୧୫, ୨୫-୨୨, ୨୫-୧୫)
ଦିଲ୍ଲୀ ୩ - ଲଦାଖ ୦ (୨୫-୫, ୨୫-୫, ୨୬-୬)
ତେଲେଙ୍ଗାନା ୩ - ପଶ୍ଚିମବଙ୍ଗ ୦ (୨୯-୨୭, ୨୫-୧୬, ୨୫-୨୩)
ଉତ୍ତରାଞ୍ଚଳ ୩ - ଛତିଶଗଡ଼ ୦ (୨୫-୨୧, ୨୫-୧୬, ୨୫-୨୩)
ପଣ୍ଡିଚେରୀ ୩ ହିମାଚଳ ପ୍ରଦେଶ ୦ (୨୫-୧୫, ୨୫-୨୧, ୨୫-୧୫)
ମଧ୍ୟପ୍ରଦେଶ ୩ - ଜମ୍ମୁ କଶ୍ମୀର ୨ (୨୫-୨୨, ୨୬-୨୪, ୨୫-୨୩, ୨୫-୨୧, ୧୫-୧୩)

**ମହିଳା**

ଓଡ଼ିଶା ୨ - ପଣ୍ଡିଚେରୀ ୦ (୨୫-୧୫, ୨୫-୨୨)
ହରିୟାଣା ୨ - ଉତ୍ତରାଞ୍ଚଳ ୦ (୨୫-୧୩, ୨୫-୪)
ତାମିଲନାଡୁ ୨ - ଉତ୍ତର ପ୍ରଦେଶ ୧ (୧୮-୨୫, ୨୫-୧୦, ୨୫-୧୯)

ରହିଛନ୍ତି। ଉଭୟ ଚୟନ କମିଟିର ସଂଯୋଜକ ଅଛନ୍ତି ଅର୍ଜୁନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ଏ. ରାମାରାଓ। ପୂର୍ବରୁ ଓଡ଼ିଶାରେ ୨୦୦୯ରେ ୩୬ତମ ଜାତୀୟ ଜୁନିୟର (ବାଳିକା/ବାଳକ), ୨୦୧୯ରେ ୪୧ତମ ଜାତୀୟ ସବ୍‌ଜୁନିୟର (ବାଳିକା/ବାଳକ), ୨୦୨୦-୨୧ରେ ୬୮ତମ ଜାତୀୟ ସିନିୟର, ୨୦୨୧-୨୨ରେ ୬୯ତମ ଜାତୀୟ ସିନିୟର ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଛି। ଏଥରକୁ ମିଶାଇ ୫ ଥର ଯାକ ଭଲିବଲ ଚାମ୍ପିୟନଶିପ୍ କିଟ୍ ପରିସରରେ ଆୟୋଜନ ହୋଇଛି। କ୍ରମାଗତ ତୃତୀୟଥର ଲାଗି ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍ ଆୟୋଜନ ପାଇଁ ସୁଯୋଗ ଦେଇଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଭିଏଫ୍ଆଇକୁ ଧନ୍ୟବାଦ ଜଣାଇଛନ୍ତି। ଅଚ୍ୟୁତ ଭିଏଫ୍ଆଇର ସଭାପତି ଭାବେ ନିର୍ବାଚିତ ହେବା ପରଠାରୁ ଦେଶରେ ତୃଣମୂଳସ୍ତରରୁ ଭଲିବଲର ବିକାଶ ପାଇଁ ପଦକ୍ଷେପମାନ ନିଆଯାଉଛି।

# ରଣଜୀ ଟ୍ରଫିରୁ ଓହରିଲେ ହାର୍ଦ୍ଦିକ

**ନୂଆଦିଲ୍ଲୀ, ୭।୨ (ପି.ଟି.)**

ଫେବୃୟାରୀ ୧୦ରୁ ଆରମ୍ଭ ହେବାକୁଥିବା ରଣଜୀ ଟ୍ରଫି କ୍ରିକେଟ ପ୍ରତିଯୋଗିତାରୁ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓହରିଯାଇଛନ୍ତି। ଭାରତୀୟ ହ୍ୱାଇଟବଲ୍ କ୍ରିକେଟ ଦଳକୁ କିପରି ପ୍ରତ୍ୟାବର୍ତ୍ତନ କରିପାରିବେ ତାହା ଉପରେ ସେ ଧ୍ୟାନ ଦେବେ। ସୋମବାର କେଦାର ଦେବଧରଙ୍କୁ ବରୋଦା ଦଳ ଅଧିନାୟକ ଭାବେ ମନୋନୀତ କରାଯାଇଛି। ଟୁର୍ନାମେଣ୍ଟର ପ୍ରଥମ ପର୍ଯ୍ୟାୟ ପାଇଁ ବରୋଦା କ୍ରିକେଟ ଆସୋସିଏଶନ ୨୦ ଜଣିଆ ଦଳ ଘୋଷଣା କରିଛି। ହାର୍ଦ୍ଦିକଙ୍କ ନାମ ଏଥିରୁ ବାଦ୍ ଦିଆଯାଇଛି। ବିଷ୍ଣୁ ସୋଲାଙ୍କିଙ୍କୁ ଦେବଧରଙ୍କ ଡେପୁଟି ଭାବେ ମନୋନୟନ କରାଯାଇଛି। ଗତବର୍ଷ ଟି୨୦ ବିଶ୍ୱକପ ପରଠାରୁ ହାର୍ଦ୍ଦିକ କ୍ରିକେଟରୁ ନିଜକୁ ଦୂରେଇ ରଖିଛନ୍ତି। ପିଠିରେ ଇଞ୍ଜୁରି ଯୋଗୁ ତାଙ୍କୁ ପୁନର୍ବାର ରିହାବିଲିଟେଶନରେ ରହିବାକୁ ହୋଇଥିଲା। ସେଥିପାଇଁ ସେ ନ୍ୟାଶନାଲ ସିଲେକ୍ସନ ପାଇଁ ଉପଲବ୍ଧ ହେଉ ନ ଥିଲେ।



ହାର୍ଦ୍ଦିକ ପାଣ୍ଡ୍ୟା

ଟି୨୦ ବିଶ୍ୱକପରେ ଭାରତର ନୈରାଶ୍ୟଜନକ ଅଭିଯାନ ବେଳେ ୨୮ବର୍ଷୀୟ ହାର୍ଦ୍ଦିକ ବୋଲିଂ କରି ନ ଥିବାରୁ ତାଙ୍କୁ ନାନା କଥା ଶୁଣିବାକୁ ମିଳିଥିଲା। ୨୦୧୮ ଡିସେମ୍ବର ପରଠାରୁ ରେଡ୍‌ବଲ୍ ଫର୍ମାଟ୍ ଖେଳିନାହାନ୍ତି। ସେ ଅନେକଥର ସ୍ୱୀକାର କରି କହିଛନ୍ତି ଯେ, ଆଘାତଜନିତ ସମସ୍ୟା ଟେଷ୍ଟ ଫର୍ମାଟ୍‌ରେ ଖେଳିବାରେ ତାଙ୍କ ପାଇଁ ସମସ୍ୟା ଉପୁଯାଇପାରେ। ହାର୍ଦ୍ଦିକ ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସଂସ୍କରଣରେ ପ୍ରତିଯୋଗିତାମୂଳକ କ୍ରିକେଟକୁ ଫେରିବେ ବୋଲି ଆଶା କରାଯାଉଛି। ଆଇପିଏଲ୍‌ରେ ହାର୍ଦ୍ଦିକ ସିଭିସି ମାଲିକାନାରେ ରହିଥିବା ଅହମଦାବାଦ ଫ୍ରାଞ୍ଚାଇଜ୍‌ର ଫୁଲ୍‌ଟାଇମ୍ ଅଧିନାୟକ ଭାବେ ଅବତୀର୍ଣ୍ଣ ହେବେ।

## ଟି ୨୦ ବିଶ୍ୱକପ ଟିକେଟ ବିକ୍ରି ଆରମ୍ଭ

**ଦୁବାଇ, ୭।୨ (ପି.ଟି.):** ଅଷ୍ଟ୍ରେଲିଆରେ ହେବାକୁଥିବା ଟି୨୦ କ୍ରିକେଟ ବିଶ୍ୱକପ ପାଇଁ ଟିକେଟ ବିକ୍ରି ଆରମ୍ଭ ହୋଇଛି। ଅକ୍ଟୋବର ୧୬ରୁ ନଭେମ୍ବର ୧୩ ପର୍ଯ୍ୟନ୍ତ ହେବାକୁଥିବା ଏହି ଇଭେଣ୍ଟରେ ଆସନ ସୁରକ୍ଷିତ କରିବା ଲାଗି ଖେଳପ୍ରେମୀମାନେ ସୁଯୋଗ ପାଇବେ। ସୋମବାରଠାରୁ ଟିକେଟଗୁଡ଼ିକ ଅନ୍‌ଲାଇନରେ ଉପଲବ୍ଧ ହେଉଛି। ନଭେମ୍ବର ୧୩ରେ ଏମ୍‌ସିଜିରେ ଖେଳାଯିବାକୁଥିବା ଫାଇନାଲ ସମେତ ସମସ୍ତ ୪୫ ମ୍ୟାଚ ପାଇଁ ଟିକେଟ ଉପଲବ୍ଧ ହେବ। ପ୍ରତ୍ୟେକ ପ୍ରଥମ ରାଉଣ୍ଡ ଓ ସୁପର ୧୨ ମ୍ୟାଚ ପାଇଁ ୫ ଡଲାରରୁ ଆରମ୍ଭ କରି ପିଲାଙ୍କ ଲାଗି ଟିକେଟ ବିକ୍ରି ହେଉଛି। ବଛାବଛା ମ୍ୟାଚରେ ବୟସ୍କଙ୍କ ଲାଗି ସର୍ବନିମ୍ନ ଟିକେଟ ୨୦ ଡଲାର ରଖାଯାଇଛି।

## ରାମକୁମାରଙ୍କୁ ଶ୍ରେଷ୍ଠ ର‌୍ୟାଙ୍କିଙ୍ଗ

**ନୂଆଦିଲ୍ଲୀ, ୭।୨ (ପି.ଟି.):** ନିଜ ଦେଶର ରୋହନ ବୋପାନ୍ନାଙ୍କ ସହ ଟାଟା ଓପନ ମହାରାଷ୍ଟ୍ର ଟେନିସ ପ୍ରତିଯୋଗିତା ଜିତିବାପରେ ଭାରତର ରାମକୁମାର ରମାନାଥନ ପ୍ରଥମ ଥର ପୁରୁଷ ଡବଲ୍ସ ର‌୍ୟାଙ୍କିଙ୍ଗ ତାଲିକାର ଟପ୍ ୧୦୦ରେ ପ୍ରବେଶ କରିଛନ୍ତି। ବୋପାନ୍ନା ମଧ୍ୟ ୮ ସ୍ଥାନ ପଦୋନ୍ନତି ସହ ଏଟିପି ତାଲିକାର ୩୫ ତମ ସ୍ଥାନରେ ପହଞ୍ଚିଛନ୍ତି। କ୍ୟାରିୟର ଶ୍ରେଷ୍ଠ ର‌୍ୟାଙ୍କିଙ୍ଗ ୯୪ ସ୍ଥାନ ହାସଲ କରିଥିବା ରାମକୁମାର ଓ ବୋପାନ୍ନା ରବିବାର ଅଷ୍ଟ୍ରେଲୀୟ ଯୋଡ଼ି ଶ୍ଲ୍ୟାକ୍ ସେଭିଲି ଓ ଜନ୍-ପ୍ୟାଟ୍ରିକ୍ ସ୍ମିଥ୍‌ଙ୍କୁ ପରାସ୍ତ କରି ଏକତ୍ର ସେମାନଙ୍କ ଦ୍ୱିତୀୟ ଟାଇଟଲ ହାସଲ କରିଛନ୍ତି। ୨୫୦ ପଏଣ୍ଟ ଅର୍ଜନ କରିବା ଦ୍ୱାରା ରାମକୁମାର ୧୪ ସ୍ଥାନ ପଦୋନ୍ନତି ପାଇଛନ୍ତି। ଭାରତୀୟ ଖେଳାଳି ହିସାବରେ କେବଳ ୪୧ ବର୍ଷୀୟ ବୋପାନ୍ନା ଓ ୨୭ ବର୍ଷୀୟ ରାମକୁମାର ଟପ୍ ୧୦୦ରେ ସ୍ଥାନ ପାଇଛନ୍ତି। ବାମହାତୀ ଡିଭିଜ ଶରନ ଗୋଟିଏ ସ୍ଥାନ ଉପରକୁ ଉଠି ୧୩୪ରେ ପହଞ୍ଚିଛନ୍ତି। ରାମକୁମାର ସିଙ୍ଗଲ୍ସ ର‌୍ୟାଙ୍କିଙ୍ଗରେ ମଧ୍ୟ ସର୍ବୋଚ୍ଚ ର‌୍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ହୋଇଛନ୍ତି। ସେ ୩ଟି ସ୍ଥାନ ତଳକୁ ଖସି ୧୮୫ତମ ସ୍ଥାନରେ ଅଛନ୍ତି।


## ନେଟ୍ସରେ ରାହୁଲ, ମୟଙ୍କ, ସଇନି

**ଅହମଦାବାଦ, ୭।୨ (ପି.ଟି.):** ଭାରତର ଉପ ଅଧିନାୟକ କେ.ଏଲ୍ ରାହୁଲ ଓ ଓପନର ମୟଙ୍କ ଅଗ୍ରୱାଲଙ୍କ କ୍ୱାରାଣ୍ଟାଇନ ପିରିୟଡ ଶେଷ ହେବା ପରେ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ପାଇଁ ସୋମବାର ଅଭ୍ୟାସ କରିଛନ୍ତି। ରବିବାର ସିରିଜର ପ୍ରଥମ ମ୍ୟାଚ ଖେଳାଯାଇଥିବାରୁ ସୋମବାର ଇଚ୍ଛାଧୀନ ଟ୍ରେନିଂ ଦିବସ ଥିଲା। ଭାରତୀୟ ଦଳରେ ଏକାଧିକ କରୋନା ସଂକ୍ରମିତ ଚିହ୍ନଟ ପରେ ଅଗ୍ରୱାଲଙ୍କୁ ଦଳରେ ସାମିଲ କରାଯାଇଥିଲା। ୨୯ବର୍ଷୀୟ ପେସ୍ ବୋଲର ନବଦୀପ ସଇନି ମଧ୍ୟ ଅଭ୍ୟାସ ସେସନ୍‌ରେ ଯୋଗ ଦେଇଥିଲେ। ରବିବାର ଅନୁଷ୍ଠିତ ପ୍ରଥମ ଦିନିକିଆରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ୬ ଉଇକେଟରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ବୁଧବାର ମ୍ୟାଚରେ ଅଧିନାୟକ ରୋହିତ ଶର୍ମାଙ୍କ ସହ ଅଗ୍ରୱାଲ ବ୍ୟାଟିଂ ଓପନ କରିବା ସମ୍ଭାବନା ରହିଛି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୮ ଫେବୃୟାରୀ, ୨୦୨୨

## ସପ୍ତମ ମହାମିଳନର ପର୍ବ ପାଳନ ଲାଗି ପ୍ରସ୍ତୁତି

**କଟକ ଅଫିସ:** ସପ୍ତମ ମହାମିଳନର ପର୍ବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗାନ୍ଧୀ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ବିଚାରପତି ମନୋରଞ୍ଜନ ମହାନ୍ତି ଅଧକ୍ଷତା କରିଥିଲେ। ଅନୁଷ୍ଠାନର ଉପାଧକ୍ଷ ସୂର୍ଯ୍ୟରଥ, ପ୍ରଭୁଚରଣ ମହାନ୍ତି, ଉପସଭାପତି ସୁଶାନ୍ତ ମହାନ୍ତି, କାର୍ଯ୍ୟକାରୀ ସଭାପତି ଜୟନାରାୟଣ ସିଂ, ୧୯ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ସର୍ବାଧିକାରୀ ବୀରେନ୍ଦ୍ର ସାହୁ, ସଂଗଠନ ସମ୍ପାଦିକା ପ୍ରଣତି ଭୂୟାଁ, ଶିବାନୀ ରଣା ପ୍ରମୁଖ ପର୍ବ ପାଳନ ନିମନ୍ତେ ମତାମତ ଦେଇଥିଲେ। ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ଓଡ଼ିଆ ଝିଅ ରୋଜା ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁକାନ୍ତି ମହାନ୍ତି ଅତିଥି ପରିଚୟ ଓ ଗୌତମ ପରିଡ଼ା ଧନ୍ୟବାଦ ଦେଇଥିଲେ।



# ଉତ୍ସାହ ଭରିଲା ଶ୍ରେଣୀଗୃହ ପାଠପଢ଼ା

## ପ୍ରଥମଦିନରେ ସ୍କୁଲ, କଲେଜ ଫାଙ୍କା

**କଟକ ଅଫିସ,୭।୨**

ତୃତୀୟ ପର୍ଯ୍ୟାୟ କୋଭିଡ୍ ସଂକ୍ରମଣ ହ୍ରାସ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପୁଣି ସ୍କୁଲ କଲେଜ ଖୋଲାଯାଇଛି। ଏହି ଅବସରରେ ସୋମବାର ପ୍ରଥମ ପର୍ଯ୍ୟାୟରେ ଅଷ୍ଟମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ଏବଂ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ଅନଲାଇନ ସହ ଅଫ୍‌ଲାଇନ ପାଠପଢ଼ା ଆରମ୍ଭ କରାଯାଇଛି। ପିଲା ବହି ବସ୍ତାନି ଧରି ସ୍କୁଲ ଆସିଛନ୍ତି। କୋଭିଡ୍ କଟକଣା ମଧ୍ୟରେ ଖୋଲିଥିବାରୁ ସ୍କୁଲ କଲେଜ ପରିସରକୁ ସଫା କରାଯିବା ସହ ସାନିଟାଇଜ କରାଯାଇଛି। ଆସବାବପତ୍ର ସଜଡ଼ାଯିବା ସହ ସାମାଜିକ ଦୂରତା ରଖି ବସିବା ପାଇଁ ଛାତ୍ରୀଛାତ୍ରଙ୍କ ଡେସ୍କକୁ ସୁବ୍ୟବସ୍ଥିତ କରାଯାଇଛି। କୋଭିଡ୍‌ର ତୃତୀୟ ଲହରକୁ ଦେଖି ଜାନୁୟାରୀ ୧୦ରୁ ସ୍କୁଲ ଓ ଉଚ୍ଚ ଶିକ୍ଷାନୁଷ୍ଠାନ ବନ୍ଦ ଥିଲା। ଏବେ ପ୍ରାୟ ଏକ ମାସ ବ୍ୟବଧାନରେ ସ୍କୁଲ, କଲେଜ ଖୋଲିବାରୁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମନରେ ଉତ୍କଣ୍ଠା ପ୍ରକାଶ ପାଇଛି। ଏଥିସହ ଶ୍ରେଣୀଗୃହରେ ପାଠ ପଢ଼ିବାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଥିବା ଦେଖାଦେଇଛି। ତେବେ ପ୍ରଥମ ଦିନରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସର ଫାଙ୍କା ଫାଙ୍କା ଦେଖିବାକୁ ମିଳିଥିଲା। ସେହିପରି ଜିଲାରେ ସ୍କୁଲଗୁଡ଼ିକରେ ଅଧିକ ଛାତ୍ରୀଛାତ୍ରଙ୍କ ଉପସ୍ଥିତି ନ ଥିଲା। ହେଲେ ସ୍କୁଲ ଖୋଲୁଥିଲେ ମଧ୍ୟ ଛାତ୍ରୀଛାତ୍ର ଚାହିଁଲେ ଅନ୍‌ଲାଇନରେ କ୍ଲାସ କରିପାରିବେ।

### ଅଷ୍ଟମରେ ୨୦୮୦୨, ନବମ ଓ ଦଶମରେ ୨୧୦୬୪ ଉପସ୍ଥିତି

ପ୍ରାୟ ଏକ ମାସ ପରେ ଜିଲା ଅଷ୍ଟମରୁ ଦ୍ୱାଦଶ ପର୍ଯ୍ୟନ୍ତ ଥିବା ସମସ୍ତ ସ୍କୁଲ ଖୋଲିଛି। ତେବେ ପ୍ରଥମ ଦିନରେ ୮୮୯ ବିଦ୍ୟାଳୟରେ ୨୦୮୦୨ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିପରି ୫୩୯ ବିଦ୍ୟାଳୟରେ ୨୧୦୬୪ ଜଣ ନବମ ଏବଂ ଦଶମ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏଥିସହ ଜିଲାରେ ୧୦୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଧ୍ୟ ପାଠପଢ଼ା ଆରମ୍ଭ ହୋଇଛି। ଏଥିରେ ୫୭.୦୬ ପ୍ରତିଶତ ପିଲାଙ୍କ ଉପସ୍ଥିତ ରହିଥିଲା ବୋଲି ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।



“ସରକାରଙ୍କ ଗାଇଡ୍‌ଲାଇନକୁ ମାନି ବିଶ୍ୱବିଦ୍ୟାଳୟ ଖୋଲାଯାଇଛି। ପ୍ରଥମ ଦିନରେ ପିଲାଙ୍କ ଅଧିକ ଉପସ୍ଥିତି ଦେଖିବାକୁ ମିଳିନି। ପିଲା ଧୀରେ ଧୀରେ ଆସିବା ଆରମ୍ଭ କରିବେ। ଆଗକୁ ପରୀକ୍ଷା ମଧ୍ୟ ରହିଛି। ସେଥିପାଇଁ ପିଲାଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ।

**ଅସୀମା ସାହୁ, ପିଜି କାଉନ୍‌ସିଲ ଚେୟାରପର୍ସନ,ରେଭେନ୍ସା ବିଶ୍ୱବିଦ୍ୟାଳୟ**



“କୋଭିଡ୍ କାରଣରୁ ଛାତ୍ରୀଛାତ୍ର ଘରେ ରହି ଅନଲାଇନ କ୍ଲାସ କରୁଥିଲେ। ସେଥିପାଇଁ ପ୍ରଥମ ଦିନରେ ବେଶି ଛାତ୍ରୀଛାତ୍ରଙ୍କ ଉପସ୍ଥିତି ନାହିଁ। ହଷ୍ଟେଲ ଛାତ୍ରୀଛାତ୍ରମାନେ ବହୁ ଦୂରଦୂରାନ୍ତରୁ ଆସି ପହଞ୍ଚିଥିବେ। ସେଥିପାଇଁ ଅଧିକ ପିଲା ଆସି ନ ଥିଲେ। ସ୍ଥାନୀୟ ପିଜି ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅଧିକ ଥିଲା। ୟୁଜି ଛାତ୍ରୀଛାତ୍ରଙ୍କ ସଂଖ୍ୟା କମ ଥିଲା। କୋଭିଡ୍ କଟକଣା ମଧ୍ୟରେ ଶ୍ରେଣୀଗୃହରେ ବସି ପାଠପଢ଼ା ଆରମ୍ଭ ହୋଇଛି।

**ତୁଷାରକାନ୍ତ ପାଣି, ପ୍ରଫେସର, ରେଭେନ୍ସା ବିଶ୍ୱବିଦ୍ୟାଳୟ**



“ଏତେଦିନ ହେବ କଲେଜ ବନ୍ଦ ରହିବା କାରଣରୁ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ଅନ୍‌ଲାଇନ୍‌ରେ ଠିକ୍ ଭାବରେ ପଢ଼ି ହେଉ ନ ଥିଲା। ଏଥିସହ ଆଗକୁ ପରୀକ୍ଷା ମଧ୍ୟ ରହିଛି। ସେଥିଲାଗି ଶ୍ରେଣୀଗୃହ ପାଠପଢ଼ାକୁ ଗୁରୁତ୍ୱ ଦେଉଛୁ। ଯୋପରି ଆଉ ପଢ଼ାରେ କୌଣସି ସମସ୍ୟା ନ ଉପୁଜେ ସେ ପ୍ରତି ବିଶେଷ ଧ୍ୟାନ ଦେବି।

**ଶିବାଶିଷ ସେନାପତି, ଛାତ୍ର**

## ସଂକ୍ଷେପରେ

### ନାକେଇପଡ଼ିଆ ଏମ୍‌ସିସି ଦେଖିଲେ ସିଏମ୍‌ସି ପ୍ରଶାସକ

**କଟକ ଅଫିସ,୭।୨:** ନାକେଇପଡ଼ିଆରେ ଥିବା କଟକ ମହାନଗର ନିଗମ (ସିଏମ୍‌ସି)ର ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି)କୁ ସୋମବାର ସିଏମ୍‌ସି ପ୍ରଶାସକ ଅନିଲ କୁମାର ସାମଲ ପରିଦର୍ଶନ କରିଛନ୍ତି। ପ୍ରତିଦିନ ଏମ୍‌ସିସିକୁ କେତେ ପରିମାଣର ବର୍ଜ୍ୟବସ୍ତୁ ଆସୁଛି ଏବଂ ଏହି ବର୍ଜ୍ୟବସ୍ତୁରୁ କିଭଳି ଖତ ପ୍ରସ୍ତୁତ କରାଯାଉଛି ତାହା ଦେଖିଥିଲେ। ଏଥିସହ ଦାୟିତ୍ୱରେ ଥିବା ପରିମଳ ଅଧିକାରୀ ଏବଂ କର୍ମଚାରୀମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ନଗର ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର, ପରିମଳ ଅଧିକାରୀ ତଥା ଡେପୁଟି କମିଶନର ସଞ୍ଜିବିତା ରାୟଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ତିଗିରିଆରେ ୫୮ ସମ୍ବେଦନଶୀଳ, ୧୪ ଅତିସମ୍ବେଦନଶୀଳ ବୁଥ୍

**ତିଗିରିଆ,୭।୨(ଡି.ଏନ୍.ଏ.):** ତିଗିରିଆ ବ୍ଲକରେ ୨୦ ତାରିଖ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସମ୍ବେଦନଶୀଳ ଏବଂ ଅତିସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି। ବ୍ଲକରେ ସମୁଦାୟ ୨୧୭ଟି ବୁଥରେ ମତଦାନ ହେବ। ସେଥିରୁ ୧୪ ଅତିସମ୍ବେଦନଶୀଳ ଓ ୫୮ଟି ବୁଥ ସମ୍ବେଦନଶୀଳ ରହିଥିବା ତିଗିରିଆ ଥାନା ଅଧିକାରୀ ସୁଚିତ୍ରା ଜେନା କହିଛନ୍ତି। ବ୍ଲକର ଜେମାଦେଇପୁର ପଞ୍ଚାୟତରେ ସର୍ବାଧିକ ୫ଟି ଅତିସମ୍ବେଦନଶୀଳ ଥିବାବେଳେ ହାଟମାଳ ପଞ୍ଚାୟତରେ ୪, ଅଚଳକୋଟରେ ୩, ନିଜିଗଡ଼ ଏବଂ ବିନ୍ଧାଣିମା ପଞ୍ଚାୟତରେ ଗୋଟିଏ ଲେଖାଏ ବୁଥ୍ ରହିଛି। ସେହିଭଳି ସମ୍ବେଦନଶୀଳ ବୁଥ୍‌ଭାବେ ଅଚଳକୋଟରେ ୫, ଜେମାଦେଇପୁରରେ ୭, ପାଞ୍ଚଗାଁରେ ୮, ଭିରୁଡ଼ାରେ ୬, ଭୋଗଡ଼ାରେ ୨, ନିଜିଗଡ଼ରେ ୧୧, ପୁରୁଣା ତିଗିରିଆରେ ୧୨, ବିନ୍ଧାଣିମାରେ ୧ ଏବଂ ଗଦାଧରପୁରରେ ୬ଟି ବୁଥ୍ ରହିଛି।

### ଆଦ୍ୟଧାମ ଓ ମହିମା ସ୍ୱାମୀ ପୁସ୍ତକ ଉନ୍ମୋଚିତ

**ଆଠଗଡ଼,୭।୨(ସ୍ୱ.ପ୍ର.):** ଉତ୍ତର ବାଙ୍କୀ ମାଳବିହାରପୁରସ୍ଥିତ ମହିମା ମନ୍ଦିର ପ୍ରାଙ୍ଗଣରେ ସୋମବାର ଆଦ୍ୟଧାମ ଓ ମହିମା ସ୍ୱାମୀ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏହି ଗ୍ରାମରେ ମହିମା ଧର୍ମର ଆଦ୍ୟ ଓଁକାର ପ୍ରଥମେ ଝଙ୍କୃତ ହୋଇଥିଲା। ପୁସ୍ତକ ଉନ୍ମୋଚନ ଅବସରରେ ମହିମା ଧର୍ମ ସହ ମାଳବିହାରପୁର ସମ୍ପର୍କର ବହୁ ଅନାଲୋଚିତ ଦିଗ ଉପରେ ସଂଗ୍ରାହକ ରାମଚନ୍ଦ୍ର ବେହେରା ପ୍ରକାଶ କରିଥିଲେ। ରାଜଧାନୀ ପୁସ୍ତକ ମେଳାର ସଭାପତି ତଥା ମାଳବିହାରପୁର ନିବାସୀ ଡ. ଉପେନ୍ଦ୍ର ଜେନା ମୁଖ୍ୟଅତିଥି, ବରିଷ୍ଠ ସାହିତ୍ୟିକ ଡ. ନାରାୟଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ମହିମା ଧର୍ମ ତଥା ଶୂନ୍ୟବାଦ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୀତବାସ ଦାସ ଶର୍ମା, ସୂତ୍ରଧର ପ୍ରଧାନ, ବଂଶୀଧର ଜେନା, ଭୀମସେନ ନାୟକ ଓ ତ୍ରିନାଥ ଜେନା ପ୍ରମୁଖ ଯୋଗଦେଇଥିଲେ। ଆଦ୍ୟଧାମ ମହିମା ଧର୍ମ ଧାମ ସମାଜ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିକ୍ରମ ସାମନ୍ତସିଂହାର ସଂଯୋଜନା କରିଥିଲେ।

### ବାଦାମବାଡ଼ି ଖବରକାଗଜ ବିତରକ ସଂଘର ବାର୍ଷିକୋତ୍ସବ

**କଟକ ଅଫିସ,୭।୨:** ବାଦାମବାଡ଼ି ଖବରକାଗଜ ବିତରକ ସଂଘର ବାର୍ଷିକ ଉତ୍ସବ ବାଦାମବାଡ଼ିସ୍ଥିତ ପେପର ପଏଣ୍ଟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ସମାଜର ସଭାପତି ନିରଞ୍ଜନ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କେତେଜଣ ସଫେଇ କର୍ମଚାରୀଙ୍କୁ ଲୁଗା ଓ କମ୍ବଳ ବଣ୍ଟନ କରାଯାଇଥିଲା। ଏଥିସହ ସଂଘର ଦିନବନ୍ଧୁ ଦେହୁରୀ, ନିରଞ୍ଜନ ବେହେରା, ରଙ୍ଗାଧର ନାଥ, ହେମନ୍ତ ସ୍ୱାଇଁ, ପଦ୍ମନାଭ ବେହେରା, କୃଷ୍ଣଚନ୍ଦ୍ର ବେହେରା, ବିକଳ ଦାସ, ଯୋଗେନ୍ଦ୍ର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ଉତ୍ସବରେ ସଂଘର ସଭାପତି ବସନ୍ତ ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ଜେନା, ସମ୍ପାଦକ ରାଧେଶ୍ୟାମ ଦାସ, ସହ ସମ୍ପାଦକ ଅଭୟ ବେହେରା ଓ ଷ୍ଟେଶନ ବଜାରର ରଞ୍ଜନ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡି ପର୍ଯ୍ୟବେକ୍ଷକଙ୍କୁ ଠେଲାପେଲା

**ଚୌଦ୍ୱାର, ୭।୨(ଡି.ଏନ୍.ଏ.)**

ତ୍ରିସ୍ତରୀୟ ନିର୍ବାଚନର ଦିନ ଯେତିକି ପାଖେଇ ଆସୁଛି ଗ୍ରାମାଞ୍ଚଳରେ ରାଜନୈତିକ ଉଷ୍ମତା ସେତିକି ବଢ଼ିବାରେ ଲାଗିଛି। ବେଳେବେଳେ କେତେକ ପଞ୍ଚାୟତରେ ଦଳୀୟ ପ୍ରାର୍ଥୀ ଓ ବିରୋଧୀଙ୍କ ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତି ଉପୁଜୁଛି। ରବିବାର ସନ୍ଧ୍ୟାରେ ନଖରା ପଞ୍ଚାୟତରେ ପ୍ରଚାର ବେଳେ ପାଟିତୁଣ୍ଡ, ଗାଳିଗୁଲଜକୁ ନେଇ ଚୌଦ୍ୱାର ଥାନାରେ ୨ଟି ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ନଖରା ଗ୍ରାମର ବିଜେଡିର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଥିବା ଗଣେଶ ଚନ୍ଦ୍ର ରାଉତ ଓ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ସୌଜନ୍ୟମୂଳକ ସାକ୍ଷାତ ପାଇଁ ଯାଇଥିଲେ। ଏହି ସମୟରେ ଗ୍ରାମର ଶାନ୍ତନୁ ପତି ଓ ଅନ୍ୟ ୫ଜଣ ବ୍ୟକ୍ତି ତାଙ୍କୁ ଘେରିଯାଇ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ସେମାନେ ଗଣେଶଙ୍କୁ ଟଣାଓଟରା କରିବା ସହ ପୁଣି ଏହି ଗ୍ରାମକୁ ଆସିଲେ ମାରିଦେବାକୁ ଧମକ ଦେଇଥିବା ଗଣେଶ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ସେହି ସ୍ଥାନକୁ ପୂର୍ବତନ ବିଧାୟକଙ୍କୁ ଭେଟିବାକୁ ଆସିଥିବା ବ୍ୟକ୍ତିଙ୍କ ସହ ମଧ୍ୟ ପାଟିତୁଣ୍ଡ କରିଥିବା ନେଇ ଏକ ଅଭିଯୋଗ ହୋଇଛି। ଏ ସମ୍ପର୍କ ନେଇ ଶାନ୍ତନୁ ଘଟଣା ମିଥ୍ୟା ବୋଲି କହିବା ସହିତ ନିର୍ବାଚନୀ ପ୍ରଚାର ସମୟରେ ପୂର୍ବତନ ବିଧାୟକ ଓ ପର୍ଯ୍ୟବେକ୍ଷକ ଦଳିୟ ଲୋକଙ୍କ ସହିତ ସନ୍ଧ୍ୟାରେ ଗ୍ରାମର ଲୋକଙ୍କ ଘରକୁ ଯିବା ବେଆଇନ ବୋଲି କହିବା ସହିତ ବିଗତ ଦିନରେ ଗ୍ରାମର କ'ଣ ଉନ୍ନତି ହୋଇଛି ପ୍ରଶ୍ନ କରିଥିଲେ ବୋଲି କହିଛନ୍ତି।



କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଯୋଗଦେଇଥିବା ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

## ସୋନା ଫାଇଟର ଚାମ୍ପିୟନ

### କ୍ରିକେଟ ଟୁର୍ନାମେଣ୍ଟ

**ଫୁଲନଖରା, ୭।୨(ଡି.ଏନ୍.ଏ.)**

କଟକ ସଦର ଥାନା ଅନ୍ତର୍ଗତ ପାଇକସାହି ଖେଳ ପଡ଼ିଆରେ ଶୁଭଜିତ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲକୁ ପ୍ରିନ୍ସ ୱାରିୟର ଓ ସୋନା ଫାଇଟର ଟିମ୍ ଯାଇଥିଲେ। ପ୍ରିନ୍ସ ୱାରିୟର ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ୧୫ ଓଭରରେ ୬ ଉଇକେଟ ହରାଇ ୧୫୭ ରନ କରିଥିଲା। ଜବାବରେ ସୋନା ଫାଇଟର ୧୩ ଓଭର ୪ଟି ବଲରେ ୪ ଉଇକେଟ ହରାଇ ୧୫୮ରନ ସଂଗ୍ରହ କରି ଟୁର୍ନାମେଣ୍ଟର ବିଜେତା ସହ ଚାମ୍ପିୟନ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ୍ ରାଜା ପାଢ଼ୀ ଥିବାସ୍ଥଳେ ମ୍ୟାନ ଅଫ ଦି ସିରିଜ୍ ସୁନୀଲ ରାଉତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ କଟକ ବାରବାଟୀ ବିଧାୟକ ଇଂ. ମହମ୍ମଦ ମୋକିମ, ସମ୍ମାନିତ ଅତିଥି ଭାବେ କଟକ ସଦର ଥାନା ଆଇଆଇସି ସୁଧାଂଶୁ ଭୂଷଣ ଜେନା, ଅଭିମନ୍ୟୁ ଦାସ, ନୀଳାଦ୍ରି ସାହୁ ଉପସ୍ଥିତ ରହି ଖେଳାଳିମାନଙ୍କୁ ପୁରସ୍କାର ବିତରଣ ସହ ଉତ୍ସାହିତ କରିଥିଲେ। ଶୁଭଜିତ କ୍ରିକେଟ କ୍ଲବ ସଭାପତି ପ୍ରଣବ ସେନାପତି, ପ୍ରଭାତ ସେନାପତି, ବଚନ ସ୍ୱାଇଁ, ବ୍ରଜବନ୍ଧୁ ଜେନା ପ୍ରମୁଖ ସଦସ୍ୟ ଖେଳକୁ ପରିଚାଳନା କରିଥିଲେ।

## ଇଷ୍ଟ ରୋଟାରୀ ଦ୍ୱାରା ଶ୍ରେଷ୍ଠ ବୃତ୍ତି ସମ୍ମାନ

**କଟକ ଅଫିସ, ୭।୨**

କଟକ ଇଷ୍ଟ ରୋଟାରୀ କ୍ଲବ ପକ୍ଷରୁ ବିଭିନ୍ନ କର୍ମ କ୍ଷେତ୍ରରେ ଶ୍ରେଷ୍ଠତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସୋମବାର ମାନପତ୍ର ଓ ସାର୍ଟିଫିକେଟ୍ ଦେଇ ସମ୍ମାନିତ କରାଯାଇଛି। କଲେଜ ଛକସ୍ଥିତ ଏକ ହୋଟେଲରେ ଆୟୋଜିତ ସାଧାରଣ ସଭାରେ ଡିଷ୍ଟ୍ରିକ୍ଟ ଗଭର୍ନର ଶାନ୍ତନୁ କୁମାର ପାଣି ଏମାନଙ୍କୁ ସମ୍ମାନିତ କରିଛନ୍ତି। ଶ୍ରେଷ୍ଠ ଝାଡୁଦାର ଭାବେ ବାସନ୍ତୀ ନାୟକ, ଶ୍ରେଷ୍ଠ ପୋଷ୍ଟମ୍ୟାନ ଭାବେ ମାଇସା ବେଶ୍ରା, ଶ୍ରେଷ୍ଠ ଟ୍ରାଫିକ ପୋଲିସ ଭାବେ ମାଳବିକା ଦାସଙ୍କୁ କ୍ଲବର ସଭାପତି ଇଂ. ସୁବୋଧ ରାଉତରାୟ ମଞ୍ଚକୁ ନିମନ୍ତ୍ରଣ କରି ସମ୍ମାନିତ କରିଥିଲେ। ସେହିପରି କଟକର ଦହିବରା ଆଳୁଦମ୍ ବ୍ୟବସାୟୀ ରଘୁନାଥ ସାସମଲଙ୍କୁ ଜୀବନବ୍ୟାପୀ ସାଧନା ଓ ବୃତ୍ତିଗତ ଶ୍ରେଷ୍ଠତା ପାଇଁ କ୍ଲବର ପୂର୍ବତନ ସେକ୍ରେଟାରୀ ବିଜୟ ପୁହାଣ ମାନପତ୍ର ପଠନ କରିବା ସହ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ପାଣି ଏହାକୁ ପ୍ରଦାନ କରିଥିଲେ। ଅନାଥ ଆଶ୍ରମର ୬ଜଣ ଝିଅଙ୍କୁ ପାଠପଢ଼ାରେ ସହାୟତା କରୁଥିବା, ୬ଜଣ ରୋଟାରିଆନ ବିପିନ ବିହାରୀ ମହାନ୍ତି, ବିଜୟ ପୁହାଣ, ଲକ୍ଷ୍ମୀନାରାୟଣ ପାଢ଼ୀ, ପ୍ରସନ୍ନ ସାହୁ, ଦିଲୀପ ସାହୁ ଓ ରୋଟାରିଆନ ନିର୍ମଳେନ୍ଦୁ ଗୁପ୍ତାଙ୍କୁ ପାଣି ରୋଟାରୀ ସେବା ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହି ସଭାରେ ଇଂ ଆଲୋକ ରଞ୍ଜନ ମହାନ୍ତି, ଡା. ଅଭିଳାଷ ଦାଶ, ଶିଶିର ସାମଲ, ଡା. ସୋନ ପଟ୍ଟନାୟକ ଓ ବିଶ୍ୱଜିତ୍ ନାୟକ କ୍ଲବର ନୂତନ ସଭ୍ୟ ପଦ ଗ୍ରହଣ କରିଥିଲେ। ସଭାରେ ଆସିଷ୍ଟାଣ୍ଟ ଗଭର୍ନର ବିଶ୍ୱରଞ୍ଜନ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଅମ୍ରିତ ରାଜ ସିଂହ, ସୁଶାନ୍ତ ପଣ୍ଡା, ପ୍ରଭାକର ବଡ଼ିଆ, ଜ୍ୟୋତି ରଞ୍ଜନ ଶତପଥୀ ଓ ଶତ୍ରୁଘ୍ନ ନାୟକଙ୍କ ସମେତ କଟକ ଓ ଭୁବନେଶ୍ୱରର ବିଶିଷ୍ଟ ରୋଟାରିଆନ ଏହି ସଭାରେ ଉପସ୍ଥିତ ଥିଲେ।

### ‘ଯୁବକ, ମହିଳା ଆଗକୁ ଆସି କାର୍ଯ୍ୟ କରନ୍ତୁ’

**କଟକ ଅଫିସ, ୭।୨**

କଟକ ନଗର ୫୭ନମ୍ବର ୱାର୍ଡ କଂଗ୍ରେସ କମିଟି ପକ୍ଷରୁ ଗୋପାଳପୁରଠାରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ୫୭ ନମ୍ବର ୱାର୍ଡ ଅଞ୍ଚଳରେ କଂଗ୍ରେସ ଦଳର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଯୁବକ ଓ ମହିଳାମାନେ ଆଗକୁ ଆସିବାକୁ କହିଥିଲେ। ଏଥିସହିତ ରାସ୍ତାଘାଟ, ପାନୀୟ ଜଳ ଯୋଗାଣ, ଆଲୋକ, ଡ୍ରେନେଜ, ପରିମଳ, ମଶା ନିରାକରଣ ପ୍ରଭୃତି ମୌଳିକ ସେବା ଲୋକଙ୍କୁ ଯୋଗାଇଦେବା ପାଇଁ କାର୍ଯ୍ୟ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ୱାର୍ଡ କଂଗ୍ରେସ କମିଟି ସଭାପତି ପ୍ରତାପ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମ୍ମିଳନୀରେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ଯୋଗଦେଇ ଦଳୀୟ ସଙ୍ଗଠନ ଓ ଆଗାମୀ ପୌର ନିର୍ବାଚନ ସମ୍ପର୍କରେ କର୍ମୀମାନଙ୍କୁ ଅବଗତ କରାଇଥିଲେ। ଆଇନଜୀବୀ ଅନ୍ନପୂର୍ଣ୍ଣା ସାହୁ, ଅନିଲ କୁମାର ବେଉରା, ସନାତନ ମହାରଣା, ବିଜୟ ମଲ୍ଲିକ, ବିନୟ ଲେଙ୍କା, କେଦାର ସାମଲ, ମନମୋହନ ସାମଲ, ରାମଚନ୍ଦ୍ର ରାଣା, ଅଶ୍ୱିନୀ ଲେଙ୍କା ଏବଂ ଚକ୍ରଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସାରଳା ଦାସଙ୍କ ମହାଭାରତ ଅନନ୍ୟ କୃତି



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**କଟକ ଅଫିସ, ୭।୨**

ଆଦିକବି ସାରଳା ଦାସଙ୍କ ମହାଭାରତ ବିଶ୍ୱ ସାହିତ୍ୟରେ ଅନନ୍ୟ କୃତି। ସେହିପରି ସାରଳାଙ୍କ ମହାଭାରତର ଚରିତ୍ରଗୁଡ଼ିକ ପଞ୍ଚଦଶ ଶତକର ଉତ୍କଳୀୟ ସମାଜରୁ ଆନୀତ ବୋଲି ସୋମବାର କଟକ ସାରଳା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ପୂର୍ବତନ ବିଚାରପତି ଡ. ମଦନ ମୋହନ ଦାସ ଯୋଗଦେଇ କହିଛନ୍ତି। ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆଦିକବି ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଛି। ସଂସଦର ପ୍ରତିଷ୍ଠାତା ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ପ୍ରସନ୍ନ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାରଳାଙ୍କ ରାମାୟଣ, ମହାଭାରତ ଓ ଚଣ୍ଡୀପୁରାଣ ଓଡ଼ିଆ ଜାତିର ଅମୂଲ୍ୟ ସମ୍ପଦ ବୋଲି କହିଥିଲେ। ପ୍ରାରମ୍ଭରେ ଅତିଥିମାନେ ସାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ, ପ୍ରଫେସର ଡା. ନିମାଇଁ ଚରଣ ପରିଡ଼ା, ଶିକ୍ଷାବିତ କୈଳାସ ଚନ୍ଦ୍ର ବରାଳ, ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ, ଲକ୍ଷ୍ମୀପ୍ରକାଶ ମହାପାତ୍ର, ବିଭୁ ପ୍ରସାଦ ରାଉତ ପ୍ରମୁଖ ଯୋଗଦେଇଥିଲେ।

## କନକ ଦୁର୍ଗାଙ୍କ ପୀଠକୁ ଗଳାପୋଲ ଦାବି

**ଖୁଣ୍ଟୁଣୀ,୭।୨(ଡି.ଏନ୍.ଏ.)**

ଖୁଣ୍ଟୁଣୀର ୬ ଶହ ବର୍ଷରୁ ଉର୍ଦ୍ଧ୍ୱ ହେବ ପ୍ରସିଦ୍ଧ ଗ୍ରାମଦେବତୀଙ୍କ ପୀଠକୁ ଯିବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏକ ଗଳା ପୋଲ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ଜୋର ଧରିଛି। କାରଣ ୧୦ ହଜାରରୁ ଅଧିକ ଲୋକ ସଂଖ୍ୟା ଥିବା ଖୁଣ୍ଟୁଣୀର ଏହି ଆରାଧ୍ୟ ମା' କନକ ଦୁର୍ଗାଙ୍କ ପୀଠକୁ ଯିବାକୁ ଏକ ମାତ୍ର ଗ୍ରାମର ମୁଖ୍ୟ ରାସ୍ତା ଉପରେ ଏବେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ୪ ଲେନ୍ ରାସ୍ତା ନିମନ୍ତେ ବ୍ଲକେଜ ଓଭର ବ୍ରିଜ କାର୍ଯ୍ୟ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି ବ୍ଲକେଜ ଓଭର ବ୍ରିଜ୍ ହେଲେ ଗ୍ରାମର ଲୋକେ ବିଶେଷ କରି ବିବାହ ବ୍ରତରେ ଦିଅଁ ମଙ୍ଗୁଳା, ପାଣି ତୋଳା, ଓ ମାସରେ ଅନେକ ଦିନ ମା'ଙ୍କ ପୂଜାର୍ଚ୍ଚନା କରିବାକୁ ମହିଳାମାନେ ପ୍ରାୟ ଅଧ କିଲୋମିଟର ରାସ୍ତା ବୁଲି ବସ ଷ୍ଟାଣ୍ଡ ଛକଠାରୁ ପୀଠକୁ ଯିବେ। ଏହାବ୍ୟତୀତ ବର୍ଷରେ ବିଭିନ୍ନ ପର୍ବ ଦୋଳ ଯାତ୍ରା, କାର୍ତ୍ତିକ ମହୋତ୍ସବ, ଅଶୋକାଷ୍ଟମୀ ଯାତ୍ରା ସାଙ୍ଗକୁ ଦୈନିକ ପରିବା ଓ ମାଛ ମାର୍କେଟ ହେଉଥିବା ଯାତ୍ରା ପଡ଼ିଆକୁ ଗ୍ରାମର ଲୋକେ ଯିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବେ। ଏହାକୁ ଦୃଷ୍ଟିରେ ରଖି ଗତ ୪ ବର୍ଷ ତଳେ ଖୁଣ୍ଟୁଣୀ କଲେଜ ପରିସରରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ହୋଇଥିବା ଜନ ଶୁଣାଣି ବେଳେ ସ୍ଥାନୀୟ ଖବରଦାତା ମା'ଙ୍କ ପୀଠକୁ ଯିବାକୁ ଏକ ଗଳା ପୋଲର ଆବଶ୍ୟକତା ବିଷୟରେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଏହାକୁ ବୋଧେ କର୍ତ୍ତୃପକ୍ଷ ଜାଣିଶୁଣି ଗୁରୁତ୍ୱ ଦେଇ ନାହାନ୍ତି ନା ଭୁଲରେ ଏହି ଗଳା ପୋଲକୁ ତାଙ୍କ ମ୍ୟାପରୁ ବାଦ୍ ଦେଇଛନ୍ତି ତାହା ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ବିଷୟରେ ସ୍ଥାନୀୟ ଏମ୍‌ପି ଓ ଏମଏଲ୍‌ଏ ମଧ୍ୟ ଅବଗତ ଅଛନ୍ତି। ଏବେ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ କନକ ଦୁର୍ଗାଙ୍କ ମନ୍ଦିର ପାର୍ଶ୍ୱ ରାସ୍ତାରୁ ଗ୍ରାମ ମଧ୍ୟକୁ ଯାଇଥିବା ରାସ୍ତାକୁ ବ୍ଲକେଜ ଓଭର ବ୍ରିଜ ତଳେ ଏକ ଗଳା ପୋଲ କରାଗଲେ ୧୦ହଜାର ଗ୍ରାମବାସୀ ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ ବୋଲି ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମ୍ୟ କମିଟି ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ଦିଲୀପ କୁମାର ଶେଠ, କୈଳାସ ଚନ୍ଦ୍ର ଦାସ, ବିପିନି ବିହାରୀ ପ୍ରଧାନ, କିଶୋର ସାମନ୍ତରାୟ, ରଜନୀକାନ୍ତ ଜେନା ଓ ଯୁବ ନେତା ନୃସିଂହ ଚରଣ ସାହୁ ପ୍ରମୁଖ ଦାବି କରିଛନ୍ତି। ଖୁଣ୍ଟୁଣୀ- ରମ୍ଭେଇ ଗ୍ରାମ କମିଟି ପକ୍ଷରୁ ଏ ନେଇ ଏକ ଦାବିପତ୍ର ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି।

### ବୈଦ୍ୟୁତିକ ଯାନର ଆବଶ୍ୟକତା ଉପରେ ଗୁରୁତ୍ୱ

**କଟକ ଅଫିସ, ୭।୨**

ଭାରତୀୟ ଶକ୍ତି କଂଗ୍ରେସ ପକ୍ଷରୁ ବୈଦ୍ୟୁତିକ ଯାନ ପାଇଁ ବିଦ୍ୟୁତ୍ ବଣ୍ଟନ କମ୍ପାନୀଙ୍କ ପ୍ରସ୍ତୁତି ଶୀର୍ଷକ ଆଲୋଚନାଚକ୍ର ଅନ୍‌ଲାଇନ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଇଂ. ମଧୁସୂଦନ ପାଢ଼ୀ ଉକ୍ତ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ରାଜେନ୍ଦ୍ର ପ୍ରସାଦ ମହାନ୍ତି ଯୋଗଦେଇ ସାମ୍ପ୍ରତିକ ସମୟରେ ବୈଦ୍ୟୁତିକ ଯାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମର ବୈଷୟିକ ନିର୍ଦ୍ଦେଶକ ଇଂ. ଆଶିଷ କୁମାର ମହାନ୍ତି ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଡ. ପ୍ରଭାକର ସ୍ୱାଇଁ ଅଧକ୍ଷତା କରିଥିଲେ। ଟାଟା ପାୱାରର ମୁଖ୍ୟନିର୍ବାହୀ ଇଂ ଶେନବାଗମ ମନ୍ଥିରାମ, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗର ସଚିବ ଡ. ପ୍ରିୟବ୍ରତ ପଟ୍ଟନାୟକ ଏବଂ ବେଙ୍ଗାଲୁରୁସ୍ଥିତ ପିଆର୍‌ଡିସିର ଜେନେରାଲ ମ୍ୟାନେଜର ଡ. ସି.ଆର୍. ଆଟଲା ବୈଦ୍ୟୁତିକ ଯାନ ପାଇଁ ବିଦ୍ୟୁତ୍ ବଣ୍ଟନ କମ୍ପାନୀଙ୍କ ପ୍ରସ୍ତୁତି ସମ୍ପର୍କରେ କହିଥିଲେ। ଅନୁଷ୍ଠାନର ମହାସଚିବ ପ୍ରଫେସର ପ୍ରଭାତ କୁମାର ପାଢ଼ୀ ସ୍ୱାଗତ ଭାଷଣ ଓ ସଚିବ ଇଂ. ଶିଶିର କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ନ୍ୟାୟ ଦାବିରେ ସିଏମ୍‌ସି ସମ୍ମୁଖରେ ବିକ୍ଷୋଭ

### ସରକାରୀ ଘର ଭଡ଼ା ଦେବା ମାମଲା

**କଟକ ଅଫିସ, ୭।୨**

ଅନ୍ଦରପୁର ଅଞ୍ଚଳରେ ବସ୍ତି ଓ ଉନ୍ନୟନ ଆବାସ ଯୋଜନାରେ ଘର ଯୋଗାଇଦେବା ନାମରେ ଠକାମିର ଶିକାର ହୋଇଥିବା ଲୋକମାନେ ସୋମବାର ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଉକ୍ତ କ୍ୱାର୍ଟର୍ସରେ ଥିବା ଘରଗୁଡ଼ିକ ପଡ଼ିଥିବା ତାଲା ଚାବି ରାଜା କରଣଙ୍କ ପାଖକୁ ଆସିଲା କିପରି, ନୋଟାରୀ ସମ୍ପୃକ୍ତି ନେଇ ଠିକ ତଦନ୍ତ କରିବା ସହ ଯେଉଁ ପର୍ଯ୍ୟନ୍ତ ବାସିବାସିନ୍ଦାଙ୍କ କୌଣସି ସୁବିଧା ହୋଇ ନାହିଁ କି କେସର ସମାପ୍ତି ହୋଇନାହିଁ ସେପର୍ଯ୍ୟନ୍ତ ସେମାନଙ୍କୁ ସେଠାରେ ରହିବାକୁ ଅନୁମତି ପ୍ରଦାନ କରାଯାଉ, ଏହାପରେ ସେମାନଙ୍କ ପାଇଁ ସିଏମ୍‌ସି ପକ୍ଷରୁ ଥଇଥାନ ବ୍ୟବସ୍ଥା କରାଯାଉ ଏବଂ ଏଥିରେ ସମ୍ପୃକ୍ତ ଥିବା ସମସ୍ତ ବ୍ୟକ୍ତିଙ୍କୁ ଦଣ୍ଡ ପ୍ରଦାନ କରାଯାଉ ବୋଲି ବସ୍ତିବାସିନ୍ଦା ଦାବି କରିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ନେଇ କଟକ ନଗର ଜିଲା କଂଗ୍ରେସ କମିଟି କର୍ମକର୍ତ୍ତାମାନେ ସୋମବାର ସିଏମ୍‌ସି ଯୁଗ୍ମ କମିଶନର ସୁମିତା ସରକାରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ ପାଇଁ ଦାବି କରିଛନ୍ତି। ନହେଲେ ବ୍ୟାପକ ଗଣ ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି।



ଅନ୍ଦରପୁର ଅଞ୍ଚଳର ବାସିନ୍ଦା ସିଏମ୍‌ସି କମିଶନରଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

### ରାଜା ଏସ୍‌ସିବିରେ ଭର୍ତ୍ତି

ଅପରପକ୍ଷେ ଏହି ମାମଲାରେ ଗିରଫ ହୋଇଥିବା ରାଜା କରଣଙ୍କୁ ୩ଦିନରେ ରିମାଣ୍ଡରେ ଆଣି ଅଧିକ ପଚରାଉଚରା ଜାରି ରଖିଛି ପୋଲିସ। ସୋମବାର ରାଜାଙ୍କ ଛାତିରେ ଯନ୍ତ୍ରଣା ହେବା କାରଣରୁ ଏସ୍‌ସିବିରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି ବୋଲି ଅମରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ସୂଚନାଥାଉ କି ଏପର୍ଯ୍ୟନ୍ତ ରାଜା ନାଁରେ ୪ଟି ମାମଲା ରୁଜୁ ହୋଇଛି।

## ନିର୍ବାଚନ ପାଇଁ ଆସିଥିବା ୮୪୦ ଚୌକି ଜବତ

କଣାସ,(ସ୍ୱ.ପ୍ର)- ନିର୍ବାଚନରେ ବଣ୍ଟା ହେବାକୁ ଆସିଥିବା ୮୪୦ଟି ଚୌକିକୁ ଗଡିଶାଗୋଦା ଥାନା ପୋଲିସ ଜବତ କରିଛି। ଖବରରୁ ପ୍ରକାଶ ଯେ, କଣାସ ବ୍ଲକ ଅଧୀନ ଚୁପୁରିଙ୍ଗ ଗାଁ ରାସ୍ତାକଡରେ ବହୁତଗୁଡାଏ ଚୌକି ରହିଥିଲା। ସେଗୁଡ଼ିକୁ ଉପରେ ବଡ଼ ପଲିଥିନ ଢଙ୍କାଯାଇ ରଖାଯାଇଥିଲା। ଏତେଗୁଡ଼ାଏ ଚୌକି ରାସ୍ତାକଡ଼ରେ ଥିବା ଦେଖି ସନ୍ଦେହରେ ଲୋକେ ପୋଲିସକୁ ଜଣାଇଥିଲେ। ଥାନା ଆଇଆଇସି ଟିମ୍ ସହ ସେଠାରେ ପହଞ୍ଚି ପଚାରି ବୁଝିବାରୁ ସେ ଚୌକିଗୁଡ଼ିକ ନିର୍ବାଚନରେ ବଣ୍ଟା ହେବାକୁ ଆସିଥିବା ଜାଣିଥିଲେ। କିନ୍ତୁ ଏହି ଚୌକିର କେହି ଦାବିଦାର ନ ଥିବାରୁ ପୋଲିସ ପ୍ରାୟ ୮୪୦ଟି ଚୌକିକୁ ଜବତ କରି ଥାନାକୁ ନେଇଥିଲା।



## ସଂକ୍ଷେପରେ

### ଗଣଶିକ୍ଷା ମନ୍ତ୍ରୀଙ୍କ ମାରାଥନ ପ୍ରଚାର

ଗୋପ,୭।୨(ଡି.ଏନ୍.ଏ.)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ, ଗାଁ ସରକାରଙ୍କ ବିକାଶମୂଳକ ସମସ୍ତ ଯୋଜନା ଲୋକଙ୍କୁ ଅବଗତ କରାଇବା ସହ ଆମ ସାଙ୍ଗରେ ସାଧାରଣ ଲୋକେ ଅଛନ୍ତି ବୋଲି ସୋମବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ବିଭିନ୍ନ ପଞ୍ଚାୟତରେ ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ବିଜୟୀ କରାଇବା ନେଇ ମନ୍ତ୍ରୀ ବୁଲୁଥିବାବେଳେ ଆମ ଦଳ ଗୋଟାଏ ନୁହେଁ ଦୁଇଟା ବ୍ଲକ ଆମ ଦଖଲକୁ ନେବୁ ବୋଲି କହିଛନ୍ତି। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଗୋପ ବ୍ଲକର ୧୪ଟି ପଞ୍ଚାୟତ ନିମାପଡ଼ା ନିର୍ବାଚନମଣ୍ଡଳୀରେ ରହିଥିବାବେଳେ ଗଣଶିକ୍ଷାମନ୍ତ୍ରୀ ସୋମବାର ଗୋପ, ବଡତରା, ବେଦପୁର, ପୟରା ପଞ୍ଚାୟତରେ ଏକ ମାରାଥନ ପ୍ରଚାର କରିବା ସହିତ ନବୀନ ପଟ୍ଟନାୟକ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଗାଁ ଦାଣ୍ଡରେ ସୂଚନା ଦେଇଥିଲେ। ମନ୍ତ୍ରୀ ପଞ୍ଚାୟତର ଦଳ ସମର୍ଥିତ ପ୍ରାର୍ଥୀ, ପ୍ରାର୍ଥିନୀମାନଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ପ୍ରଚାରରେ ବୈଲୋଚନ ସାହୁ, ପୂର୍ଣେଶ କୁମାର ସେନାପତି, ପ୍ରମୋଦ ସ୍ୱାଇଁ, ପ୍ରଦୀପ୍ତ ସ୍ୱାଇଁ, ମିଳନ ମହାନ୍ତି, କୁନା ଦାସ, ମିଟୁ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଚାରରେ ପୂର୍ବତନ ମନ୍ତ୍ରୀ ସୁର ନାୟକଙ୍କ ବୋହୂ

ଅସ୍ତରଙ୍ଗ, ୭।୨(ଡି.ଏନ୍.ଏ.)- ପଞ୍ଚାୟତ ନିର୍ବାଚନ ପାଇଁ ଅସ୍ତରଙ୍ଗ ବ୍ଲକରେ ସମିତି ସଭ୍ୟା ପ୍ରାର୍ଥିନୀ ଭାବେ ପୂର୍ବତନ ମନ୍ତ୍ରୀ ସୁର ନାୟକଙ୍କ ବୋହୂ ନିବେଦିତା ନାୟକ ଆଳଙ୍ଗପୁର ପଞ୍ଚାୟତରେ ପ୍ରଚାର ଆରମ୍ଭ କରିଛନ୍ତି। ପ୍ରଚାରରେ ବିଜେଡି ଜିଲା ପରିଷଦ ସଭ୍ୟା ବନିତା ବେହେରା, ସରପଞ୍ଚ ପ୍ରାର୍ଥିନୀ ଶକୁନ୍ତଳା ସ୍ୱାଇଁ ଓ ବିଭିନ୍ନ ୱାର୍ଡର ପ୍ରାର୍ଥୀମାନଙ୍କ ସହ ବିଜେଡି ରାଜ୍ୟ ପରିଷଦ ସଭ୍ୟ ସ୍ୱାଧୀନ କୁମାର ନାୟକ ସାମିଲ ଥିଲେ। ନିବେଦିତା ଘର ଘର ବୁଲି ଲୋକଙ୍କୁ ଭୋଟ ଭିକ୍ଷା କରୁଥିବା ବେଳେ ବୃଦ୍ଧାବୃଦ୍ଧମାନେ ଆଶୀର୍ବାଦ ଦେଉଥିବା ଦେଖିବାକୁ ମିଳିଥିଲା। ଆଗାମୀ ଦିନରେ ଆଳଙ୍ଗପୁର ପଞ୍ଚାୟତ ସମେତ ଅସ୍ତରଙ୍ଗ ବ୍ଲକ ଅଞ୍ଚଳକୁ ଏକ ବିକାଶମୂଳକ ଅଞ୍ଚଳ ଭାବେ ପରିଗଣିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ନିବେଦିତା କହିଥିଲେ। ଅପରପକ୍ଷେ କଂଗ୍ରେସ ଓ ଭାଜପା ମେଣ୍ଟ ପକ୍ଷରୁ ମଧ ପ୍ରାର୍ଥିନୀମାନେ ପ୍ରଚାର କରିଥିଲେ।

### ପୋଲିଂ ଅଧିକାରୀଙ୍କୁ ତାଲିମ

କଣାସ,୭।୨(ସ୍ୱ.ପ୍ର)- ପଞ୍ଚାୟତ ନିର୍ବାଚନ ପରିଚାଳନା ପାଇଁ କଣାସ ମହାବିଦ୍ୟାଳୟ ପରିସରରେ ଏକ ତାଲିମ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କଣାସ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଲୋଚନ ଦାସ, ଅତିରିକ୍ତ ବିଡିଓ ମଙ୍ଗଲ ସିଂ ହେମ୍ବ୍ରମ୍, ସହକାରୀ ଯନ୍ତ୍ରୀ ଚନ୍ଦ୍ରମଣି ଖଟେଇ, ତହସିଲଦାର ଲକ୍ଷ୍ମୀଧର ମହାରଣା, ଅତିରିକ୍ତ ତହସିଲଦାର ସହଦେବ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ, ଦ୍ୱିତୀୟ ପୋଲିଂ ଅଧିକାରୀ କିପରି ଭୋଟ ପରିଚାଳନା କରିବେ ଏବଂ ଅନ୍ୟ ଅଧିକାରୀମାନେ କିପରି ସହଯୋଗ କରିବେ ସେ ନେଇ ତାଲିମ ପ୍ରଦାନ କରିଥିଲେ। ଶିବିରରେ ୨୦୦ ଶିକ୍ଷକ, ସରକାରୀ କର୍ମଚାରୀମାନେ ତାଲିମ ନେଇଥିଲେ।

### ଲତା ମଙ୍ଗେସ୍କରଙ୍କ ପାଇଁ ସମୂହ ଦୀପଦାନ

ପୁରୀ ଅଫିସ, ୭।୨: ସ୍ୱର ସମ୍ରାଜ୍ଞୀ ତଥା ଭାରତ ରତ୍ନ ଲତା ମଙ୍ଗେସ୍କରଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ସୋମବାର ହାପିନେସ୍ ଫାଉଣ୍ଡେଶନ୍ ପକ୍ଷରୁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରାଯିବା ସହ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ସମୂହ ଦୀପଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ, ସଂଯୋଜକ ଜଗନ୍ନାଥ ପ୍ରଧାନ, ରାକେଶ କୁମାର ପରିଡ଼ା, ସୌମ୍ୟ ରଞ୍ଜନ ସାହୁ, ଆଲୋକ ବିଶ୍ୱାସ, ସତ୍ୟ ପ୍ରକାଶ ବାରିକ, ବିଶ୍ୱଜିତ୍ ନାୟକ, ଯଯାତି କେଶରୀ ନାୟକ, ସୌମ୍ୟ ରଞ୍ଜନ ବସ୍ତିଆ, ଦୀପକ ପାତ୍ର, ଅମିତ୍ କୁମାର ନାୟକ, ଶମ୍ଭୁ ମହାନ୍ତି, ସୁଶୀଲ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

### ମାର୍କଣ୍ଡେୟ ପୁଷ୍କରିଣୀରେ ତୀର୍ଥ ଆଳତି

ପୁରୀ ଅଫିସ, ୭।୨: ମାର୍କଣ୍ଡେୟ ପୁଷ୍କରିଣୀରେ ସୋମବାର ସନ୍ଧ୍ୟାରେ ତୀର୍ଥ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଥୀ ସଂଘ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହା ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ମାର୍କଣ୍ଡେୟ ମହାଦେବଙ୍କ ସେବକ ଏବଂ ବିଭିନ୍ନ ମଠର ମଠାଧୀଶଙ୍କ ପକ୍ଷରୁ ଆଳତି କାର୍ଯ୍ୟ କରାଯାଇଥିଲା। ପରେ କ୍ଲବ ସଭାପତି ମନୋରଞ୍ଜନ ପାଳ ଏବଂ ସମ୍ପାଦକ ବାପିନା ଶତପଥୀଙ୍କ ତତ୍ତ୍ୱାବଧାନରେ ଭଜନ ସମାରୋହ ହୋଇଥିଲା। ପୂର୍ବତନ ପୌର ସଦସ୍ୟ ଭକ୍ତଚରଣ ଦାସ, ଜଗନ୍ନାଥ ଗୋଛିକାର, କୋଷାଧ୍ୟକ୍ଷ ବୀର କିଶୋର ବେହେରା,ବିନାୟକ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍କୁଲ ଆସି ଛାତ୍ରୀଛାତ୍ର ଉତ୍ସାହିତ

ପୁରୀ ଅଫିସ, ୭।୨:

**ଦୀର୍ଘଦିନର ବ୍ୟବଧାନ ପରେ ସୋମବାର ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ନିମନ୍ତେ ବିଦ୍ୟାଳୟ ଖୋଲିଛି। କୋଭିଡ କଟକଣା ପାଳନ କରି ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସିଥିଲେ। ସେମାନଙ୍କ ମୁହଁରେ ହସ ରହିଥିବାବେଳେ ପାଠ ପ୍ରତି ଉତ୍ସାହ ଦେଖିବାକୁ ମିଳିଥିଲା।**



### ସ୍କୁଲ ଖୋଲିଥିବାରୁ ଖୁସି ଲାଗୁଛି



ସ୍କୁଲ ଖୋଲିଥିବାରୁ ଖୁସି ଲାଗୁଛି। ଅନ୍‌ଲାଇନ ପଢା ବେଳେ ପାଠ ବୁଝିବା ଓ ସଂଶୟ ଦୂର କରିବାରେ ସମସ୍ୟା ଉପୁଜୁଥିଲା। ତେବେ ଏବେ ବିଦ୍ୟାଳୟରେ ସେସବୁ ସମସ୍ୟା ଦୂର ହେବ। ସେହିପରି ସାଙ୍ଗସାଥିଙ୍କୁ ଭେଟିପାରିବୁ। ସ୍କୁଲରେ ପ୍ରବେଶ କରିବା ପୂର୍ବରୁ ଶିକ୍ଷୟିତ୍ରୀ ଶିକ୍ଷକ ଆମ ହାତ ସାନିଟାଇଜ କରାଇଥିଲେ। ମାସ୍କ ପିନ୍ଧି ସାମାଜିକ ଦୂରତା ରଖି ଶ୍ରେଣୀଗୃହରେ ବସିଥିଲୁ।

**–ଲକ୍ଷ୍ମୀପ୍ରିୟା ତ୍ରିପାଠୀ, ନବମ ଶ୍ରେଣୀ, ପୁରୀ ଜିଲା ସ୍କୁଲ।**

### ଶ୍ରେଣୀଗୃହ ପାଠପଢ଼ା ପାଇଁ ଉତ୍ସାହିତ



ସ୍କୁଲ ଆସି ସାଙ୍ଗସାଥିଙ୍କୁ ପାଖରେ ପାଇ ଖୁସି ଲାଗୁଛି। ଶ୍ରେଣୀଗୃହରେ ବସି ପାଠପଢା ହେବାରୁ ଅନେକ କଥା ପଚାରି ଦ୍ୱନ୍ଦ୍ୱ ଦୂର କଲୁ। କୋଭିଡ୍ ଗାଇଡ୍ ଲାଇନ ପାଳନ ସହ ପୂର୍ବାହ୍ନ ୧୦ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପାଠପଢା ହୋଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକମାନେ ଆମକୁ ଉତ୍ସାହିତ କରିଥିଲେ।

**– ପ୍ରିୟାଂଶୀ ପ୍ରିୟଦର୍ଶିନୀ, ଅଷ୍ଟମ ଶ୍ରେଣୀ, ପୁରୀ ଜିଲା ସ୍କୁଲ**

### ଆଉ କୋଭିଡ୍ ନ ଆସୁ, ସ୍କୁଲ ବନ୍ଦ ନ ହେଉ



ପ୍ରାୟ ୧ ମାସର ବ୍ୟବଧାନ ପରେ ସ୍କୁଲ ଆସି ବହୁତ ଖୁସି ଲାଗୁଛି। ମୁହଁରେ ମାସ୍କ ପିନ୍ଧି ସ୍କୁଲ ଗେଟ୍ ନିକଟରେ ପହଞ୍ଚି ହାତ ସାନିଟାଇଜ କରିଥିଲୁ। ପରେ ସାମାଜିକ ଦୂରତା ରକ୍ଷାକରି ଶ୍ରେଣୀଗୃହରେ ପାଠପଢିଥିଲୁ। ଶ୍ରେଣୀଗୃହ ପାଠପଢା ଦ୍ୱାରା ଆମେ ଖୁବ୍ ଉପକୃତ ହୋଇପାରିବୁ। କୋଭିଡ୍ ପାଇଁ ଅନେକ ସମୟରେ ସ୍କୁଲ ବନ୍ଦ ରହୁଛି। ତେଣୁ ଆଉ ଯେପରି କୋଭିଡ ନ ଆସିବ ଏବଂ ବିଦ୍ୟାଳୟ ବନ୍ଦ ନ ହେବ ସେଥିଲାଗି ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି।

**– ଏ. ଅଲ୍ଲୀ ଖାନ, ନବମ ଶ୍ରେଣୀ, ପୁରୀ ଜିଲା ସ୍କୁଲ**

### ପ୍ରଥମ ଦିନରେ ୬୦ ପ୍ରତିଶତ ପିଲା ଆସିଥିଲେ



ସରକାରଙ୍କ କୋଭିଡ୍ ନିୟମ ଅନୁପାଳନ କରି ଛାତ୍ରୀଛାତ୍ରଙ୍କ ନିମନ୍ତେ ସ୍କୁଲ ଖୋଲାଯାଇଛି। ପିଲାଙ୍କୁ ନିକଟରେ ପାଇ ବହୁତ ଖୁସି ଲାଗୁଛି। ପ୍ରଥମ ଦିନରେ ପ୍ରାୟ ୬୦ ପ୍ରତିଶତ ପିଲା ବିଦ୍ୟାଳୟକୁ ଆସିଛନ୍ତି। ଆଉ ଏକ ସପ୍ତାହ ମଧ୍ୟରେ ସମସ୍ତ ପିଲା ଆସିବେ ବୋଲି ଆଶା ରହିଛି। ବିଦ୍ୟାଳୟରେ ୫–ଟି ଅଧୀନରେ ଉନ୍ନତୀକରଣ କାର୍ଯ୍ୟ ଜାରି ରହିଥିବାରୁ ଦୁଇଟି ପର୍ଯ୍ୟାୟରେ ପାଠ ପଢାଯିବ।

**– ବନ୍ଦିତା ମିଶ୍ର, ଶିକ୍ଷୟିତ୍ରୀ**

### କୋଭିଡ୍ ଗାଇଡ୍‌ଲାଇନ ପାଳନ କରାଯାଉଛି



ସ୍କୁଲ ଖୋଲିଥିବାରୁ ପିଲାଙ୍କଠାରୁ ଆରମ୍ଭ କରି ଶିକ୍ଷୟତ୍ରୀ ଶିକ୍ଷକଙ୍କ ମନରେ ଆନନ୍ଦ ଓ ଉଲ୍ଲାସ ଦେଖିବାକୁ ମିଳିଛି। ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା କୋଭିଡ୍ ଗାଇଡ୍ ଲାଇନକୁ ଅନୁପାଳନ କରଯାଉଛି। ସ୍କୁଲ ଖୋଲିବା ପୂର୍ବରୁ ଅଫିସ, ଶ୍ରେଣୀଗୃହଗୁଡ଼ିକୁ ବିଶୋଧନ କରାଯାଇଥିଲା। ମାସ୍କ ପିନ୍ଧିବା, ହାତ ସାନିଟାଇଜ କରିବା ଓ ଶ୍ରେଣୀଗୃହରେ ସାମାଜିକ ଦୂରତା ରକ୍ଷା କରି ବସିବାକୁ ପିଲାଙ୍କୁ ପରାମର୍ଶ ଦିଆଯାଇଛି।

**– ମମତା ମିଶ୍ର, ଅତିରିକ୍ତ ଜିଲା ଶିକ୍ଷାଧିକାରୀ, ପୁରୀ।**

## ଭାଗବତ ଆମ ସଂସ୍କୃତି, ପରମ୍ପରାର ଅମୂଲ୍ୟ ଗ୍ରନ୍ଥ

ପୁରୀ ଅଫିସ, ୭।୨ :

ପବିତ୍ର ମାଘ ସପ୍ତମୀରେ ସୋମବାର ପୁରୀର ସାତଲହଡ଼ି ମଠ ସଭାକକ୍ଷରେ ମହାପୁରୁଷ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଏଥିରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଡ. ଉମେଶ ଚନ୍ଦ୍ର ଚିନ୍ନରା, ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତରାୟ, ଚକ୍ରଧର ମହାପାତ୍ର, ପ୍ରାଧାପିକା ବାସନ୍ତୀ ଦେବୀ, ବିଜୟଲକ୍ଷ୍ମୀ ଦାଶ, ଅଧ୍ୟାପିକା ଶୁଚିସ୍ମିତା ମହାନ୍ତି, ପ୍ରସନ୍ନ ମିଶ୍ର, କବି ମିନତୀ ମିଶ୍ର ପ୍ରମୁଖ ଯୋଗଦେଇ ଭାଗବତ ପାରାୟଣ ଏବଂ ଅତିବଡ଼ୀଙ୍କ ରଚିତ ତୁଳାଭିଣା ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ଅତିବଡ଼ୀ ନିଜ ମା'ଙ୍କ ପାଇଁ ରଚନା କରିଥିବା ଭାଗବତ ଆମ ସଂସ୍କୃତି ଓ ପରମ୍ପରାର ଏକ ଅମୂଲ୍ୟ ଗ୍ରନ୍ଥ ଭାବେ ପରିଗଣିତ ହୋଇପାରିଛି। ଏହି ଗ୍ରନ୍ଥ ଆମ ସମାଜର ହିନ୍ଦୁ ଧର୍ମାବଲମ୍ବୀଙ୍କ ଘରେ ପୂଜା ପାଉଛି ବୋଲି ଅତିଥିମାନେ କହିଥିଲେ। ପ୍ରାରମ୍ଭରେ ଥବିପିନ ବିହାରୀ ଦଳାଇ ସ୍ୱାଗତ ଜଣାଇଥିବା ବେଳେ ପ୍ରାଧାପିକା ବାସନ୍ତୀ ଦେବୀ ଭାଗବତ ପାରାୟଣ କରିଥିଲେ। ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ ଧନ୍ୟବାଦ ଦେଇଥିଲେ। ସେହିପରି ପୁରୀସ୍ଥିତ ସର୍ବମଙ୍ଗଳା ପାଠାଗାର ପରିସରରେ ଶ୍ରୀକ୍ଷେତ୍ର ଲେଖକ ସାନ୍ନିଖ୍ୟ ପକ୍ଷରୁ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ମହାପ୍ରୟାଣ ଦିବସ ପାଳନ କରାଯାଇଛି। ସଭାପତି ସଦାଶିବ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ କୃଷ୍ଣଚନ୍ଦ୍ର ରଥ ସ୍ୱାଗତ ଭାଷଣ ଦେଇଥିଲେ। ସୁରେଶ ପଟ୍ଟନାୟକ, ପଣ୍ଡିତ ଗଙ୍ଗାଧର ମିଶ୍ର, ଡ. କାର୍ତ୍ତିକ ଦାସ, ରବୀନ୍ଦ୍ର ନାଥ ପଟ୍ଟନାୟକ, ଅନାମ ଚନ୍ଦ୍ର ସାହୁ, ବିଜୟଲକ୍ଷ୍ମୀ ସାହୁ, ଅଶୋକ ମିଶ୍ର, ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଅତିବଡୀଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଶିବସୁନ୍ଦର ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଦୀନବନ୍ଧୁ ଦାଶ ଧନ୍ୟବାଦ ଦେଇଥିଲେ।

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଆନ୍ଧ୍ରରୁ ଅଭିଯୁକ୍ତ ଗିରଫ

ପୁରୀ ଅଫିସ, ୭।୨:

ବିବାହ ପାଇଁ ପ୍ରତିଶ୍ରୁତି ଦେଇ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଓ ପରେ ବିବାହ କରିବାକୁ ମନା କରିଦେବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ସୋମବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଥାନା ଅନ୍ତର୍ଗତ ପେଣ୍ଠକଟା ଆଡିରାଜୁ ବରଫର ଭାସିପିଲି ବାବାଜୀ (୨୬)। ଏ ନେଇ ପୋଲିସ କେସ୍ ନଂ. ୪/୨୨ ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତମାସ ୧୧ ତାରିଖରେ ଜଣେ ଯୁବତୀ ଥାନାରେ ଅଭିଯୋଗ କରିଥିଲେ ଯେ, ଭାସିପିଲି ତାଙ୍କୁ ଗତବର୍ଷ ଜୁଲାଇ ୨୯ରେ ଏକ ଗେଷ୍ଟ ହାଉସକୁ ନେଇ ତାଙ୍କ ଇଚ୍ଛା ବିରୋଧରେ ଶାରୀରିକ ସମ୍ପର୍କ ରଖିଥିଲେ। ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପରେ ମନା କରିଦେଇଥିଲେ। ଏ ନେଇ ପୋଲିସ ତଦନ୍ତ କରିଥିଲା। ଏକ ଟିମ୍ ଆନ୍ଧ୍ରପ୍ରଦେଶ ରାଜାୟା ପେଟା ବୁନି ଯାଇ ରବିବାର ଅଭିଯୁକ୍ତଙ୍କୁ ସେଠାରୁ ଗିରଫ କରି ପୁରୀ ଆଣିଥିଲେ।

# ପୋଲିଂ ପାର୍ଟି ରିପୋର୍ଟିଂ ସମୟକୁ ନେଇ ଅସନ୍ତୋଷ

ପୁରୀ ଅଫିସ, ୭।୨:

### ଜିଲାପାଳଙ୍କୁ ଭେଟିଲେ ଶିକ୍ଷକ ସଂଘ

ପଞ୍ଚାୟତ ନିର୍ବାଚନ ମତଦାନ ପାଇଁ ପୋଲିଂ ପାର୍ଟିଙ୍କୁ ଯଥେଷ୍ଟ ସମୟ ଦିଆଯାଇନାହିଁ। ନିର୍ବାଚନ ପୂର୍ବ ଦିନ ରାତ୍ରିରେ ପହଞ୍ଚି ଯୋଗଦାନ ଓ ପରଦିନ ସକାଳୁ ଭୋଟଗ୍ରହଣ କରିବା ସମ୍ଭବପର ନୁହେଁ। କାଗଜପତ୍ର ପ୍ରସ୍ତୁତି, ବୁଥ୍ ସଜ୍ଜୀକରଣ ଓ ଅନ୍ୟାନ୍ୟ କାର୍ଯ୍ୟ ରାତିରେ ସାରିବାକୁ ପଡ଼ିବ। ଫଳରେ ରାତିରେ ବିଶ୍ରାମ ନେବାକୁ ସମୟ ମିଳିବ ନାହିଁ। ସାଧାରଣତଃ ପୂର୍ବ ନିର୍ବାଚନ ମତଦାନ ବେଳେ ରିପୋର୍ଟିଂ ତାରିଖଠାରୁ ମତଦାନ ଦିନକୁ ମିଶାଇ ପୁଲିଂପାର୍ଟିଙ୍କୁ ତିନି ଦିନ ସମୟ ଦିଆଯାଇଥାଏ। ଯାହା ଫଳରେ ଏକଦମ ବ୍ୟବସ୍ଥିତ ଭାବେ ପୋଲିଂ ପାର୍ଟି କାର୍ଯ୍ୟ କରିପାରନ୍ତି। ମାତ୍ର ଚଳିତ ପଞ୍ଚାୟତ ନିର୍ବାଚନ ମତଦାନ ପାଇଁ ସମୟ ସୀମାକୁ ୨ ଦିନ କରାଯାଇଛି। ତେଣୁ ଯେଉଁ ଦିନ ପୋଲିଂ ପାର୍ଟି ମତଦାନ କେନ୍ଦ୍ରରେ ପହଞ୍ଚିବ ସେହି ଦିନ ହିଁ ପ୍ରସ୍ତୁତି ଶେଷ କରିବ। ସେହିଭଳି ନିର୍ବାଚନ କ୍ଷେତ୍ର ପୋଲିଂ ପାର୍ଟି ପାଇଁ ଅଜଣା ହୋଇଥିବାରୁ ବିଭିନ୍ନ ପ୍ରକାର ପ୍ରସ୍ତୁତିରେ ସମୟ ଲାଗିଥାଏ। ଏଣୁ ପୋଲିଂ ପାର୍ଟିର ଡ୍ୟୁଟି ରିପୋର୍ଟ ତାରିଖକୁ ଆଉ ଗୋଟିଏ ଦିନ ପୂର୍ବରୁ ଧାର୍ଯ୍ୟ କରାଯାଉ ବୋଲି ପୁରୀ ଜିଲା ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଦାବି କରିଛି। ଏ ନେଇ ପିଷ୍ଟା, ଓଷ୍ଟା ଏବଂ ଓଲୋଷ୍ଟାର କର୍ମକର୍ତ୍ତାମାନେ ସୋମବାର ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ଜିଲାପାଳ ଅଭିଯୋଗ ଶୁଣିବା ପରେ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ପିଷ୍ଟାର ପୁରୀ ଜିଲା ସଭାପତି ବ୍ରହ୍ମାନନ୍ଦ ମହାରଣା, ଓଷ୍ଟା ସଭାପତି କୃଷ୍ଣଚନ୍ଦ୍ର ଦାଶ ଏବଂ ଓଲୋଷ୍ଟା ସଭାପତି ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



କୋଣାର୍କ ସୂର୍ଯ୍ୟ ମନ୍ଦିର ସମ୍ମୁଖରେ କ୍ରୀଡା ଭାରତୀ ଆନୁକୂଲ୍ୟରେ ସୋମବାର ଆୟୋଜିତ ସାମୂହିକ ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମ ।

## ୨୦୦ ପ୍ରିଜାଇଡିଂ, ପୋଲିଂ ଅଧିକାରୀ ନେଲେ ତାଲିମ

ନିମାପଡ଼ା,୭।୨(ଡି.ଏନ୍.ଏ.)

### ୩ ଦିନିଆ ତାଲିମ ଶିବିର ଉଦ୍‌ଘାଟିତ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଅବାଧ, ନିରପେକ୍ଷ ନିର୍ବାଚନ ପରିପ୍ରେକ୍ଷୀରେ ଏକ ୩ଦିନିଆ ପ୍ରଶିକ୍ଷଣ ଓ ତାଲିମ ଶିବିର ନିମାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିର ୩ଦିନ ଅନୁଷ୍ଠିତ ହେବ। ପ୍ରଥମ ଦିବସରେ କୋଭିଡ୍ କଟକଣାକୁ କଡ଼ାକଡ଼ି ଭାବେ ପାଳନ କରାଯାଇ ଗୋଟିଏ ବ୍ୟାଚରେ ୫୦ଜଣ ହିସାବରେ ୪ଟି ବ୍ୟାଚରେ ମୋଟରେ ୨୦୦ ପ୍ରିଜାଇଡିଂ ଅଫିସର ଓ ଫାଷ୍ଟ ପୁଲିଂ ଅଫିସରମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ୩ଦିନ ବ୍ୟାପୀ ଏହି ପ୍ରଶିକ୍ଷଣ ଶିବିରରେ ମୋଟରେ ୬ଶହ ପ୍ରିଜାଇଡିଂ ଅଫିସର ଓ ଫାଷ୍ଟ ପୁଲିଂ ଅଫିସରଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ନିମାପଡ଼ା ବ୍ଲକର ନିର୍ବାଚନ ଅଧିକାରୀ ତଥା ବିଡିଓ ବସନ୍ତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ନିମାପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଶିବିରର ଉଦ୍‌ଘାଟନ ସମାରୋହରେ ଅତିଥି ଭାବେ ବିଡିଓଙ୍କ ସମେତ ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, ଅତିରିକ୍ତ ବିଡିଓ ପୂର୍ଣ୍ଣଚନ୍ଦ୍ର ସେଠୀ, ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ସ୍ୱାଇଁ, ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନୀଲ ନନ୍ଦ ପ୍ରମୁଖ ଯୋଗଦେଇ ଏହି ତାଲିମ୍ ପ୍ରଦାନ କରିଥିଲେ। ବୁଥ୍‌ଗୁଡ଼ିକରେ କୋଭିଡ୍ କଟକଣାକୁ କଡ଼ାକଡ଼ି ପାଳନ କରାଯାଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଗାଇଡ୍ ଲାଇନ ଅନୁଯାୟୀ ପରିଚାଳିତ ହେବ, ଭୋଟରମାନେ ଯେପରି ସୁରୁଖୁରୁରେ ଭୋଟ ଦେବେ ସେ ସମ୍ପର୍କରେ ନିର୍ବାଚନ ଅଧିକାରୀ ଓ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନିମାପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଥିବା ବେଳେ ଏହି ପର୍ବ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବ୍ଲକ ନିର୍ବାଚନ ଅଧିକାରୀ ମଲ୍ଲିକ କହିଛନ୍ତି।

## କୋଣାର୍କରେ ସୂର୍ଯ୍ୟ ନମସ୍କାର

କୋଣାର୍କ,୭।୨(ଡି.ଏନ୍.ଏ.)

କୋଣାର୍କ ସୂର୍ଯ୍ୟ ମନ୍ଦିର ସମ୍ମୁଖରେ କ୍ରୀଡା ଭାରତୀ ଆନୁକୂଲ୍ୟରେ ସୋମବାର ସାମୂହିକ ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖବର ଅନୁଯାୟୀ, ସୂର୍ଯ୍ୟ ମନ୍ଦିର ସମ୍ମୁଖରେ କ୍ରୀଡ଼ା ଭାରତୀ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବିଶ୍ୱ ହିନ୍ଦୁ ପରିଷଦ, ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ସରସ୍ୱତୀ ବିଦ୍ୟାମନ୍ଦିର ସମେତ କୋଣାର୍କ, କାକଟପୁର, ଗୋପ, ନିମାପଡା ସମେତ ପୁରୀ ଜିଲାର ବିଭିନ୍ନ ସାମାଜିକ ସଂଗଠନର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଯୁବତୀଯୁବକ, ମହିଳା ଓ ସ୍ୱେଚ୍ଛାସେବୀମାନେ ଯୋଗଦାନ କରି ସୂର୍ଯ୍ୟ ନମସ୍କାର ଓ ଯୋଗାସନ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୂର୍ଯ୍ୟ ମନ୍ତ୍ର ଉଚ୍ଚାରଣ ସହ ୧୩ଗୋଟି ସୂର୍ଯ୍ୟ ନମସ୍କାର କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମୋଟ ୬୫୦୦ ପ୍ରକାର ସୂର୍ଯ୍ୟ ନମସ୍କାର ଥିବା ନେଇ କ୍ରୀଡ଼ା ଭାରତୀର ସହମନ୍ତ୍ରୀ ମହାଦେବ ବେହେରା ମତପ୍ରକାଶ କରିଥିଲେ। ସେଫ ଯୋଗ ସଂଗଠନ ପକ୍ଷରୁ ବିଭିନ୍ନ ପ୍ରକାର ଯୋଗ ପ୍ରଣାଳୀ ଓ ଯୋଗାସନ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଭାରତୀର ସହମନ୍ତ୍ରୀଙ୍କ ସମେତ ସମ୍ପାଦକ ରଘୁନାଥ ସାହୁ, ସଂଯୋଜକ ସରୋଜ କାନ୍ତ ମହାପାତ୍ର, ବିଶ୍ୱ ହିନ୍ଦୁ ପରିଷଦର ରଘୁନାଥ ମହାପାତ୍ର, ଭାଗୀରଥି ସ୍ୱାଇଁ, ବାମଦେବ ନାୟକ, ଉମାଶଙ୍କର ଆଚାର୍ଯ୍ୟ, ରଞ୍ଜନ ମହାରଣା ଓ ଗୋପୀନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ସାକ୍ଷୀଗୋପାଳ,୭।୨(ଡି.ଏନ୍.ଏ)

ଦାସବିଦ୍ୟାଧରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପୁରୀ ଲୋକନାଥ ରୋଡ ନିବାସୀ ନରସିଂହ ହୋତା(୯୪)ଙ୍କ ପରଲୋକ ଘଟିଛି। ସେ ୧ମାସ ଧରି ଅସୁସ୍ଥ ଥାଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସତୁରିରୁ ନବେ ଦଶକ ମଧ୍ୟରେ ହୋତା ୪ଥର ଦାସବିଦ୍ୟାଧରପୁରର ସରପଞ୍ଚ ରହିଥିଲେ। ଶ୍ରୀକ୍ଷେତ୍ରର ବିଭିନ୍ନ ଜାଗା ଆଖେଡା, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ରହିଥିଲେ । ତାଙ୍କର ମୃତ୍ୟୁରେ ପୁରୀ ତଥା ସତ୍ୟବାଦୀରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା ।ଜ୍ୟେଷ୍ଠପୁତ୍ର ରାମକୃଷ୍ଣ ହୋତା ମୁଖାଗ୍ନି ଦେଇଥିଲେ।

# 'ମଧୁବାବୁଙ୍କୁ ମରଣୋତ୍ତର ଭାରତରତ୍ନ ମିଳୁ'

ପୁରୀ ଅଫିସ,୭।୨:

ଓଡ଼ିଶାର ପ୍ରଥମ ଆଇନଜୀବୀ, ବାରିଷ୍ଟର ତଥା ଓଡ଼ିଶା ନିର୍ମାତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ମରଣୋତ୍ତର ଭାରତ ରତ୍ନ ଦେବାକୁ ଦାବି ଉଠୁଛି। ପୁରୀ ସହରର ଆଇନଜୀବୀମାନେ ଏହି ଦାବି ରଖି ସୋମବାରଠାରୁ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ କରିଛନ୍ତି। ପୁରୀ ବାର୍ ଆସୋସିଏଶନ୍ ପରିସରସ୍ଥ ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରୁ ଏବଂ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ଏହି ଅଭିଯାନ ଆରମ୍ଭ ହୋଇଛି। ଅଲ ଲୟର୍ସ ଗ୍ରୁପ୍ ଓଡ଼ିଶା ପକ୍ଷରୁ ଦସ୍ତଖତ ଅଭିଯାନ ଚାଲିଥିବା ବେଳେ ପୁରୀ ଜିଲାର ବହୁ ଆଇନଜୀବୀ ଏଥିରେ ସାମିଲ ହୋଇଛନ୍ତି। ଆଇନଜୀବୀ ସରୋଜ ସାହୁ, ସଂଯୋଜକ ସଙ୍ଗୀତା ପଟ୍ଟନାୟକ, ଦସ୍ତଖତ ସଂଗ୍ରହ ଅଭିଯାନର ଆବାହକ ଲିଙ୍ଗରାଜ ସାହୁ ଏଥିରେ ସାମିଲ ହୋଇଛନ୍ତି। ପୁରୀ ଓକିଲ ସଂଘ ସମ୍ପାଦକ ଶାରଦା ସାମଲ କହିଛନ୍ତି, ଉତ୍କଳ ଗୌରବ ମଧୁସୂଦନ ଦାସ ଓଡ଼ିଶାର ଘରେ ଘରେ ପରିଚିତ। ତାଙ୍କ ତ୍ୟାଗକୁ ଏମାଟି କେବେ ଭୁଲିବ ନାହିଁ। ମଧୁବାବୁଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରାଯିବା ଉଚିତ।

## ଦାଦାବଟି ଗ୍ୟାଙ୍ଗର ୫ ଗିରଫ, ମାରଣାସ୍ତ୍ର ଜବତ

ପୁରୀ ଅଫିସ, ୭।୨:

ଦାଦାବଟି ଆଦାୟ କରୁଥିବା ଏକ ଗ୍ୟାଙ୍ଗର ୫ ସଦସ୍ୟଙ୍କୁ ସୋମବାର ବାସେଳି ସାହି ଥାନା ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବୋମା, ୨ଟି ଜୀବନ୍ତ ଗୁଳି, ଗୋଟିଏ ଖଣ୍ଡା, ଗୋଟିଏ ଭୁଜାଲି, ନଗଦ ୮ହଜାର ୫୦୦ ଟଙ୍କା ଏବଂ ୪ଟି ମୋଟର ସାଇକେଲ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ପାର୍ବତୀପୁରର ଉମ୍ଭରଧର ଖଟେଇ ଓରଫ ଭୁଆ(୨୧),ପ୍ରଦୀପ ପାଢୀ (୨୬), ଦୀନବନ୍ଧୁ ପଲେଇ(୨୧), ପାଇକସାହିର ଜୟୀରାମ ସାହୁ(୨୫) ଏବଂ କିଶୋର ସ୍ୱାଇଁ (୩୮)। ପୋଲିସ ଏ ନେଇ ଏକ କେସ୍ (ନଂ. ୨୧/୨୨) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ବଡ଼ଶଙ୍ଖ ବାଘଆଖଡ଼ା ଲେନ୍‌ର ବିଭୂ ପ୍ରସାଦ ସାହୁ ସୋମବାର ଥାନାକୁ ଆସି ଅଭିଯୋଗ କରିଥିଲେ ଯେ, ପାଇକ ସାହି ନିକଟରେ ଯାଉଥିବା ବେଳେ ୬ଜଣ ବ୍ୟକ୍ତି ମୋଟର ସାଇକେଲରେ ତାଙ୍କ ନିକଟକୁ ଆସି ବନ୍ଧୁକ ଦେଖାଇ ୧୦ ଲକ୍ଷ ଟଙ୍କା ବଟି ମାଗିବା ସହ ତାଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇଥିଲେ। ତେବେ ଉକ୍ତ ସମୟରେ ପିସିଆର ପାଟ୍ରୋଲିଂ ଗାଡ଼ି ଆସୁଥିବା ଦେଖି ଅଭିଯୁକ୍ତମାନେ ସେଠାରୁ ପଳାଇଥିଲେ।

# ୪୫ ୱାର୍ଡରେ ଭୋଟ ପାଇଁ ଚାଲିଛି ପ୍ରାର୍ଥୀଙ୍କ କସରତ

ନିମାପଡ଼ା,୭।୨(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ୨୧ନଂ. ଜିଲା ପରିଷଦ ଜୋନ ଅନ୍ତର୍ଗତ ବାହରେଣା ପଞ୍ଚାୟତର ୧୫ଟି ୱାର୍ଡ, ତୁଳସୀପୁର ପଞ୍ଚାୟତ ୧୯ଟି ୱାର୍ଡ, ତମ୍ପାଳୋ ପଞ୍ଚାୟତର ୧୧ଟି ୱାର୍ଡ ମୋଟରେ ୩ ପଞ୍ଚାୟତର ୪୫ ୱାର୍ଡରେ ପ୍ରଚାର କାର୍ଯ୍ୟ ବେଶ୍ ଜୋରସୋରରେ ଚାଲିଛି। ଏହି ୪୫ଟି ୱାର୍ଡରେ ସରପଞ୍ଚ ପ୍ରାର୍ଥୀ, ସମିତିସଭ୍ୟ ପ୍ରାର୍ଥୀମାନେ ଗାଁ, ଗାଁ ବୁଲି ନିଜ ସପକ୍ଷରେ ଭୋଟ ହାତେଇବାକୁ କସରତ କରିଚାଲିଛନ୍ତି। ଗାଁ, ଛକ ବଜାରରେ ପୋଷ୍ଟର, ବ୍ୟାନର ଲଗାଯାଇଥିବା ବେଳେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ଗାଡ଼ିରେ ଡାକବାଜି ଯନ୍ତ୍ରରେ ସଙ୍ଗୀତ ମାଧ୍ୟମରେ ପ୍ରଚାର ଚାଲିଛି। ଅନ୍ୟପଟେ ପ୍ରାର୍ଥୀମାନେ ଦଳର ବରିଷ୍ଠ ନେତା ଓ ସମର୍ଥକଙ୍କୁ ନେଇ ଦିନତମାମ ଘର ଘର ବୁଲି ପ୍ରଚାର କରୁଛନ୍ତି। ବାହାରେଣା ପଞ୍ଚାୟତରେ ସରପଞ୍ଚ ପଦବୀ ନିମନ୍ତେ ମୋଟରେ ୩ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିବା ବେଳେ ମୁଖ୍ୟତଃ ଅମିତା ସ୍ୱାଇଁ ଓ ଜୟନ୍ତୀ ସ୍ୱାଇଁଙ୍କ ମଧ୍ୟରେ କଡ଼ା ମୁକାବିଲା ହେଉଛି। ସେହିପରି ଏହି ପଞ୍ଚାୟତରେ ସମିତିସଭ୍ୟ ପଦବୀ ନିମନ୍ତେ ୭ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ସନ୍ତୋଷ କୁମାର ମେକାପ ଓ ନିଶିକାନ୍ତ ସ୍ୱାଇଁଙ୍କ ମଧ୍ୟରେ ଟକ୍କର ଚାଲିଛି। ସେହିପରି ତୁଳସୀପୁର ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ଦୁଇ ମହିଳା ପ୍ରାର୍ଥୀ ମଞ୍ଜରୀ ଭୋଇ ଓ କୌଶଲ୍ୟା ମଲ୍ଲିକ ଥିବାବେଳେ ସମିତିସଭ୍ୟ ପଦବୀ ପାଇଁ ମଧ ୨ ମହିଳା ପ୍ରାର୍ଥୀ ଝରଣା ସାହୁ ଓ ସୁଚିତ୍ରା ମିଶ୍ର ରହିଛନ୍ତି। ତମ୍ପାଳୋ ପଞ୍ଚାୟତରେ ସରପଞ୍ଚ ପଦବୀ ନିମନ୍ତେ ୩ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ମୁଖ୍ୟତଃ ସସ୍ମିତା ଖଟୋଇ ଓ ବନଲତା ପଡ଼ିଆରୀଙ୍କ ମଧ୍ୟରେ କଡ଼ା ମୁକାବିଲା ହେଉଛି। ସେଭଳି ସମିତିସଭ୍ୟ ଆସନ ପାଇଁ ୩ ପ୍ରାର୍ଥୀ ମଇଦାନରେ ଥିବାବେଳେ କବିତା ମଲ୍ଲିକ ଓ ସୁମିତ୍ରା ସ୍ୱାଇଁଙ୍କ ମଧ୍ୟରେ ମୁକାବିଲା ଜୋର ଚାଲିଛି। ବିଭିନ୍ନ ପ୍ରାର୍ଥୀମାନେ ପଞ୍ଚାୟତସ୍ତରୀୟ ନେତୃବୃନ୍ଦ, କର୍ମୀ, ସମର୍ଥକଙ୍କ ସହ ମିଶି ଭୋଟରଙ୍କୁ ନିଜ ସପକ୍ଷରେ ଆକୃଷ୍ଟ କରିବା ପାଇଁ ଲାଗିପଡ଼ି ଥିବାବେଳେ ଗାଁ ଗାଁରେ ଭୋଜିଭାତର ଆସର ମଧ ଜମୁଛି।

## ସଂକ୍ଷେପରେ

### ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ଅଭିଯୁକ୍ତ ଗିରଫ

**ପୁରୀ ଅଫିସ, ୭।୨:** ବିବାହ ପାଇଁ ପ୍ରତିଶ୍ରୁତି ଦେଇ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଓ ପରେ ବିବାହ କରିବାକୁ ମନା କରିଦେବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ସୋମବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଥାନା ଅନ୍ତର୍ଗତ ପେଣ୍ଠକଟା ଆଡିରାଜୁ ବରଫର ଭାସିପିଲି ବାବାଜୀ (୨୬)। ଏ ନେଇ ପୋଲିସ କେସ୍ ନଂ. ୪/୨୨ ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତମାସ ୧୧ ତାରିଖରେ ଜଣେ ଯୁବତୀ ଥାନାରେ ଅଭିଯୋଗ କରିଥିଲେ ଯେ, ଭାସିପିଲି ତାଙ୍କୁ ଗତବର୍ଷ ଜୁଲାଇ ୨୯ରେ ଏକ ଗେଷ୍ଟ ହାଉସକୁ ନେଇ ତାଙ୍କ ଇଛା ବିରୋଧରେ ଶାରୀରିକ ସମ୍ପର୍କ ରଖିଥିଲେ। ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପରେ ମନା କରିଦେଇଥିଲେ। ଏ ନେଇ ପୋଲିସ ତଦନ୍ତ କରିଥିଲା। ଏକ ଟିମ୍ ଆନ୍ଧ୍ରପ୍ରଦେଶ ରାଜାୟା ପେଟା ଟୁନି ଯାଇ ରବିବାର ଅଭିଯୁକ୍ତଙ୍କୁ ସେଠାରୁ ଗିରଫ କରି ପୁରୀ ଆଣିଥିଲେ।

### ଭାଗବତ ଆମ ସଂସ୍କୃତି, ପରମ୍ପରାର ଅମୂଲ୍ୟ ଗ୍ରନ୍ଥ

**ପୁରୀ ଅଫିସ, ୭।୨ :** ପବିତ୍ର ମାଘ ସପ୍ତମୀରେ ସୋମବାର ପୁରୀର ସାତଲହଡ଼ି ମଠ ସଭାକକ୍ଷରେ ମହାପୁରୁଷ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଏଥିରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଡ. ଉମେଶ ଚନ୍ଦ୍ର ଚିନ୍ନରା, ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତରାୟ, ଚକ୍ରଧର ମହାପାତ୍ର, ପ୍ରାଧାପିକା ବାସନ୍ତୀ ଦେବୀ, ବିଜୟଲକ୍ଷ୍ମୀ ଦାଶ, ଅଧାପିକା ଶୁଚିସ୍ମିତା ମହାନ୍ତି, ପ୍ରସନ୍ନ ମିଶ୍ର, କବି ମିନତୀ ମିଶ୍ର ପ୍ରମୁଖ ଯୋଗଦେଇ ଭାଗବତ ପାରାୟଣ ଏବଂ ଅତିବଡ଼ୀଙ୍କ ରଚିତ ତୁଳାଭିଣା ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ଅତିବଡ଼ୀ ନିଜ ମା'ଙ୍କ ପାଇଁ ରଚନା କରିଥିବା ଭାଗବତ ଆମ ସଂସ୍କୃତି ଓ ପରମ୍ପରାର ଏକ ଅମୂଲ୍ୟ ଗ୍ରନ୍ଥ ଭାବେ ପରିଗଣିତ ହୋଇପାରିଛି। ଏହି ଗ୍ରନ୍ଥ ଆମ ସମାଜର ହିନ୍ଦୁ ଧର୍ମାବଲମ୍ବୀଙ୍କ ଘରେ ପୂଜା ପାଉଛି। ଏହି ମାୟା ମୋହ ସଂସାରରୁ ମଣିଷ ଉଦ୍ଧାର ପାଇବା ନିମନ୍ତେ ଉକ୍ତ ଗ୍ରନ୍ଥ ସହାୟକ ହୋଇଥାଏ ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ। କୋଭିଡ୍ କଟକଣା ଯୋଗୁ ଅନେକ ଶ୍ରଦ୍ଧାଳୁ ଆଭାସୀ ମାଧମରେ ଆଲୋଚନାଚକ୍ରରେ ସାମିଲ ହୋଇଥିଲେ। ପ୍ରାରମ୍ଭରେ ପ୍ରିୟପତ୍ରର ସମ୍ପାଦକ ବିପିନ ବିହାରୀ ଦଳାଇ ସ୍ୱାଗତ ଜଣାଇଥିବା ବେଳେ ପ୍ରାଧାପିକା ବାସନ୍ତୀ ଦେବୀ ଭାଗବତ ପାରାୟଣ କରିଥିଲେ। ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ ଧନ୍ୟବାଦ ଦେଇଥିଲେ।

### ନିର୍ବାଚନ ପାଇଁ ଆସିଥିବା ୮୪୦ ଚୌକି ଜବତ

**କଣାସ,୭।୨(ସ୍ୱ.ପ୍ର):** ନିର୍ବାଚନରେ ବଣ୍ଟା ହେବାକୁ ଆସିଥିବା ୮୪୦ଟି ଷ୍ଟୁଲ୍‌କୁ ଗଡିଶାଗୋଦା ଥାନା ପୋଲିସ ଜବତ କରିଛି। ଖବରରୁ ପ୍ରକାଶ ଯେ, କଣାସ ବ୍ଲକ ଅଧୀନ ଚୁପୁରିଙ୍ଗ ଗାଁ ରାସ୍ତାକଡରେ ବହୁତଗୁଡାଏ ଚୌକି ରହିଥିଲା। ସେଗୁଡ଼ିକୁ ଉପରେ ବଡ଼ ପଲିଥିନ ଢଙ୍କାଯାଇ ରଖାଯାଇଥିଲା। ଏତେଗୁଡ଼ାଏ ଚୌକି ରାସ୍ତାକଡ଼ରେ ଥିବା ଦେଖି ସନ୍ଦେହରେ ଲୋକେ ପୋଲିସକୁ ଜଣାଇଥିଲେ। ଥାନା ଆଇଆଇସି ଟିମ୍ ସହ ସେଠାରେ ପହଞ୍ଚି ପଚାରି ବୁଝିବାରୁ ସେ ଚୌକିଗୁଡ଼ିକ ନିର୍ବାଚନରେ ବଣ୍ଟା ହେବାକୁ ଆସିଥିବା ଜାଣିଥିଲେ। କିନ୍ତୁ ଏହି ଚୌକିର କେହି ଦାବିଦାର ନ ଥିବାରୁ ପୋଲିସ ପ୍ରାୟ ୮୪୦ଟି ଚୌକିକୁ ଜବତ କରି ଥାନାକୁ ନେଇଥିଲା।

### ପୋଲିଂ ଅଧିକାରୀଙ୍କୁ ତାଲିମ

**କଣାସ,୭।୨(ସ୍ୱ.ପ୍ର):** ପଞ୍ଚାୟତ ନିର୍ବାଚନ ପରିଚାଳନା ପାଇଁ କଣାସ ବ୍ଲକର କଣାସରେ ପ୍ରତିଷ୍ଠିତ କଣାସ ମହାବିଦ୍ୟାଳୟ ପରିସରରେ ଏକ ତାଲିମ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କଣାସ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଲୋଚନ ଦାସ, ଅତିରିକ୍ତ ବିଡିଓ ମଙ୍ଗଳ ସିଂ ହେମ୍ବ୍ରମ୍, ସହକାରୀ ଯନ୍ତ୍ରୀ ଚନ୍ଦ୍ରମଣି ଖଟେଇ, ତହସିଲଦାର ଲକ୍ଷ୍ମୀଧର ମହାରଣା, ଅତିରିକ୍ତ ତହସିଲଦାର ସହଦେବ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ, ଦ୍ୱିତୀୟ ପୋଲିଂ ଅଧିକାରୀ କିପରି ଭୋଟ ପରିଚାଳନା କରିବେ ଏବଂ ଅନ୍ୟ ଅଧିକାରୀମାନେ କିପରି ସହଯୋଗ କରିବେ ସେ ନେଇ ତାଲିମ ପ୍ରଦାନ କରିଥିଲେ। ତାଲିମ ଶିବିରରେ ୨୦୦ ଶିକ୍ଷକ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସରକାରୀ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ।

# ତ୍ୱରାନ୍ୱିତ ହେଉନି ରାସ୍ତା କାର୍ଯ୍ୟ

ବେଗୁନିଆ, ୭।୨(ଡି.ଏନ୍.ଏ.)

- ୩ବର୍ଷ ହେବ କାର୍ଯ୍ୟ ବନ୍ଦ ହୋଇପଡ଼ିଛି
- ଜିଲାପାଳଙ୍କୁ ଭେଟିଲେ ଜବକାର୍ଡଧାରୀ ଶ୍ରମିକ
- ପଦକ୍ଷେପ ନିଆ ନ ଗଲେ ଧାରଣା

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅନ୍ତର୍ଗତ ଛତ୍ରପଡ଼ା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାଠାରୁ ପଟାଖାଲ ପୋଖରୀ ପର୍ଯ୍ୟନ୍ତ ମାଟିରାସ୍ତା ନିର୍ମାଣ ପାଇଁ ପ୍ରଥମ ପର୍ଯ୍ୟାୟରେ ୨ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହି ରାସ୍ତାରେ ନିଜ ଜମି ଥିବା କହି ଉକ୍ତ ଗ୍ରାମର କେତେଜଣ ବ୍ୟକ୍ତି କାର୍ଯ୍ୟ ବନ୍ଦ କରିଛନ୍ତି। ଏନେଇ ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ। ଫଳରେ ୩ବର୍ଷ ହେବ କାର୍ଯ୍ୟ ବନ୍ଦ ହୋଇ ପଡ଼ିରହିଛି। ଏଥିଯୋଗୁ ୧୦୦ଜଣ ଜବ୍‌କାର୍ଡଧାରୀ ଶ୍ରମିକ ହାତବାନ୍ଧି ଘରେ ବସିଛନ୍ତି। ଏନେଇ ଶ୍ରମିକମାନେ ସୋମବାର ଜିଲାପାଳଙ୍କୁ ଭେଟିବା ସହ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାଥାଉ କି, ଛତ୍ରପଡ଼ା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାଠାରୁ ପଟାଖାଲ ପୋଖରୀ ପର୍ଯ୍ୟନ୍ତ ମାଟିରାସ୍ତା ନିର୍ମାଣ ପାଇଁ ପ୍ରଥମ ପର୍ଯ୍ୟାୟରେ ୨ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। କେତେଜଣ ବ୍ୟକ୍ତି ନିଜର ଜମି ବୋଲି ଦାବି କରି ରାସ୍ତା ନିର୍ମାଣ କରାଇ ଦେଇ ନ ଥିଲେ।



ଶୋଚନୀୟ ଅବସ୍ଥାରେ ପଟାଖାଲ ରାସ୍ତା।

ଏନେଇ ଗ୍ରାମବାସୀଙ୍କ ଅଭିଯୋଗ ପରେ ବେଗୁନିଆ ତହସିଲଦାରଙ୍କ ପକ୍ଷରୁ ଏହି ଜମି ମାପଚୁପ ହୋଇଥିଲା। ସେଥିରେ ଏହା ସରକାରୀ ଜମି ବୋଲି ଜଣାପଡ଼ିଥିଲା। କାର୍ଯ୍ୟ ଆରମ୍ଭ ପାଇଁ ନିର୍ଦ୍ଦେଶ ମିଳିବା ପରେ ଗ୍ରାମସାଥି ଭାଗୀରଥି ଦଳସିଂହରାୟଙ୍କ ନେତୃତ୍ୱରେ ଗ୍ରାମର ଜବ୍‌କାର୍ଡଧାରୀ ଶ୍ରମିକଙ୍କ ଦ୍ୱାରା କାର୍ଯ୍ୟ ଆରମ୍ଭ ହୋଇଥିଲା। ପୁଣି ଉକ୍ତ ଗ୍ରାମର କେତେଜଣ ବ୍ୟକ୍ତି ନିଜ ଜମି ବୋଲି କହି ଏହି କାର୍ଯ୍ୟକୁ ବନ୍ଦ କରିଥିଲେ। ଏନେଇ ଗତ ଜୁନ୍ ୧୮ରେ ଜବ୍‌କାର୍ଡଧାରୀମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ବେଗୁନିଆ ଥାନା ଭାରପ୍ରାପ୍ତ ଅଧିକାରୀ, ତହସିଲଦାର ଓ ମଣ୍ଡଳ ଉନ୍ନୟନ ଅଧିକାରୀ ଏହାର ତଦନ୍ତ କରି ରାସ୍ତାକାର୍ଯ୍ୟ ଚାଲୁ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ସେହିପରି ଏହି ଯୋଜନାରେ ଛତ୍ରପଡ଼ା ଖେଳପଡ଼ିଆର ଉନ୍ନତୀକରଣ ପାଇଁ ୫ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ନ ହୋଇ ପଡ଼ିରହିଛି। ଫଳରେ ଶତାଧିକ ଜବ୍‌କାର୍ଡଧାରୀ ଶ୍ରମିକ ରୋଜଗାର ହରାଇ ହାତବାନ୍ଧି ବସିଛନ୍ତି। ଅଭିଯୋଗପତ୍ର ପ୍ରଦାନ ବେଳେ ଛବି ପାହାଡ଼ସିଂହ, ଭୀମସେନ ସାମନ୍ତରାୟ, ମୁରଲି ମାଝି, ସାରଙ୍ଗ ମାର୍ଥାଙ୍କ ସମେତ ଗ୍ରାମର ସମସ୍ତ ଜବ୍‌କାର୍ଡଧାରୀ ଉପସ୍ଥିତ ଥିଲେ।

### ଝାଡ଼େଶ୍ୱରୀ କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଜଟଣୀ, ୭।୨(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳ ଅଧୀନ କୁଦିଆରୀ ଗ୍ରାମଠାରେ ଚାଲିଥିବା ମା' ଝାଡ଼େଶ୍ୱରୀ କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅସ୍ଥାୟୀ ବ୍ୟାଡ୍‌ମିଣ୍ଟନ କୋର୍ଟ ପରିସରରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ଭଦ୍ରକ ଦଳ ୪ ପଏଣ୍ଟରେ ଜଟଣୀ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ଅତିଥି ଭାବେ ସୁଦର୍ଶନ ସୁନ୍ଦରାୟ, ବିଭୂତି ମିଶ୍ର, ଅନନ୍ତ ବେହେରା, ପ୍ରତାପ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହ ଅର୍ଥ ପ୍ରଦାନ କରିଥିଲେ। ଅବ୍‌ଦୁଲ ହାକିମ ତଦାରଖ କରିଥିବା ବେଳେ ଆୟୋଜକ ଅନୁଷ୍ଠାନର ସମସ୍ତ ସଦସ୍ୟ ଏହାର ପରିଚାଳନାରେ ସହଯୋଗ କରିଥିଲେ।

### ଭାଜପାରେ ଯୋଗଦେଲେ ଶତାଧିକ କର୍ମୀ

ଭୁବନେଶ୍ୱର, ୭।୨(ବ୍ୟୁରୋ)

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତି ଓ ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଏକାମ୍ର ନିର୍ବାଚନମଣ୍ଡଳୀର ବହୁ ଯୁବ ନେତା ସୋମବାର ଦଳରେ ଯୋଗଦାନ କରିଛନ୍ତି। ଏକାମ୍ର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାସୁଆଘାଇ ପଞ୍ଚାୟତର ଯୁବ ନେତା ବିପ୍ରଚରଣ ଜେନା (ବାପୁ)ଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ଯୁବ ନେତା ସନ୍ତୋଷ ଜେନା, ସୁରେଶ ଜେନା, ଅଶୋକ ବସ୍ତିଆ, ବିମଳ ଲେଙ୍କା, ମୁନା ଜେନା ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ସମୀର ମହାନ୍ତି ଏବଂ ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର ନୂତନ ଭାବେ ଭାଜପାରେ ସାମିଲ ହୋଇଥିବା ସମସ୍ତ ନୂତନ ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଛନ୍ତି। ଯୁବଶକ୍ତିଙ୍କ ଯୋଗଦାନ ଦଳର ସଙ୍ଗଠନକୁ ଆହୁରି ଅଧିକ ସୁଦୃଢ଼ କରିବା ସହିତ ଭାଜପାକୁ ଆଗାମୀ ତ୍ରିସ୍ତରୀୟ ନିର୍ବାଚନରେ ନିଶ୍ଚିତ ସଫଳତା ଦେବ ବୋଲି ସମୀର କହିଛନ୍ତି।

## ଶବର ସ୍ପୋର୍ଟିଂ କ୍ଲବ ବିଜୟୀ

ଯାଁଳା, ୭।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଶବର ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ୨୩ତମ ରାଜ୍ୟସ୍ତରୀୟ ଶବର କପ୍ ଫୁଟବଲ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ସୋମବାର ଭଦ୍ରକ ୟୁନାଇଟେଡ୍ କ୍ଲବକୁ ଟାଇବ୍ରେକରରେ ହରାଇ ଖୋର୍ଦ୍ଧା ଜିଲା ଶବର ସ୍ପୋର୍ଟିଂ କ୍ଲବ ବିଜୟୀ ହୋଇଛି। ଖେଳ ଶେଷସୁଦ୍ଧା ଏହି ଦୁଇ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ୟୁନାଇଟେଡ୍ କ୍ଲବକୁ ୬-୫ ଗୋଲରେ ହରାଇ ଶବର ସ୍ପୋର୍ଟିଂ ବିଜୟୀ ହୋଇଥିଲା। ଜ୍ୟୋତିରଞ୍ଜନ ସ୍ୱାଇଁ, ସୁଦୀପ୍ତ ଦାସ, ରାଜେନ୍ଦ୍ର ମହାନ୍ତି ଓ ବିଦେଶୀ କୁମାର ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ୍‌ରେ ଅତିଥିଭାବେ ସୁରେନ୍ଦ୍ର କୁମାର ମହାରଣା, ରାଜ୍ ସ୍ୱାଇଁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ସୁଶୀଲ ନାୟକଙ୍କୁ ପୁରସ୍କୃତ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

## ହିତାଧିକାରୀଙ୍କ ବଦଳରେ ପାଉଛନ୍ତି ଧନୀ

ନିରାକାରପୁର, ୭।୨(ଡି.ଏନ୍.ଏ.)

- ସୌଭାଗ୍ୟ ଯୋଜନା ବାଟବଣା
- ପ୍ରଧାନମନ୍ତ୍ରୀଙ୍କୁ ଅଭିଯୋଗପତ୍ର ପ୍ରଦାନ

ଗରିବ ଲୋକଙ୍କ ସୁବିଧା ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି। କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନାରେ ଗରିବ ଲୋକଙ୍କ ଘରକୁ ମାଗଣାରେ ବିଦ୍ୟୁତ୍ ସଂଯୋଗ କରାଯାଉଛି। ତେବେ ଏହି ଯୋଜନା ଗରିବ ଲୋକଙ୍କ ନିକଟରେ ପହଞ୍ଚିପାରୁ ନ ଥିବା ବେଳେ ଧନିକ ଶ୍ରେଣୀ ହାତଉଛନ୍ତି। ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଉକ୍ତ ଅଞ୍ଚଳର ବିଶ୍ୱ ରଞ୍ଜନ ମହାନ୍ତି ଏହି ଯୋଜନା ପାଇଁ ହକ୍‌ଦାର ଥିଲେ ମଧ୍ୟ ତାଙ୍କୁ ଦିଆ ନ ଯାଇ ଧନିକ ଶ୍ରେଣୀର ବ୍ୟକ୍ତି ହାତେଇଛନ୍ତି। ଏ ନେଇ ବିଶ୍ୱରଞ୍ଜନ ଜିଲାପାଳ, ବିଦ୍ୟୁତ୍ ବିଭାଗର ଉଚ୍ଚ ଅଧିକାରୀ ଏବଂ ଦୁର୍ନୀତି ନିବାରଣ ଅଧିକାରୀ, ରାଜ୍ୟ ଶକ୍ତିମନ୍ତ୍ରୀ ଓ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ଆରକ୍ଷୀ ଅଧୀକ୍ଷକଙ୍କୁ ଅଭିଯୋଗ ଜଣାଇଥିଲେ। ଏହା ସତ୍ତ୍ୱେ କୌଣସି ସୁଫଳ ମିଳିଲା ନାହିଁ। ଏ ନେଇ ସେ ପ୍ରଧାନମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ବୋଲି କହିଛନ୍ତି।

## ଭୁଲିଗଲେ କୋଭିଡ୍ କଟକଣା

ନିରାକାରପୁର, ୭।୨(ଡି.ଏନ୍.ଏ.)

ଆଉ ଦିନ କେଇଟା ପରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। କରୋନା ସଂକ୍ରମଣ କମିଥିବାରୁ ରାଜ୍ୟ ସରକାର ପ୍ରଚାର କଟକଣାକୁ କୋହଳ କରିଛନ୍ତି। ଏଣିକି ପ୍ରାର୍ଥୀଙ୍କ ସମେତ ୨୦ଜଣ ଘର ଘର ବୁଲି ପ୍ରଚାର କରିପାରିବେ। ରାଜନୈତିକ ସଭା ପାଇଁ ୩ଶହ ଲୋକଙ୍କ ପାଇଁ ଅନୁମତି ଦିଆଯାଇଛି। ତେବେ ରାଲିକୁ ଅନୁମତି ଦିଆଯାଇନାହିଁ। ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଶତାଧିକ ମହିଳାପୁରୁଷ ମାସ୍କ ପିନ୍ଧି ନ ଥିବା ବେଳେ ପଦଯାତ୍ରା ସହିତ ବାଇକ୍ ରାଲିରେ ଗାଁ ଗାଁ ବୁଲି ପ୍ରଚାର କରିଥିଲେ। ସାମାଜିକ ଦୂରତ୍ୱକୁ ଯେପରି ଭୁଲିଯାଇଛନ୍ତି। ଫଳରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା କରାଯାଇଥିବା କଟକଣାକୁ ଉଲ୍ଲଂଘନ କରାଯାଇଛି। ଏନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏଥିପ୍ରତି ସ୍ଥାନୀୟ ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।



ଏକ ଦଳ ପକ୍ଷରୁ ଶୋଭାଯାତ୍ରା କରାଯାଇଛି।

## ୩ ପ୍ରମୁଖ ଦଳ ମଧ୍ୟରେ ଲଢ଼େଇ

ଖୋର୍ଦ୍ଧା ଅଫିସ,୭।୨

**ସବୁ ଦଳରେ ମହିଳାଙ୍କୁ ଅଗ୍ରାଧିକାର**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମହିଳା ପ୍ରାର୍ଥୀଙ୍କୁ ସମସ୍ତ ଦଳ ଅଗ୍ରାଧିକାର ଦେଇଛନ୍ତି। ସବୁ ବର୍ଗରେ ମହିଳା ପ୍ରାର୍ଥୀଙ୍କ ସଂଖ୍ୟା ଅଧିକ ରହିଥିବା ଜଣାପଡିଛି। ସବୁ ଆସନରେ ୩ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ପ୍ରାର୍ଥୀଙ୍କ ଲଢ଼େଇ ହେବ। ପୁରୁଷଙ୍କ ଅପେକ୍ଷା ମହିଳା ପ୍ରାର୍ଥୀମାନେ ପ୍ରଚାର ମଇଦାନରେ ଆଗରେ ରହିଥିବା ଚର୍ଚ୍ଚା ହେଉଛି। ମହିଳାମାନେ ସମର୍ଥିତ ପ୍ରାର୍ଥୀଙ୍କ ଲାଗି ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ଶାସକ ଦଳ ମହିଳାଙ୍କୁ ଗୁରୁତ୍ୱ ଦେଉଥିବା ବେଳେ ବିରୋଧୀ ଭାଜପା ଓ କଂଗ୍ରେସ ମଧ୍ୟ ମହିଳା ପ୍ରାର୍ଥୀଙ୍କୁ ବିଭିନ୍ନ ଆସନରେ ଛିଡ଼ା କରାଇଛନ୍ତି।

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜିଲା ପରିଷଦ ୩୦ ଆସନ ମଧ୍ୟରୁ ସାଧାରଣ ବର୍ଗ ୨୩(ସେଥିରୁ ମହିଳା ୧୧), ଅନୁସୂଚିତ ଜାତି ୫(ସେଥିରୁ ମହିଳା ୩) ଏବଂ ଅନୁସୂଚିତ ଜନଜାତି ୨(ସେଥିରୁ ମହିଳା ୧) ପାଇଁ ସଂରକ୍ଷଣ ରହିଛି। ଜିଲା ପରିଷଦ ଅଧ୍ୟକ୍ଷ ମହିଳା ପାଇଁ ସଂରକ୍ଷିତ ରହିଛି। ୧୯୦ ସରପଞ୍ଚ ପଦବୀ ମଧ୍ୟରୁ ଅଣସଂରକ୍ଷିତ ୭୬, ମହିଳା ୭୦, ଅନୁସୂଚିତ ଜାତି ୧୩, ଅନୁସୂଚିତ ଜାତି ମହିଳା ୧୮, ଅନୁସୂଚିତ ଜନଜାତି ୩ ଏବଂ ଅନୁସୂଚିତ ଜନଜାତି ମହିଳା ୧୦ଜଣ ରହିଛନ୍ତି। ସେହିପରି ୧୯୦ ସମିତି ସଭ୍ୟ ପଦବୀ ମଧ୍ୟରୁ ଅନୁସୂଚିତ ଜାତି ୩୧(ସେଥିରୁ ମହିଳା ୧୮), ଅନୁସୂଚିତ ଜନଜାତି ୧୩(ସେଥିରୁ ମହିଳା ୩) ଏବଂ ଅଣସଂରକ୍ଷିତ ୧୪୬(ସେଥିରୁ ମହିଳା ୭୦) ସଂରକ୍ଷିତ ରହିଛି। ସେହିପରି ପଞ୍ଚାୟତ ନିର୍ବାଚନରେ ୧୦ ବ୍ଲକ ଅଧ୍ୟକ୍ଷ ପଦବୀ ମଧ୍ୟରୁ ଅନୁସୂଚିତ ଜାତି୩(ସେଥିରୁ ମହିଳା୨), ଅଣ ସଂରକ୍ଷିତ ୭(ସେଥିରୁ ମହିଳା ୩) ସଂରକ୍ଷିତ ରହିଛି। ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷ ପଦବୀ ଅଣସଂରକ୍ଷିତ, ଚିଲିକା ଅନୁସୂଚିତ ଜାତି ମହିଳା, ଜଟଣୀ ଅଣସଂରକ୍ଷିତ, ଟାଙ୍ଗୀ ମହିଳା, ବାଣପୁର ଅଣସଂରକ୍ଷିତ, ବାଲିଅନ୍ତା ଅନୁସୂଚିତ ଜାତି ମହିଳା, ବାଲିପାଟଣା ଅନୁସୂଚିତ ଜାତି, ବେଗୁନିଆ ଅଣସଂରକ୍ଷିତ, ବୋଲଗଡ଼ ଏବଂ ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ୧୦ବ୍ଲକ ଅଧ୍ୟକ୍ଷ ପଦବୀ ମଧ୍ୟରୁ ଅନୁସୂଚିତ ଜାତି୧, ଅନୁସୂଚିତ ଜାତି ମହିଳା ୧, ଅନୁସୂଚିତ ଜନଜାତି ମହିଳା ୧, ପଛୁଆବର୍ଗ ୧, ପଛୁଆ ବର୍ଗ ମହିଳା ୧ ଏବଂ ସାଧାରଣ ୩ ସାଧାରଣ ମହିଳା ଜଣଙ୍କ ପାଇଁ ସଂରକ୍ଷିତ ରହିଥିଲା।

### 'ମଧୁବାବୁଙ୍କୁ ମରଣୋତ୍ତର ଭାରତରତ୍ନ ମିଳୁ'

ପୁରୀ ଅଫିସ,୭।୨

ଓଡ଼ିଶାର ପ୍ରଥମ ଆଇନଜୀବୀ, ବାରିଷ୍ଟର ତଥା ଓଡ଼ିଶା ନିର୍ମାତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ମରଣୋତ୍ତର ଭାରତ ରତ୍ନ ଦେବାକୁ ଦାବି ଉଠୁଛି। ପୁରୀ ସହରର ଆଇନଜୀବୀମାନେ ଏହି ଦାବି ରଖି ସୋମବାରଠାରୁ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ କରିଛନ୍ତି। ପୁରୀ ବାର୍ ଆସୋସିଏଶନ୍ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରୁ ଏବଂ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ଏହି ଅଭିଯାନ ଆରମ୍ଭ ହୋଇଛି। ଅଲ ଲୟର୍ସ ଗ୍ରୁପ୍ ଓଡ଼ିଶା ପକ୍ଷରୁ ଦସ୍ତଖତ ଅଭିଯାନ ଚାଲିଥିବା ବେଳେ ପୁରୀ ଜିଲାର ବହୁ ଆଇନଜୀବୀ ସାମିଲ ହୋଇଛନ୍ତି। ଆଇନଜୀବୀ ସରୋଜ ସାହୁ, ସଙ୍ଗୀତା ପଟ୍ଟନାୟକ, ଦସ୍ତଖତ ସଂଗ୍ରହ ଅଭିଯାନର ଆବାହକ ଲିଙ୍ଗରାଜ ସାହୁ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି। ପୁରୀ ଓକିଲ ସଂଘ ସମ୍ପାଦକ ଶାରଦା ସାମଲ କହିଛନ୍ତି, ମଧୁବାବୁଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରାଯିବା ଉଚିତ।

# ଶ୍ରେଣୀ ଗୃହରେ ପଢ଼ିଲେ ଛାତ୍ରୀଛାତ୍ର



ଖୋର୍ଦ୍ଧା ଅଫିସ, ୭।୨

କରୋନା ସଂକ୍ରମଣ ବୃଦ୍ଧି ଯୋଗୁ ସ୍କୁଲ, କଲେଜରେ ପାଠପଢ଼ା ବନ୍ଦ ରହିଥିଲା। ତୃତୀୟ ଲହରର ପ୍ରଭାବ କମିବା ପରେ ସୋମବାରଠାରୁ ପୁଣିଥରେ ଅଷ୍ଟମରୁ ଦ୍ୱାଦଶ, କଲେଜ ଓ ବିଶ୍ୱବିଦ୍ୟାଳୟ ଏବଂ ବୈଷୟିକ ଶିକ୍ଷାନୁଷ୍ଠନରେ ପାଠପଢ଼ା ଆରମ୍ଭ ହୋଇଛି। ଏନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ସକାଳ ୯ଟା ୩୦ ସୁଦ୍ଧା ପିଲାମାନେ ସ୍କୁଲ ଆସିବା ଆରମ୍ଭ କରିଥିଲେ। ମାସ୍କ ପରିଧାନ କରି ପିଲାମାନେ ସ୍କୁଲକୁ ଆସିଥିବା ବେଳେ ପ୍ରବେଶ ପଥରେ ଶିକ୍ଷକମାନେ ସେମାନଙ୍କ ହାତ ସାନିଟାଇଜେଶନ କରିଥିଲେ। ପୂର୍ବରୁ କ୍ଲାସ୍‌ରୁମ୍‌ଗୁଡ଼ିକୁ ବିଶୋଧନ କରାଯାଇଥିଲା। କୋଭିଡ୍ କଟକଣା ମଧ୍ୟରେ ପିଲାମାନେ ମାସ୍କ ପରିଧାନ ସହ ସାମାଜିକ ଦୂରତା ରଖି ପାଠ ପଢ଼ିଥିଲେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ପର୍ଯ୍ୟନ୍ତ ପିଲାଙ୍କ ପାଠପଢ଼ା ହୋଇଥିଲା। ପ୍ରଥମ ଦିନରେ ପିଲାଙ୍କ ରିମେଡିଆଲ କ୍ଲାସ୍ ଓ ଡାଉଟ୍ କ୍ଲିୟରିଂ କ୍ଲାସ୍ ଉପରେ ଗୁରୁତ୍ୱ ଦିଆଯାଇଛି। ଖୋର୍ଦ୍ଧା ସହରର ବିଜେବି ହାଇସ୍କୁଲ, ବାଳିକା ହାଇସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର ସମେତ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନରେ ପିଲାଙ୍କ ପାଠପଢ଼ା ଆରମ୍ଭ ହୋଇଛି।

### ଏମାନେ କ'ଣ କୁହନ୍ତି...

"ସଂକ୍ରମଣ ହ୍ରାସ ପରେ ପିଲାଙ୍କ ପାଠପଢ଼ା ଆରମ୍ଭ ହୋଇଛି। ପିଲାଙ୍କ ମଧ୍ୟରେ କିଛି ଲକ୍ଷଣ ଥିଲେ, ସେମାନଙ୍କୁ ସ୍କୁଲକୁ ନ ଛାଡ଼ିବାକୁ ଅଭିଭାବକଙ୍କୁ କୁହାଯାଇଛି। ସେହିପରି ଶିକ୍ଷକମାନେ ମଧ୍ୟ ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ରଖି ପଢ଼ାଇବେ। କୌଣସି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବେ।

**- ସଂଗ୍ରାମ କେଶରୀ ମହାପାତ୍ର, ଜିଲାପାଳ**

"ଅଫ୍‌ଲାଇନ ପାଠପଢ଼ା ସହ ଅନ୍‌ଲାଇନ କ୍ଲାସ୍ ମଧ୍ୟ ଚାଲିବ। ଅଭିଭାବକଙ୍କ ସହ ଶିକ୍ଷକ ମାନେ କାଉନ୍‌ସେଲିଂ କରିବାକୁ ପରାମର୍ଶ ଦିଆଯାଇଛି। କୋଭିଡ୍ ମାର୍ଗଦର୍ଶିକା ଅନୁଯାୟୀ ପାଠପଢ଼ା ନିଶ୍ଚିତ କରିବାକୁ ସମସ୍ତ ସ୍କୁଲ ପ୍ରଧାନଶିକ୍ଷକଙ୍କୁ କୁହାଯାଇଛି।

**- ବିଶ୍ୱନାଥ ତରାଇ, ଜିଲା ଶିକ୍ଷାଧିକାରୀ**

"ପ୍ରଥମ ଦିନରେ ପିଲାଙ୍କ ସହ ଭାବର ଆଦାନପ୍ରଦାନ, ପ୍ରଶ୍ନୋତ୍ତରମୂଳକ କ୍ଲାସ କରାଯାଇଥିଲା। କ୍ଲାସ୍‌ରୁମ୍‌ରେ ଯେପରି ପିଲାମାନେ ସାମାଜିକ ଦୂରତ୍ୱ ରଖିବେ ସେଥିଲାଗି ଶିକ୍ଷୟିତ୍ରୀଶିକ୍ଷକଙ୍କୁ କୁହାଯାଇଛି। ବ୍ରିଜ୍ କୋର୍ସ, ସ୍ୱଳ୍ପ ଅବଧି, ମଧ୍ୟମ ଅବଧି ଆଦି ପାଠ୍ୟକ୍ରମ କରି ପିଲାଙ୍କ କୋର୍ସ ସାରିବାକୁ ଚେଷ୍ଟା କରାଯିବ।

**- ଏସ୍. ଗୋହର ଅଲ୍ଲୀ, ପ୍ରଧାନଶିକ୍ଷକ, ବିଜେବି ହାଇସ୍କୁଲ**

"କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ପାଠପଢ଼ା ଆରମ୍ଭ ହୋଇଛି। ସ୍କୁଲରେ ପିଲାଙ୍କ ମାସ୍କ ପରିଧାନ, ସାନିଟାଇଜର ଏବଂ ସାମାଜିକ ଦୂରତ୍ୱକୁ ବାଧତାମୂଳକ କରାଯାଇଛି। ଏଥିସହ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହ ଗୁରୁଜୀ ଗୁରୁମାମାନେ ଯୋଗାଯୋଗରେ ରହିବାକୁ କୁହାଯାଇଛି। ସମସ୍ତ କ୍ଲାସ୍‌ରୁମ୍‌କୁ ବିଶୋଧନ ସହ ପରିବେଶ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଉଛି।

**- ଲିଙ୍ଗରାଜ ମହାନ୍ତି, ପ୍ରଧାନାଚାର୍ଯ୍ୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର**

"କୋଭିଡ୍ କଟକଣା ମଧ୍ୟରେ ଶ୍ରେଣୀଗୃହରେ ପାଠପଢ଼ା ଆରମ୍ଭ ହୋଇଛି। ଅନ୍‌ଲାଇନ ପଢ଼ାରେ ଡାଉଟ୍ କ୍ଲିୟର ହୋଇପାରୁ ନ ଥିଲା। ତାହା ଶ୍ରେଣୀଗୃହ ପାଠପଢ଼ାରେ ଦୂର ହୋଇପାରିବ। ଶିକ୍ଷକଙ୍କ ସହ ଆଲୋଚନା କରିବାର ସୁଯୋଗ ମିଳିବ।

**- ପାର୍ଥ କୁମାର ଦାସ, ଛାତ୍ର**

### ଲତା ମଙ୍ଗେସ୍କରଙ୍କୁ ଶ୍ରଦ୍ଧାଞ୍ଜଳି

ଖୋର୍ଦ୍ଧା ଅଫିସ/ଜଟଣୀ, ୭।୨(ଡି.ଏନ୍.ଏ.)

କୋଭିଡ୍ ସଂକ୍ରମଣ ହ୍ରାସ ପରେ ସୋମବାରଠାରୁ ସ୍କୁଲ, କଲେଜରେ ପାଠପଢ଼ା ଆରମ୍ଭ ହୋଇଛି। ପ୍ରଥମ ଦିନରେ ସିଗ୍‌ମା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ସ୍ୱର ସମ୍ରାଜ୍ଞୀ ଲତା ମଙ୍ଗେସ୍କରଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରାରେ 'ଲତା ଦିଦି ଅମର ରହେ' ନାରା ଦେବା ସହ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ସ୍କୁଲ ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନେ ଲତାଙ୍କ ସଙ୍ଗୀତ ଗାନ କରିଥିଲେ। ଦିବ୍ୟ ଚିରନ୍ତନୀ ପଣ୍ଡା, ତୁଷାର ମହାନ୍ତି ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ସେହିପରି ଜଟଣୀସ୍ଥିତ ସମ୍ଭାବନା ପରିବାର ପକ୍ଷରୁ ଉତ୍ତରାୟଣୀ ମନ୍ଦିର ପରିସରରେ ଲତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।